

ସଲମାନଙ୍କ ନାୟିକା ଚିତ୍ରାଙ୍ଗଦା
▶ପୃଷ୍ଠା ୧୧ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-22 ◆WEDNESDAY ◆16 JULY 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୨୨ ◆ବୁଧବାର ◆୧୬ ଜୁଲାଇ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ନିର୍ଯାତନା ନିଆଁ
# କ୍ରୋଧରେ ଜଳୁଛି ସାରା ଓଡ଼ିଶା
## ପଳାସିଆରେ ସୌମ୍ୟାଶ୍ରୀଙ୍କୁ ଅନ୍ତିମ ବିଦାୟ ଦେଲେ ହଜାରହଜାର ଅଞ୍ଚଳବାସୀ

■ **ଭୁବନେଶ୍ୱର, ୧୫।୭ (ସମିସ):** ସାରା ଓଡ଼ିଶା ସ୍ତବ୍ଧ। ବିଫଳ ସରକାରୀ ବ୍ୟବସ୍ଥା, ଶାସନ ଗାଦିରେ ବସିଥିବା ନେତାଙ୍କ ଚରମ ଦାୟିତ୍ୱହୀନତା ଜଣେ ଛାତ୍ରୀର ଜୀବନ ନେଇଗଲା। ବ୍ୟବସ୍ଥା ବିରୋଧରେ ବିଦ୍ରୋହ କରିଥିବା ସୌମ୍ୟାଶ୍ରୀ ଜୀବନଯୁଦ୍ଧରେ ହାରିଗଲା। ବାରମ୍ବାର ଅଭିଯୋଗ ପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନ ହେବାରୁ ସରକାର, ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ, ନିଜ ଦଳର ନେତାଙ୍କ ଉପରୁ ଆସ୍ଥା ହରାଇ ନିଜ ଦେହରେ ନିଆଁ ଲଗାଇ ଦେଲା। ଶେଷରେ ବ୍ୟବସ୍ଥାକୁ ବିଦ୍ରୂପ କରି ଆଖି ବୁଜିଦେଲା। ରାତାରାତି ସୌମ୍ୟାଶ୍ରୀର ଶବକୁ ସରକାର ପୁଲିସ ଲଗାଇ ତା'ର ଗାଁକୁ ପଠାଇଦେଲେ। ବାଲେଶ୍ୱରର ସୁଦୁର ପଳାଶିଆ ଗାଁ ମାଟିରେ ସୌମ୍ୟାଶ୍ରୀଙ୍କ ଚିତା ଜଳିଛି ଓ ଏହି ଚିତାରେ ମଧ୍ୟ ଜଳିଛି ସରକାରଙ୍କ ବାହାସ୍ଫୋଟ, ଦମ୍ଭ, ବେପରୁଆ ମାନସିକତା। ଯାହାକୁ ନେଇ ସାରା ରାଜ୍ୟରେ ସୃଷ୍ଟି ହୋଇଛି କ୍ଷୋଭ, କ୍ରୋଧ। ମାଲକାନଗିରିରୁ ମୟୂରଭଞ୍ଜ ଯାଏ ଉଠିଛି ପ୍ରତିବାଦର ସ୍ୱର। ସରକାର କ'ଣ ଏମିତି ଚାଲେ ବୋଲି ରାଜ୍ୟବାସୀ ଏବେ ପ୍ରଶ୍ନ କରୁଛନ୍ତି। ସୌମ୍ୟାଶ୍ରୀର ଅକାଳ ମୃତ୍ୟୁ ପାଇଁ ଉତ୍ତରଦାୟୀ କିଏ ? ଶାସନ ଓ ବ୍ୟବସ୍ଥାର ଦୋଛକିରେ ଚାଲିଗଲା ନୀରିହ ଛାତ୍ରୀର ଜୀବନ। ଏକ ପକ୍ଷରେ ବିଜେଡି ଏହାର ନିରପେକ୍ଷ ଓ ନ୍ୟାୟିକ ତଦନ୍ତ ଦାବି କରିଥିବା ବେଳେ ଦଳମତ ନିର୍ବିଶେଷରେ ସାଧାରଣରେ ଏଥିରେ ସମ୍ପୃକ୍ତ ବ୍ୟକ୍ତି ବିଶେଷଙ୍କ ବିରୋଧ କଠୋର କାର୍ଯ୍ୟାନୁଷ୍ଠାନ ଦାବି ହେଉଛି। ଅକାଳରେ ସୌମ୍ୟାଶ୍ରୀଙ୍କ ମୃତ୍ୟୁ ସାରା ରାଜ୍ୟକୁ ସ୍ତବ୍ଧ କରିଦେଇଥିବା ସୁଦୂର ମାଲକାନଗିରିରୁ ଭୁବନେଶ୍ୱର ଯାଏଁ ପ୍ରତିବାଦର ନିଆଁ ଜଳିଛି। ମୁଖ୍ୟମନ୍ତ୍ରୀଙ୍କ, ଶିକ୍ଷାମନ୍ତ୍ରୀ, ବାଲେଶ୍ୱର ସାଂସଦଙ୍କ କୁଶପୁତ୍ତଳିକା ଦାହ କରି ଛାତ୍ର, ▶ପୃଷ୍ଠା-୭

- ମାଲକାନଗିରିରୁ ମୟୂରଭଞ୍ଜ ଯାଏଁ ପ୍ରତିବାଦର ସ୍ୱର
- ନିରପେକ୍ଷ ଓ ନ୍ୟାୟିକ ତଦନ୍ତ ଦାବି କଲା ବିଜେଡି
- ଆଜି ବିଜେଡିର ୮ ଘଣ୍ଟିଆ ବାଲେଶ୍ୱର ବନ୍ଦ ଡକରା
- ୧୭ରେ ଓଡ଼ିଶା ବନ୍ଦ କରିବେ କଂଗ୍ରେସ ଓ ସହଯୋଗୀ



## ବ୍ୟବସ୍ଥା ଦ୍ୱାରା ଏକ ସଂଗଠିତ ହତ୍ୟା: ରାହୁଲ




■ **ଭୁବନେଶ୍ୱର, ୧୫।୭ (ସମିସ):** ଏଫ୍‌ଏମ୍ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ନେଇ ଡବଲ ଇଂଜିନ ସରକାରକୁ ଭର୍ତ୍ସନା କରିଛନ୍ତି ଲୋକସଭାର ବିରୋଧୀଦଳ ନେତା

**ନ୍ୟାୟ ପାଇଁ ଲଢ଼ି ଆତ୍ମାହୁତି: ପ୍ରିୟଙ୍କା**

ରାହୁଲ ଗାନ୍ଧୀ। ସେ କହିଛନ୍ତି ଯେ ଓଡ଼ିଶାରେ ନ୍ୟାୟ ପାଇଁ ଲଢୁଥିବା ଝିଅର ମୃତ୍ୟୁ ବିଜେପିର ବ୍ୟବସ୍ଥା ଦ୍ୱାରା ଏକ ସିଧାସଳଖ ହତ୍ୟା। ସାହସୀ ଛାତ୍ରୀ ଯୌନ ଶୋଷଣ ବିରୋଧରେ ସ୍ୱର ଉଠାଇଥିଲେ; କିନ୍ତୁ ନ୍ୟାୟ ବଦଳରେ ତାଙ୍କୁ ବାରମ୍ବାର ଧମକ, ହଇରାଣ, ଅପମାନିତ କରାଯାଇଥିଲା। ଯେଉଁମାନେ ତାଙ୍କୁ ସୁରକ୍ଷା ଦେବା କଥା, ସେମାନେ ତାଙ୍କୁ ଭାଙ୍ଗି ଚାଲିଥିଲେ। ପ୍ରତ୍ୟେକ ଥର ପରି ଏଥର ମଧ୍ୟ ବିଜେପିର ବ୍ୟବସ୍ଥା ଅଭିଯୁକ୍ତଙ୍କୁ ସୁରକ୍ଷା ଦେଇ ଚାଲିଥିଲା। ଫଳରେ ଏକ ନିର୍ଦ୍ଦୋଷ ଝିଅ ନିଜକୁ ଜାଳି ଦେବାକୁ ବାଧ୍ୟ ହୋଇଥିଲା। ଓଡ଼ିଶା ହେଉ ▶ପୃଷ୍ଠା-୭

## ଯୋଜନାବଦ୍ଧ ଅନ୍ୟାୟ: ନବୀନ
### ବିଫଳ ବ୍ୟବସ୍ଥା, ଆନୁଷ୍ଠାନିକ ବିଶ୍ୱାସଘାତକତା
### ମୃତ୍ୟୁର ଉତ୍ତରଦାୟୀ ରୁହନ୍ତୁ କ୍ଷମତାସୀନ ବ୍ୟକ୍ତି



■ **ଭୁବନେଶ୍ୱର, ୧୫।୭ (ସମିସ):** ଏମ୍ସରେ ଚିକିତ୍ସିତ ଥିବା ବାଲେଶ୍ୱର ଫକୀର ମୋହନ ମହାବିଦ୍ୟାଳୟ ଛାତ୍ରୀଙ୍କ ମୃତ୍ୟୁ ପ୍ରସଙ୍ଗରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଛାତ୍ରୀଙ୍କ ମୃତ୍ୟୁ ଏକ ଯୋଜନାବଦ୍ଧ ଅନ୍ୟାୟ ଏବଂ ଏଥିପାଇଁ ବିଫଳ ସରକାରୀ ବ୍ୟବସ୍ଥା ଦାୟୀ ବୋଲି ଉଲ୍ଲେଖ କରି ଏହା ବିଶ୍ୱାସଘାତକତାରୁ କିଛି କମ୍ ନୁହେଁ ବୋଲି କହିଛନ୍ତି। କେହି ଜଣେ ଉତ୍ତରଦାୟିତ୍ୱ ନେଇ ଘଟଣାର ହସ୍ତକ୍ଷେପ କରିଥିଲେ, ହୁଏତ ଝିଅଟିର ଜୀବନ ବଞ୍ଚିଯାଇଥାନ୍ତା। ତେଣୁ କେବଳ କଲେଜ କର୍ତ୍ତୃପକ୍ଷ ନୁହନ୍ତି; କ୍ଷମତାରେ ଥିବା ବ୍ୟକ୍ତିମାନେ ମଧ୍ୟ ଏଥିପାଇଁ ଉତ୍ତରଦାୟୀ ହୁଅନ୍ତୁ। ରାଜ୍ୟପାଳ ସୁନିଶ୍ଚିତ କରନ୍ତୁ ବୋଲି ନବୀନ ଅନୁରୋଧ କରିଛନ୍ତି। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ନବୀନ କହିଛନ୍ତି ଯେ ଏମ୍ସରେ ଚିକିତ୍ସିତ ହେଉଥିବା ବାଲେଶ୍ୱର ଏଫଏମ କଲେଜ ପୀଡ଼ିତା ଛାତ୍ରୀଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଦୁଃଖିତ ଓ ▶ପୃଷ୍ଠା-୭

# ପଞ୍ଚଭୂତରେ ଲୀନ ସୌମ୍ୟାଶ୍ରୀ



■ **ବାଲେଶ୍ୱର, ୧୫।୭ (ସମିସ):** ଘର-ପରିବାର, ବନ୍ଧୁ-ବାନ୍ଧବ, ସାଙ୍ଗସାଥୀ ଏବଂ ଛାତ୍ର ରାଜନୀତିରେ ସକ୍ରିୟ ଥିବାରୁ ବେଶିରୁ ବେଶି କଲେଜ ପରିସର ଭିତରେ ସୀମିତ ଥିବା ସାଧାରଣ ଘରର ଝିଅଟି କିଛି ଦିନ ଭିତରେ ପୂରା ରାଜ୍ୟବାସୀଙ୍କ ଝିଅ ପାଲଟିଗଲା। ତା'ର ସଂଘର୍ଷ, ଯନ୍ତ୍ରଣାର କାହାଣୀକୁ ନେଇ ସବୁରି ମନରେ କ୍ରୋଧ ଓ କ୍ଷୋଭ। ୬ ମାସ ଧରି ନ୍ୟାୟ ପାଇଁ ଲଢ଼େଇ କରି ହାରିଯିବା ପରେ ଆତ୍ମାହୁତି ଦେଇଥିବା ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆଜି ପଞ୍ଚଭୂତରେ ଲୀନ ହୋଇଯାଇଛନ୍ତି। ପୈତୃକ ଗ୍ରାମ ଭୋଗରାଇ ବ୍ଲକ୍ ପଳାସିଆରେ ଆଜି ଏକ ଶୋକାକୁଳ ପରିବେଶ ମଧ୍ୟରେ ତାଙ୍କର ଚିତା ଜଳିଛି। ବ୍ୟବଚ୍ଛେଦ ପରେ ସୌମ୍ୟାଶ୍ରୀଙ୍କ ମରଶରୀର ଗତକାଲି ମଧ୍ୟରାତ୍ରିରେ ଭୁବନେଶ୍ୱର ଏମ୍ସରୁ କଡ଼ା ସୁରକ୍ଷାବଳୟ ବାହାରିଥିଲା। ଆଜି ସକାଳୁ ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ୍ ପଳାସିଆ ଗ୍ରାମରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ମଧ୍ୟରେ ସ୍ଥାନୀୟ ଅଞ୍ଚଳର ହଜାର ହଜାର ଲୋକ ସୌମ୍ୟାଶ୍ରୀଙ୍କୁ ଅନ୍ତିମ ବିଦାୟ ଦେଇଥିଲେ। ବାଲେଶ୍ୱର ଜିଲ୍ଲା ପ୍ରଶାସନ, ନେତୃବର୍ଗ ସୌମ୍ୟାଶ୍ରୀଙ୍କ ପରିବାର ନିକଟରେ ପହଞ୍ଚି ସମବେଦନା ଜଣାଇଛନ୍ତି। ପରେ ଗାଁ ମଶାଣିରେ ସୌମ୍ୟାଶ୍ରୀଙ୍କ ଶେଷକୃତ୍ୟ ସଂପନ୍ନ ହୋଇଥିଲା। ତାଙ୍କ ଭାଇ ମୁଖାଗ୍ନି ଦେଇଥିଲେ। ଘଟଣାସ୍ଥଳରେ ୪୦ପ୍ଲାଟୁନ୍ ପୁଲିସ୍ ଫୋର୍ସ ମୁତୟନ ହୋଇଥିବା ବେଳେ ବିଭିନ୍ନ ଛାତ୍ର ସଂଗଠନର ନେତୃବର୍ଗ ଓ କଲେଜ ଛାତ୍ରଛାତ୍ରୀ ସୌମ୍ୟାଶ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ବାଲେଶ୍ୱର ଫୁଲାଡ଼ି ନିକଟରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ବିଧାୟକ ମାନସ ଦତ୍ତ ପ୍ରମୁଖ ସୌମ୍ୟାଶ୍ରୀଙ୍କ ମରଶରୀରକୁ ଶେଷ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଜନ୍ମମାଟି ପଳାସିଆରେ ପହଞ୍ଚିଥିଲେ। ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦ, ଏସଡିପିଓ ମାନସ ସାହୁ ପ୍ରମୁଖ ସୌମ୍ୟାଶ୍ରୀଙ୍କ ମରଶରୀର ସହ ▶ପୃଷ୍ଠା-୭

## ଦୋଷୀଙ୍କୁ କଠୋର ଦଣ୍ଡ: ମୁଖ୍ୟମନ୍ତ୍ରୀ

■ **ଭୁବନେଶ୍ୱର, ୧୫।୭ (ସମିସ):** ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ପୀଡ଼ିତା ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଦେହାନ୍ତ ଖବରରେ ଗଭୀର ଶୋକବ୍ୟକ୍ତ କରିଛନ୍ତି

**୨୦ ଲକ୍ଷ ଟଙ୍କାର ସହାୟତା ଘୋଷଣା**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହାସହ ମୁଖ୍ୟମନ୍ତ୍ରୀ ଦିବଂଗତ ଛାତ୍ରୀଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ରିଲିଫ ପାଣ୍ଠିରୁ ୨୦ ଲକ୍ଷ ଟଙ୍କାର ସହାୟତା ଘୋଷଣା କରିଛନ୍ତି। ଦିବଂଗତ ଆତ୍ମାର ସଦଗତି ପାଇଁ ପ୍ରାର୍ଥନା କରିବା ସହ ସମ୍ପୃକ୍ତ ଘଟଣାର ଉପଯୁକ୍ତ ତଦନ୍ତ କରି ସମସ୍ତ ଦୋଷୀଙ୍କୁ ଆଇନ ଅନୁଯାୟୀ କଠୋରରୁ ଅତି କଠୋର ଦଣ୍ଡ ବିଧାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

# ମହାକାଶରୁ ଫେରିଲେ ଶୁଭାଂଶୁ
## କାଲିଫର୍ଣ୍ଣିଆ ଉପକୂଳରେ ସୁରକ୍ଷିତ ଅବତରଣ



**୧୨.୨ ନିୟୁତ କିମି ଯାତ୍ରା କରି ପ୍ରତ୍ୟାବର୍ତ୍ତନ**

■ **କାଲିଫର୍ଣ୍ଣିଆ, ୧୫।୭ (ଏଜେନ୍ସି):** ଭାରତର ଗଗନଯାନ ଯାତ୍ରୀ ତଥା ଗ୍ରୁପ୍ କ୍ୟାପ୍‌ଟେନ ଶୁଭାଂଶୁ ଶୁକ୍ଳା ପୃଥିବୀକୁ ଫେରିଛନ୍ତି। ପ୍ରଥମ ଭାରତୀୟ ମହାକାଶ ଯାତ୍ରୀ ଭାବେ ସେ ଅନ୍ତର୍ଜାତୀୟ ମହାକାଶ ଷ୍ଟେସନ (ଆଇଏସଏସ)କୁ ଯାଇଥିଲେ। ଆଇଏସଏସରେ ଦୀର୍ଘ ୧୮ ଦିନ ରହିବା ପରେ ଦୀର୍ଘ ୨୨.୫ ଘଣ୍ଟାର ଯାତ୍ରା କରି ଶୁଭାଂଶୁ ମଙ୍ଗଳବାର ଅପରାହ୍ଣ ୩ଟା୨ରେ ସାନ୍ ଡିଏଗୋ ନିକଟସ୍ଥ କାଲିଫର୍ଣ୍ଣିଆ ଉପକୂଳରେ ଅବତରଣ କରିଛନ୍ତି। ସ୍ପେସ୍‌ଏକ୍ସର 'କ୍ରୁ କ୍ୟାପ୍‌ସୁଲ ଗ୍ରେସ' ଶୁଭାଂଶୁଙ୍କ ସହିତ ଅନ୍ୟ ତିନି ମହାକାଶ ଯାତ୍ରୀଙ୍କୁ ଧରି ସୁରକ୍ଷିତ ଭାବେ ମହାସାଗରରେ ପଡ଼ିଛି। ଏହାର ୫୦ ମିନିଟ ପରେ ଏହି ମହାକାଶଯାନରୁ ଶୁଭାଂଶୁଙ୍କୁ ବାହାରକୁ ବାହାର କରାଯାଇଥିଲା। ସେ ଅଗଷ୍ଟ ୧୭ରେ ଭାରତ ଫେରିବେ ବୋଲି କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂହ କହିଛନ୍ତି। ଏହି ଐତିହାସିକ ଯାତ୍ରା ପାଇଁ ଶୁଭାଂଶୁଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ୱାଗତ ଜଣାଇଛନ୍ତି। ଶୁଭାଂଶୁ ନିଜ ସମର୍ପଣ, ସାହସ ଦ୍ୱାରା ଅନେକ ସ୍ୱପ୍ନକୁ ପ୍ରେରଣା ଯୋଗାଇଛନ୍ତି। ଏହା ଭାରତର ନିଜସ୍ୱ ମହାକାଶ ଅଭିଯାନ ଗଗନଯାନ ଦିଗରେ ଆଉ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇଛି ବୋଲି ମୋଦୀ କହିଛନ୍ତି। ପୁଅ ଫେରିବାକୁ ନେଇ ଶୁଭାଂଶୁଙ୍କ ▶ପୃଷ୍ଠା-୭

## ଫ୍ୟାକ୍ଟ ଫାଇଣ୍ଡିଂ କମିଟି ଗଠନ କଲା ୟୁଜିସି

■ **ଭୁବନେଶ୍ୱର, ୧୫।୭ (ସମିସ):** ବାଲେଶ୍ୱର ଫକୀର ମୋହନ କଲେଜ ଛାତ୍ରୀ ଆତ୍ମହତ୍ୟା ଘଟଣାର ତଦନ୍ତ ପାଇଁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ଙ୍କ ପକ୍ଷରୁ ମଙ୍ଗଳବାର ଏକ ୪ ଜଣିଆ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଗଠନ ହୋଇଛି। କମିଟିର ଅଧ୍ୟକ୍ଷ ଭାବେ ନୂଆଦିଲ୍ଲୀସ୍ଥିତ ଗୁରୁଗୋବିନ୍ଦ ସିଂ ଇନ୍ଦ୍ରପ୍ରସ୍ଥ ବିଶ୍ୱବିଦ୍ୟାଳୟର ପ୍ରଫେସର ରାଜ କୁମାର ମିତ୍ତଲଙ୍କ ସମେତ ୟୁଜିସିର ପୂର୍ବତନ ସଦସ୍ୟ ପ୍ରଫେସର ସୁଷମା ଯାଦବ, ଗୁଜରାଟ ବିଶ୍ୱବିଦ୍ୟାଳୟର କୁଳପତି ଡଃ ନିରଜା ଗୁପ୍ତା ଏବଂ ସଂଯୋଜକ ଭାବେ ଡଃ ଅସୀମା ମଙ୍ଗଲା(ୟୁଜିସି ଯୁଗ୍ମ ସଚିବ) ରହିଛନ୍ତି। ଏହି କମିଟି ବାଲେଶ୍ୱରରେ ସରଜମିନ୍ ତଦନ୍ତ କରିବା ସହ ଛାତ୍ରୀମାନଙ୍କ ସୁରକ୍ଷା ଓ ନିରାପତ୍ତା ନେଇ ଶିକ୍ଷାନୁଷ୍ଠାନ ଦ୍ୱାରା କ'ଣ ପଦକ୍ଷେପ ନିଆଯାଇଥିଲା ତାହା ତଦାରଖ କରିବେ। କେଉଁ ପରିସ୍ଥିତିରେ ସମ୍ପୃକ୍ତା ଛାତ୍ରୀ ଆତ୍ମହତ୍ୟା କଲେଜ, ତାଙ୍କ ଅଭିଯୋଗର ସମାଧାନ ପାଇଁ କି ପଦକ୍ଷେପ ନିଆଯାଇଥିଲା ଓ ଛାତ୍ରଛାତ୍ରୀଙ୍କୁ ସହାୟତା ପାଇଁ କଲେଜରେ କି ବ୍ୟବସ୍ଥା ରହିଛି ଆଦି ଅନୁଧ୍ୟାନ କରିବେ ବୋଲି ଜଣାପଡ଼ିଛି। ୭ ଦିନ ମଧ୍ୟରେ କମିଟି ନିଜର ରିପୋର୍ଟ ୟୁଜିସି କର୍ତ୍ତୃପକ୍ଷଙ୍କ ନିକଟରେ ଦାଖଲ କରିବାକୁ ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି।

**ସପ୍ତାହକ ମଧ୍ୟରେ ଦେବ ରିପୋର୍ଟ**

## ଅଧ୍ୟକ୍ଷଙ୍କ ବିରୋଧରେ ସଙ୍ଗୀନ ଦଫା

■ **ବାଲେଶ୍ୱର, ୧୫।୭(ସମିସ):** ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁ ଘଟଣାରେ ଗତକାଲି ଗିରଫ ହୋଇଥିବା ନିଲମ୍ବିତ ଅଧ୍ୟକ୍ଷ ଦିଲ୍ଲୀପ ଘୋଷଙ୍କୁ ୧୪ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି। ଗିରଫ ଅଧ୍ୟକ୍ଷଙ୍କ ନାମରେ ୭ଟି ସଙ୍ଗୀନ ଦଫା ଲଗାଯାଇଛି। ଏହା ଭିତରେ ଛାତ୍ରୀଙ୍କୁ ଆତ୍ମହତ୍ୟା କରିବା ପାଇଁ ପରୋକ୍ଷରେ ପ୍ରବର୍ତ୍ତାଇବା (ବିଏନ୍‌ଏସ୍-୧୦୮) ଭଳି ସଂଗିନ୍ ଦଫା ରହିଛି। ସେହିପରି ଅନ୍ୟ ଦଫାଗୁଡ଼ିକ ହେଲା, ଶାରୀରିକ ନିର୍ଯାତନା ଦେବା ବିଏନ୍‌ଏସ୍-୭୫(୨), ଶାରୀରିକ ସମ୍ପର୍କ ରଖିବା ପାଇଁ ଇଚ୍ଛା ପ୍ରକାଶ କରିବା ବିଏନ୍‌ଏସ୍-୭୮(୨), କଥାରେ କିମ୍ବା ଇଙ୍ଗିତରେ ଶାରୀରିକ ସମ୍ପର୍କ ରଖିବା ପାଇଁ ବାଧ୍ୟ କରିବା ବିଏନ୍‌ଏସ୍-୭୯, ଧମକ ଦେବା ବିଏନ୍‌ଏସ୍-୩୫୧(୨), ଜାଣିଶୁଣି ପ୍ରମାଣ ଲୁଚାଇବା ବିଏନ୍‌ଏସ୍-୨୩୮ ଏବଂ ମିଳିତ ଭାବେ ଷଡ଼ଯନ୍ତ୍ର କରିବା ବିଏନ୍‌ଏସ୍-୬୧(୨) ଇତ୍ୟାଦି।

# ଆଜି ପ୍ରବଳ ବର୍ଷା ଆଶଙ୍କା



■ **ଭୁବନେଶ୍ୱର, ୧୫।୭ (ସମିସ):** ଦକ୍ଷିଣ-ପୂର୍ବ ଗାଙ୍ଗେୟ ପଶ୍ଚିମବଙ୍ଗ ଉପତ୍ୟକା, ବାଂଲାଦେଶ ଉପକୂଳ ଅଞ୍ଚଳରେ ସକ୍ରିୟ ଥିବା ଅବପାତ ସାମାନ୍ୟ ଦୁର୍ବଳ ହୋଇ ସଦୃଶ ଲଘୁଚାପର ରୂପ ନେଇଛି। ବର୍ତ୍ତମାନ ଏହା ଉତ୍ତର ଝାଡ଼ଖଣ୍ଡ ଓ ସଂଲଗ୍ନ ଅଞ୍ଚଳ ଉପରେ ସକ୍ରିୟ ରହିଥିବା ବେଳେ ଆଗାମୀ ୨୪ ଘଣ୍ଟା ଯାଏଁ ପଶ୍ଚିମ ଉତ୍ତର-ପଶ୍ଚିମ ଦିଗରେ ଗତି କରି ଝାଡ଼ଖଣ୍ଡ, ଦକ୍ଷିଣ ବିହାର ଓ ଉତ୍ତରପ୍ରଦେଶ ମୁହାଁ ହେବ। ଏହାର ପ୍ରଭାବରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ଜାରି ରହିଛି। ମଙ୍ଗଳବାର ରାତିରେ ଭୁବନେଶ୍ୱର ସମେତ ରାଜ୍ୟର କିଛି ସ୍ଥାନରେ ଭଲ ବର୍ଷା ହୋଇଥିବା ବେଳେ ଆଉ ଦୁଇ ତିନି ଦିନ ପର୍ଯ୍ୟନ୍ତ କିଛି କିଛି ବର୍ଷା ଜାରି ରହିବାର ସମ୍ଭାବନା ରହିଛି।

ବିଶେଷକରି ଉତ୍ତର-ପଶ୍ଚିମ ଓଡ଼ିଶାରେ ଦୁଇ ଦିନ ପର୍ଯ୍ୟନ୍ତ ବର୍ଷାର ପ୍ରଭାବ ଜାରି ରହିବା ସହ ଏହି ସମୟରେ କିଛି କିଛି ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏହା ପ୍ରଭାବରେ ମହାନଦୀ, ବୁଢ଼ାବଳଙ୍ଗ, ସୁବର୍ଣ୍ଣରେଖା, ବ୍ରାହ୍ମଣୀ ଆଦି ନଦୀରେ ଜଳସ୍ତର ବୃଦ୍ଧି ଆଶଙ୍କା ରହିଛି। ଫଳରେ ଏହି ସବୁ ନଦୀରେ ବନ୍ୟା ସୃଷ୍ଟି ହେବାର ମଧ୍ୟ ଆଶଙ୍କା ରହିଛି। ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି ଯେ ଆସନ୍ତା ୨୪ଘଣ୍ଟା ପାଇଁ ବିଶେଷ କରି ଓଡ଼ିଶାର ମୟୂରଭଞ୍ଜ, କେନ୍ଦୁଝର, ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ ଜିଲ୍ଲା ପାଇଁ ଜଳଭଣ୍ଡାର ଓ ଏହାର ଆଖପାଖ ଅଞ୍ଚଳରେ ଜଳ ପ୍ରବାହ ସ୍ଥିତି ଯୋଗୁଁ ସାମ୍ଭାବ୍ୟ ଅଚାନକ ବନ୍ୟା ପରିସ୍ଥିତି ବା ଫ୍ଲାସଫ୍ଲଡ ହେବାର ସମ୍ଭାବନା ରହିଛି। ଏନେଇ ସ୍ଥାନୀୟ ବାସିନ୍ଦାମାନଙ୍କୁ ସତର୍କ ରହିବା ପାଇଁ ସୂଚୀତ କରାଯାଇଛି। ବନ୍ୟା ଦ୍ୱାରା ପନିପରିବା ଫସଲ ଚାଷ ପ୍ରଭାବିତ ହେବାର ସମ୍ଭାବନା ରହିଛି। ଅତ୍ୟଧିକ ଜଳ ପ୍ରବାହ ଯୋଗୁଁ ଜଳବନ୍ଦୀ ଭଳି ବିଭିନ୍ନ ସମସ୍ୟା ଉପୁଜିପାରେ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ▶ପୃଷ୍ଠା-୭

# ୨୦ ଲକ୍ଷ ଲୋକଙ୍କ ପେଟକୁ ଦାନା ବନ୍ଦ

■ **ଭୁବନେଶ୍ୱର, ୧୫।୭ (ସମିସ):** ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୨୦ଲକ୍ଷ ୫୮ ହଜାର ଲୋକ ଇ-କେୱାଇସି କରିନାହାନ୍ତି। ସେଥିପାଇଁ ସେମାନଙ୍କ ଚାଉଳ ବନ୍ଦ କରାଯାଇଛି। ସେମାନେ ଇ-କେୱାଇସି କରିବା ପରେ ସରକାର ଚାଉଳ ଦେବେ। ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଆଜି ଗଣମାଧ୍ୟମକୁ ଦେଇଛନ୍ତି ଏପରି ସୂଚନା। ସେ କହିଛନ୍ତି ଯେ ଇ-କେୱାଇସି କରିନଥିବା ଲୋକଙ୍କ ପାଇଁ ୩ ମାସ ଅପେକ୍ଷା କରାଯିବ ଓ କାର୍ଡଗୁଡ଼ିକୁ ସେହି ସମୟରେ ଅଚଳ ଅବସ୍ଥାରେ ରହିବ। ଯଦି ୩ ମାସ ଭିତରେ ସେମାନେ ଇ-କେୱାଇସି ନ କରିବେ, କାର୍ଡଗୁଡ଼ିକୁ କାଟି ଦିଆଯିବ।

ରାସନ କାର୍ଡରେ ଥିବା ଅଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ ପାଇଁ ସରକାର ଇ-କେୱାଇସି ବ୍ୟବସ୍ଥା ଆରମ୍ଭ କରିଥିଲେ। ଯେଉଁମାନେ ଏହି ପ୍ରକ୍ରିୟାରେ କୌଣସି କାରଣବଶତଃ ସାମିଲ ହୋଇପାରିବେନି, ସେମାନଙ୍କ ଘରକୁ ଯାଇ ଯୋଗାଣ ବିଭାଗର ଅଧିକାରୀମାନେ ତାଙ୍କର ସ୍ଥିତବସ୍ଥା ଯାଞ୍ଚ କରିବେ। ସେମାନେ ରାଜ୍ୟ ବାହାରେ ଥିଲେ ଅବା କୌଣସି କାରଣବଶତଃ ଇ-କେୱାଇସି କରିପାରିନଥିବେ, ଯାଞ୍ଚ କରି ସେହି ଅନୁସାରେ ପଦକ୍ଷେପ ନେବେ। ବାସ୍ତବରେ କେତେ ଯୋଗ୍ୟ ହିତାଧିକାରୀ ରାସନ ପାଉଛନ୍ତି, ଚିହ୍ନଟ ପାଇଁ ଯୋଗାଣ ବିଭାଗ

## ଚିନ୍ତାରେ ପ୍ରବାସୀ ଶ୍ରମିକ ଓ ବରିଷ୍ଠ ନାଗରିକ

ଏଭଳି ବ୍ୟବସ୍ଥା ଆପଣାଇଛି ବୋଲି ଯୋଗାଣ ମନ୍ତ୍ରୀ ସେତେବେଳେ କହିଥିଲେ; ମାତ୍ର ଏବେ ଇ-କେୱାଇସି କରିନଥିବା ଲୋକଙ୍କୁ ରାସନ ମିଳିବନି ବୋଲି ମନ୍ତ୍ରୀ କହିବା ଅନେକଙ୍କ ପାଇଁ ଚିନ୍ତା ବଢ଼ାଇଛି। ଏହାପରେ ରାଜ୍ୟ ବାହାରେ କାମ କରୁଥିବା ଦାଦନ ଶ୍ରମିକଙ୍କର ଭାଳେଣି ପଡ଼ିଛି। ସେମାନେ ବାହାରେ ରହୁଥିବାରୁ ଇ-କେୱାଇସି କରିପାରୁନାହାନ୍ତି। ଏପରିସ୍ଥଳେ ଚାଉଳ ନ ମିଳିଲେ ଗରିବ ଲୋକ କେମିତି ଗୁଜୁରାଣ ମେଣ୍ଟାଇବେ ଏବେ ସେହି ଚିନ୍ତା ସମସ୍ତଙ୍କୁ ଘାରୁଛି।

ବର୍ଷକ ତଳେ ରାଜ୍ୟରେ ଇ-କେୱାଇସି ଆରମ୍ଭ ହୋଇଥିଲା। ରାସନ ଡିଲର୍‌ମାନେ ପରିବାର ସମସ୍ତଙ୍କର ଆଧାରକାର୍ଡ ଅନୁସାରେ ଇ-କେୱାଇସି କରୁଥିଲେ। ବାହାରେ ରହୁଥିବା ଲୋକମାନେ ଅସୁବିଧାରେ ପଡ଼ିଲେ। ସରକାର କହିଲେ, ଜନସେବା କେନ୍ଦ୍ର ସାହାଯ୍ୟରେ ବି ଲୋକମାନେ ନିଜର ଇ-କେୱାଇସି ଅପ୍‌ଡେଟ୍ କରିବେ। ହେଲେ ଏହି ସୁବିଧା ଉପଲବ୍ଧ ହୋଇପାରିଲା ନାହିଁ। ତେଣୁ ଲୋକମାନେ ବାହାରେ ରହୁଥିବାରୁ ଏହି ପ୍ରକ୍ରିୟାରେ ସାମିଲ ହୋଇପାରିଲେ ନାହିଁ। ରାଜ୍ୟରେ ପାଖାପାଖି ୮୫ ଲକ୍ଷ ରାସନ କାର୍ଡ ରହିଛି। ୩କୋଟିରୁ ଊର୍ଦ୍ଧ୍ୱ ଲୋକ ରାସନ ପାଉଛନ୍ତି। ବର୍ତ୍ତମାନ ସୁଦ୍ଧା ୭୦ ପ୍ରତିଶତ ଲୋକ ଇ-କେୱାଇସି କରିସାଲେଣି। ବାକି ୩୦ ପ୍ରତିଶତ ଭିତରେ ଅଧିକାଂଶ ବୃଦ୍ଧ/ବୃଦ୍ଧା ଅଛନ୍ତି। ସେମାନଙ୍କର ବୟସାଧିକ କାରଣରୁ ଆଖି ଓ ଟିପ ଦ୍ୱାରା କେୱାଇସି ଅପ୍‌ଡେଟ୍ ହୋଇପାରୁନି। ସେଭଳି କିଛି ଲୋକ ରାଜ୍ୟ ତଥା ଦେଶ ବାହାରେ ବି ଶ୍ରମିକ ଭାବେ କାମ କରୁଛି। ଯେଉଁମାନେ ଇ-କେୱାଇସି କରିବାକୁ ସମର୍ଥ ନୁହନ୍ତି। ତେଣୁ ଏପରିସ୍ଥଳେ ସରକାର ଏମାନଙ୍କ ପାଇଁ ବିକଳ୍ପ ପନ୍ଥା ଆପଣାନ୍ତୁ ବୋଲି ସାଧାରଣରେ ଦାବି ହେଉଛି। ହଠାତ୍ ଏମିତି ରାସନ ବନ୍ଦ କରିଦେଲେ, ସାଧାରଣ ଲୋକ ସର୍ବହରା ହୋଇଯିବେ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଉଛି।

ଅନ୍ୟପକ୍ଷରେ ରାସନ ଯୋଗାଣକୁ ନେଇ ରାଜ୍ୟରେ ବହୁ ଏକାଧିକ ସମସ୍ୟା ରହିଛି। ଏହାକୁ ଯୋଗାଣ ବିଭାଗ ସମାଧାନ କରିବାରେ ବିଫଳ ହୋଇଛି। ବିଶେଷକରି 'ୱାନ୍ ରାସନ୍ ୱାନ୍ ନେସନ୍' ବ୍ୟବସ୍ଥା ୩ ବର୍ଷ ହେଲା ଦେଶରେ ଲାଗୁ ହୋଇଥିଲେ ବି ଏପର୍ଯ୍ୟନ୍ତ ▶ପୃଷ୍ଠା-୭

# ୫ ବର୍ଷରେ ୬୫ ବିମାନ ଇଞ୍ଜିନ ବନ୍ଦ

ନୂଆଦିଲ୍ଲୀ, ୧୫।୭ (ଏଜେନ୍ସି): ଭାରତରେ ଗତ ୫ ବର୍ଷରେ ଉଡ଼ାଣ କରିବା ସମୟରେ କିମ୍ବା ଆକାଶ ମାର୍ଗରେ ଥିବାବେଳେ ୬୫ ବିମାନର ଇଞ୍ଜିନ ବନ୍ଦ (ସଟ୍‌ଡାଉନ) ହୋଇଯାଇଛି। ଅର୍ଥାତ୍ ମାସକୁ ଅତିକମରେ ଗୋଟିଏ ବିମାନର ଇଞ୍ଜିନ ବନ୍ଦ ହୋଇଛି। ତେବେ ସବୁ ମାମଲାରେ ପାଇଲଟ୍ ଗୋଟିଏ ଇଞ୍ଜିନରେ ବିମାନକୁ ନିକଟସ୍ଥ ବିମାନବନ୍ଦରକୁ ପହଞ୍ଚାଇବାରେ ସଫଳ ହୋଇଛନ୍ତି। ଏକ ସୂଚନା ଅଧିକାର (ଆରଟିଆଇ) ବଳରେ ଡିଜିସିଏ ପକ୍ଷରୁ ଟାଇମ୍ସ ଅଫ୍ ଇଣ୍ଡିଆକୁ ଏହି ସୂଚନା ମିଳିଛି। ରିପୋର୍ଟରୁ ଜଣାପଡ଼ିଛି ଯେ ୨୦୨୪ ଜାନୁଆରୀ ୧ରୁ ୨୦୨୫ ମେ' ୩୧ ମଧ୍ୟରେ ୧୭ ମାସରେ ୧୧ ବିମାନ 'ମେଡେ'କଲ୍ କରିଛନ୍ତି। ଏଥିରେ ଯାନ୍ତ୍ରିକ ତ୍ରୁଟି ସୂଚନା ଦିଆଯାଇଥିଲା ଏବଂ ଜରୁରୀ ଅବତରଣ ପାଇଁ ଅନୁମତି ମଗା ଯାଇଥିଲା। ଏହା ମଧ୍ୟରୁ ୪ଟି ବିମାନ କେବଳ ହାଇଦରାବାଦରେ ଅବତରଣ କରିଥିଲା।

## ପ୍ରତି ମାସରେ ଗୋଟିଏ ବିମାନର ଇଞ୍ଜିନ ବନ୍ଦ

## ୧୭ ମାସରେ ୧୧ 'ମେଡେ' କଲ୍ ଆସିଛି

ଏହି ଆରଟିଆଇ ରିପୋର୍ଟରେ ଦୁର୍ଘଟଣାଗ୍ରସ୍ତ ବୋଇଂ ଡ୍ରିମଲାଇନର ଏବଂ ଜୁନ୍ ୧୯ରେ ଇଣ୍ଡିଗୋର ଗୌହାଟୀ-ଚେନ୍ନାଇ ବିମାନ ସାମିଲ ନାହିଁ। ଇନ୍ଧନ କମ୍ ହେବା ଯୋଗୁଁ ଏହି ବିମାନର ଗତିପଥକୁ ପରିବର୍ତ୍ତନ କରାଯାଇଥିଲା।

ଫ୍ରେଞ୍ଚ ଶବ୍ଦ 'ମେଡେ'ର ଅର୍ଥ ମୋତେ ବଞ୍ଚାଅ। ସାଧାରଣତଃ ରେଡିଓ ମାଧ୍ୟମରେ ଏଟିସି କିମ୍ବା ଆଖପାଖର ଅନ୍ୟ ବିମାନକୁ ଏହି ବାର୍ତ୍ତା ଦିଆଯାଇଥାଏ। ତୁରନ୍ତ ସହାୟତା ଲାଗି ତଥା ଜରୁରୀ ସ୍ଥିତିର ମୁକାବିଲା ପାଇଁ ଏହି ସଙ୍କେତ ବ୍ୟବହାର କରାଯାଇଥାଏ। ଅହମଦାବାଦ ବିମାନ ଦୁର୍ଘଟଣା ପୂର୍ବରୁ ମଧ୍ୟ ପାଇଲଟ ଏହି ବାର୍ତ୍ତା ଦେଇ ସହାୟତା



ମାଗିଥିଲେ। କିନ୍ତୁ ଏହା ପୂର୍ବରୁ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଯାଇଥିଲା। ଏହାର ପ୍ରାଥମିକ ରିପୋର୍ଟ ଆସିବା ପରେ ଦିନକ ତଳେ ଡିଜିସିଏ ସବୁ ବୋଇଂ ବିମାନର ଇନ୍ଧନ ସ୍ୱିଚ୍ ଯାଞ୍ଚ କରିବା ପାଇଁ ଏୟାରଲାଇନ୍ସ ଗୁଡିକୁ ନିର୍ଦ୍ଦେଶ ଦେଇଥିଲା। ଏଏଆଇବିର ଯାଞ୍ଚ ରିପୋର୍ଟରେ କୁହାଯାଇଥିଲା ଯେ ଚେତାବନୀ ସତ୍ତ୍ୱେ ଏଆଇ-୧୭୧ ବିମାନର ଉଡ଼ାଣ କରାଯାଇଥିଲା। ଉଡ଼ାଣ ଆରମ୍ଭ ହେବା ପୂର୍ବରୁ ପାଇଲଟ 'ଷ୍ଟାବ୍ ପୋସ୍ ଏକ୍ସଡିସିଆର' ନାମକ ଚେତାବନୀ ଦେଇଥିଲେ। ବିମାନର ସନ୍ତୁଳନ ବଜାୟ ରଖୁଥିବା ସେନ୍‌ସର୍ ଫେଲ୍ ହୋଇପାରେ ବୋଲି ଏହା ବାର୍ତ୍ତା ଦେଉଛି। କିନ୍ତୁ ଏହାକୁ ଅଣଦେଖା କରାଯାଇଥିଲା।


**ଅହମଦାବାଦ ଦୁର୍ଘଟଣାର ୪ ସପ୍ତାହ ପୂର୍ବରୁ ବ୍ରିଟେନ ଦେଇଥିଲା ଚେତାବନୀ**

## ବୋଇଂ ବିମାନର 'ଇନ୍ଧନ ସ୍ୱିଚ୍' ଯାଞ୍ଚ କରି ବଦଳାଅ




ଲଣ୍ଡନ, ୧୫।୭ (ଏଜେନ୍ସି): ବୋଇଂ ବିମାନର ରକ୍ଷଣାବେକ୍ଷଣକୁ ନେଇ ବ୍ରିଟେନ ବେସାମରିକ ବିମାନ ଚଳାଚଳ କର୍ତ୍ତୃପକ୍ଷ (ସିଏଏ) ଚାଞ୍ଚଲ୍ୟକର ତଥ୍ୟ ଦେଇଛନ୍ତି। ଅହମଦାବାଦ ବିମାନ ଦୁର୍ଘଟଣାର ଚାରି ସପ୍ତାହ ପୂର୍ବରୁ ବୋଇଂ ବିମାନର 'ଫୁଏଲ କଣ୍ଟ୍ରୋଲ ସ୍ୱିଚ୍'କୁ ନେଇ ଚେତାବନୀ ଜାରି କରାଯାଇଥିଲା ବୋଲି କୁହାଯାଇଛି। ସିଏଏ ମେ'୧୫ରେ ଏ ନେଇ ଏୟାରଲାଇନ୍ସ ମାନଙ୍କ ନିମନ୍ତେ ନିର୍ଦ୍ଦେଶ ଜାରି କରିଥିଲା। ଆମେରିକାର ଫେଡେରାଲ ଆଭିଏସନ ଆଡମିନିଷ୍ଟ୍ରେସନ (ଏଫଏଏ) ନିର୍ଦ୍ଦେଶ ପାଳନ କରିବାକୁ କୁହାଯାଇଥିଲା। ବୋଇଂ ୭୩୭, ୭୫୭, ୭୬୭, ୭୭୭ ଏବଂ ୭୮୭ ବିମାନର 'ଫୁଏଲ ସଟ୍‌ଅଫ୍ ଭାଲ୍‌ଭ ଆକ୍ଟ୍ୟୁଏଟର୍ସ'କୁ ସମ୍ଭାବ୍ୟ ବିପଦ କୁହାଯାଇଥିଲା। ବ୍ରିଟେନ ଆସୁଥିବା ସବୁ ଏୟାରଲାଇନ୍ସକୁ ଏହି ନିର୍ଦ୍ଦେଶ ଜାରି କରି ଏହ ଭାଲ୍‌ଭ୍ସ ଯାଞ୍ଚ କରିବାକୁ କୁହାଯାଇଥିଲା। ଆବଶ୍ୟକ ପଡ଼ିଲେ ବଦଳାଇବାକୁ କିମ୍ବା ମରାମତି କରିବାକୁ କିମ୍ବା ପ୍ରତିଦିନ ବାଧ୍ୟତାମୂଳକ ଭାବେ ଯାଞ୍ଚ କରିବାକୁ ସିଏଏ ପକ୍ଷରୁ କୁହାଯାଇଥିଲା। ଅହମଦାବାଦରେ ଦୁର୍ଘଟଣାଗ୍ରସ୍ତ ଡ୍ରିମ୍‌ଲାଇନର ୭୮୭ ବିମାନରେ ମଧ୍ୟ ଏଭଳି ହୋଇଥିଲା। ପ୍ରାଥମିକ ଯାଞ୍ଚ ରିପୋର୍ଟରେ ଫୁଏଲ ସ୍ୱିଚ ବନ୍ଦ ଥିବାରୁ ଦୁର୍ଘଟଣା ଘଟିଲା ବୋଲି କୁହାଯାଇଛି। ସୂଚନାଯୋଗ୍ୟ ଯେ 'ଫୁଏଲ ସଟ୍‌ଅଫ୍ ଭାଲ୍‌ଭ' ଏକ ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ଡିଭାଇସ। ଏହା ଆବଶ୍ୟକ ପଡ଼ିଲେ ଇଞ୍ଜିନକୁ ଇନ୍ଧନ ଯୋଗାଣ ବନ୍ଦ କରିଦେଇଥାଏ। ଇଞ୍ଜିନରେ ନିଆଁ ଲାଗିଲେ, ଜରୁରୀ ଅବତରଣ ଏବଂ ରକ୍ଷଣାବେକ୍ଷଣ ସମୟରେ ଏହାକୁ ବ୍ୟବହାର କରାଯାଇଥାଏ।

## ଅଭିନେତା ଧୀରଜ କୁମାରଙ୍କ ପରଲୋକ



ମୁମ୍ବାଇ, ୧୫।୭ (ଏଜେନ୍ସି): ଅଭିନେତା ତଥା ନିର୍ଦ୍ଦେଶକ ଧୀରଜ କୁମାରଙ୍କ ପରଲୋକ ହୋଇଛି। ତାଙ୍କୁ ୭୯ ବର୍ଷ ହୋଇଥିଲା। ନିଃଶ୍ୱାସପ୍ରଶ୍ୱାସରେ ସମସ୍ୟା ହେବା ଯୋଗୁଁ ତାଙ୍କୁ ସୋମବାର କୋକିଳାବେନ ଧୀରୁଭାଇ ଅମ୍ବାନୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଜଟିଳ ହେବାରୁ ତାଙ୍କୁ ଭେଣ୍ଟିଲେଟରେ ରଖା ଯାଇଥିଲା। ଶେଷରେ ମଙ୍ଗଳବାର ଦ୍ୱିପହରେ ସେ ପ୍ରାଣ ହରାଇ ଥିଲେ। ସେ ନିମୋନିଆରେ ଆକ୍ରାନ୍ତ ଥିଲେ। ଶୁକ୍ରବାର ସକାଳେ ଭିଲେ ପାର୍ଲେ ସ୍ଥିତ ପବନହଂସ ଶ୍ମଶାନରେ ତାଙ୍କ ଅନ୍ତିମ ସଂସ୍କାର କରାଯିବ। ଚଳଚ୍ଚିତ୍ର ହୀରା ପନ୍ନା, ରୋଟି କପଡ଼ା ଏବଂ ମକାନ, ବହାରେଁ ଫୁଲ ବରସାଓ ଭଳି ଅନେକ ସୁପରହିଟ୍ ଚଳଚ୍ଚିତ୍ରରେ ଧୀରଜ ଅଭିନୟ କରିଥିଲେ। ମିଲି, ଘର କି ଲକ୍ଷ୍ମୀ ବେଟିଆଁ ଏବଂ ମାଏକା ଆଦିରେ ସେ ନିର୍ଦ୍ଦେଶନା ଦେଇଥିଲେ। ତାଙ୍କ ମୃତ୍ୟୁରେ ସିନେ ଜଗତରେ ଶୋକର ଛାୟା ଖେଳି ଯାଇଛି।

## ଆତ୍ମସମର୍ପଣ ପରେ ରାହୁଲ ଗାନ୍ଧୀଙ୍କୁ ଜାମିନ

ଲକ୍ଷ୍ନୌ, ୧୫।୭ (ଏଜେନ୍ସି): ଭାରତୀୟ ସେନା ବିରୋଧରେ ବିବାଦୀୟ ଟିପ୍ପଣୀ ଦେବା ମାମଲାରେ ଲୋକସଭା ବିରୋଧୀ ଦଳ ନେତା ତଥା କଂଗ୍ରେ ସାଂସଦ ରାହୁଲ ଗାନ୍ଧୀ ମଙ୍ଗଳବାର ଦ୍ୱିପହରେ ଲକ୍ଷ୍ନୌ କୋର୍ଟରେ ଆତ୍ମସମର୍ପଣ କରିଛନ୍ତି। ଏହାର ୫ ମିନିଟ ପରେ ଆବେଦନ ଉପରେ ବିଚାର କରି କୋର୍ଟ ତାଙ୍କୁ ଜାମିନ ପ୍ରଦାନ କରିଥିଲେ। ଆଡିସନାଲ ଚିଫ୍ ଜୁଡିସିଆଲ ମାଜିଷ୍ଟ୍ରେଟ ଆଲୋକ ବର୍ମା ୨୦ ହଜାର ଟଙ୍କାର ଦୁଇଟି ବଣ୍ଡରେ ରାହୁଲଙ୍କୁ ଜାମିନ ଦେଇଥିଲେ। ରାହୁଲ ପ୍ରାୟ ୩୦ ମିନିଟ ପାଇଁ କୋର୍ଟ ଭିତରେ ରହିଥିଲେ। ପୂର୍ବରୁ ଏହି ମାମଲାରେ ତାଙ୍କୁ କୋର୍ଟ ସମନ ଜାରି କରିଥିଲେ।

## ଶହେ କ୍ରାଇମ ଧାରାବାହିକ ଦେଖି ସ୍ୱାମୀଙ୍କୁ ହତ୍ୟା

ମୁଜଫରପୁର, ୧୫।୭ (ଏଜେନ୍ସି): ବିହାର ମୁଜଫରପୁରରୁ ଚାଞ୍ଚଲ୍ୟକର ମାମଲା ସାମ୍ନାକୁ ଆସିଛି। ପରକୀୟାପ୍ରୀତି ସନ୍ଦେହ କରି ସ୍ତ୍ରୀ ସ୍ୱାମୀକୁ ହତ୍ୟା କରିଛି। ତେବେ ଏହି ହତ୍ୟା ପାଇଁ ସ୍ତ୍ରୀ ଶହେରୁ ଅଧିକ କ୍ରାଇମ ଧାରାବାହିକ ଦେଖିଥିଲେ। ଗୁଗଲ ଏବଂ ୟୁଟ୍ୟୁବରୁ ହତ୍ୟା କେମିତି କରନ୍ତି ତାହା ଶିଖିଥିଲେ। ପରେ ନୋଟ୍ ବନାଇ ହତ୍ୟା ଷଡ଼ଯନ୍ତ୍ର କରିଥିଲେ। ଗତ ୭ ତାରିଖରେ ଏହି ହତ୍ୟାକାଣ୍ଡ ଘଟିଥିଲାବେଳେ ପୁଲିସ ୧୩ ତାରିଖରେ ପତ୍ନୀ ସବା ଫରଦୋସଙ୍କୁ ଗିରଫ କରିଥିଲା। ସେ ଜେରା ସମୟରେ ଏହା ସ୍ୱୀକାର କରିଛନ୍ତି। ଫରଦୋସ କହିଛନ୍ତି ଯେ ସେ ଅଧିକାରୀ ହେବାକୁ ଚାହୁଁଥିଲେ। ୨୦୧୨ରେ ସେ ସମୟରେ ପଞ୍ଚାୟତ ରୋଜଗାର ସେବକ ଭାବେ କାର୍ଯ୍ୟ କରୁଥିବା ମୁମତାଜଙ୍କୁ ବିବାହ କରିଥିଲେ। ଉଭୟଙ୍କର ତିନି ଶିଶୁ ଅଛନ୍ତି। କିଛି ଦିନ ତଳେ ଅନ୍ୟ ଜଣେ ମହିଳାଙ୍କ ସହ ସ୍ୱାମୀ ସମ୍ପର୍କ ରଖିଥିବା ସେ ଜାଣିବାକୁ ପାଇଥିଲେ। ଏହାକୁ ବିରୋଧ କଲେ ମାରପିଟ କରୁଥିଲେ। ଶେଷରେ ଅତିଷ୍ଠ ହୋଇ ୧୭ ଥର ଛୁରା ମାରି ସ୍ୱାମୀଙ୍କୁ ହତ୍ୟା କରିଥିଲି।

## ଛାତ୍ରୀଙ୍କୁ ଦୁଷ୍କର୍ମ କରି ୨ ଅଧ୍ୟାପକ ଓ ବନ୍ଧୁ ଗିରଫ



ବେଙ୍ଗାଲୁରୁ, ୧୫।୭ (ଏଜେନ୍ସି): ଗୁରୁ ଏବଂ ଶିଷ୍ୟର ସମ୍ପର୍କକୁ ବଦ୍‌ନାମ କରିବା ଭଳି ଘଟଣା ସମାଜରେ ବଢ଼ିବାରେ ଲାଗିଛି। ଏବେ ଏଭଳି ଏକ ମାମଲା ବେଙ୍ଗାଲୁରୁରୁ ସାମ୍ନାକୁ ଆସିଛି। ଏଠାକାର ଏକ ଘରୋଇ କଲେଜର ପଦାର୍ଥ ବିଜ୍ଞାନ ଅଧ୍ୟାପକ ନରେନ୍ଦ୍ର ଏବଂ ଜୀବ ବିଜ୍ଞାନ ଅଧ୍ୟାପକ ସନ୍ଦୀପ ଏବଂ ତାଙ୍କ ବନ୍ଧୁ ଅନୁପ ମିଶି ଜଣେ ଛାତ୍ରୀଙ୍କୁ ଅନେକ ଥର ଦୁଷ୍କର୍ମ କରିଛନ୍ତି। ଏହି ମାମଲାରେ ତିନି ଜଣଙ୍କୁ ଗିରଫ କରାଯାଇଛି। ବେଙ୍ଗାଲୁରୁ ପୁଲିସ ସୂଚନା ଅନୁଯାୟୀ ନରେନ୍ଦ୍ର ଛାତ୍ରୀଙ୍କୁ ନୋଟ୍ ଦେବା ବାହାନାରେ ବେଙ୍ଗାଲୁରୁ ଡାକିଥିଲେ। ପରେ ତାଙ୍କ ବନ୍ଧୁ ଅନୁପଙ୍କ ଘରକୁ ନେଇ ବଳାତ୍କାର କରିଥିଲେ। ଏହା ପରେ ପୀଡିତାଙ୍କ ସହ ନରେନ୍ଦ୍ରର ଏକ ଭିଡିଓ କ୍ଲିପ୍‌କୁ ସନ୍ଦୀପ ରେକର୍ଡ କରି ନେଇଥିଲେ। ସେ ଏହି ଆଧାରରେ ପୀଡିତାଙ୍କୁ ବ୍ଲାକମେଲ୍ କରି ଅନେକ ଦିନ ଧରି ବଳାତ୍କାର କରିଥିଲେ। ତୃତୀୟ ଅଭିଯୁକ୍ତ ଅନୁପ ମଧ୍ୟ ତାଙ୍କ ପ୍ରକୋଷ୍ଠକୁ ଆସୁଥିବାର ସିସିଟିଭି ଫୁଟେଜ୍ ଥିବା ଦାବି କରି ଛାତ୍ରୀଙ୍କୁ ଧମକ ଦେଇଥିଲେ। ମାସେ ତଳେ ଏହି ଘଟଣା ଘଟିଥିଲା। କିନ୍ତୁ କିଛି ଦିନ ତଳେ ଛାତ୍ରୀ ମାତାପିତାଙ୍କୁ ଏହି ସୂଚନା ଦେଇଥିଲେ।

## 'ସଞ୍ଜୟ ଦତ୍ତଙ୍କ ଯୋଗୁଁ ମୁମ୍ବାଇରେ ହୋଇଥିଲା ବିସ୍ଫୋରଣ'

ନୂଆଦିଲ୍ଲୀ, ୧୫।୭ (ଏଜେନ୍ସି): ମୁମ୍ବାଇରେ ୧୯୯୩ରେ ହୋଇଥିବା ବୋମା ବିସ୍ଫୋରଣକୁ ଅଟକା ଯାଇ ପାରିଥାନ୍ତା। ଅଭିନେତା ସଞ୍ଜୟ ଦତ୍ତ ଚାହିଁଥିଲେ ଏହା ହୋଇ ନ ଥାଆନ୍ତା। ସେ ଯେଉଁ ଗାଡ଼ିରୁ ଏକେ-୪୭ ବନ୍ଧୁକ ଧରିଥିଲେ ତାହାର ସୂଚନା ପୁଲିସକୁ ଯଦି ଦେଇଥାନ୍ତେ ତେବେ କେବେ ବି ବିସ୍ଫୋରଣ ହୋଇ ନ ଥାଆନ୍ତା। ବରିଷ୍ଠ ଓକିଲ ତଥା ରାଜ୍ୟସଭା ସାଂସଦ ଉଜ୍ଜ୍ୱଲ ନିକମ ଏହି ଦାବି କରିଛନ୍ତି। ସେ ଏକ ସାକ୍ଷାତକାରରେ କହିଛନ୍ତି ଯେ ବିସ୍ଫୋରଣର କିଛି ଦିନ ପୂର୍ବରୁ ଆତଙ୍କବାଦୀ ଦାଉଦ ଇବ୍ରାହିମ ଗୋଷ୍ଠୀର ସଦସ୍ୟ ଆବୁ ସାଲେମ (ଅସ୍ତ୍ରଶସ୍ତ୍ର ଭର୍ତ୍ତି ଏକ ଭ୍ୟାନ୍ ଧରି ସଞ୍ଜୟ ଦତ୍ତଙ୍କ ଘରକୁ ଆସିଥିଲା। ଏଥିରେ ହ୍ୟାଣ୍ଡ ଗ୍ରେନେଡ୍ ଏବଂ ଏକେ-୪୭ ଥିଲା। ସଞ୍ଜୟ ଏଥିରୁ କିଛି ଅସ୍ତ୍ରଶସ୍ତ୍ର ନେଇଥିଲା। ପରେ ସେ ସମସ୍ତ ଅସ୍ତ୍ରଶସ୍ତ୍ର ଫେରାଇ ଏକେ-୪୭ ରଖିଥିଲେ। ସେ ଏ ବିଷୟରେ ପୁଲିସକୁ ସୂଚନା ନ ଦେବାରୁ ୧୩ ବୋମା ବିସ୍ଫୋରଣ ହୋଇଥିଲା। ଏଥିରେ ୨୫୭ ଜଣଙ୍କ ମୃତ୍ୟୁ ହୋଇଥିଲା।

# ଚୀନ୍‌ରେ ଜିନ୍‌ପିଙ୍ଗଙ୍କୁ ଭେଟିଲେ ବିଦେଶମନ୍ତ୍ରୀ



ବେଜିଂ, ୧୫।୭ (ଏଜେନ୍ସି): ଏସ୍‌ସିଓ ସମ୍ମିଳନୀ ଅବସରରେ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ମଙ୍ଗଳବାର ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କୁ ଭେଟିଛନ୍ତି। ଭାରତ ଏବଂ ଚୀନ୍ ସମ୍ପର୍କରେ ହୋଇଥିବା ଅଗ୍ରଗତି ବିଷୟରେ ସେ ଜିନପିଙ୍ଗଙ୍କୁ ସୂଚନା ଦେଇଥିବା ଟ୍ୱିଟ କରି କହିଛନ୍ତି। ଏହାକୁ ନେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀ ତାଙ୍କୁ ନିଶାଣ କରିଛନ୍ତି। ସେ କହିଛନ୍ତି ଯେ ବିଦେଶ ମନ୍ତ୍ରୀ ଭାରତର ବିଦେଶ ନୀତିକୁ ବର୍ବାଦ କରୁଛନ୍ତି। ଭାବୁଛି ଚୀନ୍ ବୈଦେଶିକ ମନ୍ତ୍ରୀ ଆସି ମୋଦୀଙ୍କୁ ଚୀନ୍-ଭାରତ ସମ୍ପର୍କରେ ହୋଇଥିବା ଅଗ୍ରଗତି ବିଷୟରେ ଅବଗତ କରାଇବେ। ବୈଦେଶିକ ମନ୍ତ୍ରୀ ଏବେ ଭାରତର ବୈଦେଶିକ ନୀତିକୁ ନଷ୍ଟ କରିବା ଉଦ୍ଦେଶ୍ୟରେ ସର୍କସ୍ ଚଳାଉଛନ୍ତି।

**ଜୟଶଙ୍କର ବିଦେଶ ନୀତିକୁ ବର୍ବାଦ କରୁଛନ୍ତି: ରାହୁଲ**

ଅନ୍ୟପକ୍ଷରେ ଜୟଶଙ୍କର ଏସ୍‌ସିଓର ବିଦେଶମନ୍ତ୍ରୀଙ୍କ ବୈଠକରେ ସାମିଲ ହୋଇ ଆତଙ୍କବାଦକୁ ନେଇ କଡ଼ା ବାର୍ତ୍ତା ଦେଇଛନ୍ତି। ସେ କହିଛନ୍ତି ଯେ ଏସ୍‌ସିଓ ସଦସ୍ୟ ଏହାର ଉଦ୍ଦେଶ୍ୟ ପ୍ରତି ପ୍ରତିବଦ୍ଧ ରହିବା ଉଚିତ। ଆତଙ୍କବାଦକୁ ନେଇ କୌଣସି ସାଲିସ କରାନଯିବା ଉଚିତ। ସେ ଏପ୍ରିଲ ୨୨ ର ପହଲଗାମ ଆକ୍ରମଣ ବିଷୟରେ ମଧ୍ୟ ଉଲ୍ଲେଖ କରିଛନ୍ତି। ଜମ୍ମୁ ଏବଂ କଶ୍ମୀରର ପର୍ଯ୍ୟଟନ ଅର୍ଥନୀତିକୁ କ୍ଷତି ପହଞ୍ଚାଇବା ସହିତ ଧାର୍ମିକ ବିଭାଜନକୁ ଉଗ୍ର କରିବା ପାଇଁ ଜାଣିଶୁଣି ଏହି ଆକ୍ରମଣ କରାଯାଇଥିଲା ବୋଲି ସେ କହିଛନ୍ତି। ଅନ୍ତର୍ଜାତୀୟ ଆଶା ଆକାଂକ୍ଷାକୁ ସମ୍ମାନ ଦେଇ ଭାରତ ଏହାର ଜବାବ ଦେଇଛି। ଭାରତ ଯାହା କରିଛି ଠିକ୍ କରିଛି। ଏହା ଆଗକୁ ମଧ୍ୟ ଜାରି ରହିବ। ଅପରେସନ ସିନ୍ଦୂରରେ ଚୀନ୍ ପାକିସ୍ତାନକୁ ସହାୟତା କରିଥିବାବେଳେ ଜୟଶଙ୍କର ବେଜିଂରୁ ଏହି ବାର୍ତ୍ତା ଦେଇଛନ୍ତି। ସେ ଚୀନ୍ ଏବଂ ପାକିସ୍ତାନର ନାମ ନ ନେଇ ଏହି ଦେଶକୁ ସମାଲୋଚନା କରିଛନ୍ତି। ତିନି ଶତ୍ରୁ ଆତଙ୍କବାଦ, ବିଚ୍ଛିନ୍ନତାବାଦ ଏବଂ ଉଗ୍ରବାଦର ମୁକାବିଲା ପାଇଁ ଏସ୍‌ସିଓ ପ୍ରତିଷ୍ଠା କରାଯାଇଥିଲା। ଏହି ସବୁ ଏକାଠି ଆସିଥାନ୍ତି। ଏହା ଆହ୍ୱାନର ମୁକାବିଲା ପାଇଁ ଏସ୍‌ସିଓ ନିଜ ଉଦ୍ଦେଶ୍ୟରେ ସ୍ଥିର ରହିବା ଆବଶ୍ୟକ। ସେ ଚୀନ୍‌ର ବିଆରଆଇ ପ୍ରକଳ୍ପକୁ ମଧ୍ୟ ନିଶାଣ କରିଛନ୍ତି। ଏସ୍‌ସିଓ ରାଷ୍ଟ୍ରମାନେ ପାରସ୍ପରିକ ସ୍ୱାର୍ଥ, ସାର୍ବଭୌମ ଏବଂ ଆଞ୍ଚଳିକ ଅଖଣ୍ଡତାକୁ ସମ୍ମାନ ଦେବା ଉଚିତ ବୋଲି ଜୟଶଙ୍କର କହିଛନ୍ତି।

## ମସ୍କୋରେ ଆକ୍ରମଣ କରିବାକୁ ଜେଲେଁସ୍କିଙ୍କୁ କହିଲେ ଟ୍ରମ୍ପ



ୱାସିଂଟନ, ୧୫।୭ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଆଭିମୁଖ୍ୟ ବଦଳି ଯାଇଛି। ରୁଷ୍-ୟୁକ୍ରେନ ଯୁଦ୍ଧ ବନ୍ଦ କରିବାକୁ ଚାହୁଁଥିବା ଟ୍ରମ୍ପ ଏବେ ଏହାକୁ ଉଗ୍ର କରିବାକୁ ପଦକ୍ଷେପ ନେଉଛନ୍ତି। ସେ ରୁଷ୍ କ୍ଷେତ୍ରରେ ଜୋରଦାର ଆକ୍ରମଣ କରିବା ପାଇଁ ୟୁକ୍ରେନ ରାଷ୍ଟ୍ରପତି ଭୋଲ୍‌ଡାମିର ଜେଲେଁସ୍କିଙ୍କୁ କହିଛନ୍ତି। ଉପଯୁକ୍ତ ଅସ୍ତ୍ରଶସ୍ତ୍ର ଦେଲେ ମସ୍କୋ ଏବଂ ସେଣ୍ଟ ପିଟର୍ସବର୍ଗରେ ଆକ୍ରମଣ କରିପାରିବ କି ବୋଲି ପଚାରିଛନ୍ତି। ଏହାର ଉତ୍ତରରେ ଜେଲେଁସ୍କି ହଁ କରିଛନ୍ତି। ଗତ ୪ ତାରିଖରେ ଫୋନ୍ ବାର୍ତ୍ତାଳାପ ସମୟର ଏହି ଘଟଣା ମଙ୍ଗଳବାର ସାମ୍ନାକୁ ଆସିଛି। ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁତିନଙ୍କ ସହ ଆଲୋଚନା ବିଫଳ ହେବାର ଦିନକ ପରେ ଟ୍ରମ୍ପ ଜେଲେଁସ୍କିଙ୍କୁ ଏହା କହିଥିଲେ। ଏହି ଆଲୋଚନାରେ ପୁତିନ ଅସ୍ତ୍ରବିରତି ପାଇଁ ମନା କରିଦେଇଥିଲେ। ଏହାକୁ ନେଇ ଟ୍ରମ୍ପ ପ୍ରଶାସନ ରୁଷ୍‌ରେ କଥାରେ ଏବଂ କାମରେ ଭିନ୍ନତା ରହୁଛି ବୋଲି କହିଥିଲା। ଏହା ବିଫଳ ହେବା ପରେ ଆମେରିକା ପୁଣି ୟୁକ୍ରେନକୁ ଅସ୍ତ୍ରଶସ୍ତ୍ର ଯୋଗାଣ ଆରମ୍ଭ କରିଥିଲା।

# ୟେମେନରେ ଭାରତୀୟ ନର୍ସ ନିମିଷାଙ୍କ ମୃତ୍ୟୁଦଣ୍ଡ ସ୍ଥଗିତ

ସନା, ୧୫।୭ (ଏଜେନ୍ସି): ୟେମେନରେ ମୃତ୍ୟୁଦଣ୍ଡ ପାଇଥିବା ଭାରତୀୟ ନର୍ସ ନିମିଷା ପ୍ରିୟାଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି। ନିର୍ଯାତନା ଦେଉଥିବା ଜଣେ ପୁରୁଷଙ୍କ ହତ୍ୟା ମାମଲାରେ ମୃତ୍ୟୁଦଣ୍ଡ ଦିଆଯିବାର ଦିନକ ପୂର୍ବରୁ ମଙ୍ଗଳବାର ତାଙ୍କ ଦଣ୍ଡକୁ ସାମୟିକ ସମୟ ପାଇଁ ସ୍ଥଗିତ ରଖାଯାଇଛି। ରିପୋର୍ଟ ଅନୁଯାୟୀ ସାମାଜିକ କର୍ମୀଙ୍କ ଗୋଷ୍ଠୀ ଏବଂ ପ୍ରଭାବଶାଳୀ ଧାର୍ମିକ ନେତା ଏହି ମାମଲାରେ ଦଖଲ ଦେଇଥିଲେ। ଏହା ପରେ ନିମିଷାଙ୍କ ଦଣ୍ଡାଦେଶ ଦିନକ ପାଇଁ ସ୍ଥଗିତ ରଖାଯାଇଛି। ପୀଡ଼ିତଙ୍କ ପରିବାର ଏଥିପାଇଁ ରାଜି ହୋଇଛନ୍ତି। ତେବେ ତାଙ୍କୁ ମୁକ୍ତ କରାଯିବ ନାହିଁ କିମ୍ବା ଭାରତ ପଠାଯିବ ନାହିଁ। ଏବେ ନିମିଷା ୟେମେନର ରାଜଧାନୀ ସନାରେ ଅଛନ୍ତି। ଏଠାରେ ହୁତି ବିଦ୍ରୋହୀଙ୍କ କର୍ତ୍ତୃତ୍ୱ ରହିଛି। କିନ୍ତୁ ହୁତି ବିଦ୍ରୋହୀଙ୍କ ସହ ଭାରତର କୌଣସି କୂଟନୈତିକ ସମ୍ପର୍କ ନାହିଁ। ଦିନକ ତଳେ କେନ୍ଦ୍ର ସରକାର ଏହି ମାମଲାରେ ସୁପ୍ରିମକୋର୍ଟରେ ହାତ ଟେକି ଦେଇଥିଲେ। ମୃତ୍ୟୁଦଣ୍ଡ ଅଟକାଇବାକୁ ଯାହା କରିବା କଥା ତାହା କରିଛୁ ବୋଲି କହିଥିଲେ। ଏହି ଦଣ୍ଡ ଟାଳିବାକୁ 'ବ୍ଲଡ୍ ମନି' (ମୃତ୍ୟୁଦଣ୍ଡ ରୋକିବା ପାଇଁ ଅର୍ଥ) ଶେଷ ବିକଳ୍ପ ରହିଛି ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଥିଲା। କିନ୍ତୁ ଏ ପର୍ଯ୍ୟନ୍ତ ପୀଡ଼ିତଙ୍କ ପରିବାର ମଧ୍ୟ ବ୍ଲଡ ମନି ସ୍ୱୀକାର କରିବାକୁ ସହମତ ହୋଇନାହାନ୍ତି।

**ଦୁଇ ଦେଶର ଧର୍ମଗୁରୁଙ୍କ ମଧ୍ୟରେ ଆଲୋଚନା**

**ଆଜି ନିମିଷାଙ୍କୁ ଗୁଳି ମରା ଯାଇଥାନ୍ତା**



ରିପୋର୍ଟ ଅନୁଯାୟୀ ଭାରତର କଣ୍ଠପୁରମର ଗ୍ରାଣ୍ଡ ମୁଫତି ଏପି ଅବୁବାକର ମୁସଲିୟାର ଏବଂ ୟେମେନର ପ୍ରସିଦ୍ଧ ସୁଫି ବିଦ୍ୱାନ ଶେଖ୍ ହବିବ୍ ଉମର ବିନ୍ ହାଫିଜ୍ ଏହି ପ୍ରସଙ୍ଗରେ ଆଲୋଚନା କରୁଛନ୍ତି। ଏଥିରେ ୟେମେନର ସୁପ୍ରିମକୋର୍ଟର ଜଣେ ବିଚାରପତି ଏବଂ ମୃତକଙ୍କ ଭାଇ ମଧ୍ୟ ସାମିଲ ଅଛନ୍ତି। ଏ ବିଷୟରେ ଆଲୋଚନା ଲାଗି ୟେମେନର ଶେଖ୍ ହବିବଙ୍କୁ ଶେଖ୍ ମନାଇ ଥିଲେ। ପ୍ରଥମ ଥର ପୀଡିତଙ୍କ ପରିବାରର ଜଣେ ଘନିଷ୍ଠ ସଦସ୍ୟ ମଧ୍ୟ କଥାବାର୍ତ୍ତା କରିବାକୁ ରାଜି ହୋଇଛନ୍ତି। ସରିଆ ଆଇନ ଅନୁଯାୟୀ ଏହି ଆଲୋଚନା ଜାରି ରହିଛି। ଏହା ଅଧିନରେ ଦୋଷୀଙ୍କୁ ବିନା ସର୍ତ୍ତରେ କିମ୍ବା ବ୍ଲଡ ମନି ବଦଳରେ କ୍ଷମା ପ୍ରଦାନ କରିବା ପାଇଁ ପୀଡ଼ିତ ପରିବାରକୁ ଆଇନଗତ ଅଧିକାର ପ୍ରଦାନ କରୁଛି।

**ସାଂସଦ କଙ୍ଗନାଙ୍କ ଖୁଲାସା**

## ୭୦ ଦିନ କାମ କରିବାକୁ ପଡ଼ିବ କହିଥିଲା ବିଜେପି



**ମନ୍ତ୍ରୀ ହେବାକୁ ରଖିଥିଲେ ଆଶା**

ମଣ୍ଡି, ୧୫।୭ (ଏଜେନ୍ସି): ଅଭିନେତ୍ରୀରୁ ରାଜନେତ୍ରୀ ପାଲଟି ଥିବା ମଣ୍ଡି ସାଂସଦ କଙ୍ଗନା ରାଣାଓ୍ୱତ ଏକ ସାକ୍ଷାତକାରକୁ ନେଇ ଚର୍ଚ୍ଚାରେ ଅଛନ୍ତି। ସାଂସଦ ଭାବେ କାମ କରିବାକୁ ମଜା ଆସୁନାହିଁ ବୋଲି ସେ କହିଛନ୍ତି। ସେ ବଡ଼ ଖୁଲାସା କରି କହିଛନ୍ତି ଯେ ଟିକେଟ ଦେବା ସମୟରେ ୬୦ରୁ ୭୦ ଦିନ କାମ କରିବାକୁ ପଡ଼ିବ ବୋଲି ବିଜେପି ପକ୍ଷରୁ କୁହାଯାଇଥିଲା। ଏହା ନିଜ କାମ କରିପାରିବେ ବୋଲି ଉଲ୍ଲେଖ କରାଯାଇଥିଲା। କିନ୍ତୁ ଏବେ ଏହା ଅଧିକ ଚାହିଦା ଥିବା ଚାକିରି ପରି ଲାଗୁଛି। ସଚ୍ଚୋଟ ରହି ରାଜନୀତିରେ ନିଜ ସ୍ଥିତି ବଜାୟ ରଖିବାକୁ କଙ୍ଗନା ମହଙ୍ଗା ସଉକ କହିଛନ୍ତି। ନିଜ ସଂସଦୀୟ କ୍ଷେତ୍ରର ଜନତାଙ୍କ ପାଖକୁ ଯିବା ପାଇଁ ତାଙ୍କର ସବୁ ଦରମା ଖର୍ଚ୍ଚ ହେଇ ଯାଉଛି। ରୋଷେୟା ଏବଂ ଡ୍ରାଇଭରଙ୍କୁ ଦରମା ଦେବାରେ ଦରମାର ସିଂହ ଭାଗ ଖର୍ଚ୍ଚ ହେଉଛି। କିଛି କର୍ମଚାରୀଙ୍କ ସହ ନିଜ ନିର୍ବାଚନ କ୍ଷେତ୍ରକୁ ଯାତ୍ରା କଲେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି। କଙ୍ଗନା କେନ୍ଦ୍ରରେ କ୍ୟାବିନେଟ ମନ୍ତ୍ରୀ ହେବାକୁ ମଧ୍ୟ ଆଶା ରଖିଥିଲେ। ଏଥିପାଇଁ ସେ ଯୋଗ୍ୟ ଥିଲେ ବୋଲି କହିଛନ୍ତି।

**କ୍ରିକେଟର ଯଶ୍ ଦୟାଲଙ୍କ ଗିରଫ ଉପରେ ରୋକ୍**

## 'ଜଣକୁ ୫ ବର୍ଷ ପର୍ଯ୍ୟନ୍ତ ବୋକା ବନାଇ ହେବନି'

ପ୍ରୟାଗରାଜ, ୧୫।୭ (ଏଜେନ୍ସି): କ୍ରିକେଟର ଯଶ୍ ଦୟାଲଙ୍କ ଗିରଫ ଉପରେ ଆହ୍ଲାବାଦ ହାଇକୋର୍ଟ କଟକଣା ଲଗାଇ ଦେଇଛନ୍ତି। ଜଣକୁ ଦିନେ କି ଦୁଇ ଦିନ ବୋକା ବନା ଯାଇପାରେ, କିନ୍ତୁ ୫ ବର୍ଷର ସମ୍ପର୍କରେ କାହାକୁ ମୂର୍ଖ ବନା ଯାଇପାରିବ ନାହିଁ ବୋଲି ଜଷ୍ଟିସ ସିଦ୍ଧାର୍ଥ ବର୍ମା ଏବଂ ଅନିଲ କୁମାରଙ୍କ ଖଣ୍ଡପୀଠ କହିଛନ୍ତି। ୟୁଟ୍ୟୁବର ସୀମା ଭିତରୁ ବାହାରକୁ ବାହାର ବୋଲି କହିଥିଲେ। ଯଶ୍‌ଙ୍କ ଆବେଦନ ଉପରେ ବିଚାର କରି ହାଇକୋର୍ଟ ବିରୋଧୀ ପକ୍ଷକୁ ନୋଟିସ ଜାରି କରିବା ସହ ଜବାବ ମାଗିଛନ୍ତି। ଏହି କ୍ରିକେଟର ଜଣେ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଯୌନ ଉତ୍ପୀଡ଼ନ ଦେଇଥିବା ଅଭିଯୋଗ ହୋଇଛି। ଅଭିଯୋଗକାରିଣୀ କହିଛନ୍ତି ଯେ ଉଭୟେ ୫ ବର୍ଷ ତଳେ ପରସ୍ପରକୁ ଭେଟିଥିଲେ। ପରେ ଯଶ ବିବାହ କରିବାକୁ ମନା କରିଦେଇଥିଲେ ଏବଂ ଅନ୍ୟ ମହିଳାଙ୍କ ସହ ସମ୍ପର୍କ ରଖିଥିଲେ। ଗତ ୬ ତାରିଖରେ ସେ ଦୟାଲଙ୍କ ବିରୋଧରେ ଗାଜିଆବାଦର ଇନ୍ଦିରାପୁରମ ଥାନାରେ ଏତଲା ଦେଇଥିଲେ।

**ଲିଙ୍ଗ ବଦଳାଇ ବିବାହ କରିଥିବା ଦାବି**

# ଫ୍ରାନ୍ସ ରାଷ୍ଟ୍ରପତିଙ୍କ ପତ୍ନୀ ପୁରୁଷ!

ପ୍ୟାରିସ, ୧୫।୭ (ଏଜେନ୍ସି): ଭିଏତନାମ ଗସ୍ତରେ ସ୍ୱାମୀ ତଥା ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନଙ୍କୁ ମୁଥ ମାରି ଚର୍ଚ୍ଚାରେ ଆସିଥିବା ପ୍ରଥମ ମହିଳା ବ୍ରିଗିଟ ମାକ୍ରନ ଏବେ ସମ୍ବାଦର ସିରୋନାମାରେ ଅଛନ୍ତି। ସେ ମହିଳା ନୁହେଁ, ବରଂ ପୁରୁଷ ବୋଲି ଚର୍ଚ୍ଚା ହେଉଛି। ଦୁଇ ମହିଳା ୟୁଟ୍ୟୁବର ଏହି ଦାବି କରିଛନ୍ତି। ଉଭୟେ କହିଥିଲେ ଯେ ବ୍ରିଗିଟଙ୍କ ପ୍ରକୃତ ନାମ ଜିନ୍-ମିସେଲ ଗ୍ରୋଗ୍ରେନକ୍ସ ଥିଲା। ସେ ଲିଙ୍ଗ ବଦଳାଇ ଇମାନୁଏଲ ମାକ୍ରନଙ୍କୁ ବିବାହ କରିଥିଲେ। ଏହି ଭିଡିଓ ଜୋର୍‌ସୋରରେ ଭାଇରାଲ ହୋଇଥିଲା। ତେବେ ଏହା ବିରୋଧରେ ବ୍ରିଗିଟ୍ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସୂଚନା ଅନୁଯାୟୀ ବ୍ରିଗିଟଙ୍କ ଭାଇଙ୍କ ନାମ ହେଉଛି ଗ୍ରୋଗ୍ରେନକ୍ସ। ଉଭୟେ ପ୍ରାୟ ଏକାପରି ଦେଖିବାକୁ। ବ୍ରିଗିଟ୍ ପ୍ରଥମେ ଏହାକୁ ନେଇ ପ୍ୟାରିସକ ଏକ କୋର୍ଟରେ ମାମଲା ରୁଜୁ କରିଥିଲେ। କୋର୍ଟ ୨୦୨୩ ସେପ୍ଟେମ୍ବରରେ ଉଭୟ ମହିଳାଙ୍କୁ ଦୋଷୀ ସାବ୍ୟସ୍ତ କରି ବ୍ରିଗିଟଙ୍କୁ ୭ ଲକ୍ଷ ଟଙ୍କା ଏବଂ ତାଙ୍କ ଭାଇଙ୍କୁ ୫ ଲକ୍ଷ ଟଙ୍କା ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଗତ ୧୦ ତାରିଖରେ ପ୍ୟାରିସର ଆଉ ଏକ ଅଦାଲତ ଏହି ନିଷ୍ପତ୍ତିକୁ ପଲଟାଇ ଦେଇଥିଲେ। ତେଣୁ ଏବେ ବ୍ରିଗିଟ ଏବଂ ତାଙ୍କ ଭାଇ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ଏହି ମାମଲା ୨୦୨୧ର। ସେତେବେଳ ଅମଣ୍ଡାଇନ ରୟ ନାମକ ମହିଳା ୟୁଟ୍ୟୁବର ସାମ୍ବାଦିକା ନତାଶା ରେଙ୍କୁ ସାକ୍ଷାତକାର ଦେଇ ବ୍ରିଗିଟ ପୁରୁଷ ବୋଲି ଦାବି କରିଥିଲେ। ଏହା ଜାଣିବା ପାଇଁ ସେ ତିନି ବର୍ଷ ପର୍ଯ୍ୟନ୍ତ ଅନୁସନ୍ଧାନ କରିଥିବା କହିଥିଲେ। ଆମେରିକାରେ ମଧ୍ୟ ଏହି ମାମଲା



ବ୍ୟାପିବାରେ ଲାଗିଥିଲା। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସମର୍ଥକ ଥିବା ଦୁଇ ସାମ୍ବାଦିକ କ୍ୟାଣ୍ଡେସ ଓଭେନ୍ସ ଏବଂ ଟକର କାର୍ଲସନ ଏହାକୁ ଖୋରାକ ଯୋଗାଇ ଥିଲେ। ଏ ସମ୍ବନ୍ଧିତ ଅନେକ ଭିଡିଓକୁ ଉଭୟେ ସାମାଜିକ ଗଣମାଧ୍ୟମରେ ଛାଡ଼ିଥିଲେ। ଏହା ମାନବ ଇତିହାସର ସବୁଠାରୁ ବଡ଼ ରାଜନୈତିକ ଦୁର୍ନୀତି ବୋଲି କହିଥିଲେ। ବ୍ରିଗିଟ ଏବଂ ତାଙ୍କ ଭାଇ ବାସ୍ତବରେ ଜଣେ ବୋଲି କହିଥିଲେ। ତେବେ ଏହାକୁ ନେଇ ଫ୍ରାନ୍ସ ରାଷ୍ଟ୍ରପତି ଦୁଇ ସାମ୍ବାଦିକଙ୍କୁ ନୋଟିସ ଜାରି କରିଥିଲେ।

ଏହା ପୂର୍ବରୁ ଫ୍ରାନ୍ସ ସାମ୍ବାଦିକା ନତାଚା ରେ ୨୦୧୭ ରେ ବ୍ରିଗିଟ ପୁରୁଷ ବୋଲି ଦାବି କରିଥିଲେ। ଏହି ଅଭିଯୋଗ ପରେ ନାତାଚାଙ୍କୁ ଦେଶରେ ହଇରାଣ କରାଯାଇଥିଲା। ସେଥିପାଇଁ ସେ ଚଳିତ ବର୍ଷ ରୁଷ୍‌କୁ ରାଜନୈତିକ ଶରଣ ମାଗିଥିଲେ। ଫ୍ରାନ୍ସ ସରକାର ମତପ୍ରକାଶର ସ୍ୱାଧୀନତାକୁ ଚାପି ଦେଉଥିବା ଅଭିଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ ଇମାନୁଏଲ ମାକ୍ରନ ଏବଂ ତାଙ୍କ ପତ୍ନୀଙ୍କ ବୟସ ମଧ୍ୟରେ ଥିବା ତାରତମ୍ୟକୁ ନେଇ ଉଭୟେ ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚାରେ ଅଛନ୍ତି। ଫ୍ରାନ୍ସ ରାଷ୍ଟ୍ରପତିଙ୍କ ଠାରୁ ତାଙ୍କ ପତ୍ନୀ ୨୪ ବର୍ଷ ବଡ଼।

# ୩ କଲରାପତରିଆ ବାଘଛାଲ ଜବତ; ୭ ଅଟକ

## ଗ୍ରାହକ ବେଶରେ ଡିଲ୍ କଲା, ରାତି ଅଧିଆ ମାଡ଼ି ବସିଲା

ବାରିପଦା, ୧୫।୭ (ସମିସ): ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ଓ ଖୁଣ୍ଟା ଥାନା ଅଞ୍ଚଳରେ ଚଡ଼ଉ କରି ବନବିଭାଗ ୩ଟି କଲରାପତରିଆ ବାଘ ଛାଲ ଜବତ କରିବା ସହ ଏହି ବେଆଇନ କାରବାର ଘଟଣାରେ ୭ଅଭିଯୁକ୍ତଙ୍କୁ ଅଟକ ରଖିଛି। ତଦନ୍ତରେ ବାଧା ଉପୁଜିବା ଆଶଙ୍କାରେ ବିଭାଗ ପକ୍ଷରୁ ଅଭିଯୁକ୍ତମାନଙ୍କ ପରିଚୟ ପ୍ରଦାନ କରାଯାଇନାହିଁ। ବୁଧବାର ସମସ୍ତ ତଥ୍ୟ ପ୍ରଦାନ କରାଯିବ ବୋଲି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଡ. ପ୍ରକାଶ ଚାନ୍ଦ ଗୋଗେନାନୀ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ବାଘ ଛାଲ ଡିଲ୍ ଚାଲିଥିବା ନେଇ ବନ ବିଭାଗର ସ୍ୱତନ୍ତ୍ର ଗୁଇନ୍ଦା ଟିମ୍‌କୁ ଏକ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିଲା। ଗ୍ରାହକ ବେଶରେ କିଛି ବନ କର୍ମଚାରୀ ପ୍ରଥମେ ଅଭିଯୁକ୍ତମାନଙ୍କ ସହ ଡିଲ୍ କରିଥିଲେ। ଘଟଣାରେ ସତ୍ୟତା ଥିବା ଜଣାପଡ଼ିବା ପରେ ସୋମବାର ବିଳମ୍ବିତ ରାତିରେ ବଡ଼ସାହି ଥାନା ପାଉଁଶିଆ ଗ୍ରାମର ଗୁରୁପ୍ରସାଦ ପାତ୍ରଙ୍କ ଘରେ ଅତର୍କିତ ଚଢ଼ଉ କରି ୨ଟି ବାଘଛାଲ ଜବତ କରିବା ସହ ଅଭିଯୁକ୍ତଙ୍କୁ ଅଟକ ରଖିଥିଲା। ପରେ ଖୁଣ୍ଟା ଥାନା ଅଧୀନ ପଶୁଦା ଗ୍ରାମରେ ଚଢ଼ଉ କରି ଗୋଟିଏ ବାଘ ଛାଲ ଜବତ କରିଥିଲା। ଉଭୟ ଘଟଣାରେ ସମ୍ପୃକ୍ତ ଥିବା ୭ଜଣଙ୍କୁ ଅଟକ ରଖି ପଚରାଉଚରା ଜାରି ରହିଛି।

# ବିଦ୍ୟୁତ୍ ଆଘାତରେ ମାମୁ-ଭଣଜା ମୃତ

ଭଦ୍ରକ, ୧୫।୭ (ସମିସ): ବିଦ୍ୟୁତ୍ ଆଘାତରେ ମାମୁ-ଭଣଜା ମୃତ। ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ଦେଁଫିଂ ପଞ୍ଚାୟତର ଆଦିବାସୀ ସାହିରେ ଏଭଳି ଏକ ଅଭାବନୀୟ ଘଟଣା ଘଟିଛି। ମୃତକଦ୍ୱୟ ହେଲେ, ନିଧି ମୁଣ୍ଡା ଓ ତାଙ୍କ ଭଣଜା ନବ ମୁଣ୍ଡା (୫)।

ସୂଚନାନୁସାରେ, ଆଜି ଅପରାହ୍ନରେ ନବ ଗାଁ ନିକଟରେ ମାଙ୍କଡ଼ପଲଙ୍କୁ ଗୋଡ଼ାଉଥିଲା। ଏହି ସମୟରେ ତଳେ ପଡ଼ିଥିବା ଏକ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିବାରୁ ଛିଟିକି ତଳେ ପଡ଼ିଯାଇଥିଲା। ଏହା ଦେଖି ପାଖରେ ଥିବା ନିଧି ତାଙ୍କୁ ବଞ୍ଚାଇବାକୁ ଉଦ୍ୟମ କଲା ବେଳେ ସେ ମଧ୍ୟ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ସ୍ଥାନୀୟ ଲୋକେ ବିଦ୍ୟୁତ୍ ସଂଯୋଗ କାଟି ଦୁହିଁଙ୍କୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ହେଲେ ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଯୁବନେତା ସୌମେନ୍ଦ୍ର ସାହୁ ପ୍ରମୁଖ ଡାକ୍ତରଖାନାରେ ପହଞ୍ଚି ଶୋକବ୍ୟକ୍ତ କରିଥିଲେ।

# ତୃତୀୟ ଗେଟ୍ ଖୋଲିଲା ରେଙ୍ଗାଳି



କଣିହାଁ, ୧୫।୭ (ସମିସ): ଉପରମୁଣ୍ଡରେ ଲଗାଣ ବର୍ଷା ଯୋଗୁଁ ରେଙ୍ଗାଳି ଜଳଭଣ୍ଡାରରେ ବ୍ରାହ୍ମଣୀର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଜଳଭଣ୍ଡାରର ପୂର୍ଣ୍ଣ ଜଳଧାରଣ କ୍ଷମତା ୧୨୩.୫୦ ମିଟର ରହିଥିବା ବେଳେ ଆଜି ଦିନ ୧୧ଟା ସୁଦ୍ଧା ଜଳ ଭଣ୍ଡାରର ଜଳସ୍ତର ୧୨୦.୯୮ ମିଟର ପହଞ୍ଚିଥିଲା। ଫଳରେ, ଡ୍ୟାମ୍ କର୍ତ୍ତୃପକ୍ଷ ପୂର୍ବରୁ ୨ଟି ଗେଟ୍ ଖୋଲିଥିବା ବେଳେ ଆଜି ତୃତୀୟ ଗେଟ୍ (ଗେଟ୍ ନମ୍ବର ୧୦) ଖୋଲି ବନ୍ୟା ଜଳ ନିଷ୍କାସନ କରିଛନ୍ତି। ପ୍ରତି ସେକେଣ୍ଡରେ ଜଳଭଣ୍ଡାରକୁ ୫୬୪୧.୭୫ ଘନମିଟର ଜଳ ପ୍ରବେଶ କରୁଥିବା ବେଳେ ପାୱାର ହାଉସ ଓ ତିନୋଟି ଖୋଲାଯାଇଥିବା ଗେଟ୍ ମାଧ୍ୟମରେ ମୋଟ ୪୨୦୦.୦୦ ଘନମିଟର ଜଳ ପ୍ରତି ସେକେଣ୍ଡରେ ନିଷ୍କାସିତ ହେଉଛି ବୋଲି ରେଙ୍ଗାଳି ଡ୍ୟାମ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ, ବନ୍ୟାଜଳ ନିଷ୍କାସନ ଯୋଗୁଁ ଜଳଭଣ୍ଡାର ତଳ ମୁଣ୍ଡରେ ଥିବା ଗାଁମାନଙ୍କୁ ସତର୍କ ସୂଚନା ଦିଆଯାଇଛି।

# ଗର୍ଭବତୀଙ୍କୁ କାନ୍ଧରେ ବୋହି ନଦୀ ପାର୍



ଛେଣ୍ଡିପଦା, ୧୫।୭ (ସମିସ): ରାସ୍ତା ସମସ୍ୟା ଯୋଗୁଁ ଆମ୍ବୁଲାନ୍ସ ଆସିପାରିଲାନି। ତେଣୁ, ଉପାୟଶୂନ୍ୟ ପରିବାରଲୋକ ଭାରରେ ଗର୍ଭବତୀଙ୍କୁ ବିପଦସଂକୁଳ ଅବସ୍ଥାରେ ଉଚ୍ଛୁଳା ନଦୀ ପାର୍ କରାଇଲେ। ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ୍ ନୂଆଗାଁ ପଞ୍ଚାୟତ ଅଧୀନ ଭାଲିଆସର ଗ୍ରାମରେ ଆଜି ଏଭଳି ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ପରେ ଏକ ବଲେରୋରେ ମହିଳାଙ୍କୁ ବାଗଡ଼ିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

ସୂଚନାନୁଯାୟୀ, ଭାଲିଆସର ଗ୍ରାମର ରାଜେନ୍ଦ୍ରଙ୍କ ପତ୍ନୀ ମାମି ପ୍ରଧାନ ଗର୍ଭବତୀ ଥିଲେ। ଆଜି ତାଙ୍କର ପ୍ରସବ ଯନ୍ତ୍ରଣା ହେବାରୁ ପରିବାରଲୋକ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। କିନ୍ତୁ ରାସ୍ତା ସମସ୍ୟା ଯୋଗୁଁ ଆମ୍ବୁଲାନ୍ସ ଆସିପାରିଲା ନାହିଁ। ଏପଟେ ମାମିଙ୍କ ପ୍ରସବ ଯନ୍ତ୍ରଣା ବଢ଼ିବାରେ ଲାଗିଥିଲା। ତେଣୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବା ପାଇଁ ବାଧକ ସାଜିଥିବା ଆଉଁଳି ନଦୀ ପାର୍ ହେବାକୁ ପରିବାରଲୋକ ମନସ୍ଥ କରିଥିଲେ। ମାମିଙ୍କୁ ଖଟିଆରେ ବସାଇ କାନ୍ଧରେ ବୋହି ବିପଦପୂର୍ଣ୍ଣ ଭାବେ ଉଚ୍ଛୁଳା ନଦୀ ପାର କରି ଆରପାଖରେ ପହଞ୍ଚିଥିଲେ। ପରେ ମାମିଙ୍କୁ ଏକ ବଲେରୋରେ ନେଇ ବାଗଡ଼ିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା।

## ରେଭେନ୍ସା ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ସମାରୋହ

# ରେଭେନ୍ସା ଏକ ଜୀବନ୍ତ ଇତିହାସ: ରାଷ୍ଟ୍ରପତି

କଟକ,୧୫।୭ (ସମିସ): 'ସ୍ୱତନ୍ତ୍ର ପ୍ରଦେଶ ଗଠନ ଏବଂ ସ୍ୱାଧୀନତା ସଂଗ୍ରାମର ମୂକସାକ୍ଷୀ ହେଉଛି ରେଭେନ୍ସା ଶିକ୍ଷାନୁଷ୍ଠାନ। ସମୟ ସହ ପାଦ ମିଶାଇ ରେଭେନ୍ସା ଆଗକୁ ବଢ଼ୁଛି। ଏହି ଶିକ୍ଷାନୁଷ୍ଠାନ ପୁରୁଣା, କିନ୍ତୁ ପୁରୁଣାକାଳିଆ ନୁହେଁ। ରେଭେନ୍ସାର ବିଦ୍ୟାର୍ଥୀ ଦେଶବିଦେଶରେ ଗୌରବ ଅର୍ଜନ କରିଛନ୍ତି। ଇଟା, ପଥରରେ ଗଢ଼ା ଏକ ନିର୍ଜୀବ ଅଟ୍ଟାଳିକା ନୁହେଁ, ବରଂ ରେଭେନ୍ସା ଓଡ଼ିଶାର ଜୀବନ୍ତ ଇତିହାସ।' ଆଜି ସେଭେନ ପିଲାର ଅଫ ୱିଜଡମଠାରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ୧୩ତମ ସମାବର୍ତ୍ତନ ସମାରୋହରେ ଯୋଗଦେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉପରୋକ୍ତ ମତ ଦେଇଛନ୍ତି। ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ରାଷ୍ଟ୍ରପତି ମୁର୍ମୁ କହିଥିଲେ ଯେ, ନିଜେ ଚାକିରି କରିବା ଓ ରୋଜଗାରକ୍ଷମ ହେବାର ଅର୍ଥ ନୁହେଁ ସଫଳତା। ଜଣେ ଉଦ୍ୟୋଗୀ ହେଲେ ସଫଳତା ଆପେ ଆପେ ମିଳିପାରିବ। ସଫଳତା ତାକୁ କହିବା ଯେତେବେଳେ ଅନ୍ୟକୁ ଚାକିରି ଯୋଗାଇ ପାରିବା। କଟକ ମାଟି ଉଦ୍ୟୋଗୀ ହେବାକୁ ପ୍ରେରଣା ଦେଇଥାଏ। ଉତ୍କଳ ଗୌରବ ମଧୁସୂଦନ ଦାସ ଏଠାରେ ଉତ୍କଳ ଟ୍ୟାନେରୀ ନାମକ ଜୋତା କାରଖାନା ପ୍ରତିଷ୍ଠା କରିଥିଲେ। ପରାଧୀନ ଭାରତରେ ମଧୁବାବୁଙ୍କ ଏଭଳି ପ୍ରଚେଷ୍ଟା ପାଇଁ ସେ ମହାତ୍ମା ଗାନ୍ଧୀଙ୍କ ଠାରୁ ପ୍ରଶଂସିତ ହୋଇଥିଲେ। ଭବିଷ୍ୟତରେ ଭାରତ ବିଶ୍ୱଗୁରୁ ହେବ, ଏ ଦିଗରେ ରେଭେନ୍ସାର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିବ ବୋଲି ରାଷ୍ଟ୍ରପତି ମୁର୍ମୁ କହିଥିଲେ।




କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗ ଦେଇ ଓଡ଼ିଆଙ୍କ ପାଇଁ ରେଭେନ୍ସା ପବିତ୍ର ମାଟି ବୋଲି କହିଥିଲେ। ଭାରତକୁ ଇଂରେଜ ମୁକ୍ତ କରିବା ନିମନ୍ତେ ଯେଉଁ ଜନଆନ୍ଦୋଳନର ସୂତ୍ରପାତ ହୋଇଥିଲା, ସେଥିରେ ରେଭେନ୍ସାର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ଭାଷାଭିତ୍ତିକ ରାଜ୍ୟ ଗଠନ ହେଉ କି ଓଡ଼ିଶାର ନବସୃଜନର ପରିକଳ୍ପନା କ୍ଷେତ୍ରରେ ଏହି ଶିକ୍ଷାନୁଷ୍ଠାନ ମଙ୍ଗ ଧରିଥିଲା। ଅନେକ ମହାନୁଭବଙ୍କ ବୌଦ୍ଧିକ ବୀଜରୋପଣ ରେଭେନ୍ସାରୁ ହୋଇଛି ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ମତବ୍ୟକ୍ତ କରିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜ ଅଭିଭାଷଣରେ ରେଭେନ୍ସା ଏକ ବ୍ରାଣ୍ଡ ବୋଲି କହିଥିଲେ। ଅନେକ ସୁଯୋଗ୍ୟ ସନ୍ତାନଙ୍କୁ ରେଭେନ୍ସା ଜନ୍ମ ଦେଇଛି। ସାମାଜିକ, ଅର୍ଥନୈତିକ ଏବଂ ସାଂସ୍କୃତିକ ଜାଗରଣରେ ରେଭେନ୍ସାର ଅବଦାନ ଅବିସ୍ମରଣୀୟ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମର ଅନ୍ୟତମ ଅତିଥି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଥିଲେ ଯେ, ୨୦୩୬ ବିକଶିତ ଓଡିଶା ଏବଂ ୨୦୪୭ ବିକଶିତ ଭାରତ ଗଠନରେ ରେଭେନ୍ସା ପ୍ରୟୋଗଶାଳା ସାଜିବ। ଏଥିପାଇଁ ରାଜ୍ୟ ସରକାର ଶିକ୍ଷାର ବିକାଶ ପାଇଁ ବିଭିନ୍ନ ପଦକ୍ଷେପ ନେଉଛନ୍ତି। ରାଜ୍ୟପାଳ ତଥା ବିଶ୍ୱବିଦ୍ୟାଳୟର କୁଳାଧିପତି ଡ. ହରିବାବୁ କମ୍ଭମପାଟି ସମାରୋହରେ ଅଧ୍ୟକ୍ଷତା କରି ରେଭେନ୍ସା ବିଶ୍ୱବିଦ୍ୟାଳୟକୁ ଶିକ୍ଷାର ମନ୍ଦିର ବୋଲି ଅଭିହିତ କରିଥିଲେ। କୁଳପତି ପ୍ରଫେସର ସଞ୍ଜୟ କୁମାର ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ପରମାଣୁ ଶକ୍ତି ଆୟୋଗର ପ୍ରାକ୍ତନ ଅଧ୍ୟକ୍ଷ ତଥା ଭାବା ଆଟମିକ ରିସର୍ଚ୍ଚ ସେଣ୍ଟରର ପ୍ରାକ୍ତନ ନିର୍ଦ୍ଦେଶକ ଡଃ ଅଜିତ କୁମାର ମହାନ୍ତିଙ୍କୁ ଡକ୍ଟର ଅଫ ସାଇନ୍ସ, ସାଂସଦ ଡଃ ଭର୍ତ୍ତୃହରି ମହତାବ, ଓଡ଼ିଶାର ପ୍ରଥମ ବ୍ରେଲ ପ୍ରେସ ପ୍ରତିଷ୍ଠାତା ତଥା ଦୃଷ୍ଟିହୀନ ସାମାଜିକ କର୍ମୀ ବିଜୟକୁମାର ରଥ ଓ ପରିବେଶ ସଂରକ୍ଷକ ପଦ୍ମଶ୍ରୀ ସାବରମତିଙ୍କୁ ସମ୍ମାନସୂଚକ ଡକ୍ଟର ଅଫ ଲିଟିରେଚର ପ୍ରଦାନ କରାଯାଇଥିଲା। ଏହି ସମାରୋହରେ ୨୦୨୩ ଶିକ୍ଷାବର୍ଷର ୧୦୬ ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା। ତନ୍ମଧ୍ୟରୁ ୨୯ ଜଣଙ୍କୁ ସ୍ନାତକ ସ୍ୱର୍ଣ୍ଣପଦକ, ୨ଜଣଙ୍କୁ ସର୍ବୋତ୍ତମ ସ୍ନାତକ, ୩୨ଜଣଙ୍କୁ ସ୍ନାତକୋତ୍ତର ସ୍ୱର୍ଣ୍ଣପଦକ, ୪୨ଜଣଙ୍କୁ ପିଏଚଡି ସନନ୍ଦ ଏବଂ ଜଣଙ୍କୁ ଡିଲିଟ୍ ପ୍ରଦାନ କରାଯାଇଥିଲା। ସେହିପରି ୨୦୨୪ ପାଇଁ ୧୧୮ ଛାତ୍ରଛାତ୍ରୀ ପୁରସ୍କୃତ ହୋଇଥିଲେ। ୨୯ଜଣଙ୍କୁ ସ୍ନାତକ ସ୍ୱର୍ଣ୍ଣପଦକ, ୨ଜଣଙ୍କୁ ସର୍ବୋତ୍ତମ ସ୍ନାତକ, ୨୭ଜଣଙ୍କୁ ସ୍ନାତକୋତ୍ତର ସ୍ୱର୍ଣ୍ଣପଦକ, ୩ଜଣଙ୍କୁ ବୋରାସମ୍ବର ସେନାପତି ତର୍କ ପଦକ, ୫୬ଜଣଙ୍କୁ ପିଏଚଡି ସନନ୍ଦ ଏବଂ ଜଣଙ୍କୁ ଡିଏସ୍‌ସି ସମ୍ମାନ ପ୍ରଦାନ କରାଯାଇଥିଲା। ୨୦୨୫ ପାଇଁ ୧୦୫ ମଧ୍ୟରୁ ୨୬ଜଣଙ୍କୁ ସ୍ନାତକ ସ୍ୱର୍ଣ୍ଣପଦକ, ୨ଜଣଙ୍କୁ ସର୍ବୋତ୍ତମ ସ୍ନାତକ, ୨୭ଜଣଙ୍କୁ ସ୍ନାତକୋତ୍ତର ସ୍ୱର୍ଣ୍ଣ ପଦକ, ୪ଜଣଙ୍କୁ ବୋରାସମ୍ବର ସେନାପତି ତର୍କ ପଦକ ଏବଂ ୪୬ଜଣଙ୍କୁ ପିଏଚଡି ସନନ୍ଦ ପୁରସ୍କାର ଦିଆଯାଇଥିଲା। କୁଳସଚିବ କାହ୍ନୁଚରଣ ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜୋରଦାର ହେବ ମାଓ ଅପରେସନ୍

# କନ୍ଧମାଳ, କଳାହାଣ୍ଡି, ରାୟଗଡ଼ାକୁ ଫୋକସ୍

ଭୁବନେଶ୍ୱର,୧୫।୭ (ସମିସ): ଜୋରଦାର ହେବ ମାଓ ଅପରେସନ। ଘଞ୍ଚ ଜଙ୍ଗଲରେ ମାଓବାଦୀ ଲୁଚିଥିଲେ ସେମାନଙ୍କୁ ଖୋଜିବ ପୁଲିସର ଅତ୍ୟାଧୁନିକ ଡ୍ରୋନ। ଏହି ଡ୍ରୋନ୍ ଜଙ୍ଗଲ ଉପରେ ବୁଲି ମାଓବାଦୀଙ୍କ ଗତିବିଧି ଠାବ କରି ତୁରନ୍ତ ସିଗ୍‌ନାଲ ମନିଟରିଂ କରୁଥିବା ଅଧିକାରୀଙ୍କ ନିକଟକୁ ପଠାଇ ଦେବେ। ଏହାପରେ ସୁରକ୍ଷାକର୍ମୀ ଜଙ୍ଗଲରେ ପଶି କୁମ୍ବିଂ ଅପରେସନ୍‌କୁ ଜୋରଦାର କରିବେ। ଆହୁରି ମଧ୍ୟ ସାଇଲାଇଟ୍ ଇମେଜ୍ ମାଧ୍ୟମରେ ସେମାନଙ୍କୁ ଠାବ କରାଯିବ। ସେହିପରି ମାଓବାଦୀଙ୍କ ଲ୍ୟାଣ୍ଡମାଇନ୍‌କୁ ଠାବ କରିବ ପୁଲିସର ଅତ୍ୟାଧୁନିକ ମେସିନ୍। ଯାହା ସୁରକ୍ଷାକର୍ମୀ ଜଙ୍ଗଲ ଭିତରକୁ ପ୍ରବେଶ ପୂର୍ବରୁ ଏହି ମେସିନ୍ ସହାୟତାରେ ପୋତା ଯାଇଥିବା ଲ୍ୟାଣ୍ଡମାଇନ୍‌କୁ ଠାବ କରାଯିବ। ବିଶେଷ କରି କନ୍ଧମାଳ, କଳାହାଣ୍ଡି, ରାୟଗଡ଼ ଜିଲ୍ଲାକୁ ଅଧିକ ଫୋକସ୍ ଦିଆଯିବ। ଆଜି ମାଓ ସମୀକ୍ଷା ବେଳେ ଏପରି ସୂଚନା ଦେଇଛନ୍ତି ଏଡ଼ିଜି ସଞ୍ଜୀବ ପଣ୍ଡା। ସେ କହିଛନ୍ତି ଯେ ଛତିଶଗଡ଼ରେ ମାଓ ଅପରେସନ ପରେ ଏବେ ସୀମାବର୍ତ୍ତୀ ଜିଲ୍ଲାଗୁଡ଼ିକରେ ଟେନସନ ରହିଛି। କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ନୂଆପଡା ଆଦି ଜିଲ୍ଲାରେ ବଢିଛି ନକ୍ସଲଙ୍କ ଉପଦ୍ରବ। ଜିଲ୍ଲା ଗୁଡିକରେ ଏସ୍‌ଓଜି, ଏସ୍‌ଆଇଡବ୍ଲ୍ୟୁର ମିଳିତ ଅପରେସନକୁ ଜୋରଦାର କରିବା ନେଇ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ ହୋଇଛି।




ନକ୍ସଲ ଉପସ୍ଥିତି ନେଇ ସୂଚନା ଦେବା ପାଇଁ ଖୁବଶୀଘ୍ର ଟୋଲ ଫ୍ରି ନମ୍ବର ଜାରି ହେବ। ଖବରଦାତାଙ୍କୁ ପୁରସ୍କାର ମଧ୍ୟ ମିଳିବାର ଯୋଜନା କରାଯାଉଛି। ୨୦୨୬ ସୁଦ୍ଧା ଓଡିଶାକୁ ମାଓମୁକ୍ତ କରିବା ପାଇଁ ସରକାରଙ୍କ ନିର୍ଦ୍ଦେଶରେ ଆକ୍ସନ ପ୍ଲାନ ତିଆରି ହେଉଥିବା ବେଳେ ପୁନର୍ବାସ ଯୋଜନାରେ ସାମିଲ ହୋଇ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ରେ ଉନ୍ନତି ଆଣିବା ପାଇଁ ଅପିଲ କରିଛନ୍ତି ଏଡ଼ିଜି ଶ୍ରୀ ପଣ୍ଡା।

# କଂଗ୍ରେସ କଲା ସରକାରଙ୍କ ଶବଦାହ

ଭୁବନେଶ୍ୱର,୧୫।୭ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ପ୍ରତୀକାତ୍ମକ ଶବଦାହ କରିଛି ଯୁବ କଂଗ୍ରେସ। ଯୁବ କଂଗ୍ରେସର କର୍ମକର୍ତ୍ତାମାନେ ଏକ ରାଲିରେ ଆସି ରାମମନ୍ଦିର ନିକଟସ୍ଥ ବିଜେପି କାର୍ଯ୍ୟାଳୟ ପାଖରେ "ରାମ ନାମ ସତ୍ୟହେ, ହରିନାମ ସତ୍ୟହେ" ଉଚ୍ଚାରଣ କରି ଦୁଇଟି କୋକେଇ କାନ୍ଧେଇଥିଲେ। ସେହି କୋକେଇରେ ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କର ଦୁଇଟି ଫ୍ଲେକ୍ସ ନିର୍ମିତ ଶବ ରଖାଯାଇଥିଲା। ସେପଟେ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀଙ୍କ ଶବ ତାଙ୍କ ନିଜ ଗାଁରେ ଦାହ ହେଉଥିବା ବେଳେ ଭୁବନେଶ୍ୱରରେ ବିଜେପି କାର୍ଯ୍ୟାଳୟ ନିକଟରେ ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କର ଫ୍ଲେକ୍ସ ନିର୍ମିତ ଶବଦାହ କରାଯାଇଥିଲା। ଶବଦାହର ସମସ୍ତ ବିଧି ଏହି କାର୍ଯ୍ୟକ୍ରମରେ ଅନୁସରଣ କରାଯାଇଥିଲା।

କାର୍ଯ୍ୟକ୍ରମ ଅବସରରେ ଯୁବ କଂଗ୍ରେସ ସଭାପତି ରଣଜିତ ପାତ୍ର କହିଛନ୍ତି ଯେ ମୋହନ ସରକାରର ପ୍ରତୀକାତ୍ମକ ଶବଦାହ କରାଯାଇଛି। ଏହି ସରକାରରେ ନାରୀ ଅସୁରକ୍ଷିତ। ବାଲେଶ୍ୱର ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିକୁ ମୁଖ୍ୟମନ୍ତ୍ରୀ କି ଶିକ୍ଷାମନ୍ତ୍ରୀ ବା ସମଗ୍ର ମୋହନ ସରକାରର ବ୍ୟବସ୍ଥା ନ୍ୟାୟ ଦେଇପାରିଲା ନାହିଁ। ତେଣୁ ମୁଖ୍ୟମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀଙ୍କର ଇସ୍ତଫା ଦାବି ସହ ଏହି କାର୍ଯ୍ୟ ହୋଇଛି ବୋଲି ସେ କହିଛନ୍ତି।

ଭୁବନେଶ୍ୱର କଂଗ୍ରେସ ସାଂସଦ ପ୍ରାର୍ଥୀ ସୟଦ ୟାସିର ନୱାଜ କହିଛନ୍ତି ଯେ ଏହି ଘଟଣାରେ ବିଜେପି, ମୋହନ ସରକାର ଏବଂ ଏବିଭିପିର ଅସଲମୁଖା ଖୋଲିଯାଇଛି। ଉଭୟ ଅଧ୍ୟକ୍ଷ ଓ ଅଧ୍ୟାପକଙ୍କୁ କଲେଜ ବାହାରେ ଥିବା ହେଲ୍ପ-ଡେକ୍ସଠାରେ ଏବିଭିପି ପକ୍ଷରୁ ସମ୍ମାନିତ କରାଯାଇଥିଲା। ସୁତରାଂ ଏହି ଅପରାଧୀ ଦୁଇଜଣ ଏବିଭିପି ସଂଗଠନ ସହ ସୁ-ସମ୍ପର୍କ ରହିଥିଲା। ଛାତ୍ରୀଟି ଏବିଭିପି ସଂଗଠନର ଜଣେ ସଭ୍ୟା।




ମାତ୍ର ଦୁଃଖର ବିଷୟ, ଛାତ୍ରୀର ଗୁହାରି ନ ଶୁଣିଥିବା ସରକାର ବିରୋଧରେ ଏବିଭିପି ଏପର୍ଯ୍ୟନ୍ତ ଆନ୍ଦୋଳନ କରୁନାହିଁ କି ଶବ୍ଦଟିଏ କହୁନାହିଁ। ଛାତ୍ରୀର ହାତକୁ ଆତ୍ମଦାହ କରିବାପାଇଁ କିଏ ସେ ପେଟ୍ରୋଲ ଓ ଦିଆସିଲି ବଢ଼ାଇଦେଲା ଏବଂ ଆତ୍ମଦାହ କରିବାପାଇଁ ଉସୁକାଇଲା, ତାହାର ଉପଯୁକ୍ତ ତଦନ୍ତ କରାଯାଉ ବୋଲି ସେ କହିଛନ୍ତି।

# ମୋହନ ସରକାର ଶାସନ କରିବା ପାଇଁ ସମସ୍ତ ନୈତିକତା ହରାଇଛନ୍ତି : କଂଗ୍ରେସ

ଭୁବନେଶ୍ୱର,୧୫।୭ (ସମିସ): ଫକୀରମୋହନ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁ ପରେ ଆସନ୍ତା ୧୭ ତାରିଖରେ ଓଡ଼ିଶା ବନ୍ଦ ଡାକରା ଦିଆଯାଇଛି। ଏହା ଆତ୍ମହତ୍ୟା ନୁହେଁ, ଏହା ଏକ ବ୍ୟବସ୍ଥାକୃତ ହତ୍ୟା ବୋଲି ଉଲ୍ଲେଖ କରି କଂଗ୍ରେସ ସମେତ ୮ ଟି ମିଳିତ ବିରୋଧୀ ଦଳ ତରଫରୁ ବନ୍ଦ ଡାକରା ଦିଆଯାଇଛି। ବାଲେଶ୍ୱର ସାଂସଦ, ବିଧାୟକ, ଜିଲ୍ଲାପାଳ ଏବଂ ଏସପିଙ୍କୁ ତଦନ୍ତ ପରିସରଭୁକ୍ତ କରାଯିବା ସହ ୧୭ ଜୁଲାଇରେ ଓଡ଼ିଶା ବନ୍ଦକୁ ଜନସାଧାରଣ ସମର୍ଥନ ଦେଇ ସଫଳ କରିବା ପାଇଁ ବିରୋଧୀ ଦଳମାନେ ନିବେଦନ କରିଛନ୍ତି।

ଏହାସହିତ ତିନି ଦିନ ଧରି ସମଗ୍ର ରାଜ୍ୟରେ କ୍ୟାଣ୍ଡେଲ୍ ଶୋଭାଯାତ୍ରା ଓ ଶ୍ରଦ୍ଧାଞ୍ଜଳି ସଭା ଆୟୋଜନ କରାଯିବ।

ଛାତ୍ର-ଛାତ୍ରୀଙ୍କ ମନ୍ଦିର ହେଉଛି ଶିକ୍ଷାନୁଷ୍ଠାନ। ସେଠାରେ ଛାତ୍ର ଛାତ୍ରୀଙ୍କର ନିରାପତ୍ତା ନାହିଁ। ଭୟଙ୍କର ଦୁର୍ନୀତି, ଜାଲିଆତି, ପାତର ଅନ୍ତର, ମାର୍କ ପାଇଁ ମାନସିକ ଚାପ, କ୍ୟାରିୟର ପାଇଁ ଯୌନ ନିର୍ଯାତନା ଭଳି ଘଟଣା ଘଟିବା ଅତ୍ୟନ୍ତ ଉଦବେଗଜନକ ଏବଂ ଚିନ୍ତାଜନକ। ଫକୀର ମୋହନ ମହାବିଦ୍ୟାଳୟ ଘଟଣା ଏହି ଘୃଣ୍ୟ କାର୍ଯ୍ୟର ଏକ ପ୍ରତିଫଳନ । ଏହି କେଳେଙ୍କାରୀ ସାଙ୍ଗକୁ ମାଲକାନଗିରିରେ ସାମ୍ବାଦିକଙ୍କୁ ହତ୍ୟା, ଗଞ୍ଜାମ ଜିଲ୍ଲାରେ ପୁଣି ମହିଳାଙ୍କୁ ଗଣ ଦୁଷ୍କର୍ମ, ଗୋପାଳପୁରରେ ଯୁବତୀଙ୍କୁ ଗଣଦୁଷ୍କର୍ମ, ଧରାକୋଟରେ ଦଳିତଙ୍କ ଉପରେ ପାଶବିକ ଅତ୍ୟାଚାର, ଶିମିଳିପାଳ ଅଭୟାରଣ୍ୟରେ ଜଙ୍ଗଲ ବିଭାଗ କର୍ମଚାରୀଙ୍କ ଦ୍ୱାରା ଆଦିବାସୀ ମହିଳାଙ୍କ ଉପରେ ଯୌନ ନିର୍ଯାତନା, ମାଲକାନଗିରିରେ ଖ୍ରୀଷ୍ଟିଆନ ସମ୍ପ୍ରଦାୟଙ୍କ ଉପରେ ଆକ୍ରମଣ, ରାଜ୍ୟ ତମାମ୍ ବଙ୍ଗଳା ଭାଷାଭାଷୀ ନାଗରିକଙ୍କୁ ଅଯଥା ଗିରଫ ଓ ଡିଟେନସନ, ବିଏମସି ଅଧିକାରୀଙ୍କ ଉପରେ ବିଜେପି କର୍ମୀ ମାନେ ବର୍ବର ଆକ୍ରମଣ କରିବା, ନୀଳଗିରି ବିଧାୟକଙ୍କ ମହିଳା ନେତ୍ରୀଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ, ରଥଯାତ୍ରା ପରିଚାଳନାରେ ଅବହେଳା ଯୋଗୁଁ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଓ ଅନେକ ଗୁରୁତର ଭାବେ ଆହତ ଇତ୍ୟାଦି ସମସ୍ତ ଘଟଣାରେ ମୋହନ ସରକାରଙ୍କ ବିଫଳତା, ବ୍ୟର୍ଥତା, ଅପାରଗତା ପ୍ରମାଣିତ ହୋଇଛି। ରାଜ୍ୟରେ ଜଙ୍ଗଲରାଜ ଚାଲିଛି। ସମଗ୍ର ପୁଲିସ୍ ବିଭଗ ସ୍ଥାଣୁ ପାଲଟିଛି। ଓଡ଼ିଶା ରାଜ୍ୟ ବର୍ତ୍ତମାନ୍ ଅପରାଧୀଙ୍କ ଚରାଭୂଇଁ ହୋଇଛି। ମୋହନ ମାଝୀ ସରକାର ଶାସନ କରିବାର ସମସ୍ତ ନୈତିକ ଅଧିକାର ହରାଇଛନ୍ତି ବୋଲି ମିଳିତ ବିରୋଧୀ ଦଳ ପ୍ରକାଶ କରିଛନ୍ତି। ବିଜେପି ଶାସନର ଜଙ୍ଗଲରାଜ ବିରୋଧରେ ମାନବିକ ଅଧିକାର ପାଇଁ ୧୭ ଜୁଲାଇ ରେ ଓଡ଼ିଶା ବନ୍ଦ ପାଳନ କରାଯିବ। ଆଜି ପୂର୍ବାହ୍ନ କଂଗ୍ରେସ ଭବନରେ ଅନୁଷ୍ଠିତ ମିଳିତ ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ପକ୍ଷରୁ ପିସିସି ସଭାପତି ଭକ୍ତ ଚରଣ ଦାସ, କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡାମ୍, ସିପିଆଇ ରାଜ୍ୟ ସମ୍ପାଦକ ଆଶିଷ କାନୁନଗୋ, ସିପିଆଇ (ଏମ୍) ରାଜ୍ୟ ସମ୍ପାଦକ ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ସିପିଆଇ(ଏମ୍‌ଏଲ)-ଲିବେରେସନ୍ ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ୍ ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ମହାପାତ୍ର, ଏନ୍‌ସିପି ରାଜ୍ୟ ସଭାପତି ବିକ୍ରମ ସ୍ୱାଇଁ, ଏସପି ରାଜ୍ୟ ସାଧାରଣ ସମ୍ପାଦକ ପ୍ରତାପ ବାରିକ, ଆର୍‌ଜେଡି ରାଜ୍ୟ ସାଧାରଣ ସମ୍ପାଦକ ହେମନ୍ତ କୁମାର ପ୍ରମୁଖ ରାଜ୍ୟ ନେତୃବୃନ୍ଦ ଉପସ୍ଥିତ ଥିଲେ।

# ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବିକଲା ବିଜେଡି

## କାର୍ଯ୍ୟରତ ବିଚାରପତିଙ୍କ ଦ୍ୱାରା ବିଚାର ବିଭାଗୀୟ ତଦନ୍ତ ହେଉ

ଭୁବନେଶ୍ୱର,୧୫।୭ (ସମିସ): ଫକୀର ମୋହନ ସ୍ୱୟଂଶାସିତ କଲେଜ ଛାତ୍ରୀ ଆତ୍ମାହୂତି ଘଟଣାରେ ପୀଡ଼ିତାଙ୍କ ମୃତ୍ୟୁ ଘଟଣାରେ ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛି ବିଜେଡି। ଏହା ସହ ଦଳ ପକ୍ଷରୁ ଘଟଣାର ବିଚାର ବିଭାଗୀୟ ତଦନ୍ତ ଦାବି କରିଛି।

ଶଙ୍ଖ ଭବନ ଠାରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ଉପସଭାପତି ସଞ୍ଜୟ କୁମାର ଦାସବର୍ମା, ଉପସଭାପତି ପ୍ରତାପ ଜେନା ଏଫଏମ କଲେଜ ଛାତ୍ରୀ ମୃତ୍ୟୁ ଘଟଣାରେ ସରକାରୀ ଉଦାସନୀତା ଏବଂ ବିଫଳତାକୁ ନେଇ ପ୍ରବଳ ବର୍ଷିଛନ୍ତି। ଶ୍ରୀ ମିଶ୍ର କହିଛନ୍ତି ଯେ ଏହି ଘଟଣା ସମଗ୍ର ରାଜ୍ୟବାସୀଙ୍କୁ ଆନ୍ଦୋଳିତ କରିଛି । ପୀଡିତା ଛାତ୍ରୀ ଦୀର୍ଘ ୬ ମାସ ଧରି ନ୍ୟାୟ ପାଇଁ ସଂଗ୍ରାମ କରି ବିଫଳ ହେବା ପରେ, ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଇତ୍ୟାଦିଙ୍କୁ ସାମାଜିକ ଗଣମାଧ୍ୟମ ଏକ୍ସରେ ଟ୍ୱିଟ୍ କରି ନ୍ୟାୟ ଭିକ୍ଷା କରିଥିଲା । ସମସ୍ତ କ୍ଷେତ୍ରରୁ ନ୍ୟାୟ ପାଇବାରେ ବିଫଳ ହେବା ପରେ, ଛାତ୍ରୀ ଜଣକ ଆତ୍ମାହୂତି ଭଳି ଚରମ ନିଷ୍ପତ୍ତି ନେଇଥିଲା । ସରକାରୀ ବ୍ୟବସ୍ଥାରେ ଥିବା ତ୍ରୁଟି ଓ ସରକାରଙ୍କ ଅପାରଗତାକୁ ବିରୋଧ କରି ଜୁଲାଇ ୧୬ ତାରିଖ (ବୁଧବାର) ବାଲେଶ୍ୱର ବନ୍ଦ ଡାକରା ଦିଆଯାଇଛି ଓ ଆଜିଠାରୁ ଆରମ୍ଭ ହୋଇଥିବା କଲେଜ ଷ୍ଟ୍ରାଇକ ଦାବି ପୂରଣ ହେବା ଯାଏଁ ଜାରି ରହିବ।

ସଞ୍ଜୟ କୁମାର ଦାସବର୍ମା କହିଛନ୍ତି ଯେ ଏହି ଘଟଣାରେ ଅଭିଯୁକ୍ତ ଅଧ୍ୟାପକ, କଲେଜ ଅଧ୍ୟକ୍ଷଙ୍କ ବ୍ୟତୀତ ମୃତ ଛାତ୍ରୀ ଯେଉଁ ଯେଉଁମାନଙ୍କ ନିକଟରେ ଅଭିଯୋଗ କରିଥିଲା ସେହି ବ୍ୟକ୍ତିମାନଙ୍କୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରିବା ଦରକାର। ଏହାଛଡା ଏହି ଘଟଣା ଘଟିବା ବେଳକୁ ଯେଉଁମାନେ ଭିଡିଓ କରୁଥିଲେ, ଯେଉଁମାନେ ତାକୁ ଉସକେଉଥିଲେ ଓ ଯେଉଁମାନେ କଲେଜ ଦ୍ୱାରା ଗଠିତ ହୋଇଥିବା ତଦନ୍ତ କମିଟିରେ ରହି ତଦନ୍ତକୁ ବାଟବଣା କରିଥିଲେ ସେମାନେ ମଧ୍ୟ ଏହି ଘଟଣାରେ ଦାୟୀ । ତେଣୁ ସେମାନେ ମଧ୍ୟ ତଦନ୍ତ ପରିସରଭୁକ୍ତ ହେବା ଦରକାର ବୋଲି ସେ କହିଛନ୍ତି।



ବରିଷ୍ଠ ନେତା ପ୍ରତାପ ଜେନା କହିଛନ୍ତି ଯେ ମୃତ ଛାତ୍ରୀ ନିଜର ଅଭିଯୋଗକୁ ସାଂସଦ, ବିଧାୟକ, ଉଚ୍ଚଶିକ୍ଷା ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଇତ୍ୟାଦିଙ୍କୁ ଜଣାଇଥିଲେ ମଧ୍ୟ କେହି ଅଭିଯୋଗ ଉପରେ କର୍ଣ୍ଣପାତ କରିନଥିଲେ । ଏହାଛଡ଼ା ସେ ଏସ୍‌ପିଙ୍କ ପାଖରେ ଲିଖିତ ଅଭିଯୋଗ କରିଥିଲେ; କିନ୍ତୁ ତାଙ୍କ ଅଭିଯୋଗକୁ ନ୍ୟାୟ ଦେବା ତ ଦୂରର କଥା, କେସ୍ ପଞ୍ଜିକୃତ କରାଗଲା ନାହିଁ। ଏହା ହୋଇଥିଲେ ଛାତ୍ରୀ ଜଣକ ହୁଏତ ଏଭଳି ଚରମ ପଦକ୍ଷେପ ନେବାରୁ ନିବୃତ ରହିଥାନ୍ତେ। ଏହାଦ୍ୱାରା ପୁଲିସ ପ୍ରଶାସନ ଓ ନ୍ୟାୟ ବ୍ୟବସ୍ଥା ଉପରେ ସାଧାରଣ ଲୋକଙ୍କ ଭରସା ଉଠିଯାଉଛି। କେବଳ ସରକାରୀ ଅଧିକାରୀ ମାନେ ନୁହେଁ ନିର୍ବାଚିତ ଜନପ୍ରତିନିଧିମାନେ ମଧ୍ୟ ଉତ୍ତରଦାୟୀ ହେବା ଉଚିତ। ତେଣୁ ଯେଉଁମାନେ ଛାତ୍ରୀଙ୍କ ଅଭିଯୋଗକୁ ଅଣଦେଖା କରିଛନ୍ତି ସେମାନେ ସମସ୍ତେ ଏହି ଛାତ୍ରୀର ମୃତ୍ୟୁ ପାଇଁ ଦାୟୀ । ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ ଏହି ଘଟଣାର ନୈତିକ ଦାୟିତ୍ୱ ନେଇ ନିଜ ପଦରୁ ଇସ୍ତଫା ଦେବା ଦରକାର। ଏହି ଘଟଣାର ତଦନ୍ତ ଏକ କାର୍ଯ୍ୟରତ ବିଚାରପତିଙ୍କ ଦ୍ୱାରା ବିଚାର ବିଭାଗୀୟ ତଦନ୍ତ ପାଇଁ ବିଜେଡି ଦାବି କରିଛି।

### ଛାତ୍ରୀ ମୃତ୍ୟୁକୁ ନେଇ ଜଳିଲା ଅସନ୍ତୋଷର ନିଆଁ

# ଛାତ୍ରଛାତ୍ରୀଙ୍କ ବିକ୍ଷୋଭ; ରାଜନେତାଙ୍କ ଶୋଭାଯାତ୍ରା














ଯାଜପୁର, ୧୫।୭ (ସମିସ)

ଛାତ୍ରୀ ମୃତ୍ୟୁ ଘଟଣା ପ୍ରତିବାଦରେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ଏନ୍‌ସି କଲେଜ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। କଲେଜର ଛାତ୍ରଛାତ୍ରୀ ୨୦ନଂ ଜାତୀୟ ରାଜପଥ ବ୍ଲକ ଛକ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ପ୍ରତିବାଦ କରିଥିଲେ। ଏପରିକି ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଓ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରିବା ସହ ତୁରନ୍ତ ଇସ୍ତଫା ଦେବାକୁ ସ୍ଲୋଗାନ ଦେଇଥିଲେ। ଯାଜପୁର ଥାନାଧିକାରୀ ଦାୟିତ୍ୱରେ ଥିବା ଡିଏସ୍‌ପି ଶରତ ଚନ୍ଦ୍ର ପାତ୍ରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପୁଲିସ ମୁତୟନ ହୋଇଥିଲେ। ଅପରାହ୍ନରେ ଯାଜପୁର ବିଜୁ ମହିଳା ଜନତା ଦଳ ରାସ୍ତାକୁ ଓହ୍ଲାଇ ପ୍ରତିବାଦ କରିଥିଲା। ମହମବତୀ ଶୋଭାଯାତ୍ରା କରି ମହିଳା ମାନେ ବିରଜା ମନ୍ଦିରର ନିକଟରେ ପ୍ରତିବାଦ କରିଥିଲେ। ବିଧାୟିକା ସୁଜାତା ସାହୁଙ୍କ ନେତୃତ୍ୱରେ ଶତାଧିକ ମହିଳା ଆନ୍ଦୋଳନରେ ସାମିଲ ହୋଇଥିଲେ।

**ଦଶରଥପୁର:** ବାଲେଶ୍ୱର ଫକୀର ମୋହନ କଲେଜର ବିଏଡ ବିଭାଗ ଅଧ୍ୟାପକଙ୍କ ମାନସିକ ନିର୍ଯାତନାର ଶିକାର ହୋଇଥିବା ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁ ଘଟଣାକୁ ସବୁ ମହଲରେ ନିନ୍ଦା କରାଯାଉଛି। ଉକ୍ତ ଘଟଣାକୁ ନେଇ ଦଶରଥପୁର ବ୍ଲକ ଛାତ୍ର ବିଜେଡି ପକ୍ଷରୁ ବ୍ଲକ ଅଧୀନ ସାଧୁ ଗୌରେଶ୍ୱର, ଚିତ୍ତାଳ ଏବଂ ରାମବାଗ ମହାବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କନିକାପଡ଼ା ସ୍ଥିତ ସାଧୁ ଗୌରେଶ୍ୱର ଡିଗ୍ରୀ ମହାବିଦ୍ୟାଳୟର ସମ୍ମୁଖରେ ଛାତ୍ର ତପନ ରାଉତଙ୍କ ସଞ୍ଚାଳନରେ ଅଶ୍ୱଜିତ ପାତ୍ର, ନରୋତ୍ତମ ଦାସ, ପ୍ରିୟାଂଶୁ ବାରିକ, ପ୍ରଦୀପ୍ତ ସାହୁ, ମୋନାଲିସା ପୃଷ୍ଟି, ବିଶ୍ୱବନ୍ଦିତା ଦାସ, ମେନକା ମଲ୍ଲିକ, ପ୍ରିୟଙ୍କା ଦଳେଇ, ସୁମନ ନାୟକ, ଚିନ୍ମୟ ମହନ୍ତଙ୍କ ସମେତ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ବଉଳାଙ୍ଗ ବଜାରରୁ ଏକ ଶୋଭାଯାତ୍ରାରେ ବାହାରିଥିଲେ। ସରକାର ବିରୋଧୀ ନାରାବାଜି କରି ମହାବିଦ୍ୟାଳୟ ଫାଟକ ସମ୍ମୁଖ ରାସ୍ତାରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏବଂ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ କୁଶପୁତ୍ତଳିକା ଦାହ କରି ବିକ୍ଷୋଭ ପ୍ରଦର୍ଶନ କରିବା ସହ ଘଟଣା ଦାୟୀ କଲେଜ ଅଧକ୍ଷ ଓ ଅଧ୍ୟାପକଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ ଦଣ୍ଡ ବିଧାନ ଦାବି କରିଥିଲେ। ଚିତ୍ତାଳ ମହାବିଦ୍ୟାଳୟ ଫାଟକ ସମ୍ମୁଖରେ ମହାବିଦ୍ୟାଳୟର ପ୍ରାକ୍ତନ ଛାତ୍ରୀ ତଥା ସ୍ଥାନୀୟ ସରପଞ୍ଚ ବିଜୟଲକ୍ଷ୍ମୀ ଶତପଥୀଙ୍କ ନେତୃତ୍ୱରେ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀଙ୍କ ସମେତ ବରିଷ୍ଠ ସମାଜସେବୀ ସୀତାକାନ୍ତ ଶତପଥୀ, ସରପଞ୍ଚ କୁଞ୍ଜବିହାରୀ ଦାସ, ଲକ୍ଷ୍ମୀନାରାୟଣ ସୁନ୍ଦରାୟ, ବିଶ୍ୱଜିତ ରାୟ, ଅଶୋକ ନାୟକ, ରାଜକିଶୋର ମିଶ୍ର, ଲିଙ୍ଗରାଜ ରାଉତ, ଶଶିକାନ୍ତ ରାଉତ, ସିଦ୍ଧାର୍ଥ ରାଉତରାୟ, ବିଶ୍ୱଜିତ ବିଶ୍ୱାଳ ପ୍ରମୁଖ ମହାବିଦ୍ୟାଳୟ ଫାଟକ ସମ୍ମୁଖ ରାସ୍ତାରେ ଟାୟାର ଜାଳି ବିକ୍ଷୋଭ ପ୍ରଦର୍ଶନ ଓ ପ୍ରତିବାଦ ଜଣାଇଥିଲେ। ରାମବାଗ ସ୍ଥିତ ରିଜିଓନାଲ ମହାବିଦ୍ୟାଳୟ ଫାଟକ ସମ୍ମୁଖରେ ଛାତ୍ର ବିଜେଡି କାର୍ଯ୍ୟକର୍ତ୍ତା ଓ ସମର୍ଥକ ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟ ଉଚ୍ଚଶିକ୍ଷାମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଜାଳି ପ୍ରତିବାଦ ଜଣାଇଥିଲେ।

**ମଙ୍ଗଳପୁର:** କନିକାପଡ଼ା ପଞ୍ଚାୟତ ସାଧୁ ଗୌରେଶ୍ୱର କଲେଜ ଗେଟ ସମ୍ମୁଖରେ ଯୁବ ଛାତ୍ର ବିଜେଡି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଛାତ୍ରଛାତ୍ରୀ ଓ ଯୁବ ବିଜେଡିର କର୍ମୀମାନେ କଲେଜ ଫାଟକ ନିକଟରୁ ବାହାରି ଯାଜପୁର-କୟାଁଗୋଲା ରାଜପଥର ବୌଳାଙ୍ଗ କଲେଜ ଛକରେ ପ୍ରତିବାଦ କରିଥିଲେ। ଯାହା ଫଳରେ ମୁଖ୍ୟ ରାଜପଥରେ କିଛି ସମୟ ଧରି ଗାଡି ମଟର ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା। ମଙ୍ଗଳପୁର ପୁଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ଦଶରଥପୁର ବ୍ଲକ ଅଧକ୍ଷ ଦିଗମ୍ବର ମଲିକ, ୬ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟା ମାମିନା ମଲ୍ଲିକ, କନିକାପଡ଼ା ପଞ୍ଚାୟତର ଯୁବ ନେତା ଇଂ. ତିମିରକାନ୍ତ ସେନାପତି, କନିକାପଡ଼ା ପଞ୍ଚାୟତର ସରପଞ୍ଚ ପ୍ରଦୀପ ଯେନା, ମଙ୍ଗଳପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଶିଶିର ଧଳ, ଯୁବନେତା ଦୀପକ ବାରିକ, ବିଜେଡି ଡିଜିଟାଲ ସମ୍ପାଦକ ସୁମନ ନାୟକ, କନିକାପଡ଼ା ପଞ୍ଚାୟତର ପ୍ରାକ୍ତନ ସମିତିସଭ୍ୟ ରାକେଶ କୁମାର ସାହୁଙ୍କ ସମେତ ସାଧୁ ଗୌରେଶ୍ୱର ମହାବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

**ଯାଜପୁର:** ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟଶ୍ରୀଙ୍କ ମୃତ୍ୟୁର ଉଚ୍ଚସ୍ତରୀୟ ତଦନ୍ତ କରିବା, ମୃତକଙ୍କ ପରିବାରକୁ ଏକ କୋଟି ଟଙ୍କା ପ୍ରଦାନ କରିବା, ଅଶ୍ଳୀଳତା ଓ ମଦ ମାଦକ ଦ୍ରବ୍ୟର ପ୍ରଚାର ପ୍ରସାର ବନ୍ଦ କରିବା ପ୍ରଭୃତି ଦାବିରେ ଏସ୍‌ୟୁସିଆଇ (ସି) ପକ୍ଷରୁ ଯାଜପୁର ଠାରେ ଏକ ଶୋକ ଦିବସ ପାଳିତ ହୋଇଯାଇଛି। ଦଳର କର୍ମୀ ଓ ସମର୍ଥକମାନେ ଏକ ପଟୁଆରରେ ବାହାରି ସହର ପରିକ୍ରମା କରି ମେଡିକାଲ ଛକ ଠାରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ରାଧାବଲ୍ଲଭ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଏସ୍‌ୟୁସିଆଇ (ସି) ଜିଲ୍ଲା ସମ୍ପାଦକ ତଥା ରାଜ୍ୟ କମିଟି ସଭ୍ୟ ସୁରେନ୍ଦ୍ର ମଲ୍ଲିକ, ରାଜ୍ୟ କମିଟି ସଭ୍ୟ ସୁବାସ ମଲ୍ଲିକ, ଜିଲ୍ଲା କମିଟି ସଭ୍ୟ ସୁଲୋଚନା ପ୍ରଧାନ, ଆଇନଜୀବୀ ସଂଘମିତ୍ରା ପଟ୍ଟନାୟକ, ପଲ୍ଲୀ ମଲ୍ଲିକ ପ୍ରଭୃତି ଏଥିରେ ସାମିଲ ହୋଇଥିଲେ। ଏଥିରେ ରାଜ୍ୟ କମିଟି ସଭ୍ୟ ନୃସିଂହ ପଣ୍ଡା, ଜିଲ୍ଲା କମିଟି ସଭ୍ୟ ଅଜୟ ସାହୁ, ଅଭିମନ୍ୟୁ ମଲ୍ଲିକ, ଚୈତନ୍ୟ ମହାରଣା, ଶାନ୍ତିଲତା ପଣ୍ଡା, ବିରକିଶୋର ନାୟକ, ସଂଗଠକ ବିଶ୍ୱନାଥ ସାହୁ, ମଧୁସୂଦନ ସେଠୀ, ପ୍ରଫୁଲ୍ଲ ବେହେରା, ବିନୋଦ ସାହୁ, ନିଗମାନନ୍ଦ ଦାସ, ବନଲତା ବାରିକ, ବିଷ୍ଣୁ ବେହେରା, ପ୍ରମୋଦ ମଲ୍ଲିକ, ଲବଙ୍ଗଲତା ଯେନା, ମମତା ସେଠୀ, ମାଧବୀ ମଲ୍ଲିକ, କୃଷ୍ଣ ମଲ୍ଲିକ, ଅଶୋକ ସାହୁ, ମମତା ସେଠୀ ପ୍ରଭୃତି ଯୋଗଦେଇଥିଲେ। ଏଆଇଏମ୍‌ଏସ୍‌ଏସ୍ ଏବଂ ଏଆଇଡିଏସ୍‌ଓ ସଂଗଠନ ମଧ୍ୟ ସାମିଲ ହୋଇଥିଲେ।

**ବଡଚଣା:** ଛାତ୍ରୀ ମୃତ୍ୟୁ ପ୍ରତିବାଦରେ ବଡ଼ଚଣା ବିଜେଡି ପକ୍ଷରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଓ ପ୍ରତିବାଦ ସଭା ଚଣ୍ଡିଖୋଲଠାରେ ସଭାପତି ତାପସ ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିବାଦ ସଭାରେ ବିଜେଡି ନେତା କ୍ୟାପଟେନ ରାଜନାରାୟଣ ମହାପାତ୍ର, ଜିଲ୍ଲା ପରିଷଦ ଉପାଦକ୍ଷ ଗଣେଶ୍ୱର ବରାଳ, ନିରଞ୍ଜନ ବିଶ୍ୱାଳ, ଧନେଶ୍ୱର ବେହେରା, ଜୟନ୍ତୀ ସ୍ୱାଇଁ, ଅମର ମହାନ୍ତି, ପ୍ରଦୀପ୍ତ ମହାନ୍ତି, ପ୍ରିୟବ୍ରତ ଖିଲାର, ବିବେକ ରଞ୍ଜନ ସୁବୁଦ୍ଧି, ଧୂଳେଶ୍ୱର ଦାସ, ନାରାୟଣ ମଲିକ, ଅନନ୍ତ ଜେନା, ସଞ୍ଜୀବ ସାମଲ, ଉମେଶ ଜେନା, ପ୍ରଭାକର ସାମଲ, ଜଗନ୍ନାଥ ମୁଦୁଲି, ଗଣେଶ୍ୱର ସାମଲ, ବୈକୁଣ୍ଠ ବରାଳ, ପ୍ରଶାନ୍ତ ବଳ, ସତ୍ୟପ୍ରକାଶ ଦାସ, ଦମୟନ୍ତୀ ସାମଲ, ରମେଶ ପୃଷ୍ଟି, ଆଶିଷ ରଞ୍ଜନ ଚୌଧୁରୀ, ମିହିର ଖୁଣ୍ଟିଆ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ପରେ ମୁଖ୍ୟମନ୍ତ୍ରୀ ଓ ଉଚ୍ଚ ଶିକ୍ଷମନ୍ତ୍ରୀ କୁଶପୁତ୍ତଳିକା ଦାହ କରିଥିଲେ।

**କୁଆଖିଆ:** ରସୁଲପୁର ବ୍ଲକ ଯୁବ ଓ ଛାତ୍ର ବିଜେଡି ପକ୍ଷରୁ ଉପେନ୍ଦ୍ରନାଥ ଶାରଦା ମହାବିଦ୍ୟାଳୟ, ମୁଗୁପାଳ ଓ ମଧୁବନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସମ୍ପୃକ୍ତ ଅଧ୍ୟାପକ ଓ ଅଧ୍ୟକ୍ଷଙ୍କୁ ଦୃଷ୍ଟାନ୍ତ ମୂଳକ ଶାସ୍ତି ପ୍ରଦାନ କରିବାକୁ ମଧ ଛାତ୍ର ବିଜେଡି ପକ୍ଷରୁ ଦାବି କରାଯାଇଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ




ଇସ୍ତଫା ଦାବୀ କରିବା ସହ ସେମାନଙ୍କ କୁଶ ପୁଳିକା ଦାହ କରିଥିଲେ। ବ୍ଲକ ଛାତ୍ର ବିଜେଡି ସଭାପତି ଚନ୍ଦ୍ର ଶେଖର ସାମଲଙ୍କ ନେତୃତ୍ୱରେ ବ୍ଲକ ବିରେଡି ସଭାପତି ବିଜୟ ଘଡେଇ, ଯୁବ ନେତା ପ୍ରଶାନ୍ତ କୁମାର ପଣ୍ଡା, ନରସିଂହପୁର ସରପଞ୍ଚ ପ୍ରଶାନ୍ତ ଦାସ, ବାହାଦଲାପୁର ସରପଞ୍ଚ ମହେନ୍ଦ୍ର ଦାସଙ୍କ ସମେତ ବହୁ ସଂଖ୍ୟାରେ ଯୁବ ଓ ଛାତ୍ର ବିଜେଡିର କାର୍ଯ୍ୟକର୍ତା ମାନେ ବିକ୍ଷୋଭରେ ସାମିଲ ହୋଇଥିଲେ।

**କୋରେଇ:** ବିଜୁ ଜନତା ଦଳ ପକ୍ଷରୁ ବ୍ଲକ ସଭାପତି ସୌଭାଗ୍ୟ କୁମାର ମହାନ୍ତିଙ୍କ ନେତୃତ୍ୱରେ ବରୁଣ୍ଡାଇ ବଜାରରେ ଏକ ଶୋଭାଯାତ୍ରା କରାଯାଇ ମୁଖ୍ୟମନ୍ତ୍ରୀ ଓ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା। ପ୍ରଶାନ୍ତ ମହାପାତ୍ର, ସୁରେଖା ସେଠୀ, ଗୋଲକ ଚନ୍ଦ୍ର ମାଝୀ, ମଧୁସୂଦନ ନନ୍ଦୀ, ଅଜୟ ମହାକୁଡ, କାର୍ତିକେଶ୍ୱର ଖଣ୍ଡାଇ, ଗିରିଜା ପତି, ଶିଶିକାନ୍ତ ସ୍ୱାଇଁ, ରମେଶ ସେନାପତି, ମନୋଜ ଲେଙ୍କା, ରଞ୍ଜନ ମହାନ୍ତି, ଦେବକାନ୍ତ ଜେନାଙ୍କ ସମେତ ଶତାଧିକ କର୍ମୀ ଯୋଗଦେଇଥିଲେ।

**ବ୍ୟାସନଗର:** ବ୍ୟାସନଗର ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମୁଖରେ ଛାତ୍ର ନେତା ରୋମ୍ୟରଞ୍ଜନ ପୁହାଣ ଏବଂ ନେତ୍ରୀ ତପସ୍ୱିନୀ ଶତପଥୀଙ୍କ ନେତତ୍ୱରେ ଶତାଧିକ ଛାତ୍ରଛାତ୍ରୀ ବିକ୍ଷୋଭ କରିଛନ୍ତି। ସେହିପରି କୋରେଇ ନିର୍ବାଚନମଣ୍ଡଳୀ ବ୍ୟାସନଗର ବିଜୁ ଯୁବ ଏବଂ ଛାତ୍ର ଜନତା ଦଳ ତରଫରୁ ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କରାଯାଇଥିଲା। ସହରର ଚୋରଦା ଛକରୁ ଏକ ଶୋଭାଯାତ୍ରା ବାହାରି ନହକା ବିଜୁ ପଟ୍ଟନାୟକ ଗୋଲେଇ ଛକରେ ପହଞ୍ଚି ନିରବ ପ୍ରାର୍ଥନା କରିଥିଲେ। ଏହି ଶୋଭାଯାତ୍ରାରେ ବ୍ୟାସନଗର ନଗରପାଳ ସୁବାସ ଚନ୍ଦ୍ର ବଳ, କାଉନସିଲର ବିଜୟ ଜେନା, ବିକାଶ ଆଏଚ, ମନୋଜ ପରିଡ଼ାଙ୍କ ସମେତ ଶତାଧିକ କର୍ମୀ ସାମିଲ ହୋଇଥିଲେ। ସେହିପରି ବ୍ୟାସନଗର ଏବଂ କୋରେଇ କଂଗ୍ରେସ ତରଫରୁ ପୂର୍ବତନ ପୌରାଧ୍ୟକ୍ଷା ବନ୍ଦିତା ପରିଡ଼ାଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ କ୍ୟାଣ୍ଡେଲ ଧରି ସହର ପରିକ୍ରମା କରିଥିଲେ। ଏହି ଶୋଭାଯାତ୍ରାରେ ବ୍ୟାସନଗର ସଭାପତି ଦିଲ୍ଲୀପ ମଲ୍ଲିକ, କୋରେଇ ସଭାପତି ଅକ୍ଷୟ ଜେନା, ଯୁବନେତା ଅନୁପ ନାୟକଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ସାମିଲ ହୋଇ ମୃତା ସୌମ୍ୟାଶ୍ରୀର ଅମର ଆତ୍ମାର ସଦ୍‌ଗିତି କାମନା କରିଥିଲେ।

# କଂଗ୍ରେସ ପକ୍ଷରୁ ମହମବତି ଶୋଭାଯାତ୍ରା










ଯାଜପୁର, ୧୫।୭ (ସମିସ)

ଛାତ୍ରୀ ମୃତ୍ୟୁ ଘଟଣାକୁ କଂଗ୍ରେସ ଦୃଢ଼ ନିନ୍ଦା କରିଛି। ଜିଲ୍ଲା ସଭାପତି ମନୋଜ ରାଉତଙ୍କ ନେତୃତ୍ୱରେ ଆଜି ସନ୍ଧ୍ୟା ୬ ଘଟିକା ସମୟରେ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଠାରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ଗାନ୍ଧୀ ଛକ ଠାରେ ଶେଷ ହୋଇଥିଲା। ପରେ ଏଠାରେ ଏକ ପ୍ରତିବାଦ ସଭା କରି ଘଟଣାର ଉଚିତ ତଦନ୍ତ କରାଯିବା ସହ ଶିକ୍ଷାମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରାଯାଇଥିଲା। ସୌମଶ୍ରୀଙ୍କ ଆତ୍ମାର ସଦଗତ ପାଇଁ ମା' ବିରଜାଙ୍କ ପାଖରେ ସମସ୍ତକର୍ମୀ ପ୍ରାର୍ଥନା କରିଥିଲେ। ଏହି କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ସଭାପତି ବିଷ୍ଣୁ ଚରଣ ରାଉତ, ଦିଗମ୍ବର କର, ବରିଷ୍ଠ ନେତା ସନ୍ତୋଷ ନନ୍ଦ, ପିସିସି ମୁଖପାତ୍ର ପଦ୍ମାକର ଗୁରୁ, ନାରାୟଣ ଚନ୍ଦ୍ର ସାମନ୍ତ, ଦୁର୍ଯ୍ୟୋଧନ ବେହେରା, ଗଦାଧର ଦାସ, ଭାସ୍କର ମହାନ୍ତି, ମାନସ କର, ପ୍ରତିମା କର, ଆରତୀ ଦେଓ, କନକଲତା ମଲ୍ଲିକ, କନକ ରାଉତ, ଦିଲିପ ଦାସ, ଆଲୋକ ବେହେରା, ବିଳାସ ରାଉତ, ସଂଗ୍ରାମ ଜେନା, ନକୁଳ ଦେବ ସାହୁ, ଅମୂଲ୍ୟ ବିଶ୍ୱାଳ, ଅନୀଲ ମହାନ୍ତି, ଗୋବିନ୍ଦ ସାହୁ, ଅକ୍ଷୟ ଶତପଥୀ, କାଲୁଆ ରାଉତ, ଅବଦୁଲ ରୋପ, ଅବଦୁଲ ସଲିମ୍, ବିଜୟ ମହାପାତ୍ର, କୁମାର ଆଶୁତୋଷ, ଅନୁପ ମଲ୍ଲିକ, ଯଯାତି ନାୟକ, ସନ୍ତୋଷ ସାହୁ, ଅନନ୍ତ ନାୟକ, ସୂର୍ଯ୍ୟମଣୀ ଖିଲାର ପ୍ରଭୃତି କ୍ୟାଣ୍ଡେଲ ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ।

**ଧର୍ମଶାଳା:** ଧର୍ମଶାଳା ବ୍ଲକ ଜାରକାସ୍ଥିତ ଗୋପବନ୍ଧୁ ଛକ ଠାରେ ମୃତ କଲେଜ ଛତ୍ରୀ ସୌମ୍ୟାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଆଜି ସନ୍ଧ୍ୟାରେ କଂଗ୍ରେସ ପକ୍ଷରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଛି। ଧର୍ମଶାଳା ବ୍ଲକ ପ୍ରାକ୍ତନ ଅଧ୍ୟକ୍ଷ କିଷାନ ପଣ୍ଡାଙ୍କ ନେତୃତ୍ୱରେ ଅନୁଷ୍ଠିତ କ୍ୟାଣ୍ଡେଲ ଶୋଭାଯାତ୍ରାରେ ବରିଷ୍ଠ କଂଗ୍ରେସ ନେତା ବସନ୍ତ ପରିଡ଼ା, ପୂର୍ଣ୍ଣଚନ୍ଦ୍ର ତରେଇ, ପ୍ରଫୁଲ୍ଲ କୁମାର ରାୟ, ନରୋତ୍ତମ ନାୟକ, ସଞ୍ଜୟ କୁମାର ରାଉତ, ଦୀପକ ବଳ, ଗଗନ ରାଉତ, କାର୍ତ୍ତିକ ସାହୁ, ଦେବାଶିଷ ପରିଡ଼ା, ଉଗ୍ରସେନ ମହାନ୍ତି, ସେକ ଏକବାଲ, ଆୟୁବ ଖାଁ ପ୍ରମୁଖ ଯୋଗଦେଇଥିଲେ। ଏଭଳି ସମ୍ବେଦନଶିଳ ଘଟଣାରେ ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତକୁ କଠୋର ଦଣ୍ଡ ଦେବା ସହିତ ସୌମ୍ୟାଙ୍କ ପରିବାରକୁ ନ୍ୟାୟ ଦେବା ପାଇଁ ଦାବି କରିଥିଲେ। ଏହି ଅବସରରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା କରି ଜାରକା ବଜାର ପରିକ୍ରମା କରି ଥିଲେ।

**ବାଲିଚନ୍ଦ୍ରପୁର:** ଛାତ୍ରୀ ମୃତ୍ୟୁ ଅଘଟଣ ପ୍ରତିବାଦରେ ଆସନ୍ତା ୧୭ ତାରିଖ ଓଡ଼ିଶା ପ୍ରଦେଶ କଂଗ୍ରେସ ବନ୍ଦ ଡ଼ାକରା ଦେଇଛି। ଏହି ବନ୍ଦକୁ ସଫଳ କରିବା ନିମନ୍ତେ ଏବଂ ସ୍ୱର୍ଗତା ବିଶିଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ପାଇଁ କଂଗ୍ରେସ ବଡ଼ଚଣା ତରଫରୁ ଅଜୟ କୁମାର ସାମଲଙ୍କ ନେତୃତ୍ୱରେ ଏକ ମହମବତି ଶୋଭାଯାତ୍ରା ବାଲିଚନ୍ଦ୍ରପୁର ବଜାରରେ ବିଭିନ୍ନ ସ୍ଲୋଗାନ ସହିତ ପରିକ୍ରମା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ସରପଞ୍ଚ ବିଳାସ ଚନ୍ଦ୍ର ବାରିକ, ସେକ୍ ରିଆସତ ଅଲ୍ଲି, ବିଶ୍ୱ ପ୍ରକାଶ ସାମଲ, ଚର୍ଚ୍ଚିତ ମାହାଲା, ଖଗେଶ୍ୱର ବେହେରା, ରବୀନ୍ଦ୍ର କୁମାର ରାଉତରାୟ, ଚାନ୍ଦ ଖାଁ, ଆଶିଶ ଧଳ, ଅୟାସୁଦ୍ଦିନ୍ ଖାଁ, ସଞ୍ଜୟ କର, ସନ୍ତୋଷ ପରିଡ଼ା, ଜୟ ପ୍ରକାଶ ବିଶ୍ୱାଳ, ସୁଧିର ଦାସ, ଅଶୋକ କୁମାର ରାଉତ, ଅଶୋକ କୁମାର ବେହେରା, ଅଜୟ ଜେନା, ସେକ୍ ଇକ୍‌ବାଲ ହୁସେନ୍ ଓ ଧର୍ମାନନ୍ଦ ବଳଙ୍କ ସମେତ ଶତାଧିକ କର୍ମୀ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

**ପାଣିକୋଇଲି:** ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ପାଇଁ ସମବେଦନା ଓ ତାଙ୍କ ଆତ୍ମାର ସଦ୍‌ଗତି ପାଇଁ କୋରେଇ କଂଗ୍ରେସ ତରଫରୁ ବିନମ୍ର ଅଶ୍ରୁଳ ଶ୍ରଦ୍ଧାଂଜଳୀ ସହ ପାଣିକୋଇଲି ଓଚିନ୍ଦାରୋଡ ଠାରୁ ବଜାର ପରିକ୍ରମା କରି ମା' ତାରିଣୀ ମନ୍ଦିର ପର୍ଯ୍ୟନ୍ତ କ୍ୟାଣ୍ଡେଲ ଶୋଭାଯାତ୍ରା ଓ ପଥପ୍ରାନ୍ତ ସଭା ଆଜି ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୧୭ ତାରିଖ ଏନେଇ କଂଗ୍ରେସ ଓଡ଼ିଶା ବନ୍ଦ ଡାକରା ଦେଇଛି। ଏହାକୁ ସମର୍ଥନ କରି ଓଡ଼ିଶା ବନ୍ଦକୁ ସଫଳ କରିବା ପାଇଁ କଂଗ୍ରେସ ନିବେଦନ କରିଛି। ରାଜ୍ୟ କଂଗ୍ରେସ ଡାକରାରେ ଆଜି କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଥିଲା। ପାଣିକୋଇଲି ବଜାରରେ ରାଜ୍ୟ କଂଗ୍ରେସ ମିଡିଆ ପ୍ୟାନେଲିଷ୍ଟ ରାକେଶ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପଥପ୍ରାନ୍ତ ସଭାରେ ବରିଷ୍ଠ କଂଗ୍ରେସ ନେତା ହରେକୃଷ୍ଣ ସାହୁ, ବିଦ୍ୟାଧର ମହାନ୍ତି, ବାବୁଲାଲ ଗୁରୁ, ମଧୁସୂଦନ ସାହୁ, ବିଜୟ କୁମାର ବୋଇତାଇ, ବଟକୃଷ୍ଣ ମହାପାତ୍ର, ନାରାୟଣ ବେହେରା, ସପିଆଇନେତା ଆଲୋକ ମହାନ୍ତି, ସିପିଏମ ନେତା ପ୍ରଫୁଲ୍ଲ ନାୟକ ପ୍ରମୁଖ ଭାରତ ବନ୍ଦକୁ ସଫଳ କରିବାକୁ ଆହ୍ୱାନ ଦେଇଥିଲେ।

## କଂଗ୍ରେସ ଓ ମିଳିତ ବିରୋଧୀଙ୍କ ବନ୍ଦ ୧୭ରେ

**ଯାଜପୁର:** ବାଲେଶ୍ୱର ଜିଲ୍ଲାର ଫକୀର ମୋହନ ବିଶ୍ୱବିଦ୍ୟାଳୟର ଛାତ୍ରୀ ମୃତ୍ୟୁ ଘଟଣାରେ ପୁରା ଓଡ଼ିଶା ସ୍ତମ୍ଭିଭୂତ ହୋଇଛି। ଗୁରଙ୍କ ନିର୍ଯାତନା ସହି ନପାରି ଆତ୍ମହତ୍ୟା କରିଥିବା ଏହି ଯୁବତୀ ନ୍ୟାୟ ନପାଇ ମୃତ୍ୟୁକୁ ଶେଷ ରାସ୍ତା ବାଛି ନେଇଥିଲା। ଏହି ଘଟଣାକୁ ନେଇ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶ କ୍ରମେ ମିଳିତ ବିରୋଧୀ ଦଳର ସମର୍ଥନରେ ସମଗ୍ର ଓଡ଼ିଶାର ପ୍ରତି ଜିଲ୍ଲାରେ ଆସନ୍ତା ୧୭ ତାରିଖ ସକାଳ ୬ ଘଟିକାରୁ ସନ୍ଧ୍ୟା ୬ ଘଟିକା ପର୍ଯ୍ୟନ୍ତ ବନ୍ଦ ଡାକରା ଦିଆଯାଇଛି। ଏହି ଅବସରରେ ସ୍ୱର୍ଗତ ଛାତ୍ରୀଙ୍କର ଆତ୍ମାର ସଦ୍‌ଗତି କାମନା କରି ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବା ସହ ଭବିଷ୍ୟତରେ ଯେପରି ମହିଳାଙ୍କ ପ୍ରତି ଅମାନୁଷିକ କାଣ୍ଡ କରି ନ ପାରନ୍ତି ଏହାର ଦୃଢ଼ ସଙ୍କଳ୍ପ ନିଆଯିବ। ଏଥିସହ ଦାବି ମୁତାବକ ଘଟଣାର ନ୍ୟାୟିକ ତଦନ୍ତ ନ ହେବା ପର୍ଯ୍ୟନ୍ତ ସରକାରଙ୍କ ବିରୁଦ୍ଧରେ ଆନ୍ଦୋଳନ ଜାରି ରଖିବାକୁ ଶପଥ ନିଆଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହି ପରିପ୍ରେକ୍ଷୀରେ ଯାଜପୁର ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ବନ୍ଦକୁ ସଫଳ କରିବା ପାଇଁ ସ୍କୁଲ, କଲେଜ, ଦୋକାନ, ବଜାର ବନ୍ଦ ରଖିବା ସହ ଆଇନଜୀବୀ, ଟ୍ରକ୍, ବସ୍ ଓ ଟ୍ୟାକ୍ସି ଆସୋସିଏସନମାନଙ୍କର ସଭାପତି, ସମ୍ପାଦକ, ବଣିକ ସଂଘ, ରିକ୍ସା ଆସୋସିଏସନ୍ ଏବଂ ସମସ୍ତ ଜନସାଧାରଣଙ୍କୁ ଏହି ସମ୍ବେଦନଶୀଳ ଘଟଣାରେ ସମସ୍ତ ଜନସାଧାରଣ ସହଯୋଗର ହାତ ବଢ଼ାଇବାକୁ ଜିଲ୍ଲା କଂଗ୍ରେସ ପକ୍ଷରୁ ନିବେଦନ କରାଯାଇଛି।

## ବିକ୍ଷୋଭ ଆଶଙ୍କାରେ କଲେଜରେ ପୁଲିସ

**କବାଟବନ୍ଧ:** ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟ ଛାତ୍ରୀ ଆତ୍ମାହୁତି ଘଟଣାରେ ସାରା ରାଜ୍ୟ



ହୁଲସ୍ଥୁଲ ହେଉଥିବା ବେଳେ ବିଭିନ୍ନ କଲେଜ ଆଗରେ ବିଜେଡି ପକ୍ଷରୁ ଜୋରଦାର ବିକ୍ଷୋଭ ଓ ପ୍ରତିବାଦ କରାଯାଇଛି। ମୃତ ଛାତ୍ରୀଙ୍କୁ ନ୍ୟାୟ ଓ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ଗିରଫ ଦାବିରେ ବିଜୁ ଛାତ୍ର ଜନତା ଦଳ ପ୍ରତିବାଦ କରୁଛି। ଏହି ପରିପ୍ରେକ୍ଷୀରେ ଧର୍ମଶାଳା ବ୍ଲକ ଜେନାପୁର ଥାନା ଅଞ୍ଚଳରେ ରହିଥିବା ବିଭିନ୍ନ କଲେଜ ସାମ୍ନାରେ ଜେନାପୁର ପୁଲିସ ପକ୍ଷରୁ ଫୋର୍ସ ମୁତୟନ କରାଯାଇଥିବା ଦେଖିବାକୁ ମିଳିଥିଲା। ଯାଜପୁର ଜିଲ୍ଲାର ବିଭିନ୍ନ ବ୍ଲକରେ ଥିବା କଲେଜରେ ଜୋରଦାର ପ୍ରତିବାଦ କରାଯାଇଥିଲା। ଏହାକୁ ଆଶଙ୍କା କରି ଜେନାପୁର ପୁଲିସ ପକ୍ଷରୁ ମୁକୁନ୍ଦପାତ୍ର ଉଚ୍ଚ ମାଧମିକ ବିଦ୍ୟାଳୟ, ମୁକୁନ୍ଦପାତ୍ର ଡିଗ୍ରୀ ମହାବିଦ୍ୟାଳୟ, ଜଗନ୍ନାଥଜିଉ ମହାବିଦ୍ୟାଳୟ, ଜେନାପୁର କଲେଜ ଆଦି ସ୍ଥାନରେ ମଙ୍ଗଳବାର ସକାଳୁ ବ୍ୟାପକ ପୁଲିସ ମୁତୟନ କରାଯାଇଥିଲା।

## କଲେଜରୁ ଫେରୁଥିବା ବେଳେ ଛାତ୍ରୀ ଅସୁସ୍ଥ

**ପାଣିକୋଇଲି, ୧୫।୭(ସମିସ):** ପାଣିକୋଇଲି ସ୍ଥିତ ମା' ତାରିଣୀ ମହାବିଦ୍ୟାଳୟରେଯୁକ୍ତ୩ରଦ୍ୱିତୀୟବର୍ଷର ଅଧ୍ୟୟନରତ ଛାତ୍ରୀ ଆଜି ମହାବିଦ୍ୟାଳୟରୁ କ୍ଲାସ ସାରି ଘରକୁ ଫେରୁଥିବା ସମୟରେ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ଉଦ୍ଧାର କରି ନିକଟସ୍ଥ ଘରୋଇ ଚିକିତ୍ସାଳୟରେ ଚିକିତ୍ସା କରାଯାଇଛି। ପ୍ରକାଶଯେ ଗୋଳେଇପୁର ପଞ୍ଚାୟତ ହାଟସାହି ଗ୍ରାମର ନିର୍ମଳ ମଲିକଙ୍କ ସ୍ତ୍ରୀ ବିଦ୍ୟୁସ୍ମିତା ମଲିକ (୨୪) ପାଣିକୋଇଲି ମା' ତାରିଣୀ ମହାବିଦ୍ୟାଳୟରେ ଯୁକ୍ତ ୩ ଦ୍ୱିତୀୟ ବର୍ଷର ଛାତ୍ରୀ ଅଟନ୍ତି। ଆଜି କ୍ଲାସ ସାରି ସାଇକଲ ଯୋଗେ ଘରକୁ ଫେରୁଥିବା ବେଳେ ମହିନ୍ଦ୍ରା ସୋ'ରୁମ ନିକଟରେ ଅସୁସ୍ଥ ଅନୁଭବ କରି ସାଇକଲରୁ ପଡ଼ିଯାଇଥିଲେ। ତାଙ୍କ ସଙ୍ଗରେ ଥିବା ସହଯୋଗୀ ଛାତ୍ରୀ ତାଙ୍କୁ ଉଠାଇଥିଲେ। ଖବରପାଇ 'ଆମେ ଆପଣଙ୍କ ପାଇଁ ହେଲପିଙ୍ଗ' ଗ୍ରୁପର ସଦସ୍ୟମାନେ ପହଞ୍ଚି ତାଙ୍କୁ ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରି ଚିକିତ୍ସା କରାଇଥିଲେ।

## ନଗଡ଼ାରେ ମନରେଗା ବାଟବଣା

# କାର୍ଯ୍ୟ ନ ପାଇ ଭୋକ ଉପାସରେ ୧୭ ପରିବାର



**କାଳିଆପାଣି, ୧୫।୭ (ସମିସ)**

ପ୍ରତ୍ୟେକ ପରିବାରକୁ ୧୦୦ ଦିନର ନିଶ୍ଚିତ ରୋଜଗାର ପ୍ରଦାନ ଲକ୍ଷ୍ୟରେ ଆରମ୍ଭ ହୋଇଥିଲା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିନ୍ତ ନିଯୁକ୍ତ ଯୋଜନା। ଗ୍ରାମୀଣ ପରିବାରର ଜୀବିକାକୁ ସୁରକ୍ଷିତ କରିବାକୁ ଥିବା ଏହି ଯୋଜନା ବହୁ ଚର୍ଚ୍ଚିତ ନଗଡ଼ାରେ ବାଟବଣା ହୋଇଯାଇଛି। ଫଳରେ କାମ ନ ପାଇ ଭୋଗଉପାସରେ କାଳତିପାତ କରୁଛନ୍ତି ୧୭ଟି ପରିବାର। କାମ ନ ପାଇବାରୁ ବଣଜଙ୍ଗଲରୁ କନ୍ଦା ସଂଗ୍ରହ କରି କଷ୍ଟେମଷ୍ଟେ ଜୀଇଁଛନ୍ତି ଏହି ପରିବାରର ସଦସ୍ୟ।

ଅଭିଯୋଗ ଅନୁସାରେ, ଯାଜପୁର ଜିଲ୍ଲା ସୁକିନ୍ଦା ବ୍ଲକ ଅନ୍ତର୍ଗତ ଚିଙ୍ଗୁଡିପାଳ ଗ୍ରାମ ପଞ୍ଚାୟତର ବହୁ ଚର୍ଚ୍ଚିତ ପାହାଡ଼, ଜଙ୍ଗଲ ଘେରା ଭିତରେ ଥିବା ନଗଡ଼ା (ତୁମୁଣୀ) ଗ୍ରାମରେ ମନରେଗା ଯୋଜନା ବାଟବଣା ହୋଇଛି। ଦୀର୍ଘ ଦିନ ହେବ ୧୭ ପରିବାର କ୍ଷେତ୍ର ପ୍ରଧାନ, ମଧୁସୂଦନ ପ୍ରଧାନ, ଜଗୁନି ପ୍ରଧାନ, ଓଡ଼ିଆ ପ୍ରଧାନ, ସାମଲ ପ୍ରଧାନ, ବିଟୁ ପ୍ରଧାନ, ବାବୁନୀ ପ୍ରଧାନ, ଲକ୍ଷୀ ପ୍ରଧାନ, ସୁବନ୍ ପ୍ରଧାନ, ଚେମ ପ୍ରଧାନ, ରାଜୀବ ପ୍ରଧାନ, ଗୁରୁବାରି ପ୍ରଧାନ, ଏଲୁଡ଼ାଏ ପ୍ରଧାନ, ରାମ ପ୍ରଧାନ, ଦେଶମନ୍ତି ପ୍ରଧାନ, ଟାଙ୍ଗିରି ପ୍ରଧାନ, ସମ୍ବାରି ପ୍ରଧାନ ପ୍ରମୁଖ କୌଣସି କାର୍ଯ୍ୟ ନପାଇ ଭୋକ ଉପାସରେ ଦିନ ଅତିବାହିତ କରୁଛନ୍ତି। ପେଟକୁ ଭୋକ ଲାଗୁଥିଲେ ମଧ୍ୟ କାହାକୁ ଅଭିଯୋଗ କରିବେ ସେମାନେ ଜାଣିନାହାନ୍ତି। କିଛି ସାମାଜିକ କର୍ମୀ ଏମାନଙ୍କ କ'ଣ ରୋଜଗାର ବୋଲି ପଚାରି ବୁଝିଥିଲେ। ଜାଣିବାକୁ ମିଳିଥିଲା 'ଜବ୍ କାର୍ଡ'ରେ ଆଉ କାମ ମିଳୁନାହିଁ। ଆଗରୁ ମିଳୁଥିଲା। କେଉଁଠି ଗଛ ଲଗେଇବା ତ କେଉଁଠି ମାଟିକାମ କରିବା। କିନ୍ତୁ ଦୀର୍ଘଦିନ ହେବ ସବୁକାମ ବନ୍ଦ୍ ହୋଇଯାଇଛି। ରୋଜଗାର ନ ମିଳୁଥିବାରୁ ଏହି ପରିବାର ଜଙ୍ଗଲରୁ ବିଭିନ୍ନ କନ୍ଦ ଓ ଛତୁ ସଂଗ୍ରହ କରି ବହୁ କଷ୍ଟରେ ଜୀବନ ଜୀଇଁଛନ୍ତି। ଏହି ଗରିବ ଲୋକମାନଙ୍କୁ ରୋଜଗାର ପ୍ରଦାନ କରିବାକୁ ସାଧାରଣରେ ଦାବି ହୋଇଛନ୍ତି।

## ଏଟିଏମ୍ କାର୍ଡ ଲୁଟି ଆକାଉଣ୍ଟ ଖାଲି କଲେ ଦୁର୍ବୃତ୍ତ





**ଧର୍ମଶାଳା, ୧୫।୭(ସମିସ):** ଧର୍ମଶାଳା ଥାନା ଜାରକା ଏସ୍‌ବିଆଇ ଏଟିଏମ କାଉଣ୍ଟରରୁ ଅଭିନବ ଉପାୟରେ ଏଟିଏମ୍ କାର୍ଡ ଲୁଟି ନେଇ ଆକାଣ୍ଟକୁ ଖାଲି କରିଦେଲେ ଦୁର୍ବୃତ୍ତ। ଧର୍ମଶାଳା ଥାନାରେ ଆଜି ଏଭଳି ଏକ ସଙ୍ଗୀନ ଠକେଇ ଅଭିଯୋଗ ହୋଇଛି। ସୂଚନା ମୁତାବକ କେନ୍ଦ୍ରାପଡ଼ା ଜିଲ୍ଲା ଭାଗବତପୁର ଅଞ୍ଚଳର ବନମାଳୀ ଜେନା ନାମକ ଜଣେ ବ୍ୟକ୍ତି ଗତ ୨୭ ତାରିଖରେ ଭବାନୀପୁରସ୍ଥିତ ନିଜର ବନ୍ଧୁ ଘରକୁ ଆସିଥିଲେ। ତାଙ୍କର ଟଙ୍କା ଆବଶ୍ୟକ ପଡ଼ିବାରୁ ଜାରକାଗେଟ ବାଙ୍କ ପାଖରେ ଥିବା ଏସ୍‌ବିଆଇ ଏଟିଏମ୍ କାଉଣ୍ଟରରୁ ସେ ଏକ ହଜାର ଟଙ୍କା ଉଠାଇଥିଲେ। ଏହି ସମୟରେ ସେଠାରେ ଉପସ୍ଥିତ ଥିବା ଜଣେ ଅଜଣା ଯୁବକ ଏଟିଏମ୍ ମେସିନ କ୍ୟାନସଲ କରି ନାହଁ ବୋଲି କହିଥିଲେ। ପରେ ସେ ବନମାଳୀଙ୍କ ହାତରୁ ଏଟିଏମ୍ କାର୍ଡ ନେଇ କ୍ୟାନସଲ ମାରିଥିଲେ। ହେଲେ ଏହି ସମୟରେ ଉକ୍ତ ଯୁବକ ଏଟିଏମ୍ କାର୍ଡ ବଦଳାଇ ଚତୁରତାର ସହ ବନମାଳୀଙ୍କୁ ଅନ୍ୟଏକ ଏକ ଏଟିଏମ୍ କାର୍ଡ ଦେଇଦେଇଥିଲେ। ବନମାଳୀ ନିଜର ଏଟିଏମ୍ କାର୍ଡ ଭାବି ସେଠାରୁ ନିଜ ଘରକୁ ଫେରିଯାଇଥିଲେ। ତେବେ କେନ୍ଦ୍ରପଡ଼ାରେ ସେ ଏକ ଏଟିଏମ୍ କାଉଣ୍ଟରରୁ ଆଜି ସକାଳେ ଟଙ୍କା ଉଠାଇବାକୁ ଯାଇଥିବା ବେଳେ ଏଟିଏମ୍ କାର୍ଡର ପାସୱାର୍ଡ ଭୁଲ ବୋଲି ଲେଖିଥିଲା। ପରେ ଏସମ୍ପର୍କରେ ସେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ବ୍ୟାଙ୍କ ତରଫରୁ ଏଟିଏମ ଯାଞ୍ଚ କରିବା ପରେ ଏହା ଅନ୍ୟ କାହାର ବୋଲି ଜଣାପଡ଼ିଥିଲା। ପରେ ବନମାଳୀଙ୍କ ଆକାଉଣ୍ଟ ଯାଞ୍ଚ କରିବା ପରେ ତାଙ୍କ ଆକାଉଣ୍ଟରେ ଥିବା ୪୪ ହଜାରରୁ ଊର୍ଦ୍ଧ୍ୱ ଟଙ୍କାକୁ ଦୁର୍ବୃତ୍ତ ଖାଲି କରିଦେଇଥିବା ଜଣାପଡ଼ିଥିଲା। ତେବେ ବନମାଳୀ ଜାରକାରେ ଏଟିଏମ୍ କାର୍ଡ ଠକେଇର ଶିକାର ହୋଇଥିବା ଜାଣିପାରିଥିଲେ। ଏନେଇ ସେ ଆଜି ଧର୍ମଶାଳା ଥାନାରେ ପହଞ୍ଚି ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ଧର୍ମଶାଳା ଥାନା ପୁଲିସ ୪୨୫/୨୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି ବୋଲି ଥାନା ଅଧିକାରୀ ରଞ୍ଜନ କୁମାର ମାଝୀ ସୂଚନା ଦେଇଛନ୍ତି।

## ଦୁର୍ଘଟଣାରେ ଗୁରୁତର ଚାଷୀଙ୍କ ମୃତ୍ୟୁ

**ସୁକିନ୍ଦା, ୧୫।୭(ସମିସ):** ୫୩ନଂ ଜାତୀୟ ରାଜପଥ ସୁକିନ୍ଦା ଡୁବୁରୀ ରାସ୍ତାର ସଂସାଇଲୋ ଛକ ନିକଟରେ ଏକ ଦ୍ରୁତଗାମୀ ଟ୍ରକ୍ ଦୁର୍ଘଟଣାରେ ଗୁରୁତର ଆହତ ଅବସ୍ଥାରେ ଚିକିତ୍ସାଧୀନ ଥିବା ଚାଷୀଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଗତ ରବିବାର ସୁକିନ୍ଦା ଥାନା ଅନ୍ତର୍ଗତ ଓଳିଆ ପଞ୍ଚାୟତ ଅଧୀନ ଅଭୟପୁର୍ ଗ୍ରାମର ପ୍ରାଣକୃଷ୍ଣ ଦାସ(୫୫) ରାଜପଥ କଡ଼ରେ ଥିବା ଚାଷ ଜମିରେ ଚାଷକାର୍ଯ୍ୟ ସାରି ଘରକୁ ଫେରୁଥିବା ସମୟରେ ଏକ ଦ୍ରୁତଗାମୀ ୧୪ ଚକିଆ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ଏହି ଦୁର୍ଘଟଣାରେ ପ୍ରାଣକୃଷ୍ଣଙ୍କ ଶରୀରର ବିଭିନ୍ନ ସ୍ଥାନରେ ଗଭୀର ଆଘାତ ଲାଗି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ପ୍ରାନକୃଷ୍ଣଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କ ଅବସ୍ଥା ଅତ୍ୟନ୍ତ ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରାଯାଇଥିଲା। କଟକରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ସୋମବାର ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକେ ପ୍ରାଣକୃଷ୍ଣଙ୍କ ମୃତଦେହ ଗାଁକୁ ଆଣିଗାଁ ମଶାଣିରେ ଶେଷକୃତ୍ୟ ସମ୍ପନ୍ନ କରିଛନ୍ତି। ଖବର ପାଇ ପୂର୍ବତନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ ମୃତ ଚାଷୀଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ପରିବାରକୁ ସମବେଦନା ଜଣାଇଛନ୍ତି। ସୁକିନ୍ଦା ପୁଲିସ ସମ୍ପୃକ୍ତ ଟ୍ରକ୍ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## ଟ୍ରକ୍ ଦୁର୍ଘଟଣାରେ ଚାଳକ ଆହତ

**ପାଣିକୋଇଲି, ୧୫।୭(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ସଂଗଡ଼ା ବ୍ରିଜ ନିକଟରେ ଆଜି ସକାଳୁ ଏକ ଟ୍ରକ୍ ଭାରସାମ୍ୟ ହରାଇ ଡିଭାଇଡର ଉପରେ ପିଟିହୋଇ ଦୁର୍ଘଟଣାର ଶିକାର ହେବା ସହ ଚାଳକ ଆହତ ହୋଇଛନ୍ତି। ପ୍ରକାଶଯେ କଟକ ଟାଙ୍ଗିରୁ ସିମେଣ୍ଟ ବୋଝେଇ କରି ଏକ ଟ୍ରକ୍ (ଓଡି୨୩ଜି ୭୬୯୯) କେନ୍ଦୁଝର ଜିଲ୍ଲା ଛେନାପଦି ଅଭିମୁଖେ ଆସୁଥିବା ବେଳେ ଜାତୀୟ ରାଜପଥର ସିଂଗଡ଼ା ବ୍ରିଜ୍ ନିକଟରେ ତାର ଆଖି ଲାଗିଯିବାରୁ ଭାରସାମ୍ୟ ହରାଇ ରାସ୍ତା କଡ଼ ଡିଭାଇଡର ଉପରେ ଚଢ଼ି ଯାଇଥିଲା। ଫଳରେ ଚାଳକ ଛତିଆ ସୋଲର ଗ୍ରାମର ମହେଶ ପାଲ ଆହତ ହେବା ସହ ଗାଡ଼ିଟି କ୍ଷତିଗ୍ରସ୍ତ ହୋଇଥିଲା। ରାଜପଥ ପାଟ୍ରୋଲିଂ ଗାଡି ପହଞ୍ଚି ଚାଳକକୁ ଉଦ୍ଧାର କରି ପ୍ରାଥମିକ ଚିକିତ୍ସା କରାଇଥିଲେ।

## ରାସ୍ତାପାର ବେଳେ ଟ୍ରକ୍ ଦୁର୍ଘଟଣା

**ପାଣିକୋଇଲି, ୧୫।୭(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଶର୍ମା ପେଟ୍ରୋଲ ପମ୍ପ ଡାଇଭରସନରେ ଆଜି ସକାଳ ସାଢେ ୫ଟା ବେଳେ ଏକ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହୋଇଥିବା ବେଳେ ଚାଳକ ଗୁରୁତର ଆହତ ହୋଇଥିବା ଓ ଖଲାସି ମଧ୍ୟ ଆହତ ହୋଇଛନ୍ତି। ପ୍ରକାଶଯେ ବେଙ୍ଗାଲୋରକୁ କୋଲକତା ଅଭିମୁଖେ ଅଦା ବୋଝେଇ କରି ଏକ ଟ୍ରକ୍ (ଡବ୍ଲୁ ୪୧ଏଚ ୧୧୮୬)





ଆସୁଥିବା ବେଳେ ଶର୍ମା ଡାଇଭରସନ ନିକଟରେ ରାସ୍ତା ପାର କରିବାକୁ ପଶି ଆସିବା ବେଳେ ପାଣିକୋଇଲି ପଟୁ ଯାଉଥିବା ଏକ ଟ୍ରକ୍ (ଓଡି୩୪ଡବ୍ଲ୍ୟୁ ୭୫୬୫) ପଛରେ ପିଟି ହୋଇଥିଲା। ଫଳରେ ଟ୍ରକଟି କ୍ଷତିଗ୍ରସ୍ତ ହୋଇ ଚାଳକ ଗାଡ଼ି ମଧ୍ୟରେ ଚାପି ହୋଇ ରହିଥିଲା। ଘଟଣାସ୍ଥଳେ ସ୍ଥାନୀୟ ଲୋକ ଓ ରାଜପଥ ପାଟ୍ରୋଲିଂ ଅଧିକାରୀ ଅଶୋକ କୁମାର ବଳ ପହଞ୍ଚି ଗାଡ଼ି ଡୋର ଭାଙ୍ଗି ଚାଳକ ସେକ୍ ସାହାଜାନ ଓ ଖଲାସି ମୁଜାଫରକୁ ଉଦ୍ଧାର କରି ଚିକତ୍ସା ନିମନ୍ତେ ପଠାଇଥିଲେ। ଦୁର୍ଘଟଣା ଗ୍ରସ୍ତ ଟ୍ରକଟିକୁ ହାଇଡ୍ରା ସାହାଯ୍ୟରେ ରାସ୍ତା କଡକୁ ଅଣାଯାଇଥିବା ବେଳେ ଯେଉଁ ଟ୍ରକ ପଛରେ ଦୁର୍ଘଟଣା ହୋଇଥିଲା ସେ ଟ୍ରକ୍‌ଟି ଫେରାର ହୋଇଯାଇଛି।

## ଦିନରେ ବାଲି ଚଢ଼ଉ; ରାତିରେ ମେସିନ ଜବତ



**ଯାଖପୁରା, ୧୫।୭(ସମିସ):** ଦାନଗଦି ତହସିଲ ଅଧୀନସ୍ଥ ମାଣତୀରା ଆରଆଇ ସର୍କଲର ମନୋହରପୁର, ନୀଳମଣିଦେଇପୁର ଶାସନ, ପଙ୍କପାଳ, ନୂଆସାହି ଆଦି ଗାଁ ମାନଙ୍କରେ ବେଆଇନ ଭାବେ ଠୁଳ ହୋଇଥିବା ବାଲି ଉପରେ ଲଘୁ ଖଣିଜ ଅଧିକାରୀ, ମାଣତୀରା ଆରଆଇ ଏବଂ ଯଖପୁରା ପୁଲିସ ମିଳିତ ଭାବରେ ଚଢ଼ଉ କରିଛନ୍ତି। ପଙ୍କପାଳ ପଞ୍ଚାୟତର ଅନେକ ଗାଁ ମାନଙ୍କରେ ବେଆଇନ ଭାବେ ଠୁଳ ହୋଇଥିବା ବାଲି ଉପରେ ଚଢ଼ଉ କରି ତାକୁ ଜବତ କରିଛନ୍ତି। ଦିଗାମ୍ବରପୁର ମୌଜାରୁ ୨ଟି ସ୍ଥାନ, ପଙ୍କପାଳ ମୌଜାରୁ ୩ଟି ସ୍ଥାନ ଓ ଗୋଲା ଗାଁ ମୌଜାରୁ ୨ଟି ସ୍ଥାନରେ ଠୁଳ ହୋଇଥିବା ମୋଟ ୩୭୦୦ କ୍ୱିଭି ମିଟର ପ୍ରାୟ ୩୦୦ରୁ ୫୦୦ ଟ୍ରିପ ବାଲିକୁ ଲଘୁ ଖଣିଜ ଅଧିକାରୀ ଜବତ କରି ଯଖପୁରା ପୁଲିସ ଜିମାରେ ଦିଆଯାଇଛି। ଆଜି ଦିନରେ ଦିଗାମ୍ବରପୁରରେ ଜବତ ହୋଇଥିବା ବାଲିକୁ ସନ୍ଧ୍ୟା ସମୟରେ କିଛି ବାଲି ମାଫିଆ ଉଠାଇ ନେବାକୁ ଚେଷ୍ଟା କରୁଥିଲେ। ଏହି ସମୟରେ ଖବର ପାଇ ଯଖପୁରା ଆଇଆଇସି ବାଲିରେ ବ୍ୟବହୃତ ଗୋଟେ ଜେସିବି ମେସିନ ଓ ଗୋଟିଏ ହାଇୱା (ଓଡ଼ି ୨୩ସି ୮୩୧୬) ଗାଡ଼ିକୁ ଜବତ କରି ଥାନାକୁ ଆଣି ଥିବାର ଜଣାପଡ଼ିଛି। ଖବର ମୁତାବକ ସ୍ଥାନୀୟ ପଙ୍କପାଳ ମୌଜା, ମନୋହରପୁର ମୌଜା ଓ ଗୋଲା ଗାଁ ମୌଜାରେ ବେଆଇନ ଭାବେ ଠୁଳ ହୋଇଥିବା ବାଲି ସବୁକୁ ବାରଗାଡ଼ିଆ ଅଞ୍ଚଳର ବାଲି ମାଫିଆଙ୍କ ହାତ ରହିଥିବାର ଜଣାପଡ଼ିଛି।

## ଫାଇନାନ୍ସ କର୍ମଚାରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଧର୍ମଶାଳା, ୧୫।୭(ସମିସ):** ଧର୍ମଶାଳା ଥାନା ନେଉଳପୁର ପଞ୍ଚାୟତ ଚଣ୍ଡିଖୋଲ ନିକଟରେ ଭଡ଼ା ଘରେ ରହୁଥିବା ଜଣେ ଫାଇନାନ୍ସ କମ୍ପାନୀର କର୍ମଚାରୀ ବେକରେ ରଶି ଲଗାଇ ଅମ୍ଭହତ୍ୟା କରିଥିବା ଜଣାଯାଇଛି। ସୂଚନା ଅନୁଯାୟୀ କଟକ ଜିଲ୍ଲା ଗୋବିନ୍ଦପୁର ଥାନା କନ୍ଦଳ ଗ୍ରାମର ମହେଶ୍ୱର ମହାରଣାଙ୍କ ପୁଅ ରାକେଶ ମହାରଣା (୩୧) ଚଣ୍ଡିଖୋଲସ୍ଥିତ ଏକ ମାଇକ୍ରୋ ଫାଇନାସ କମ୍ପାନୀରେ କ୍ରେଡିଟ ଫାଇନାନ୍ସ ମ୍ୟାନେଜର ଭାବେ ଦେଢ଼ ବର୍ଷ ହେବ କାମ କରୁଥିଲେ। ଚଣ୍ଡିଖୋଲ ନିକଟ ଏକ ଭଡ଼ା ଘର ନେଇ ଅନ୍ୟ ଦୁଇ ଜଣ କର୍ମଚାରୀଙ୍କ ସହ ରହୁଥିଲେ। ସେଠାରେ ରହୁଥିବା ଅନ୍ୟ ଦୁଇ ଜଣ କର୍ମଚାରୀ ଗତକାଲି ରାତି ୯ଟା ସମୟରେ ବସା ଘରକୁ ଫେରି ଭିତର ପଟୁ ବନ୍ଦଥିବା କବାଟ ଖୋଲିବା ପାଇଁ ଡାକିଲା ପରେ କବାଟ ନ ଖୋଲିଲାରୁ ତାଙ୍କର ସନ୍ଦେହ ହୋଇଥିଲା। ସେମାନେ ତୁରନ୍ତ ଧର୍ମଶାଳା ପୁଲିସକୁ ଏସମ୍ପର୍କରେ ଅବଗତ କରିଥିଲେ। ଖବର ପାଇ ଧର୍ମଶାଳା ପୁଲିସ ଆସି ଘରର କବାଟ ଭାଙ୍ଗି ଘରେ ପ୍ରବେଶ କରିବା ବେଳେ ରାକେଶ ଫ୍ୟାନରେ ରାଶି ଲଗାଇ ଝୁଲିପଡ଼ିଥିବା ଦେଖିବାକୁ ପାଇଥିଲେ। ପରେ ରସି କାଟି ତାଙ୍କୁ ତଳକୁ ଓହ୍ଲାଇ ମେଡିକାଲ ନିଆଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ରାକେଶ ଗତ ଦେଢ଼ ବର୍ଷ ହେଲା ଚଣ୍ଡିଖୋଲସ୍ଥିତ ଫାଇନାନ୍ସ କମ୍ପାନୀରେ କାମ କରିଆସୁଥିବା ବେଳେ ସହ କର୍ମୀମାନଙ୍କ ସହିତ ତାଙ୍କର ଭଲ ସମ୍ପର୍କ ରହିଥିଲା ବୋଲି କମ୍ପାନୀର ମ୍ୟାନେଜର ସୂଚନା ଦେଇଥିଲେ। ଘରେ ତାଙ୍କର ସମସ୍ତଙ୍କ ସହିତ ଭଲ ସମ୍ପର୍କ ରହିଥିଲା। ତେବେ ସେ କ'ଣ ପାଇଁ ଏଭଳି ଚରମ ନିଷ୍ପତି ନେଲେ ତାହା ସ୍ପଷ୍ଟ ହୋଇ ପାରିନାହିଁ। ଖବର ପାଇ ପରିବାର ଲୋକେ ଏସମ୍ପର୍କରେ ଥାନାରେ ଜଣାଇବା ପରେ ପୁଲିସ ୨୪/୨୫ନଂ.ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ଶବ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇ ଘଟଣାର ତଦନ୍ତ ଚଳାଇଛି ବୋଲି ଥାନା ଅଧିକାରୀ ରଞ୍ଜନ କୁମାର ମାଝୀ ସୂଚନା ଦେଇ କହିଛନ୍ତି।

## ବୈତରଣୀରେ କୁମ୍ଭୀର; ଟାଣି ନେଲା ଗାଈ

**ଦଶରଥପୁର/କୟାଁଗୋଲା, ୧୫।୭(ସମିସ):** ଦଶରଥପୁର ବ୍ଲକ କଁୟା ପଞ୍ଚାୟତ ଗୁଣ୍ଠୁଣିପଡ଼ା, ବଳରାମପୁର, ଇଚ୍ଛାପୁର, ଧରମପୁର ଗ୍ରାମବାସୀଙ୍କ ମଧ୍ୟରେ କୁମ୍ଭୀର ଆତଙ୍କ ଦେଖାଦେଇଇଛି। ବୈତରଣୀ ବନ୍ୟା ଆସିଥିବାରୁ ୨ ଦିନ ପୂର୍ବେ ନଦୀକୂଳ ବଳରାମପୁର ଗ୍ରାମ ନଦୀବନ୍ଧ କଡରେ ଏକ ୫ ଫୁଟରୁ ଅଧିକ ଲମ୍ବ କୁମ୍ଭୀରକୁ ଦେଖି ଗ୍ରାମବାସୀ ଭୟଭୀତ ହୋଇପଡ଼ିଥିଲେ। କିଛି ସମୟ ପରେ ଲୋକେ କୁମ୍ଭୀରକୁ ଆଉ ଦେଖିବାକୁ ପାଇ ନଥିଲେ। ମାତ୍ର ଆଜି ଦିନ ଅପରାହ୍ନରେ ବୈତରଣୀ ନଦୀ ଗୁଣ୍ଠୁଣିପଡ଼ା ଠାରେ ଘାସ ଚରୁଥିବା ଗୋଟିଏ ଗାଇକୁ କୁମ୍ଭୀର ନଦୀ ଭିତରକୁ ଟାଣି ନେଇଥିଲା। ଭୂଟୁଭୁଟି ଲଗାଇ ଗାଈଟିକୁ ଖୋଜାଖୋଜି କରାଯାଇଥିଲା। କୁମ୍ଭୀର ଝାମ୍ପି ନେଇଥିବା ଗାଈଟି ଗୁଣ୍ଠୁଣିପଡ଼ା ଗ୍ରାମର ରାଧାଶ୍ୟାମ ଦାସଙ୍କର ବୋଲି ଜଣାପଡ଼ିଥିଲା। ୨ଦିନ ଅନ୍ତରରେ ବୈତରଣୀ ନଦୀରେ ଲୋକେ କୁମ୍ଭୀରକୁ ୨ ଥର ଦେଖିବା ପରେ ନଦୀକୂଳ ବର୍ତ୍ତି ଉପରୋକ୍ତ ଗ୍ରାମବାସୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। କୁମ୍ଭୀର ଦେଖିବା ପରେ ସ୍ଥାନୀୟ ଲୋକେ ବନବିଭାଗ ଅଧିକାରୀଙ୍କୁ ସୂଚନା



ଦେଇଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ। କିଛିଦିନ ହେବ କେବଳ ଗୋଟିଏ ନୁହେଁ କେନ୍ଦ୍ରାପଡ଼ା ଅଞ୍ଚଳରୁ ଏକାଧିକ କୁମ୍ଭୀର ଏବେ ବୈତରଣୀ ନଦୀରେ ପହଞ୍ଚିଥିବା ସ୍ଥାନୀୟ ଲୋକେ କହିଛନ୍ତି। ଗୁଣ୍ଠୁଣିପଡ଼ା ଗ୍ରାମର ମହିଳା ଚଞ୍ଚଳା ଦାସ କୁମ୍ଭୀର ଗାଈଟିକୁ ବୈତରଣୀ ନଦୀ ଟାଣି ନେବା ଦେଖି ଜୋରରେ ପାଟି କରିଥିଲେ। ସେହିପରି ସେହି ଗ୍ରାମର ଦିଗାମ୍ବର ଦାସଙ୍କ ଗୋଟେ ଗାଇ ୨ ଦିନ ହେବ ନିଖୋଜ ଅଛି ବୋଲି ଗ୍ରାମବାସୀ କହୁଛନ୍ତି। ତୁରନ୍ତ ପ୍ରଶାସନ ନଦୀରୁ କୁମ୍ଭୀରକୁ କାବୁକରି ଅନ୍ୟତ୍ର ଛାଡିବାକୁ କୟାଁ ପଞ୍ଚାୟତବାସୀ ଦାବି କରିଛନ୍ତି।

## ଭୂମିପୁତ୍ରଙ୍କ ଜମି ହଡ଼ପ କରିବାକୁ ଓଏମ୍‌ସିର ମସୁଧା

# ପ୍ରତିବାଦ କରିବେ ଶବର ସମାଜ

**କାଳିଆପାଣି, ୧୫।୭(ସମିସ):** ସୁକିନ୍ଦା ବ୍ଲକ ଅନ୍ତର୍ଗତ ଖଣି ଅଞ୍ଚଳରେ ଏକ ହଜାର ବର୍ଷରୁ ଆଦିବାସୀ ଶବର ସମାଜ ବସବାସ କରିଆସୁଛନ୍ତି। ସରକାର ହେବା ପୂର୍ବରୁ ରାଜାରାଜୁଡ଼ା ଅମଳରୁ ଜମି ପଟ୍ଟା ପାଇଥିଲେ। ସମୟକ୍ରମେ ସରକାରଙ୍କ ତରଫରୁ ମଧ୍ୟ ଜମି ପଟ୍ଟା ମିଳିଛି। ଏହି ଅଞ୍ଚଳ ସୌରିକ ଅଞ୍ଚଳ ଭାବରେ ମଧ୍ୟ ବେଶ ପରିଚିତ। ଖଣି ଖାଦାନ ହେଲା ପରଠାରୁ ଭୂମିପୁତ୍ରମାନଙ୍କୁ ବେସାହାରା କରିଦିଆ ଯାଉଛି। କମ୍ପାନୀମାନେ ବିନା ମୂଲ୍ୟରେ ଜମି ହଡ଼ପ କରୁଥିବା ଅନେକ ସମୟରେ ଅଭିଯୋଗ ହେଉଛି। ପୂର୍ବରୁ ଗୋଟିଏ ପ୍ରତିଶ୍ରୁତି ଜମି, ବାଡ଼ି ନେଇଗଲା ପରେ ପୁଲିସ ଧମକ ଏମିତି ଅନେକ ଥର ଘଟିଥିବା କୁହନ୍ତି ଗାଁ ଲୋକେ। ଗାଁ ଗହଳିର ଲୋକମାନେ ଶୌଚ କରିବା ପାଇଁ ଜାଗାଟିଏ ନାହିଁ। ବିଭିନ୍ନ ସମୟରେ ଜନଶୁଣାଣି ହୋଇଛି। ଯଥେଷ୍ଟ ସମର୍ଥନ ମଧ୍ୟ ଦିଆଯାଇଛି; କିନ୍ତୁ କମ୍ପାନୀମାନଙ୍କରୁ କୌଣସି ଉତ୍ତମ ବନ୍ଦୋବସ୍ତ କରାଯାଇନାହିଁ ସମାଜରେ ଚଳିବା ପାଇଁ। ସେମାନେ ଭଲରେ ଥିଲେ। ଖଣି ଖାଦାନ ହେଲା ପରଠୁ ସମସ୍ୟାରେ ଦିନ କାଟୁଛନ୍ତି ବୋଲି ଅନେକ ଶବର ଅଧିବାସୀ କୁହନ୍ତି। ବର୍ତ୍ତମାନ ପରିପ୍ରେକ୍ଷୀରେ ଓଡ଼ିଶା ମାଇନିଂ କର୍ପୋରେସନ ଆଉ ୧୨ ଏକର ପଟା ଜମି ଓ ୭୦ ଏକର ଜଙ୍ଗଲ ଅଧିଗ୍ରହଣ ଚାଷ ଜମିକୁ ବିନା ମୂଲ୍ୟରେ ନେବାକୁ ବସିଛି। ଯାହାକି ସରୁଆବିଲ ଓ ସୁକୁରୁଙ୍ଗି ଗାଁ ଲୋକଙ୍କ ଭାତ ହାଣ୍ଡି ଭାବରେ ବ୍ୟବହାର କରୁଛନ୍ତି। ଉତ୍ତର ଦିଗରେ ଟାଟା ଖଣି, ପଶ୍ଚିମ ଦିଗରେ ଆଇଡିସି ଖଣି ଓ ମଝି କେନ୍ଦ୍ରବିନ୍ଦୁରେ ଓଡ଼ିଶା ମାଇନିଂ କର୍ପୋରେସନର ଖଣି ହଜାର ହଜାର ହେକ୍ଟର ଜମିକୁ ନିଜ ଅକ୍ତିଆରକୁ ନେଇସରିଛନ୍ତି। ଯାହା ନେଇଛନ୍ତି ଆଉ ଇଞ୍ଚଟିଏ ଭୂମି ଦିଆଯିବନାହିଁ ବୋଲି ସୁକୁରିଙ୍ଗି ଗ୍ରାମର ପତିତ ପ୍ରଜା ବୃନ୍ଦ ଜିଦିରେ ଅଟଳ ଅଛନ୍ତି। ତାଙ୍କ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ଭୂମିହରାମାନଙ୍କୁ ଆଇନଗତ ଭାବେ ଉପଯୁକ୍ତ କ୍ଷତିପୂରଣ ଦେବାକୁ ପଡ଼ିବ। କଟକ, ଭୁବନେଶ୍ୱର ଭଳି ଅନ୍ୟ ସହର ମାନଙ୍କରେ ଯେଉଁଠି ମୂଲ୍ୟହୀନ ଜମି ଡେସିମିଲ ୫/୭ ଲକ୍ଷ ଟଙ୍କା ଊର୍ଦ୍ଧ୍ୱରେ ବିକ୍ରି ହେଉଛି ଆମ ଅଞ୍ଚଳର ବହୁମୂଲ୍ୟ ଜମି ଏକ କୋଟି ହିସାବରେ ମୂଲ୍ୟ ନିର୍ଦ୍ଧାରଣ କରାଯାଉ। ପ୍ରତ୍ୟେକ ଦଖଲକାରି ଜମି ଉପରେ ୫୦ ଲକ୍ଷ କ୍ଷତିପୂରଣ ଏବଂ ୨୦୦୬-୨୦୧୩ର ଆର୍‌ଆର୍ ପଲିସି ଓ ଉଚ୍ଚତମ ନ୍ୟାୟାଳୟ ଆଦେଶ ଆଧାରରେ ପ୍ରତ୍ୟେକ ପରିବାରର ୨ ଜଣ ସଦସ୍ୟଙ୍କୁ ସ୍ଥାୟୀ ନିଯୁକ୍ତି ପ୍ରଦାନ କରିବା ଆଦି ଦାବି କରିଛନ୍ତି। ଆଦିବାସୀ ଭୂମିପୁତ୍ରମାନଙ୍କର ମୁଖ୍ୟତଃ ଚାଷ ଉପରେ ନିର୍ଭରଶୀଳ ହୋଇଥାନ୍ତି। ସରକାର୍ ୨୦୦୬ ଜଙ୍ଗଲ ଜମି ଅଧିକାର ଆଇନ୍‌ମୁତାବକ ପ୍ରତ୍ୟେକ ଜମିହରା ପରିବାରକୁ ୨ ଏକର ଚାଷ ଜମି ଯୋଗାଇଦେବାକୁ ଧାର୍ଯ୍ୟ କରାଯାଉ ବୋଲି ଦାବି କରିଛନ୍ତି।

## ଅବସରପ୍ରାପ୍ତ କର୍ମଚାରୀ ସଂଘର ଦାବିପତ୍ର



**ଯାଜପୁର, ୧୫।୭(ସମିସ):** ଅବସରପ୍ରାପ୍ତ କର୍ମଚାରୀମାନଙ୍କ ବିଭିନ୍ନ ସମସ୍ୟାକୁ ନେଇ ଜିଲ୍ଲାପାଳଙ୍କ ମାଧ୍ୟମରେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଦାବିପତ୍ର ପଠାଯାଇଛି। ଦେଶର ଅନ୍ୟ ରାଜ୍ୟରେ ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ଚିକିତ୍ସା ଭତ୍ତା ପ୍ରଦାନ କରାଯାଉଥିବା ସ୍ଥଳେ ଆମ ରାଜ୍ୟରେ ଏ ବ୍ୟବସ୍ଥା ନାହିଁ। ଆସନ୍ତା ୨୦୨୬ ଜାନୁଆରୀ ଠାରୁ ପେନ୍‌ସନ୍‌ଭୋଗୀ ମାନଙ୍କୁ ପ୍ରସ୍ତାବିତ ଅଷ୍ଟମ ବେତନ କମିଶନର ଆର୍ଥିକ ସୁବିଧା ନ ଦିଆଯିବାର ବ୍ୟବସ୍ଥା କରାଯାଇଛି। ଏପରି ଏକ ଦୁର୍ଭାଗ୍ୟପୂର୍ଣ୍ଣ ଅନ୍ୟାୟ ନିଷ୍ପତ୍ତିକୁ ଦେଶର ସମସ୍ତ ଅବସରପ୍ରାପ୍ତ କର୍ମଚାରୀମାନେ ବିରୋଧ କରୁଛନ୍ତି। ବରିଷ୍ଠ ନାଗରିକମାନଙ୍କୁ ଟ୍ରେନ୍ ଟିକେଟ୍‌ରେ ରିହାତିକୁ ପୁନଶ୍ଚ ପ୍ରଚଳନ କରିବା, ପେନ୍‌ସନଭୋଗୀମାନଙ୍କ ପାଇଁ ରାଜ୍ୟ ସରକାର ପୂର୍ବପରି ସ୍ୱତନ୍ତ୍ର ଅଭିଯୋଗ ପ୍ରକୋଷ୍ଠ ଖୋଲିବା ଆଦି ମୁଖ୍ୟ ୮ଟି ଦାବିକୁ ସମାଧାନ କରିବା ଉଦ୍ଦେଶ୍ୟରେ ସଂଘର ସଭାପତି ରବି ଶତପଥୀଙ୍କ ନେତୃତ୍ୱରେ କାର୍ଯ୍ୟକାରୀ ସଭାପତି ସୁରେନ୍ଦ୍ର କୁମାର ରାୟ, ଉପଦେଷ୍ଟା ଅଭିମନ୍ୟୁ ରାଉତ, ସମ୍ପାଦକ ବିବେକାନନ୍ଦ ନାୟକ, ଧର୍ମଶାଳା ବ୍ଲକର ସଭାପତି ଆଶାତରୁ ନାୟକ ପ୍ରଭୃତି ନେତୃମଣ୍ଡଳୀର ଏକ ପ୍ରତିନିଧିମଣ୍ଡଳ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ୨ଟି ଦାବିପତ୍ର ପ୍ରଦାନ କରିଛନ୍ତି।

## କୁଆଁରସାହିରେ ବୈତରଣୀ ନଦୀବନ୍ଧ ୫୦ ଫୁଟ ଧସିଲା

**ମଙ୍ଗଳପୁର, ୧୫।୭(ସମିସ)**



ଦଶରଥପୁର ବ୍ଲକ ଦୁଦୁରାଅନ୍ତା ପଞ୍ଚାୟତ ଦେଇ ଯାଇଥିବା ବୈତରଣୀ ନଦୀ କୁଆଁରସାହିଠାରେ ୫୦ଫୁଟରୁ ଊର୍ଦ୍ଧ୍ୱ ନଦୀବନ୍ଧ ଧସିଯାଇଥିବା ଦେଖିବାକୁ ମିଳିଛି। ବୈତରଣୀ ନଦୀରେ ବନ୍ୟା ଜଳ ବଢୁଥିବା ବେଳେ ନଦୀ ବନ୍ଧ ଦବିବା ଅଞ୍ଚଳବାସୀଙ୍କ ମୁଣ୍ଡ ବିନ୍ଧାର କାରଣ ସାଜିଛି। ଅଗଣି ପାତ୍ରଙ୍କ ଘର ନିକଟରେ ଦବିଥିବା ବନ୍ଧର ଦକ୍ଷିଣ ପାର୍ଶ୍ୱ ମଧ୍ୟ ଖାଇ ସାରିଛି। ଗୋଟିଏ ସ୍ଥାନରେ ଉଭୟ ପାର୍ଶ୍ୱରେ ନଦୀ ବନ୍ଧ ଦବିବା ଘାଇ ସୃଷ୍ଟି ହେବା ବିପଦକୁ ଏଡାଇ ନଦିଆଯାଇପାରେ। ତେବେ ଠିକାଦାର ବନ୍ଧ କାମ କରିବା ବେଳେ ୨୦ ମିଟର ଉଚ୍ଚତା ବିଶିଷ୍ଟ ବନ୍ଧ କାମ ହେବାବେଳେ ରୋଲିଂ ନକରିବା ଏବଂ ପୁନଶ୍ଚ ବନ୍ଧ ଚଉଡ଼ା କରିବା ସମୟରେ ବନ୍ଧ ଅଧା କାଟି କାମ ଛାଡ଼ିଦେବା ସହ ପଥର ପ୍ୟାକିଂ କରୁଥିବା ଠିକାଦାର ଉକ୍ତ ସ୍ଥାନରେ ପଥର ପ୍ୟାକିଂ ନକରି ଉକ୍ତ ସ୍ଥାନରୁ ପଥର ଅନ୍ୟତ୍ର ନେଇଯିବା ଫଳରେ ଜୀବନ ବିପଦ ଅବସ୍ଥାରେ ପହଞ୍ଚିଲା ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଯଦି ଏହି ସ୍ଥାନରେ ଘାଇ ସୃଷ୍ଟି ହୁଏ ତେବେ କୁଆଁରସାହି, ଗୁଡ଼ିଆ ପାଟଣା, ଅର୍ଦ୍ଧାଉଳିଆ, ମହାନ୍ତିପଟଣା, ବୈଷପାନ ସମେତ ୨୦ଟି ଗ୍ରାମର ୧୫ ହଜାରରୁ ଊର୍ଦ୍ଧ୍ୱ ଲୋକ କ୍ଷତିଗ୍ରସ୍ତ ହେବେ। ତେବେ ଏମିତି ଦୁର୍ବଳ କାମ ହେବା ସମୟରେ ବିଭାଗୀୟ ଅଧିକାରୀ କେବେ କାର୍ଯ୍ୟ ତଦାରଖ କରିବା ପାଇଁ ଆସନ୍ତି ନାହିଁ ଯାହା ଫଳ ଆମକୁ ଭୋଗିବାକୁ ପଡ଼ବ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି।

## ଆମ୍ବେଦକର ଉନ୍ନୟନ ପରିଷଦର ପ୍ରତିବାଦ

**ବିଞ୍ଝାରପୁର, ୧୫।୭(ସମିସ):** ରାଜ୍ୟରେ ଦିନକୁ ଦିନ ନାରୀ ନିର୍ଯାତନା ସମେତ ଅନୁସୂଚିତ ଜାତି, ଜନଜାତି, ପଛୁଆବର୍ଗ ଓ ସଂଖ୍ୟାଲଘୁଙ୍କୁ ନିର୍ଯାତନା ପ୍ରତିବାଦରେ ଆଜି ବିଞ୍ଝାରପୁର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଆମ୍ବେଦକର ଉନ୍ନୟନ ପରିଷଦ ପକ୍ଷରୁ ପ୍ରତିବାଦ ସଭା କରାଯାଇଛି। ଆଦିବାସୀଙ୍କ ଜମି ହଡ଼ପ, ଗୋ ସୁରକ୍ଷା ନାଁରେ ସାଧାରଣ ଲୋକଙ୍କୁ ଆକ୍ରମଣ, ନାରୀ ନିର୍ଯାତନା ରୋକିବାରେ ସରକାରଙ୍କ ବିଫଳତାକୁ ଦାୟୀ କରି ନାରାବାଜି କରାଯାଇଥିଲା। ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଆମ୍ବେଦକର ଉନ୍ନୟନ ପରିଷଦ ପକ୍ଷରୁ ପ୍ରତିନିଧି ଦଳ ବିଡିଓଙ୍କୁ ପ୍ରାଦନ କରିଥିଲା। ରମେଶ ଯେନାଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମରେ ବହୁ କର୍ମୀ ଯୋଗ ଦେଇଥିଲେ।



ବନ୍ଧୁକ ଠାରୁ ବୁଦ୍ଧି ଅଧିକ ଶକ୍ତିଶାଳୀ।
-ଷ୍ଟାଲିନ୍

ସକାଳ
THE SAKALA

# କ୍ଷମତାର ବ୍ୟଥା ଓ କଥା

ଆମେରିକା ପରେ ଚୀନ ବିଶ୍ୱର ଦ୍ୱିତୀୟ କ୍ଷମତାକେନ୍ଦ୍ର। ଡୋନାଲ୍ଡ ଟ୍ରମ୍ପ ଆମେରିକାର ରାଷ୍ଟ୍ରପତି ଦାୟିତ୍ୱ ଗ୍ରହଣ କରିବା ପରେ ବାଣିଜ୍ୟ ଶୁଳ୍କ ନିର୍ଦ୍ଧାରଣକୁ ନେଇ ସେ ଯେଉଁ ଅଘୋଷିତ ଯୁଦ୍ଧ ପରିବେଶ ସୃଷ୍ଟି କରିଛନ୍ତି ତାହାର ଖୋଲା ମୁକାବିଲା କେବଳ ଚୀନ କରିଛି। ଆମେରିକାର ଯେକୌଣସି ଆହ୍ୱାନର ସମ୍ମୁଖୀନ ହେବା ସକାଶେ ଚୀନ ପ୍ରସ୍ତୁତ ଅଛି କହିବା ପଛରେ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ପ୍ରଭାବୀ ଭୂମିକାକୁ ଅସ୍ୱୀକାର କରି ହେବନି। ଏପରିକି ଆମେରିକୀୟ ଡଲାରର ଥିବା ବିଶ୍ୱବ୍ୟାପୀ ପ୍ରାଧାନ୍ୟକୁ ଖର୍ବ କରିବା ସକାଶେ ବ୍ରିକ୍ସ ସମ୍ମିଳନୀ ମାଧ୍ୟମରେ ଜିନପିଙ୍ଗଙ୍କ ସମାନ୍ତରାଳ ମୁଦ୍ରା ପ୍ରଚଳନ ପ୍ରସ୍ତାବ ଟ୍ରମ୍ପଙ୍କୁ ବିବ୍ରତ କରିଛି। ଏଥିରୁ ସ୍ପଷ୍ଟ ଅନୁମେୟ ଯେ ଆମେରିକାର ନାଟୋ ସାମରିକ ମେଣ୍ଟ ଭଳି ଚୀନ ମଧ୍ୟ ନିଜର ଆର୍ଥିକ ଦମ୍ଭ ଓ ସାମରିକ ଶକ୍ତି ବଳରେ ଆହ୍ୱାନ ଦେଲା ଭଳି ସାମର୍ଥ୍ୟ ଏକଜୁଟ କରିବାକୁ ସମର୍ଥ ହୋଇଛି। ବ୍ରିକ୍ସ ସଂଗଠନର ପ୍ରମୁଖ ପୁରୋଧା ହେଉଛି ଚୀନ। ତେବେ ନିକଟରେ ବ୍ରାଜିଲରେ ଅନୁଷ୍ଠିତ ସମ୍ମିଳନୀରେ ଚୀନ ରାଷ୍ଟ୍ରପତି ସି. ଜିନପିଙ୍ଗଙ୍କ ଅନୁପସ୍ଥିତି ସମସ୍ତଙ୍କୁ ଚକିତ କରିଥିଲା। ଗତ ୧୨ ବର୍ଷ ମଧ୍ୟରେ ଏହା ହିଁ ଥିଲା ସବୁଠାରୁ ବିରଳ ଘଟଣା। ଏହି ଅନୁପସ୍ଥିତି ବିଭିନ୍ନ ମହଲକୁ ଚର୍ଚ୍ଚାର ଖୋରାକ୍ ଯୋଗାଇଛି।

ଗତ ମେ' ମାସର ଦ୍ୱିତୀୟ ଭାଗରୁ ସାଧାରଣ ଜୀବନରେ ତାଙ୍କର ଅନୁପସ୍ଥିତି ପରିଲକ୍ଷିତ ହୋଇଛି। ଏମିତିରେ ଚୀନର ଆଭ୍ୟନ୍ତରୀଣ ପରିସ୍ଥିତି, ଏପରିକି କୌଣସି ବଡ଼ ଘଟଣା ଖୁବ୍ କ୍ୱଚିତ ସାଧାରଣରେ ପ୍ରକାଶ ପାଇଥାଏ। ସମସ୍ତ ତଥ୍ୟ ସରକାରୀ କଟକଣାକୁ ଅତିକ୍ରମ କରି ପ୍ରକାଶ ପାଇବା ସମ୍ଭବ ନୁହେଁ। ଯାଞ୍ଚ ଓ ସରକାରୀ ସ୍ୱୀକୃତି ପରେ ଯାହା ପ୍ରକାଶ ପାଏ ତାହା ଯେ ପ୍ରକୃତ ଚିତ୍ର ଏକଥା ଜୋରଦେଇ କହିହେବନି। ତେଣୁ ଜିନପିଙ୍ଗ ଏବେ କେଉଁ ଅବସ୍ଥାରେ ଅଛନ୍ତି ତାହାର ସ୍ପଷ୍ଟଚିତ୍ର ଏଯାବତ ମିଳିନାହିଁ। ସେ ଗୁରୁତର ଅସୁସ୍ଥ ନା ଗୃହବନ୍ଦୀ ଅବସ୍ଥାରେ ତାହା ମଧ୍ୟ ଜୋର ଦେଇ କହିହେବନି। ସବୁଠାରୁ ଉଲ୍ଲେଖଯୋଗ୍ୟ ହେଲା, ଚୀନର ସରକାରୀ ଗଣମାଧ୍ୟମରେ ଯେଭଳି ପ୍ରାଧାନ୍ୟ ଦେଇ ପ୍ରକାଶ ପାଉଥିଲା, ଏବେ ତାହା ମଧ୍ୟ ଦୃଶ୍ୟମାନ ହେଉନାହିଁ। ତେଣୁ ଏହା ପଛରେ କିଛି ନା କିଛି ରହସ୍ୟ ତ ନିଶ୍ଚୟ ଅଛି। ଏକଦଳୀୟ ଶାସନ ବ୍ୟବସ୍ଥାରେ କ୍ଷମତା କେନ୍ଦ୍ର ଯିଏ ହେଉନା କାହିଁକି ଯେତେବେଳେ ନେତୃତ୍ୱ ପରିବର୍ତ୍ତନର ଝଡ଼ ସୃଷ୍ଟି ହୁଏ ସେଥିରେ କେତେ କିଏ ଧରାଶାୟୀ ହୁଅନ୍ତି ତାହା ସାଧାରଣରେ ପ୍ରକାଶ ନ ପାଇଲେ ମଧ୍ୟ ତାହାରି ମଧ୍ୟରୁ ହଠାତ୍ ନୂଆ ନେତାଙ୍କ ଆବିର୍ଭାବ ହୁଏ। ଯେତେଦୂର ମନେହୁଏ ସେହି ପ୍ରକ୍ରିୟା ସଂପ୍ରତି ଚୀନରେ ଜାରି ରହିଛି।

ଏଥିମଧ୍ୟରେ ଦୁଇଟି ଖବର ସାମ୍ନାକୁ ଆସିଛି। ହଠାତ୍ ରବିବାର ଜିନପିଙ୍ଗଙ୍କ ଚୀନ ଡିଜିଟାଲ ମିଡିଆରେ ଆବିର୍ଭାବ ଘଟିଛି। ସେ ତାଙ୍କର ସଂକ୍ଷିପ୍ତ ବକ୍ତବ୍ୟ ରଖିଛନ୍ତି। ଅନ୍ୟ ଖବରଟି ହେଲା, ଜିନପିଙ୍ଗ ଓ ପ୍ରଧାନମନ୍ତ୍ରୀ ଲି କ୍ୱାଙ୍ଗଙ୍କୁ ଭେଟି ଆଲୋଚନା କରିବା ସକାଶେ ଅଷ୍ଟ୍ରେଲିଆର ପ୍ରଧାନମନ୍ତ୍ରୀ ଅନ୍ଥୋନୀ ଆଲବାନିସ୍ ୬ ଦିନିଆ ଚୀନ୍‌ଗସ୍ତରେ ଆସିଛନ୍ତି। ସେ ନିବେଶ, ପର୍ଯ୍ୟଟନ ଓ ବାଣିଜ୍ୟ କାରବାର ସଂପର୍କରେ ଚୀନ ନେତୃତ୍ୱ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ଚୀନର ଆଭ୍ୟନ୍ତରୀଣ ରାଜନୈତିକ ପରିସ୍ଥିତି ଯାହା ହେଉନା କାହିଁକି ଏ ସଂପର୍କରେ କୂଟନୈତିକ ମହଲରେ ଯେଭଳି କୌଣସି ଭୁଲ ବାର୍ତ୍ତା ନଯିବ ସେ ନେଇ କମ୍ୟୁନିଷ୍ଟ ପାର୍ଟି ଆବଶ୍ୟକତାଠାରୁ ଅଧିକ ସତର୍କ। ତେଣୁ ଆଲ୍‌ବାନିସ୍ ଓ ଜିନପିଙ୍ଗଙ୍କ ମଧ୍ୟରେ ଆଲୋଚନାର ଗତି ଓ ପ୍ରକୃତିରେ ନିଶ୍ଚୟ ସ୍ୱାଭାବିକତା ରହିବ। କାରଣ ନେତୃତ୍ୱ ବଦଳିଲେ ମଧ୍ୟ ନୀତି ଓ ଆଦର୍ଶ ପୂର୍ବ ଭଳି ଅତୁଟ ରହିବ। କାରଣ ଏଥିସହ ଚୀନର ବିପୁଳ ନିବେଶ ଓ ସାମରିକ ସହଯୋଗିତା ସଂଶ୍ଳିଷ୍ଟ ରହିଛି। ଅଷ୍ଟ୍ରେଲିଆ ଓ ଚୀନ ମଧ୍ୟରେ ଦ୍ୱିପାକ୍ଷିକ ସଂପର୍କ ତଥା ବୁଝାମଣା ଏହି ଗସ୍ତକ୍ରମ ଉପରେ କୌଣସି ପ୍ରତିକୂଳ ପ୍ରଭାବ ପକାଇବ ନାହିଁ। ଭାରତର ବୈଦେଶିକ ମନ୍ତ୍ରୀ ଜୟଶଙ୍କରଙ୍କୁ ମଧ୍ୟ ଜିନ୍‌ପିଙ୍ଗ ଭେଟିଛନ୍ତି, ଯାହା ବିରଳ ପଦବାଚ୍ୟ ହୋଇପାରେ। କାରଣ ଜିନ୍‌ପିଙ୍ଗଙ୍କ ସ୍ୱଭାବ ଓ ମାନସିକତା ଯାହା ସେ ସବୁବେଳେ ତାଙ୍କ ପ୍ରତିପକ୍ଷଙ୍କୁ ହିଁ ସାକ୍ଷାତ କରନ୍ତି। କୌଣସି ଦେଶର ବୈଦେଶିକ ମନ୍ତ୍ରୀଙ୍କ ସହିତ ସାକ୍ଷାତ ଆଲୋଚନା କରିବାକୁ ଜିନ୍‌ପିଙ୍ଗ ଅନୁମତି ଦେବା ପଛରେ ଚୀନ୍ ବୋଧହୁଏ ଏହା ପ୍ରମାଣିତ କରିବାକୁ ଚାହୁଁଛି ଯେ ସବୁକିଛି ଠିକ୍‌ଠାକ୍ ଅଛି।

ଚୀନ ସାମରିକ ବାହିନୀ ଜିନପିଙ୍ଗଙ୍କ ପୂର୍ଣ୍ଣ ନିୟନ୍ତ୍ରଣରେ ରହିଛି। ତିନି ବାହିନୀର ପ୍ରମୁଖଙ୍କ ବିରୋଧରେ ଗୁରୁତର ଅଭିଯୋଗ ଆସିଥିବାରୁ ସେ ଦାୟିତ୍ୱ ଓ ନେତୃତ୍ୱ ପରିବର୍ତ୍ତନ କରିଥିବାର କୁହାଯାଉଛି। ଦୁର୍ନୀତି ଓ ଭ୍ରଷ୍ଟାଚାର ଅଭିଯୁକ୍ତଙ୍କୁ ଫାଶୀ ଦଣ୍ଡ ତ ଚୀନର ଏକ ସ୍ୱାଭାବିକ ବ୍ୟାପାର। ଖବରରୁ ପ୍ରକାଶ ଯେ ନୌବାହିନୀ ପ୍ରମୁଖ ଓ ଜଣେ ବରିଷ୍ଠ ପରମାଣୁ ବୈଜ୍ଞାନିକଙ୍କୁ ମଧ୍ୟ ଦାୟିତ୍ୱର ଅନ୍ତର କରାଯାଇଛି। ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଘଟ ଅଭିଯୋଗ ସେମାନଙ୍କ ବିରୋଧରେ ରହିଛି। ଏବେ କମ୍ୟୁନିଷ୍ଟ ପାର୍ଟିର କ୍ଷମତା କେନ୍ଦ୍ର ପକ୍ଷରୁ ଦୁର୍ନୀତି ଓ ଭ୍ରଷ୍ଟାଚାର ରୋକିବା ପାଇଁ ଦଣ୍ଡବିଧାନ ଶେଷ କଥା ନୁହେଁ ବରଂ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବାକୁ ପରାମର୍ଶ ଦିଆଯାଇଛି। ପରିସ୍ଥିତି କ୍ରମେ ଭିନ୍ନ ମୋଡ଼ ନେଉଥିବାରୁ ଜିନପିଙ୍ଗ ଦଳର ପ୍ରମୁଖ ସଂଗଠନ ସହ ଆଲୋଚନା କରି କ୍ଷମତା ଆବଣ୍ଟନ କରିଥିବାରୁ ଶୁଣାଯାଉଛି। ଯଦିବା ଏହି ସତ ହୋଇଥାଏ ତେବେ ଚୀନରେ ନେତୃତ୍ୱ ପରିବର୍ତ୍ତନ ଅବଶ୍ୟାମ୍ଭାବୀ। ଫାଶୀଦଣ୍ଡ ବିରୋଧରେ ବିଶ୍ୱବ୍ୟାପୀ ଜନମତ ପ୍ରକାଶ ପାଇଥିବାବେଳେ ଚୀନରେ ଏପ୍ରକାର ଦଣ୍ଡବିଧାନ ସର୍ବାଧିକ। ଏକ ରିପୋର୍ଟରୁ ପ୍ରକାଶ ଯେ ୨୦୨୩ ରେ କେବଳ ଚୀନରେ ୧୦୦୦ ଲୋକଙ୍କୁ ଫାଶୀ ଦିଆଯାଇଛି।

ଚୀନରେ ନେତୃତ୍ୱ ପରିବର୍ତ୍ତନ ହେଉ ବା ନହେଉ ପାକିସ୍ତାନ ପ୍ରତି ବେଜିଂର ସଂପର୍କ ପୂର୍ବଭଳି ଅତୁଟ ରହିବ। କାରଣ ଚୀନର ମହତାକାଂକ୍ଷୀ ନିବେଶର ଭବିଷ୍ୟତ ପ୍ରତି କୌଣସି ପରିସ୍ଥିତିରେ ଆଖିବୁଜି ଦିଆଯାଇପାରିବ ନାହିଁ। ଦକ୍ଷିଣ ଏସିଆ କୂଟନୀତିରେ ପାକିସ୍ତାନ ଏକ ପ୍ରମୁଖ ଅଙ୍ଗର ମର୍ଯ୍ୟାଦା ହାସଲ କରିସାରିଛି। ପହଲଗାମ ଆତଙ୍କବାଦୀ ଘଟଣାରେ ନିନ୍ଦା ପ୍ରସ୍ତାବ ଗ୍ରହଣ କରାଯାଇଥିଲେ ମଧ୍ୟ ଏଥିରେ ପାକିସ୍ତାନର ସମ୍ପୃକ୍ତିକୁ ଉଦ୍ଦେଶ୍ୟମୂଳକ ଭାବେ ବାଦ ଦିଆଯାଇଛି। ତେଣୁ ଜିନପିଙ୍ଗ କ୍ଷମତାରେ ରହନ୍ତୁ ନରହନ୍ତୁ ଭାରତ ପାଇଁ କିଛି ଫରକ ପଡ଼ିବ ନାହିଁ।

# ବାସ୍ତୁହରା ଗ୍ରାମବାସୀ

ବୈକୁଣ୍ଠନାଥ ମିଶ୍ର

ପୂର୍ବ କାଳରେ ରାଜା ମହାରାଜାମାନେ ଯୁଦ୍ଧ ଅଭିଯାନରେ ଯାଇ ରାଜ୍ୟ ଜୟ କରି ବିଜିତ ରାଜ୍ୟକୁ ନିଜ ମୂଳ ଭୂଖଣ୍ଡ ସହ ମିଶାଇ ରାଜ୍ୟର ସୀମା ବୃଦ୍ଧି କରୁଥିଲେ। ଜୋର ଯା'ର ମୂଲକ ତା'ର ନ୍ୟାୟରେ ପରାଜିତ ରାଜାମାନେ ବିଜେତାଙ୍କ ବଶତା ସ୍ୱୀକାର କରୁଥିଲେ। ପରାଜିତ ରାଜ୍ୟର ପ୍ରଜାକୁଳ ପୁରାତନ ଶାସନ ପରିବର୍ତ୍ତେ ଏକ ନୂତନ ଶାସନ ପଦ୍ଧତିକୁ ଆପଣେଇ ନେଉଥିଲେ। ସେମାନଙ୍କୁ ନାନା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲେ ମଧ୍ୟ ଅନନ୍ୟୋପାୟ ହୋଇ ନୂତନତାକୁ ଆଦରିବାକୁ ପଡୁଥିଲା। ପ୍ରଜାମାନଙ୍କୁ ମାନିନେବାକୁ ହେଉଥିଲା ନୂତନ କର ନୀତି। ତାହା ଯେତେ କଷ୍ଟକର ହେଲେ ମଧ୍ୟ ବିନା ପ୍ରତିବାଦରେ ତାକୁ ଗ୍ରହଣ କରିବାକୁ ପଡୁଥିଲା।

ଏକବିଂଶ ଶତାବ୍ଦୀର ଏକ-ଚତୁର୍ଥାଂଶ ପୃଥିବୀ ଭୋଗ କରି ସାରିଲାଣି। ଏକଛତ୍ର ଶାସନ ପ୍ରାୟତଃ ସତ୍ତା ହରାଇଛି। ଗଣତନ୍ତ୍ରର ମହନୀୟତାକୁ ପୃଥିବୀବାସୀ ଆଦରି ନେଇଛନ୍ତି। ବଂଶାନୁକ୍ରମିକ ଶାସନ ପ୍ରାୟତଃ ଲୋପ ପାଇଛି। ନିର୍ବାଚନ ମାଧ୍ୟମରେ ଜନସାଧାରଣ ନିର୍ଣ୍ଣୟ କରୁଛନ୍ତି ତାଙ୍କ ଶାସକ ଗୋଷ୍ଠୀକୁ। ଶାସନ ଜନସାଧାରଣଙ୍କର ପ୍ରିୟଭାଜନ ହେଲେ ସରକାର ଦୀର୍ଘସ୍ଥାୟୀ ହେବ। ନଚେତ ପରବର୍ତ୍ତୀ ନିର୍ବାଚନରେ ନୂଆ ସରକାର ଆବିର୍ଭାବ ହେବ। ଭାରତ ଭଳି ସଂଘୀୟ ବ୍ୟବସ୍ଥାରେ ଜନସାଧାରଣ ରାଜ୍ୟ ଓ କେନ୍ଦ୍ର ପାଇଁ ପୃଥକ ସରକାର ବାଛନ୍ତି। ଉଭୟଙ୍କର କ୍ଷମତା ପରିସର ସମ୍ବିଧାନ ଅନୁଯାୟୀ ସ୍ଥିତୀକୃତ ହୋଇଛି। ଗୋଟିଏ ରାଜ୍ୟ ଚାହିଁଲେ ବି ଅନ୍ୟ ରାଜ୍ୟ ଦଖଲ କରି ପାରିବ ନାହିଁ। କିନ୍ତୁ ସଂପ୍ରତି ଦେଖିବାକୁ ମିଳୁଛି ଯେ ନିଜ ରାଜ୍ୟର ସୀମା ଡେଇଁ ପଡ଼ୋଶୀ ରାଜ୍ୟର କିଛି ଅଂଶ ଦଖଲ କରିବାକୁ ଅନୌପଚାରିକ ପ୍ରୟାସ ଜାରି ରହିଛି।

ଓଡ଼ିଶାର କୋରାପୁଟ ଜିଲ୍ଲାର ଆନ୍ଧ୍ର ସଂଲଗ୍ନ କୋଟିଆ ପଞ୍ଚାୟତ ଉପରେ ଆନ୍ଧ୍ରର ଶ୍ୟେନ ଦୃଷ୍ଟି ପଡ଼ିଛି, ଯାହା ଓଡ଼ିଶାବାସୀଙ୍କୁ ବିବ୍ରତ କରିଛି। ଓଡ଼ିଶାରେ ପ୍ରଚଳିତ ସମସ୍ତ ଜନକଲ୍ୟାଣ ଯୋଜନାକୁ ପ୍ରତିହତ କରି ଆନ୍ଧ୍ର ଆକର୍ଷଣୀୟ ଯୋଜନାମାନ ପ୍ରଚଳନ କରୁଛି। ଓଡ଼ିଶାଠାରୁ ଅଧିକ ଭତ୍ତା, ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପାଇଁ ଲୋଭନୀୟ ଅନୁଦାନ, ସ୍କୁଲ ଓ ଚିକିତ୍ସାଳୟ ସୁବିଧା ସହ ସଡ଼କ ସେତୁ ନିର୍ମାଣ କରି କୋଟିଆବାସୀଙ୍କ ମନ କିଣିବାକୁ ସକ୍ଷମ ହୋଇଛି। କୋଟିଆ ଅଞ୍ଚଳରେ ଥିବା ମୂଲ୍ୟବାନ ଧାତୁପଥର ଗଚ୍ଛିତ ପାହାଡ଼ ପର୍ବତ ଓ ମୂଲ୍ୟବାନ ଅରଣ୍ୟସମ୍ପଦକୁ ହାତେଇବା ଆନ୍ଧ୍ରର ଲକ୍ଷ୍ୟ। ପଡ଼ୋଶୀ ପଶ୍ଚିମବଙ୍ଗ ମଧ୍ୟ ଉତ୍ତର ବାଲେଶ୍ୱରର କିଛି ଅଞ୍ଚଳ ଉପରେ ଲୋଲୁପ ଦୃଷ୍ଟି ରଖିଛି। ସେହିପରି ଝାରସୁଗୁଡ଼ା ଜିଲ୍ଲାର ଲଖନପୁର ବ୍ଲକର କିଛି ଅଂଶ ଓ ନୂଆପଡ଼ା ଜିଲ୍ଲାର ଖଡ଼ିଆଳ ଅଞ୍ଚଳର କିଛିଅଂଶ ଉପରେ ଛତିଶଗଡ଼ର ଲୋଭନୀୟ ଦୃଷ୍ଟି ପଡ଼ିଛି। ଜାତୀୟସ୍ତରରେ ମଧ୍ୟ ଉତ୍ତର-ପୂର୍ବାଞ୍ଚଳ ରାଜ୍ୟ ଅରୁଣାଚଳ ପ୍ରଦେଶକୁ ଦଖଲ କରିବା ପାଇଁ ଚୀନ ସଦସର୍ବଦା ପ୍ରୟାସ ଜାରି ରଖିଛି। ନିଜ ଦେଶ ସଂଲଗ୍ନ ପଡ଼ୋଶୀ ଭାରତର କିଛିଅଂଶ ନିଜର ବୋଲି ଦାବିକରି ଚୀନ ମାନଚିତ୍ର ମଧ୍ୟ ପ୍ରକାଶ କରିଛି, ଯାହାକୁ ଭାରତ ଦୃଢ଼ତାର ସହ ବିରୋଧ କରିଛି।

ଆମ ଆଲୋଚନାର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲାଯେ ଦେଶ ବା ରାଜ୍ୟ କଥା ଦୂରେ ଥାଉ, ଜଣେ ବ୍ୟକ୍ତି ଇଚ୍ଛା କଲେ ସମ୍ପୂର୍ଣ୍ଣ ଏକ ଜନବସତିପୂର୍ଣ୍ଣ ଗ୍ରାମକୁ କ୍ରୟ କରିପାରିବ କି? ଆଶ୍ଚର୍ଯ୍ୟ ଲାଗିଲେ ମଧ୍ୟ ଘଟଣାଟି ସତ୍ୟ। ଗଜପତି ଜିଲ୍ଲା ଗୋଷାଣି ବ୍ଲକର ଗ୍ରାମଟିଏ। ନାଁ ତା'ର ଡାକ୍ତରବାଞ୍ଜେରି। ଏହି ଗ୍ରାମର ମୋଟ ଚାଷ ଜମିର ପରିମାଣ ୪୭ ଏକର। ଗ୍ରାମବାସୀ କହନ୍ତି ଏହି ଗାଁ ଥିଲା ପାରଳା ମହାରାଜାଙ୍କର। ରାଙ୍ଗାରାଓ ନାମକ ଜଣେ ଡାକ୍ତରଙ୍କ ସେବାକାର୍ଯ୍ୟରେ ପ୍ରୀତ ହୋଇ ରାଜା ତାଙ୍କୁ ଏହି ଗ୍ରାମ ଦାନ କରିଥିଲେ। ପରେ ଡାକ୍ତର ଏଇ ଗାଁ ଛାଡ଼ି କେଉଁ ଆଡ଼େ ଚାଲିଗଲା ପରେ ୧୦୦ଟି ଆଦିବାସୀ ପରିବାର ବଂଶାନୁକ୍ରମିକ ଭାବେ ଉକ୍ତ ଗାଁରେ ବାସ କରି ଆସୁଛନ୍ତି। ବିସ୍ମୟର କଥା ଯେ ବ୍ରହ୍ମପୁରର ଜଣେ ମହିଳା ୧କୋଟି ୫୦ଲକ୍ଷ ଟଙ୍କାରେ ଉକ୍ତ ଗ୍ରାମଟିକୁ କିଣି ନେଇଛନ୍ତି। ବିଡ଼ମ୍ବନାର କଥା ଏଇଆ ଯେ ଗ୍ରାମରେ ଥିବା ସରକାରୀ ଓ ବେସରକାରୀ ଅର୍ଥରେ ଗଢ଼ି ଉଠିଥିବା ସମସ୍ତ ନିର୍ମାଣକୁ କେବଳ ଜମି ଦର୍ଶାଯାଇ ଯୋଜନାବଦ୍ଧ ଭାବେ ବିକ୍ରିକରି ଦିଆଯାଇଥିବା ଗଣମାଧ୍ୟମ ସୂତ୍ରରୁ ପ୍ରକାଶ।

ଆଗେ ରାଜାରାଜୁଡ଼ା ଶାସନ ବେଳେ ଜମିଦାରମାନେ ଜମିମାଲିକ ଥାଇ ପ୍ରଜାଙ୍କୁ କିଛି ଜମିଦାନ କରୁଥିଲେ। ସେହି ପ୍ରଜାମାନେ ଜମିଦାରଙ୍କ ଘରେ ବିନା ପାରିଶ୍ରମିକରେ ବା ସ୍ୱଳ୍ପ ପାରିଶ୍ରମିକରେ କାମ କରୁଥିଲେ। ପରେ ଉକ୍ତ ଜମିକୁ ସଂପୃକ୍ତ ପ୍ରଜାମାନଙ୍କୁ ହସ୍ତାନ୍ତର କରାଯାଉଥିଲା। କିନ୍ତୁ ଗଣତନ୍ତ୍ର ପ୍ରତିଷ୍ଠାର ଏତେବର୍ଷ ପରେ ଜଣେ ବ୍ୟକ୍ତି ଗୋଟିଏ ଗ୍ରାମକୁ ନିଜ ମାଲିକାନା ଦର୍ଶାଇ ଅନ୍ୟଜଣକୁ ବିକ୍ରି କରିଦେବା କେତେଦୂର ସମୀଚୀନ ତାହା ବିଚାରଯୋଗ୍ୟ। ଗ୍ରାମବାସୀ କେତେକଷ୍ଟରେ ବାସଗୃହ ଖଣ୍ଡେ କରି ପିଢ଼ି ପରେ ପିଢ଼ି ବଂଶାନୁକ୍ରମିକ ଭାବେ ଉକ୍ତ ଗ୍ରାମରେ ବସତି ସ୍ଥାପନ କରିଆସୁଛନ୍ତି। ଗାଁଟିରେ କେତେ ଗୋସମ୍ପଦ, ମୂଲ୍ୟବାନ ବୃକ୍ଷସମ୍ଭାର, ଲୋକଙ୍କର ଜୀବିକା ପାଇଁ ଚାଷ ଜମି ବ୍ୟତୀତ ସରକାରୀ ଅନୁଦାନରେ ବିଦ୍ୟାଳୟ, ଅଙ୍ଗନବାଡ଼ି କେନ୍ଦ୍ର, ପାନୀୟ ଜଳ ବ୍ୟବସ୍ଥା ଓ ସଡ଼କସେତୁ ପରି ଜନକଲ୍ୟାଣକାରୀ ଯୋଜନା ମଧ୍ୟ କାର୍ଯ୍ୟକାରୀ ହୋଇଛି। ଯଦି ଏହି ଗ୍ରାମଟି କୌଣସି ବ୍ୟକ୍ତିଙ୍କର ନିଜସ୍ୱ ବ୍ୟକ୍ତିଗତ ମାଲିକାନରେ ଅଛି, ତେବେ ବିଦ୍ୟାଳୟ, ଅଙ୍ଗନବାଡ଼ି କେନ୍ଦ୍ର, ସଡ଼କ ପରି ସୁବିଧାମାନ ନିର୍ମାଣ କଲା ବେଳେ ଏକଥା ସରକାରଙ୍କ ନଜରକୁ ଆସିଲା ନାହିଁ କିପରି? ଆହୁରି ଆଶ୍ଚର୍ଯ୍ୟର କଥା ଯେ ନିଜକୁ ଜମି ମାଲିକ ଦର୍ଶାଉଥିବା ବ୍ୟକ୍ତି ଜଣକ ଏଠାରେ ସରକାରୀ ନିର୍ମାଣକୁ ବିରୋଧ କଲେ ନାହିଁ କାହିଁକି? ଏସବୁ ବାବଦରେ ସରକାରୀ ଅଧିକାରୀ କ'ଣ ଅଜ୍ଞ ଥିଲେ ନା ଏଥିରେ ତଞ୍ଚକତା ଭରି ରହିଛି? ଗ୍ରାମବାସୀ ସମୂହ ଭାବେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କର୍ତ୍ତୃପକ୍ଷ ସେପରି ସମ୍ବେଦନ ଥିବା ପରି କୌଣସି ସୂଚନା ପରିଲକ୍ଷିତ ହେଉନାହିଁ। ଅବଶ୍ୟ ଗ୍ରାମବାସୀଙ୍କ ଆକୁଳ ପ୍ରାର୍ଥନା ପରେ ଜିଲ୍ଲାପାଳ ଏ ବିଷୟରେ ଅନୁଧ୍ୟାନ କରିବେ ବୋଲି ଆଶ୍ୱାସନା ଦେଇଛନ୍ତି।

ଶୁଣାଯାଏ ଗ୍ରାମଟିକୁ ନିଜ ନାମରେ ପଞ୍ଜୀକରଣ କଲା ପରେ ନୂତନ ମାଲିକ ଗ୍ରାମବାସୀଙ୍କୁ ବିତାଡ଼ିତ କରି ସେଠାରେ କିଛି ପ୍ରକଳ୍ପ କରିବାର ଯୋଜନା ରଖିଛନ୍ତି। ଗ୍ରାମଟି ଯଦି ଗ୍ରାମବାସୀଙ୍କର ନଥିଲା ତେବେ ସେମାନେ ଏତେକାଳ ଧରି ସେଠାରେ ସପରିବାର ରହିଆସୁଛନ୍ତି କିପରି? ପ୍ରଥମରୁ ଆପତ୍ତି ଉଠାଇଥିଲେ ସେଠାରେ ଜନବସତି ଗଢ଼ିଉଠି ନଥା'ନ୍ତା କି ସରକାର ମଧ୍ୟ ମୌଳିକ ସୁବିଧାମାନ ଯୋଗାଇ ଆସୁ ନ ଥା'ନ୍ତେ। ପ୍ରଶ୍ନ ଉଠେ ସେଠାରେ ଗଢ଼ି ଉଠିଥିବା ସରକାରୀ ପ୍ରକଳ୍ପଗୁଡ଼ିକ କ'ଣ ଘରୋଇ ମାଲିକାନାକୁ ଚାଲିଯିବ? ଏହା କୌଣସି ଦୁଇଟି ରାଜ୍ୟ ମଧ୍ୟରେ ଘଟିଥିବା ଘଟଣା ନୁହେଁ କିମ୍ବା ଦେଶଦେଶ ମଧ୍ୟରେ ଘଟିଥିବା ଘଟଣା ନୁହେଁ, ଯାହାର ସମାଧାନ ପାଇଁ ଆନ୍ତର୍ଜାତିକ ନ୍ୟାୟାଳୟ ପର୍ଯ୍ୟନ୍ତ କଥାଯିବ। ଏହା ଗୋଟିଏ ଜିଲ୍ଲାର ଏକ ନିର୍ଦ୍ଦିଷ୍ଟ ଗ୍ରାମାଞ୍ଚଳର କଥା। ପଞ୍ଜୀକରଣ ସମୟରେ ଉକ୍ତ ଜମିରେ କେତେ ବୃକ୍ଷ, କେତେ ଜଳଉତ୍ସ, କେତେ ନିର୍ମାଣ ସବୁକଥା ସରକାରୀ ଅଧିକାରୀ ଯାଞ୍ଚ କରି ପଞ୍ଜୀକରଣ କାର୍ଯ୍ୟ ସମ୍ପାଦନ କରିଥିବେ। ସେତେବେଳେ ଏସବୁ ନିର୍ମାଣକୁ ସେ ଅଣଦେଖା କଲେ କିପରି? ଖବରକାଗଜରେ ଏଭଳି ଏକ ଘଟଣା ପ୍ରକାଶ ପାଇ ଜନମାନସକୁ ଆନ୍ଦୋଳିତ କରୁଛି। ଆଶା କରାଯାଏ ସରକାର ସୁବିଚାର କରି ଉକ୍ତ ୧୦୦ଟି ଆଦିବାସୀ ପରିବାରଙ୍କୁ ନ୍ୟାୟ ପ୍ରଦାନ କରିବେ।

ସିଦ୍ଧଳ(ଜଗତସିଂହପୁର), ମୋ: ୯୯୩୭୪୫୦୫୪୦

# ନ୍ୟାୟ ଦେବ କିଏ?

ଡ. ସ୍ୱାଧୀନ କୁମାର ଦାଶ

ଓଡ଼ିଶାର ମୁଖ୍ୟମନ୍ତ୍ରୀ ନିକଟରେ ଦିଲ୍ଲୀଗସ୍ତ କାଳରେ ଦେଶର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ଓଡ଼ିଶାର ଭବିଷ୍ୟତ କାର୍ଯ୍ୟ ସମ୍ବଳିତ ଏକ ପୁସ୍ତକ- 'ଓଡ଼ିଶା ଭିଜନ୍-୨୦୩୬' ପ୍ରଦାନ କରିଛନ୍ତି। ଏହି ସମୟରେ ବାଲେଶ୍ୱରରେ ଏକ ସ୍ପର୍ଶକାତର, ନିନ୍ଦନୀୟ ଘଟଣା ଘଟିଛି, ଯାହା ସାରା ଦେଶରେ ଚର୍ଚ୍ଚା ଓ ସମାଲୋଚନାର ଶିରୋନାମା ହୋଇ ଆମ ରାଜ୍ୟକୁ ନିନ୍ଦିତ କରିଛି। ରାଜ୍ୟର ଲବ୍ଧପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅଧ୍ୟକ୍ଷଙ୍କ ପ୍ରକୋଷ୍ଠ ସମ୍ମୁଖରେ ଆତ୍ମାହୁତି ଉଦ୍ୟମ କରିଥିବା ଇଣ୍ଟିଗ୍ରେଟେଡ୍ ବି.ଇଡି ଦ୍ୱିତୀୟ ବର୍ଷର ଛାତ୍ରୀ ସୌମ୍ୟାଶ୍ରୀ ବିଶି ଜୀବନଯୁଦ୍ଧରେ ହାରିଯାଇ ଭୁବନେଶ୍ୱରରେ ଏମ୍ସରେ ଚିକିତ୍ସାଧୀନ ଅବସ୍ଥରେ ମୃତ୍ୟୁବରଣ କରିଛନ୍ତି। ଏପରି ଲୋମହର୍ଷଣକାରୀ ଘଟଣା ଛାତ୍ରଛାତ୍ରୀ, ଜନତା ଓ ବୁଦ୍ଧିଜୀବୀ ମହଲରେ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ଏବଂ ଶିକ୍ଷାନୁଷ୍ଠାନଗୁଡ଼ିକରେ ଘଟୁଥିବା ପରଦା ଆଢୁଆଳର ଚିତ୍ରକୁ ପ୍ରଦର୍ଶିତ କରୁଛି। ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଏହି ପ୍ରସଙ୍ଗରେ ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ବିରୋଧୀଦଳ ମୁଖ୍ୟ ସଚେତକ ତଥା ବିଧାୟିକା ଶ୍ରୀମତୀ ପ୍ରମିଳା ମଲ୍ଲିକଙ୍କ ନେତୃତ୍ୱରେ ବିଜେଡିର ତିନିଜଣିଆ ମହିଳା ଟିମ୍ ରାଷ୍ଟ୍ରପତିଙ୍କୁ ଭେଟି ଉଦ୍‌ବେଗ ପ୍ରକାଶ କରିବା ସହିତ ନ୍ୟାୟ ଦାବି କରିଛନ୍ତି। ରାଜ୍ୟର ଏକ ଉଜ୍ଜ୍ୱଳ ଭବିଷ୍ୟତ ଆତ୍ମାହୁତି କରି କ'ଣ ପ୍ରମାଣିତ କରିବାକୁ ଚାହୁଁଛି? ଏହି କଳୁଷିତ ନିନ୍ଦନୀୟ ଘଟଣା ପାଇଁ ଦାୟୀ ଯିଏ? ତା' ପ୍ରତି କି ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରାଯିବ? ତାହାର ଉତ୍ତର ସମୟ କହିବ।

ମଣିଷ ଯେତେବେଳେ ପାରିପାର୍ଶ୍ୱିକ ଅବ୍ୟବସ୍ଥା ଏବଂ ନିଜେ ଭୋଗୁଥିବା କିଛି ସମସ୍ୟାର ସମାଧାନ ନିମନ୍ତେ ଉଚ୍ଚ କର୍ତ୍ତୃପକ୍ଷ, ପ୍ରଶାସନ ଓ ଶାସନ ବ୍ୟବସ୍ଥା ନିକଟରେ ଆବେଦନ, ନିବେଦନ ଓ ଗୁହାରି କରି ପ୍ରତିକାର ପାଏ ନାହିଁ, ସେତେବେଳେ ସେ ନିଜର ବିଚାର ବ୍ୟବସ୍ଥାକୁ ଗ୍ରହଣ କରି ଭଗ୍ନ ମାନସିକତାରେ ନିଷ୍ପତ୍ତି ନିଏ। ତାହା ସୌମ୍ୟାଶ୍ରୀଙ୍କ କ୍ଷେତ୍ରରେ ପରିଲକ୍ଷିତ ହୋଇଛି। ଉଚ୍ଚଶିକ୍ଷା ନିମନ୍ତେ ଆସିଥିବା ଏହି ଛାତ୍ରୀଜଣଙ୍କ ସମ୍ମୁଖୀନ ହେଉଥିବା ନିର୍ଯାତନାର ପ୍ରତିକାର ପାଇଁ ଜୁଲାଇ ୧ରେ ରାଜ୍ୟର ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ, ଜିଲ୍ଲାପାଳ, ବିଧାୟକ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ପ୍ରମୁଖଙ୍କୁ ସାମାଜିକ ଗଣମାଧ୍ୟମ (ଏକ୍ସ)ରେ ନିବେଦନ କଲା ପରେ ମଧ୍ୟ ଫଳଶୂନ ଥିଲା। ଏଣୁ ସେ ଏପରି ଚରମ ନିଷ୍ପତ୍ତି ନେବାକୁ ବାଧ ହୋଇଥିଲେ। ଉଚ୍ଚଶିକ୍ଷା ନିର୍ଦ୍ଦେଶକ୍ରମେ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟମାନଙ୍କରେ ଗଠିତ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ସୌମ୍ୟାଶ୍ରୀଙ୍କ କ୍ଷେତ୍ରରେ ଧର୍ମକୁ ଆଖିଠାର ପରି ମନେ ହେଲା। ମହିଳାମାନଙ୍କୁ ସୁରକ୍ଷା ପ୍ରଦାନ କରି ସୁସ୍ଥ ସମାଜ ସ୍ଥାପନା ସରକାରଙ୍କର ମୁଖ୍ୟ ଦାୟିତ୍ୱ। କିନ୍ତୁ ରାଜ୍ୟ ସରକାରଙ୍କର ଆନ୍ତରିକତାହୀନ ଶାସନ ବ୍ୟବସ୍ଥା ସାରା ରାଜ୍ୟକୁ ନିନ୍ଦିତ କରିଛି।

ସମ୍ପ୍ରତି ନାରୀ ନିର୍ଯାତନା, ଶୋଷଣ, ଯୌନ ଉତ୍ପୀଡ଼ନ ଆଦି ଘଟଣା ଦିନକୁ ଦିନ ବଢ଼ିବାରେ ଲାଗିଛି। ଏପରିକି ଯୁକ୍ତରାଷ୍ଟ୍ର ଆମେରିକା ତା' ଦେଶର ନାଗରିକଙ୍କ ଉଦ୍ଦେଶ୍ୟରେ ଏକ ନିର୍ଦ୍ଦେଶନାମା ଜାରି କରି ଭାରତର କିଛି ରାଜ୍ୟକୁ ଯିବାକୁ ବାରଣ କରିଛି। ସେହି ରାଜ୍ୟମାନଙ୍କ ମଧ୍ୟରେ ଓଡ଼ିଶାର ନାମ ସ୍ଥାନିତ ହେବା ନିଶ୍ଚିତ ଭାବେ ଆମ ଢିଲା ଶାସନ ବ୍ୟବସ୍ଥା ଏବଂ ଆଇନ ଶୃଙ୍ଖଳାର ଅପାରଦର୍ଶିତାକୁ ପଦାରେ ପକାଇ ଦେଇଛି।

ବର୍ତ୍ତମାନ ରାଜ୍ୟ ସରକାର ନିର୍ବାଚନ ସମୟରେ ପୂର୍ବ ସରକାରଙ୍କର ଶାସନ ପରିଚାଳନାରେ ଅବ୍ୟବସ୍ଥା, ଓ ଅସ୍ମିତାର ଦ୍ୱାହି ଦେଇ କ୍ଷମତାକୁ ଆସିଥିଲେ। ମୁଖ୍ୟମନ୍ତ୍ରୀ ମଧ୍ୟ ଅନେକ ଥର ଆମ ସରକାର, ଲୋକଙ୍କର ସରକାର ଓ ଜନସାଧାରଣଙ୍କର ମୌଳିକ ସୁବିଧାକୁ ଅଗ୍ରାଧିକାର ଦେଇ ସୁଶାସନ ପ୍ରତିଶ୍ରୁତି ଦେଇଆସିଛନ୍ତି। କିନ୍ତୁ ସୌମ୍ୟାଶ୍ରୀଙ୍କ ଆତ୍ମାହୁତି ଘଟଣା, ଗୋପାଳପୁର ଦୁଷ୍କର୍ମ ଘଟଣା ଆଦି ସୂଚାଉଛି ଯେ ରାଜ୍ୟରେ ଆପରାଧିକ କାର୍ଯ୍ୟକଳାପ ଦିନକୁ ଦିନ ବଢ଼ିବାରେ ଲାଗିଛି। ମହାତ୍ମା ଗାନ୍ଧୀଙ୍କର 'ୟଙ୍ଗ୍ ଇଣ୍ଡିଆ'ରେ ୧୯୨୦ ମସିହାରେ ଲିଖିତ ଉକ୍ତି ଆଜି ୧୦୫ ବର୍ଷ ପରେ ମଧ୍ୟ ସେହି ସମାନ ପ୍ରଶ୍ନକୁ ତୋଳି ଧରୁଛି। ସେହି ଉକ୍ତିରେ ମହିଳାମାନଙ୍କର ସ୍ୱାବଲମ୍ବନଶୀଳତା, ଉଚ୍ଚଶିକ୍ଷିତା ଓ ନାରୀମାନଙ୍କର ଘରୁ ବାହାରି ବିଭିନ୍ନ ଦାୟିତ୍ୱ ନିର୍ବାହ କରିବାର କ୍ଷମତା ଆସିଲେ ହିଁ ଏକ ପ୍ରଗତିଶୀଳ ସମାଜ ଗଠନ କରିହେବ ବୋଲି ଯାହା ଉଲ୍ଲେଖ ହୋଇଥିଲା ତାହା ଆଜି ମଧ୍ୟ ପ୍ରଶ୍ନ ଘେରରେ। ଏହାଦ୍ୱାରା ଏକ ସୁ-ରାଷ୍ଟ୍ର ନିର୍ମାଣ ଏବଂ ସମାଜର ଭିତ୍ତିଭୂମି ସୁଦୃଢ଼ ହୋଇପାରିବ ନାହିଁ ଏହା ନିଶ୍ଚିତ।

ସୌମ୍ୟାଶ୍ରୀଙ୍କର ଘଟଣା ପରେ ଗାଁଗହଳିରୁ କୌଣସି ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ କିମ୍ବା ଯେକୌଣସି ଶିକ୍ଷାନୁଷ୍ଠାନକୁ ଉଚ୍ଚଶିକ୍ଷା ନିମନ୍ତେ ଯାଉଥିବା ଝିଅଟିର ସୁରକ୍ଷା ସମ୍ବଳିତ ଅନେକ ପ୍ରଶ୍ନ ଓ ଭୟ ମନ ଭିତରେ ଉଠୁଛି। ଛାତ୍ରୀଟିର ଶିକ୍ଷା ଶେଷ ହେବା ଯାଏଁ ଅଭିଭାବକଟିଏ ମଧ୍ୟ ନିଶ୍ଚିନ୍ତ ହୋଇପାରୁନାହିଁ। ୧୯୬୪ ମସିହାରେ ଡ. ଡି ଏସ୍ କୋଠାରିଙ୍କ ଅଧ୍ୟକ୍ଷତାରେ ଗଠିତ ଜାତୀୟ ଶିକ୍ଷାନୀତି କମିଶନ୍ ଜୁନ୍ ୨୯, ୧୯୬୬ରେ ଯେଉଁ ରିପୋର୍ଟ ପ୍ରଦାନ କରିଥିଲେ, ସେଥିରେ ଶିକ୍ଷକଙ୍କ ଚଳଣି ଓ ଚରିତ୍ର ସଠିକ୍ ହେଲେ ହିଁ ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଆସିବ ଏବଂ ଅନେକ କୃତୀ ଛାତ୍ରଛାତ୍ରୀ ସୃଷ୍ଟି ହୋଇ ରାଷ୍ଟ୍ର ନିର୍ମାଣରେ ସହାୟକ ହେବେ ବୋଲି ଉଲ୍ଲେଖ ଥିଲା। ସରକାର ନିଜକୁ ରାଜନୀତିରୁ ଉର୍ଦ୍ଧ୍ୱରେ ରଖି ନିରପେକ୍ଷ ଭାବେ ଆଇନର ବ୍ୟବସ୍ଥା ଶୃଙ୍ଖଳିତ ଭାବେ କାର୍ଯ୍ୟକାରୀ କଲେ ଯାଇ ଏହା ସମ୍ଭବ ହୋଇପାରିବ।

ସୌମ୍ୟାଶ୍ରୀଙ୍କ ହୃଦୟ ବିଦାରକ ଘଟଣା ଉଚ୍ଚଶିକ୍ଷା କ୍ଷେତ୍ରରେ ଚାଲିଆସୁଥିବା ବହୁଦିନର ସମସ୍ୟାକୁ ଲୋକଲୋଚନକୁ ଆଣିପାରିଛି। ଅନେକ ଛାତ୍ରଛାତ୍ରୀ ଏପରି ପିଶାଚରୂପୀ ଶିକ୍ଷକଙ୍କ ଦ୍ୱାରା ନିର୍ଯାତିତ ହୋଇ ଶିକ୍ଷାରେ ଡୋରି ବାନ୍ଧି ଦେଉଛନ୍ତି ତ କେହି କେହି ପାରିବାରିକ ସମସ୍ୟାକୁ ଦୃଷ୍ଟିରେ ରଖି ସବୁକିଛି ନିରବରେ ସହି ଯାଉଛନ୍ତି। ଉଚ୍ଚ ପଦାଧିକାରୀଙ୍କୁ ଜଣାଇଲେ ଲାଭ କିଛି ହେଉନାହିଁ, ବରଂ ଆହୁରି ଆକ୍ରୋଶର ଶିକାର ହେବାକୁ ପଡୁଛି। ତେଣୁ କହିବେ କାହାକୁ, ଶୁଣିବ କିଏ?

ସରକାର ଏହି ସ୍ପର୍ଶକାତର ଘଟଣାକୁ ଗୁରୁତ୍ୱର ସହିତ ନେଇ ଶାସନ ବ୍ୟବସ୍ଥାକୁ ଶୃଙ୍ଖଳିତ କରିବାର ବେଳ ଆସିଛି। ସଂସ୍କାର ଓ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରି ସୌମ୍ୟାଶ୍ରୀଙ୍କ ପରିବାରକୁ ଉପଯୁକ୍ତ ନ୍ୟାୟ ପ୍ରଦାନ କରିବା ଜରୁରୀ। ଏହି ଘଟଣା ପଛରେ ଥିବା କୁତ୍ସିତ ମାନସିକତାଧାରୀମାନଙ୍କୁ ଉଚିତ୍ ଦଣ୍ଡବିଧାନ କରାଯାଇ ପାରିଲେ ଆଗାମୀ ଦିନରେ ଶିକ୍ଷା ଭଳି ଏକ ପବିତ୍ର ଧର୍ମର ଗରିମା ବଜାୟ ରହିବ। ନ ହେଲେ ଦିନକୁ ଦିନ ଏଭଳି ଅଘଟଣମାନ ବଢ଼ି ବଢ଼ି ଶିକ୍ଷା ବ୍ୟବସ୍ଥାକୁ ଭିତରୁ ନଷ୍ଟଭ୍ରଷ୍ଟ କରିଦେବ। ଦିନ ଆସିବ ମଣିଷ ଗଢୁ ଗଢୁ ମାଙ୍କଡ଼ ଗଢ଼ିବା ସାର ହେବ। ଆଗାମୀ ଦିନମାନଙ୍କରେ ଛାତ୍ରଛାତ୍ରୀଙ୍କର ଅଭିଯୋଗକୁ ଗୁରୁତ୍ୱର ସହିତ ନେଇ ଏହା ତ୍ୱରିତ ସମାଧାନ କରିବା ନିହାତି ଆବଶ୍ୟକ। ନ ହେଲେ ଆଗାମୀ ଦିନରେ ସୌମ୍ୟାଶ୍ରୀଙ୍କ ପରି ଅନେକ ଛାତ୍ରଛାତ୍ରୀଙ୍କର ଭବିଷ୍ୟତ ମଉଳିଯିବା ସାର ହେବ। କିନ୍ତୁ ସବୁରି ଉର୍ଦ୍ଧ୍ୱରେ ଏବେ ପ୍ରଶ୍ନ ଉଠୁଛି ନ୍ୟାୟ ଦେବ କିଏ?

ଭୁବନେଶ୍ୱର, ମୋ: ୯୯୩୭୭୮୧୦୧୨

# ଭିତର ବେଢ଼ାରେ ଗୋପେଶ୍ୱର

ସ୍ୱପ୍ନେଶ୍ୱର

## ଲୋକକଥାରେ ଲୋକଦେବତା

ଦ୍ୱାପର ଯୁଗରେ ବୃନ୍ଦାବନରେ ଗୋପାଳକୃଷ୍ଣଙ୍କର ରାସଲୀଳା ଦିବ୍ୟଦର୍ଶନରୁ ଦେବତାମାନେ ମଧ୍ୟ ବଞ୍ଚିତ ହେଉଥିଲେ। କାରଣ ଲୀଳାସ୍ଥଳକୁ ଅନ୍ୟ ପୁରୁଷମାନଙ୍କର ପ୍ରବେଶ ନିଷେଧ ଥିଲା। ଦିନେ ଶ୍ରୀକୃଷ୍ଣଙ୍କର ଏହି ଦିବ୍ୟଲୀଳାର ପ୍ରତ୍ୟକ୍ଷ ଅନୁଭବ ପାଇଁ ଦେବ ଦେବ ମହାଦେବ ବୃନ୍ଦାବନରେ ପହଞ୍ଚିଲେ। ସେତେବେଳେ ଗୋପାଳକୃଷ୍ଣ ଗୋପୀମାନଙ୍କ ସହ ରାସଲୀଳାରେ ମଗ୍ନ ଥିଲେ। କେତେକ ଗୋପୀ ହାତରେ ବେତ ଧରି ଚାରିପଟେ ଜଗି ରହିଥିଲେ। ଶିବ ନିଜର ପରିଚୟ ଦେଇ ଭିତରକୁ ଯିବା ପାଇଁ ଅନୁରୋଧ କରିବା ପରେ ସେମାନେ କହିଲେ, 'ଏହି ଗୁପ୍ତ ରାସଲୀଳାରେ ଶ୍ରୀକୃଷ୍ଣ ଏକମାତ୍ର ପୁରୁଷ ଏବଂ ଅନ୍ୟ ସମସ୍ତେ ନାରୀ। ଆପଣ ଯଦି ଏହି ଲୀଳା ସଂଦର୍ଶନ କରିବା ପାଇଁ ଚାହୁଛନ୍ତି, ତା' ହେଲେ ଆପଣଙ୍କୁ ଏହି ମାନସ ସରୋବରରେ ସ୍ନାନ କରି ଗୋପୀରେ ରୂପାନ୍ତରିତ ହେବାକୁ ପଡ଼ିବ। ତା' ପରେ ଆପଣ ଭିତରକୁ ଯାଇ ରାସ ଲୀଳା ଦର୍ଶନର ସୌଭାଗ୍ୟ ପ୍ରାପ୍ତ ହେବେ।'

ଦେବ ଦେବ ମହାଦେବ ସେହି ଲୀଳା ଦର୍ଶନ କରିବା ପାଇଁ ଏତେମାତ୍ରାରେ ଆଗ୍ରହୀ ଥିଲେ ଯେ ସେ ସଙ୍ଗେସଙ୍ଗେ ସରୋବରରେ ସ୍ନାନ କରି ଗୋପୀସ୍ୱରୂପ ପ୍ରାପ୍ତ ହେଲେ। ତା' ପରେ ଗୋପୀମାନେ ତାଙ୍କୁ ରାସମଣ୍ଡଳରେ ପ୍ରବେଶ କରିବାର ଅନୁମତି ଦେଲେ। ସେଠାରେ ସେ ଗୋପୀଜନମୋହନ ଶ୍ରୀକୃଷ୍ଣଙ୍କର ଭୁବନମୋହନ ରୂପ ଲାବଣ୍ୟ ଦର୍ଶନ କରି ବିମୋହିତ ହେଲେ ଏବଂ ସେ ଦର୍ଶନର ସୌଭାଗ୍ୟ ଅର୍ଜନ କରିଥିବାରୁ ତାଙ୍କ ପଦ୍ମପାଦରେ ପ୍ରଣିପାତ କଲେ। ନାରୀ ସ୍ୱରୂପ ଧାରଣ କରିଥିଲେ ମଧ୍ୟ ଶ୍ରୀକୃଷ୍ଣ ତାଙ୍କୁ ପ୍ରଥମ ଦର୍ଶନରେ ଚିହ୍ନି ପାରିଲେ ଏବଂ ତଳୁ ଉଠାଇ ନେଇ ଆଲିଙ୍ଗନ କଲେ। ଶିବ ବୃନ୍ଦାବନର ସୌନ୍ଦର୍ଯ୍ୟ, ରାସଲୀଳାର ମାଧୁର୍ଯ୍ୟ ଓ ଶ୍ରୀକୃଷ୍ଣଙ୍କ ସାନିଧ୍ୟରେ ଏତେ ପରିମାଣରେ ପ୍ରଭାବିତ ହୋଇଥିଲେ ଯେ ଗୋପରେ ସେମାନଙ୍କ ସହ ବାସ କରିବା ପାଇଁ ଶ୍ରୀକୃଷ୍ଣଙ୍କର ଅନୁମତି ପ୍ରାର୍ଥନା କଲେ। ଶ୍ରୀକୃଷ୍ଣ ତଥାସ୍ତୁ କହି ଶିବଙ୍କ ଇଚ୍ଛା ପୂରଣ କଲେ। ଶିବ ଗୋପେଶ୍ୱର ମହାଦେବ ନାମ ଧାରଣ କରି ବୃନ୍ଦାବନରେ ବିରାଜମାନ କଲେ।

ଦ୍ୱାପର ଯୁଗପରେ ଶ୍ରୀକୃଷ୍ଣ କଳିଯୁଗରେ ଶ୍ରୀଜଗନ୍ନାଥ ନାମ ଗ୍ରହଣ କରି ନୀଳାଚଳରେ ଦାରୁବ୍ରହ୍ମରୂପେ ଆରାଧିତ ହେଲେ। ତେଣୁ ଗୋପେଶ୍ୱର ମହାଦେବ ମଧ୍ୟ ମହାପ୍ରଭୁଙ୍କ ସାନିଧ୍ୟରେ ନୀଳାଚଳରେ ବାସ କରିବା ପାଇଁ ତାଙ୍କୁ ପ୍ରାର୍ଥନା କଲେ। ମହାପ୍ରଭୁଙ୍କ ଅନୁମତି ପ୍ରାପ୍ତ ହୋଇ ସେ ଭିତର ବେଢ଼ାର ପଶ୍ଚିମ ପାର୍ଶ୍ୱରେ ଏକ ମନ୍ଦିରରେ ବିରାଜମାନ କଲେ। ଶ୍ରୀକୃଷ୍ଣ ଅପ୍ରକଟ ହେବା ପରେ ତାଙ୍କର ଜନ୍ମିତ ପିତାମାତା ବସୁଦେବ ଓ ଦେବକୀ ଏବଂ ପାଳିତ ପିତାମାତା ନନ୍ଦ ଓ ଯଶୋଦା ଦୁଃଖରେ ମ୍ରିୟମାଣ ହୋଇ ପଡ଼ିଥିଲେ। ତେଣୁ ଗୋପେଶ୍ୱର ମହାଦେବ ସେମାନଙ୍କୁ ସାଙ୍ଗରେ ଆଣିବା ସହ ମାତା ରୋହିଣୀ, ଭାଇ ବଳରାମ, ଉପନନ୍ଦ, ଉଗ୍ରସେନ, ଦାମ ଓ ସୁଦାମଙ୍କୁ ମଧ୍ୟ ସାଙ୍ଗରେ ନେଇ ଆସିଲେ। ସେମାନେ ସମସ୍ତେ ଗୋପେଶ୍ୱରଙ୍କ ସହ ତାଙ୍କ ମନ୍ଦିରରେ ବିରାଜମାନ କଲେ।

ଦେବ ଦେବ ମହାଦେବ ସଚରାଚର ଲିଙ୍ଗ ସ୍ୱରୂପରେ ଆରାଧିତ ହେଉଥିବା ବେଳେ ଏହି ମନ୍ଦିରରେ ପୂର୍ଣ୍ଣାବୟବ ଧାରଣ କରି ବିଜେ କରିଛନ୍ତି। ଚତୁର୍ଭୁଜ ଶିବଙ୍କ ମସ୍ତକରେ ଅର୍ଦ୍ଧଚନ୍ଦ୍ର ଶୋଭା ପାଉଛନ୍ତି ଏବଂ ଗଳା ଓ ବାହୁରେ ସର୍ପ ଭୂଷଣ ଧାରଣ କରିଛନ୍ତି। ସିଂହାସନରେ ତାଙ୍କ ସହ ଦେବୀ ପାର୍ବତୀ, ବଳରାମ, ବସୁଦେବ, ଦେବକୀ, ନନ୍ଦ, ଯଶୋଦା, ଉଗ୍ରସେନ, ଦାମ ଓ ସୁଦାମ ବିଗ୍ରହ ଆରାଧିତ ହେଉଛନ୍ତି। ଏଠାରେ ଶ୍ରୀକୃଷ୍ଣଙ୍କ ଜନ୍ମିତ ଓ ପାଳିତ ପିତାମାତା ବିରାଜମାନ କରୁଥିବାରୁ ସେମାନଙ୍କ ତତ୍ତ୍ୱାବଧାନରେ କୃଷ୍ଣ ଜନ୍ମୋତ୍ସବ ମହାସମାରୋହରେ ପାଳନ କରାଯାଏ। ଏହି ମନ୍ଦିରକୁ ସେବକମାନେ 'ମଣ୍ଡଣୀ ଘର' ବୋଲି କହନ୍ତି। ଅନବସର ପରେ ପଟି ଦିଅଁ ଏହି ମନ୍ଦିରରେ ଅବସ୍ଥାନ କରନ୍ତି। ଏହି ମନ୍ଦିରର ସେବକମାନଙ୍କୁ 'ମଣ୍ଡଣୀ ସେବକ' କୁହାଯାଏ। ସେମାନେ ଏହି ମନ୍ଦିରର ପୂଜାର୍ଚ୍ଚନା କରିବା ସହ ଚଳନ୍ତି ପ୍ରତିମାମାନେ ବିଜେ କରୁଥିବା ପାଲିଙ୍କି ବା ବିମାନର ମଣ୍ଡଣୀ କରନ୍ତି। ଦେବତାମାନଙ୍କ ମସ୍ତକ ଉପରେ ଚାନ୍ଦୁଆ ବାନ୍ଧନ୍ତି। ଗୁରୁବାର ଦିନ ମାଜଣା ମଣ୍ଡପରେ ଏବଂ ଜଳକ୍ରୀଡ଼ା ସମୟରେ ଜଳକ୍ରୀଡ଼ା ମଣ୍ଡପରେ ଚାନ୍ଦୁଆ ବାନ୍ଧନ୍ତି। ଦୁର୍ଗାମାଧବଙ୍କ ରଥ ଓ ରୁକ୍ମିଣୀ ହରଣ ବେଳେ ମଦନମୋହନଙ୍କ ରଥ ମଣ୍ଡଣୀ କରନ୍ତି। ଚନ୍ଦନ ଯାତ୍ରାରେ ଚନ୍ଦନ ଚକଡ଼ାରେ ପାଣିକୁଣ୍ଡରେ ପାଣି ଭର୍ତ୍ତି କରିବା କାମ ମଧ୍ୟ ସେହି ସେବକମାନେ କରିଥା'ନ୍ତି।

ମୋ: ୯୯୦୦୦୮୩୪୩୩

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଉଚ୍ଚସ୍ତରୀୟ ବୈଠକ

**ଭୁବନେଶ୍ୱର,୧୫।୭(ସମିସ):** ଫକୀର ମୋହନ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁ ଘଟଣାରେ ଷଣ୍ଢଆସୀ ଆକ୍ରମଣର ସମ୍ମୁଖୀନ ହେଉଛନ୍ତି ରାଜ୍ୟ ସରକାର। ପରିସ୍ଥିତିର କିପରି ମୁକାବିଲା କରାଯିବ ସେନେଇ ମଙ୍ଗଳବାର ସନ୍ଧ୍ୟାରେ ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ଦୁଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡ଼ା, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଓ କିଛି ବିଧାୟକ ଉପସ୍ଥିତ ଥିବା ଜଣାପଡ଼ିଛି। ଶେଷ ଖବର ଅନୁଯାୟୀ ବୈଠକଟି ଜାରି ରହିଛି। ଆଜି ଦିନ ବେଳା ମଧ୍ୟ ଲୋକସେବା ଭବନରେ ଏନେଇ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକ ପରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସୌମ୍ୟାଶ୍ରୀ ମୃତ୍ୟୁ ଘଟଣାରେ ତଦନ୍ତ ପ୍ରକ୍ରିୟାକୁ ଆହୁରି ବ୍ୟାପକ କରାଯିବ ବୋଲି ସୂଚନା ଦେଇଥିଲେ। ଏହାସହ ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମରୁ ମୁଖ୍ୟମନ୍ତ୍ରୀ ଫେରିବା ପରେ ସନ୍ଧ୍ୟା ପରେ କୌଣସି ବଡ଼ ନିଷ୍ପତ୍ତି ନିଆଯାଇପାରେ ବୋଲି ସେ ସଙ୍କେତ ପ୍ରଦାନ କରିଥିଲେ। ଅପରପକ୍ଷେ ସୌମ୍ୟାଶ୍ରୀଙ୍କ ଆତ୍ମାର ସଦଗତି ପାଇଁ ମଙ୍ଗଳବାର ସନ୍ଧ୍ୟାରେ ବିଜେପି ପକ୍ଷରୁ ଲିଙ୍ଗରାଜ ମନ୍ଦିର ପାଖରେ ଦୀପଦାନ କରାଯାଇଛି।

### ଆତ୍ମାର ସଦଗତି ପାଇଁ ଲିଙ୍ଗରାଜ ମନ୍ଦିର ନିକଟରେ ଦୀପଦାନ

# ଓଡ଼ିଶାରେ ପଶି ଆନ୍ଧ୍ର ଅଧିକାରୀଙ୍କ ଦାଦାଗିରି

**ପାରଳାଖେମୁଣ୍ଡି/ରାୟଗଡ଼, ୧୫।୭ (ସମିସ):** ଗଜପତି ଜିଲ୍ଲା ସୀମାନ୍ତରେ ଆନ୍ଧ୍ର ଦାଦାଗିରି ଦେଖାଉଛି। ଏପରି ଥରେ କି ଦୁଇଥର ନୁହେଁ ପ୍ରତି ବର୍ଷ ବିଭିନ୍ନ ସମୟରେ କ'ଣ ନା କ'ଣ ଗୋଟାଏ କାର୍‌ସାରି ଚଳାଉଛି। ଓଡ଼ିଶା ସୀମାନ୍ତବର୍ତ୍ତୀ ଅଞ୍ଚଳ ଉପରେ ଲୋଲୁପ ଦୃଷ୍ଟି ପକାଇ ବାଲି, ମାଟି, ଗୋଡ଼ି ଭଳି ଖଣିଜ ସମ୍ପଦ ଠାରୁ ଆରମ୍ଭ କରି ପାଣି, କ୍ଷୀର ଆଦି ଲୁଟି ନେଇ ଚାଲିଛି। ସୀମାନ୍ତରେ ନିଜର କାୟା ବିସ୍ତାର ପାଇଁ କେତେବେଳେ ଆନ୍ଧ୍ର ମନ୍ତ୍ରୀ ଗୁଣ୍ଡା ସାଜି ଓଡ଼ିଶାର ପ୍ରଶାସନିକ ଅଧିକାରୀଙ୍କୁ ଧମକଚମକ ଦେଉଛନ୍ତି ତ ଆଉ କେତେବେଳେ ଓଡ଼ିଶା ତଥା ଗଜପତି ଜିଲ୍ଲାରେ ଥିବା ଗ୍ରାମାଞ୍ଚଳ ଲୋକଙ୍କୁ ହାତେଇବାକୁ ବିଭିନ୍ନ ଆଳ ଦେଖାଉଥିବା ଓ ଆଉ କେତେବେଳେ ଆନ୍ଧ୍ରର ନିର୍ବାଚନରେ ଭାଗ ନେବାକୁ ସୀମାନ୍ତବର୍ତ୍ତୀ ଗ୍ରାମରେ ଲୋକଙ୍କୁ ଉସୁକାଇବା ଭଳି କାମ କରୁଥିବାର ବହୁ ଦୃଷ୍ଟାନ୍ତ ରହିଛି। ଏପରି ସ୍ଥିତିରେ ଓଡ଼ିଶା ସରକାରଙ୍କ ତରଫରୁ ସ୍ଥାୟୀ ସୀମା ନିର୍ଦ୍ଧାରଣ କରାନଯିବା ଏବଂ ବିବାଦୀୟ ସ୍ଥାନରେ ସରକାରୀ କର୍ମଚାରୀଙ୍କ ଅନୁପସ୍ଥିତି ଆଦିର ଭରପୁର ଫାଇଦା ଉଠାଉଛି ଆନ୍ଧ୍ର।



ଏବେ ଆନ୍ଧ୍ରର ଏପରି ଆଉଏକ ଦାଦାଗିରି ଘଟଣା ସାମ୍ନାକୁ ଆସିଛି। ରାୟଗଡ଼ ବ୍ଲକ ଗଙ୍ଗାବାଡ଼ ପଞ୍ଚାୟତର ଅମରିଙ୍ଗି, ମାଣିକପାଟଣା, ବୁରୁସିଂ ଆଦି ଗ୍ରାମାଞ୍ଚଳରେ ଏହି ଘଟଣା ଘଟିଛି। ଗତ କିଛିଦିନ ହେଲା ଓଡ଼ିଶା ତଥା ଗଜପତି ଜିଲ୍ଲାର ଉକ୍ତ ଗ୍ରାମକୁ ଆନ୍ଧ୍ରର ତହସିଲଦାର, ଆର୍‌ଆଇ. ଏବଂ କିଛି ଅଜଣା ବ୍ୟକ୍ତି ବିଶେଷ ଆସି ଆନ୍ଧ୍ରରେ ମିଶିବା ଏବଂ ଏଠାରେ ଥିବା ଓଡ଼ିଶାର ସମସ୍ତ ଭିତ୍ତିଭୂମୀ ଗୁଡ଼ିକ ଆନ୍ଧ୍ରର ବୋଲି ଦାବି କରି ପ୍ରଚାର ପ୍ରସାର କରିଥିଲେ। ଏ ସମ୍ପର୍କରେ ଅଭିଯୋଗ ହେବା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଅନୁପ ପଣ୍ଡାଙ୍କ ସମେତ ଅଧିକାରୀ ଓ ଗାରାବନ୍ଧ ଥାନା ଅଧିକାରୀ ପ୍ରଶାନ୍ତ କୁମାର ନିଶିକାଙ୍କ ସହ ପୁଲିସ ସଦଳବଳ ପହଞ୍ଚି ନିରୀକ୍ଷଣ କରିଥିଲେ। ଏନେଇ ବିବାଦୀୟ ଗ୍ରାମାଞ୍ଚଳକୁ ଯାଇ ସେଠାକାର ଅଧିବାସୀଙ୍କ ସହ ଆଲୋଚନା କରି ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ। ଏନେଇ ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଶ୍ରୀ ପଣ୍ଡା କହିଛନ୍ତି ଯେ, ଗତ କିଛିଦିନ ହେଲା ଆନ୍ଧ୍ରର ଅଧିକାରୀ ଓ ବ୍ୟକ୍ତି ବିଶେଷ ଆସି ଓଡ଼ିଶାର ଗ୍ରାମାଞ୍ଚଳରେ ପଶି ଧମକ ଚମକ ଦେବା ସହ ଏହି ଗ୍ରାମ ଗୁଡ଼ିକ ନିଜର ବୋଲି ଦାବି କରିଥିଲେ। ସେମାନେ ଯେଉଁ ଗ୍ରାମକୁ ଯାଇଛନ୍ତି ସେଗୁଡ଼ିକ ସମ୍ପୂର୍ଣ୍ଣ ଭାବେ ଓଡ଼ିଶା ତଥା ଗଜପତି ଜିଲ୍ଲାରେ ରହିଛି। ଏହି ଗ୍ରାମରେ ପ୍ରଶାସନ ପକ୍ଷରୁ ସମସ୍ତ ଭିତ୍ତିଭୂମୀ କରାଯାଇଛି। କୋଠଘର ଠାରୁ ଆରମ୍ଭ କରି ସିସିରୋଡ୍, ଫରେଷ୍ଟ ଅଫିସ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଠାରୁ ଆରମ୍ଭ କରି ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଉପଲବ୍ଧ କରାଯାଇଛି। ଏପରିକି ଏହି ଗ୍ରାମ ଗୁଡ଼ିକ ରାଜସ୍ୱ ସର୍କଲରେ ରହିଥିବାର ସମସ୍ତ ଦସ୍ତାବିଜ ଅଛି। ସେମାନେ ଆସି ଏଠାକୁ ଅଯଥାରେ ଲୋକଙ୍କୁ ବିଭ୍ରାନ୍ତ କରୁଛନ୍ତି। ଆନ୍ଧ୍ରରୁ କେହି ପ୍ରଶାସନିକ ଅଧିକାରୀ କିମ୍ବା କୌଣସି ବ୍ୟକ୍ତିବିଶେଷ ଆସି ଅପପ୍ରଚାର କଲେ ସେମାନଙ୍କୁ ଅଟକ ରଖି ପୁଲିସ କିମ୍ବା ପ୍ରଶାସନକୁ ଜଣାଇବାକୁ ଶ୍ରୀ ପଣ୍ଡା ପରାମର୍ଶ ଦେଇଛନ୍ତି। ଏହି ସମସ୍ୟା ଦୀର୍ଘ ବର୍ଷ ଧରି ଏହି ଅଞ୍ଚଳରେ ଲାଗି ରହିଛି। ୧୯୮୦-୧୯୯୦ ଓଡିଶା-ଆନ୍ଧ୍ର ମଧ୍ୟରେ ରହିଥିବା ଯୁଗ୍ମ ସେଟେଲମେଣ୍ଟ ମ୍ୟାପକୁ ଧରି ଦୁଇ ରାଜ୍ୟ ପ୍ରଶାସନ ପକ୍ଷରୁ ଆଲୋଚନା ହେଲେ ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରିବ ବୋଲି ଉପଜିଲ୍ଲାପାଳ ଶ୍ରୀ ପଣ୍ଡା କହିଛନ୍ତି।

## ଅବଶିଷ୍ଟାଂଶ

### କ୍ରୋଧରେ ଜଳୁଛି...

ନାଗରିକ ସମାଜ ନିଜର କ୍ରୋଧ ଏବଂ ଅସନ୍ତୋଷ ଜାହିର କରିଛନ୍ତି। ଘଟଣାର ପ୍ରତିବାଦରେ ଆସନ୍ତାକାଲି ବିଜେଡି ବାଲେଶ୍ୱର ବନ୍ଦ ଡ଼ାକରା ଦେଇଛି, ୧୭ ତାରିଖରେ କଂଗ୍ରେସ ଓଡ଼ିଶା ବନ୍ଦ କରିବାକୁ ଘୋଷଣା କରିଛି।

ସୋମବାର ବିଳମ୍ବିତ ରାତିରେ ସୌମ୍ୟାଶ୍ରୀଙ୍କ ମୃତ୍ୟୁ ସଂକ୍ରାନ୍ତ ବୁଲେଟିନ୍ ଏମ୍ସ କର୍ତ୍ତୃପକ୍ଷ ଜାରି କରିବା ପରଠାରୁ ଗୋଟିଏ ପରେ ଗୋଟିଏ ସନ୍ଦେହ ଦାନା ବାନ୍ଧିବାରେ ଲାଗିଛି। ସୌମ୍ୟାଶ୍ରୀଙ୍କ ପ୍ରତି ହୋଇଥିବା ଅବିଚାର, ଏହାକୁ ଲୁଚାଇବାକୁ ବିଫଳ ସରକାରୀ ପ୍ରଚେଷ୍ଟା, ତରବରିଆ ଭାବରେ ରାତିରେ ଶବ ବ୍ୟବଚ୍ଛେଦ, ପୁଲିସକୁ ବ୍ୟବହାର କରି ରାତାରାତି ସୌମ୍ୟାଶ୍ରୀଙ୍କ ମର ଶରୀରକୁ ତା'ଙ୍କ ଗାଁକୁ ପଠାଇବା ଘଟଣା ବିଫଳ ସରକାରୀ ବ୍ୟବସ୍ଥାକୁ ଖିନ୍‌ଭିନ୍ କରିଦେଇଛି। ସରକାରଙ୍କ କାର୍ଯ୍ୟକଳାପ ଏବଂ ପଦକ୍ଷେପ ସାଧାରଣରେ ଅସମାହିତ ପ୍ରଶ୍ନକୁ ଜନ୍ମ ଦେଇଛି। ସୌମ୍ୟାଶ୍ରୀଙ୍କ ଆତ୍ମଦାହ ପରଠାରୁ ରାଜ୍ୟବାସୀଙ୍କ ରୋଷ ଆହୁରି ତୀବ୍ର ହୋଇଛି। ଦିଲ୍ଲୀରୁ ଭୁବନେଶ୍ୱର ଯାଏଁ ଏପରି ସ୍ପର୍ଶକାତର ଘଟଣାକୁ ନେଇ ଉଦବେଗ ପ୍ରକାଶ ପାଇବା ସହ ସମ୍ବେଦନହୀନ ସରକାର ଏବଂ ପ୍ରଶାସନକୁ କଡ଼ା ସମାଲୋଚନା କରାଯାଉଛି। ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ ପର୍ଯ୍ୟନ୍ତ ଘଟଣାକୁ ନେଇ ସାମାଜିକ ଗଣମାଧ୍ୟମରେ ସରକାରଙ୍କ ବିରୋଧରେ ବର୍ଷିଥିବା ବେଳେ ବିରୋଧୀ ବିଜେଡି ପକ୍ଷରୁ ରାଜ୍ୟବ୍ୟାପୀ ବିକ୍ଷୋଭ, ପ୍ରତିବାଦ କରାଯାଇଛି। ଦଳ ପକ୍ଷରୁ ହାଇକୋର୍ଟ ବିଚାରପତିଙ୍କୁ ତଦନ୍ତ ଦାୟିତ୍ୱ ଦେବାକୁ ଦାବି ଉଠିଛି।

ସୋମବାର ବିଳମ୍ବିତ ରାତିରେ ଲୁଚାଛପା ଭାବେ ସୌମ୍ୟାଶ୍ରୀଙ୍କ ଶବ ବ୍ୟବଚ୍ଛେଦ କରି ଶବ ସଂସ୍କାର କରିବାକୁ ଉଦ୍ୟମ କରୁଥିବା ରାଜ୍ୟ ସରକାରଙ୍କ ଉଦ୍ୟମକୁ ବିଭିନ୍ନ ଛାତ୍ର ସଂଗଠନର ନେତା ପଣ୍ଡ କରି ଦେଇଥିଲେ। ଏମ୍ସ ପରିସରରେ ଛାତ୍ରନେତାଙ୍କ ଦୁର୍ବାର ବିରୋଧ କାରଣରୁ ଶେଷରେ ସରକାର ସୌମ୍ୟାଶ୍ରୀଙ୍କୁ ତାଙ୍କ ଗାଁକୁ ନେଇ ଶବ ସଂସ୍କାର କରିବାକୁ ଏକ ପ୍ରକାର ବାଧ୍ୟ ହୋଇଛନ୍ତି। ରାଜ୍ୟବ୍ୟାପୀ ଛାତ୍ର ସଂଗଠନ, ସାମାଜିକ ସଂଗଠନ, ନାଗରିକ ସଂଗଠନ, ରାଜନୈତିକ ଦଳ ରାଜରାସ୍ତାକୁ ଓହ୍ଲାଇଛନ୍ତି। ସରକାରଙ୍କ ବେପରୁଆ ମନୋଭାବ, ଦାୟିତ୍ୱହୀନତା ସର୍ବୋପରି କାପୁରୁଷତାକୁ ନେଇ ମାଳ ମାଳ ପ୍ରଶ୍ନ କରିବା ସହ ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷାମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରିଛନ୍ତି। ଶାସକ ଦଳର ଛାତ୍ର ସଙ୍ଗଠନ ସରକାର ନିଜ ଛାତ୍ର ସଂଗଠନର ଜଣେ ନେତରୀଙ୍କ ସୁରକ୍ଷା ଦେଇପାରିଲେ ନାହିଁ। ତାହେଲେ ଏ ସରକାର କାହାକୁ ସୁରକ୍ଷା ଦେବେ ବୋଲି ସାଧାରଣ ଲୋକେ ପ୍ରଶ୍ନ କରୁଛନ୍ତି। ରାଜ୍ୟରେ ଦୈନିକ ୧୫ଟି ଦୁଷ୍କର୍ମ ଘଟୁଛି। ପର୍ଯ୍ୟଟନସ୍ଥଳୀଠାରୁ ଶିକ୍ଷାନୁଷ୍ଠାନ ପର୍ଯ୍ୟନ୍ତ କେଉଁଠି ବି ମହିଳା, ଛାତ୍ରୀ ସୁରକ୍ଷିତ ନୁହନ୍ତି। ସରକାର କୋଉଠି ବୋଲି ରାଜ୍ୟବାସୀଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି।

### ବ୍ୟବସ୍ଥା ଦ୍ୱାରା...

କି ମଣିପୁର, ଦେଶର ଝିଅମାନେ ଜଳୁଛନ୍ତି, ଭାଙ୍ଗି ପଡୁଛନ୍ତି, ମରୁଛନ୍ତି; କିନ୍ତୁ ପ୍ରଧାନମନ୍ତ୍ରୀ ଚୁପ୍ ବସିଛନ୍ତି। ଦେଶ ପ୍ରଧାନମନ୍ତ୍ରୀଙ୍କ ନୀରବତା ଚାହେଁ ନାହିଁ, ଏହା ଉତ୍ତର ଚାହେଁ ଓ ଭାରତର ଝିଅମାନେ ସୁରକ୍ଷା ଏବଂ ନ୍ୟାୟ ଚାହାଁନ୍ତି ବୋଲି ରାହୁଲ୍ କହିଛନ୍ତି।

ସେହିପରି କଂଗ୍ରେସ ମହାସଚିବ ପ୍ରିୟଙ୍କା ଗାନ୍ଧୀ ଏହି ପ୍ରଧାନମନ୍ତ୍ରୀଙ୍କୁ ଟାର୍ଗେଟ୍ କରିଛନ୍ତି। ସେ ଏକ୍ସରେ ଉଲ୍ଲେଖ କରିଛନ୍ତି ଯେ ନ୍ୟାୟ ପାଇଁ ଲଢ଼ିବା ସମୟରେ ଓଡ଼ିଶାର ଆଉ ଏକ ଝିଅ ପ୍ରାଣ ହରାଇଲା। ସେ ତାଙ୍କ ଉପରେ ହୋଇଥିବା ଅତ୍ୟାଚାର ବିରୋଧରେ ସ୍ୱର ଉଠାଇଥିଲେ। ନ୍ୟାୟ ପାଇବା ପରିବର୍ତ୍ତେ ତାଙ୍କୁ ଅପମାନ ଏବଂ ହଇରାଣ କରାଗଲା। ଫଳରେ ସେ ଆତ୍ମାହୁତି ଦେବାକୁ ବାଧ୍ୟ ହେଲେ। ଦିଲ୍ଲୀରୁ ୟୁପି, ମଣିପୁରରୁ ଓଡ଼ିଶା, ବିଜେପି କେବଳ ଅଭିଯୁକ୍ତଙ୍କ ସହିତ ଠିଆ ହେବା ଏବଂ ପୀଡିତାଙ୍କୁ ହଇରାଣ କରିବା ଏବଂ ନ୍ୟାୟରେ ବାଧା ସୃଷ୍ଟି କରିବା ପାଇଁ ରହିଛି କି ବୋଲି ପ୍ରିୟଙ୍କା ପ୍ରଶ୍ନ କରିଛନ୍ତି।

କଂଗ୍ରେସ ନେତା ଜୟରାମ ରମେଶ ମଧ୍ୟ ସରକାରଙ୍କ ଉପରେ ବର୍ଷିବା ସହ ବିଜେପିର ପଚାସଢ଼ା ବ୍ୟବସ୍ଥା ତାଙ୍କୁ ଆତ୍ମାହୁତି ଦେବାକୁ ବାଧ୍ୟ କରିଛି ବୋଲି କହିଛନ୍ତି। ବିଜେପି ସରକାରରେ ଅପରାଧର ଶିକାର ହୋଇଥିବା ମହିଳାମାନଙ୍କୁ ଶୁଣିବା ପାଇଁ କେହି ନାହାନ୍ତି। ଏହା ବ୍ୟତୀତ ଯେଉଁମାନଙ୍କ କାନ୍ଧରେ ସୁରକ୍ଷାର ଦାୟିତ୍ୱ ଥିଲା ସେମାନେ ଆଜି ଅତ୍ୟାଚାରୀଙ୍କ ସହିତ ହାତ ମିଳାଇ ଠିଆ ହୋଇଛନ୍ତି ବୋଲି ଜୟରାମ କହିଛନ୍ତି। ଏହି ନେତାମାନଙ୍କ ସହ ଏଆଇସିସି ସଂଗଠନ ସମ୍ପାଦକ କେସି ବେଣୁଗୋପାଳ ଓଡ଼ିଶା ପିସିସି ପ୍ରଭାରୀ ଅଜୟ କୁମାର ଲଲ୍ଲୁ ମଧ୍ୟ ଏକ୍ସ ଯୋଗେ ନିଜର ପ୍ରତିକ୍ରିୟା ଦେଇ ଡବଲ ଇଂଜିନ ସରକାର ଉପରେ ବର୍ଷିଛନ୍ତି।

### ଯୋଜନାବଦ୍ଧ ଅନ୍ୟାୟ...

ମର୍ମାହତ। ଏପରି ସମୟକୁ ସାମ୍ନା କରିବା ପାଇଁ ମହାପ୍ରଭୁ ପରିବାର ଲୋକଙ୍କୁ ଅସୀମ ଧୈର୍ଯ୍ୟ ଦିଅନ୍ତୁ। ମନକୁ ଏହା ଅଧିକ ବିଚଳିତ କରୁଛି ଯେ, କିପରି ଗୋଟେ ବିଫଳ ବ୍ୟବସ୍ଥା ଜଣଙ୍କ ଜୀବନ ନେଇଯାଇପାରେ। ସବୁଠୁ କଷ୍ଟଦାୟକ ହେଉଛି, ଏହା କୌଣସି ଦୁର୍ଘଟଣା ନୁହେଁ, ବରଂ ଏପରି ଏକ ବ୍ୟବସ୍ଥାର ଫଳ; ଯାହା ସାହାଯ୍ୟ କରିବା ବଦଳରେ ଚୁପ୍ ରହିଲା। ନ୍ୟାୟ ପାଇବାକୁ ସଂଗ୍ରାମ କରି କରି ଶେଷରେ ଝିଅଟି ଆଖି ବୁଜିଦେଲା। ସେ ଅତି ସାହସିକତାର ସହ ତା' ସହିତ ଘଟିଥିବା ଯୌନ ନିର୍ଯାତନା ବିଷୟରେ କଲେଜ ଅଧ୍ୟକ୍ଷଙ୍କୁ ଚିଠି ଲେଖି ଅବଗତ କରିଥିଲା। କଲେଜ ପଦାଧିକାରୀଙ୍କ ଦ୍ୱାରା ଅଣଦେଖା ହେବା ପରେ ସେ ଅଟକି ଯାଇ ନଥିଲା। ନ୍ୟାୟ ପାଇବାକୁ ସେ ଉଚ୍ଚଶିକ୍ଷା ମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଓ ଜଣେ କେନ୍ଦ୍ରମନ୍ତ୍ରୀଙ୍କୁ ଜଣାଇଥିଲା। ଏପରି କି ବାଲେଶ୍ୱର ସାଂସଦଙ୍କୁ ମଧ୍ୟ ବ୍ୟକ୍ତିଗତ ଭାବେ ଭେଟି ନିଜ ଦୁଃଖ ବିଷୟରେ କହିଥିଲା। ଜଣେ କେହି ବି ଯଦି ଉତ୍ତରଦାୟିତ୍ୱ ନେଇ ବ୍ୟକ୍ତିଗତ ଭାବେ ଏଥିରେ ହସ୍ତକ୍ଷେପ କରିଥାନ୍ତେ; ତେବେ ହୁଏତ ଝିଅଟିର ଜୀବନ ବଞ୍ଚିଯାଇଥାନ୍ତା। ସେ କେବଳ ଶାରୀରିକ ଆଘାତ ପାଇ ପ୍ରାଣ ହରାଇ ନାହିଁ, ବରଂ ରାଜ୍ୟ ସରକାରଙ୍କ ଅଣଦେଖା ପାଇଁ; ଯାହା ତାଙ୍କୁ ନିଜ ସଂଗ୍ରାମରେ ଏକାକୀ ଛାଡ଼ି ଦେଇଥିଲା। ପୁରା ଘଟଣାକ୍ରମରୁ ଜଣାପଡୁଛି, ଏହା ଆନୁଷ୍ଠାନିକ ବିଶ୍ୱାସଘାତକତାରୁ କିଛି କମ୍ ନୁହେଁ; ଯାହା ଏକ ଯୋଜନାବଦ୍ଧ ଅନ୍ୟାୟ। ମୁଁ ପୁଣିଥରେ ରାଜ୍ୟପାଳଙ୍କୁ ଅନୁରୋଧ କରୁଛି, ସେ ଏହା ସୁନିଶ୍ଚିତ କରନ୍ତୁ ଯେ, ନା କେବଳ କଲେଜ କର୍ତ୍ତୃପକ୍ଷ ବରଂ କ୍ଷମତାରେ ଥିବା ବ୍ୟକ୍ତିମାନେ ମଧ୍ୟ ଉତ୍ତରଦାୟୀ ହୁଅନ୍ତୁ; ଯେଉଁମାନେ ପୀଡ଼ିତାଙ୍କ ଆକୁଳ ଗୁହାରି ପରେ ବି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ନାହିଁ। ପୀଡ଼ିତାଙ୍କ ଆତ୍ମାର ଆତ୍ମାର ସଦଗତି ହେଉ। ପ୍ରଭୁ ଜଗନ୍ନାଥଙ୍କ ନିକଟରେ ମୁଁ ପୁଣିଥରେ ପ୍ରାର୍ଥନା କରୁଛି, ଏହି ଦାରୁଣ ଦୁଃଖକୁ ସାମ୍ନା କରିବା ପାଇଁ ସେ ପରିବାର ସଦସ୍ୟମାନଙ୍କୁ ଶକ୍ତି ଏବଂ ସାହସ ଦିଅନ୍ତୁ ବୋଲି ନବୀନ କହିଛନ୍ତି।

### ମହାକାଶରୁ ଫେରିଲେ...

ପରିବାରରେ ଖୁସିର ଲହରୀ ଖେଳି ଯାଇଛି। ମାଆ ଆଶା ଶୁକ୍ଲା ଖୁସିରେ କାନ୍ଦି ପକାଇଛନ୍ତି। ପୁଅର ସକୁଶଳ ଯାତ୍ରା ପାଇଁ ସେ ଈଶ୍ୱରଙ୍କୁ ଧନ୍ୟବାଦ ଦେଇଛନ୍ତି।

ଦିନକ ତଳେ ସୋମବାର ସନ୍ଧ୍ୟା ୪ଟା ୪୫ରେ ଏହି ଚାରି ମହାକାଶଚାରୀ ଆଇଏସଏସ ଛାଡ଼ି ପୃଥିବୀ ଅଭିମୁଖେ ବାହାରି ଥିଲେ। ଏଠାରେ ରହଣୀ କାଳରେ ଶୁଭାଂଶୁ ୬୦ରୁ ଅଧିକ ବୈଜ୍ଞାନିକ ପରୀକ୍ଷଣରେ ସାମିଲ ହୋଇଥିଲେ। ଏଥିରେ ଭାରତର ୭ଟି ପରୀକ୍ଷଣ ସାମିଲ ଥିଲା। ସେ ମେଥି ଏବଂ ମୁଗ ଚାରା ଅଙ୍କୁରିତ କରିବାରେ ସଫଳ ହୋଇଥିଲେ। ମହାକାଶରେ ହାଡ଼ ଯତ୍ନ ଉପରେ ମଧ୍ୟ ପରୀକ୍ଷଣ କରିଥିଲେ। ସେ ଗତ ୨୮ ତାରିଖରେ ମୋଦୀଙ୍କ ସହ ମଧ୍ୟ କଥା ହୋଇଥିଲେ। ଆଜି ୩ଟା ୨ରେ ସ୍ପେସ୍‌ଏକ୍ସ ଯାନ ପ୍ରଶାନ୍ତ ମହାସାଗରରେ ଅବତରଣ କରିଥିଲା। ଏହା ପରେ ସ୍ପେସ୍ ଏକ୍ସ ଏବଂ ଅକ୍ସିଅମ ସ୍ପେସ ରିକଭରି କ୍ରୁଙ୍କ ବୋଟ୍ ଅବତରଣ ସ୍ଥଳରେ ପହଞ୍ଚି ଥିଲେ। ଏହି ଟିମ୍ ପ୍ରଥମେ ଗ୍ରେସ ଆଖପାଖରୁ ବିଷାକ୍ତ ଗ୍ୟାସ୍ ନିର୍ଗତ ହେଉଛି କି ନାହିଁ ଅନୁଧ୍ୟାନ କରିଥିଲେ। ପିପିପି କିଟ୍ ପିନ୍ଧି ଏହି ଦଳ ୩ଟା ୧୫ରେ କ୍ୟାପ୍‌ସୁଲକୁ ଟାଣି ଟାଣି ବୋଟ୍‌କୁ ଆଣିଥିଲେ। ସୁରକ୍ଷା ଯାଞ୍ଚ କରିବା ପରେ ୩ଟା ୪୧ ମହାକାଶଚାରୀଙ୍କୁ ବାହାରକୁ ବାହାର କରିବା ପାଇଁ ପ୍ରସ୍ତୁତି କରିଥିଲେ। ୩ଟା ୪୯ରେ ମିଶନ କମାଣ୍ଡର ପେଗି ହ୍ୱିଟ୍‌ସନ୍ ହସି ହସି ପ୍ରଥମେ କ୍ୟାପ୍‌ସୁଲ ବାହାରକୁ ଆସିଥିଲେ। ଆଉ କିଛି ମିନିଟ ମଧ୍ୟରେ ୩ଟା ୫୨ରେ ଶୁଭାଂଶୁ, ବିଶେଷଜ୍ଞ ସ୍ଲାଓସ୍‌ଜ ଉଜନାନସ୍କି ଏବଂ ଟିବୋର କାପୁ ବାହାରକୁ ଆସିଥିଲେ। ସମସ୍ତେ ଏବେ ସୁରକ୍ଷିତ ଅଛନ୍ତି।

ଏହି ଅକ୍ସିଅମ-୪ ଅଭିଯାନ ପାଇଁ ଭାରତ ୭୦ ମିଲିୟନ ଡଲାର ଖର୍ଚ୍ଚ କରିଛି। ୪୩୩ ଘଣ୍ଟା, ୧୮ ଦିନ ଏବଂ ପୃଥିବୀ ଚାରିପଟେ ୨୮୮ ଥର ପରିକ୍ରମାରେ ୧୨.୨ ନିୟୁତ କିମି ଅତିକ୍ରମ କରି ମହାକାଶଚାରୀ ପୃଥିବୀ ଫେରିଛନ୍ତି। ଏହି ଅଭିଯାନରେ ମହାକାଶରୁ ବିଭିନ୍ନ ପରୀକ୍ଷଣ ତଥ୍ୟ ଧରି ଯାନ ଫେରିଛି। ଏହା କେବଳ ବୈଜ୍ଞାନିକ ସଫଳତା ନୁହେଁ, ବରଂ ଭାରତ, ପୋଲାଣ୍ଡ ଏବଂ ହଙ୍ଗେରୀ ଲାଗି ଏକ ଐତିହାସିକ ମାଇଲ ଖୁଣ୍ଟ ସାବ୍ୟସ୍ତ ହୋଇଛି।

### ପଞ୍ଚଭୂତରେ ଲୀନ...

ଜନ୍ମମାଟିରେ ପହଞ୍ଚି ରାଜ୍ୟ ସରକାରଙ୍କ ପକ୍ଷରୁ ଘୋଷଣା କରିଥିବା ୨୦ ଲକ୍ଷର ସହାୟତା ରାଶି ଘୋଷଣା କରିଥିବା ସୂଚନା ଦେଇଥିଲେ।

ଅନ୍ୟପଟେ, ସୌମ୍ୟାଶ୍ରୀଙ୍କ ଜନ୍ମମାଟି ପଳାସିଆ ଗ୍ରାମରେ ବିଜୁ ଜନତା ଦଳ ପ୍ରତିନିଧିମଣ୍ଡଳୀରେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା, ପୂର୍ବତନ ବିଧାୟକ ସ୍ୱରୂପ ଦାସ, ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ସୁଧାଂଶୁ ଶେଖର ପରିଡ଼ା, ଜିଲ୍ଲା ପରିଷଦ ସଭାପତି ନାରାୟଣ ଚନ୍ଦ୍ର ପ୍ରଧାନ ପ୍ରମୁଖ ପହଞ୍ଚି ପୀଡ଼ିତାଙ୍କ ପରିବାରକୁ ସମବେଦନା ଜଣାଇଥିଲେ। ସୌମ୍ୟାଶ୍ରୀଙ୍କ ବାପା ବଳରାମ ବିଶିଙ୍କୁ ଭେଟି ଏଭଳି ଦୁର୍ଭାଗ୍ୟପୂର୍ଣ୍ଣ ଘଟଣାକୁ ନେଇ ସମବେଦନା ଜଣାଇଥିଲେ। ପରିବାରର ଦୁଃଖ ସମୟରେ ବିଜୁ ଜନତା ଦଳ ବଳିଷ୍ଠ ଭାବେ ଛିଡ଼ା ହେବା ସହିତ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଉକ୍ତ ଦୁଃଖଦ ଘଟଣା ପାଇଁ ତାଙ୍କ ପରିବାରକୁ ସମବେଦନା ଜଣାଇବା ସହ ଉପଯୁକ୍ତ ନ୍ୟାୟ କେମିତି ମିଳିବ ସେ ନେଇ ଦୃଢ଼ତାର ସହ ଛିଡ଼ା ହେବେ। ପରେ ବିଜେଡି ପ୍ରତିନିଧିମଣ୍ଡଳୀ ଏହି ଘଟଣାର ନିରପେକ୍ଷ ନ୍ୟାୟିକ ତଦନ୍ତ କରାଯିବା ସହ ଦୋଷୀଙ୍କୁ କଠୋରରୁ କଠୋର୍ କାର୍ଯ୍ୟାନୁଷ୍ଠାନ ଦିଆଯିବା ପାଇଁ ଦାବି କରିଥିଲେ। ସୂଚନାଯୋଗ୍ୟ, ପୀଡ଼ିତା ସୌମ୍ୟାଶ୍ରୀ ଗତ ୬ ମାସ ଧରି କଲେଜରେ ମିଳିଥିବା ନିର୍ଯାତନାକୁ କଲେଜ କର୍ତ୍ତୃପକ୍ଷଙ୍କୁ ଅବଗତ କରିବା ସହ ବାଲେଶ୍ୱର ସାଂସଦ ଶ୍ରୀ ଷଡ଼ଙ୍ଗୀଙ୍କୁ ଅବଗତ କରିଥିଲେ। ଏଥିସହିତ ଉଚ୍ଚ ଶିକ୍ଷା ବିଭାଗୀୟ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ପ୍ରମୁଖଙ୍କୁ ଏକ୍ସ ମାଧ୍ୟରେ ଜଣାଇଥିଲେ। ଉଚ୍ଚ ଶିକ୍ଷା ବିଭାଗ ଓ ପୁଲିସ୍ ବିଭାଗ ଏହି ସମ୍ବେଦନଶୀଳ ଘଟଣା ସଂପର୍କରେ ଅବଗତ ଥାଇ ତାଙ୍କୁ ନ୍ୟାୟ ଦେବାରେ ଟାଳଟୁଳ ନୀତି ଅବଲମ୍ବନ କରି ଆସିଥିଲେ। କଲେଜ କର୍ତ୍ତୃପକ୍ଷଙ୍କ ନିକଟରୁ ନ୍ୟାୟ ଆଶା କରି ନିରାଶ ହେବା ପରେ ଆତ୍ମାହୁତି କରିବାକୁ ସୌମ୍ୟାଶ୍ରୀ ବାଧ୍ୟ ହୋଇଥିଲେ। ଏଭଳି ଏକ ସମ୍ବେଦନଶୀଳ ଘଟଣା ପଛରେ ସଂପୃକ୍ତ ଥିବା ପ୍ରତିଟି ଦିଗ ଉପରେ ନ୍ୟାୟିକ ତଦନ୍ତ ହେଲେ ଘଟଣା ପଛର ଘଟଣା ଉପରୁ ପରଦା ହଟିବ ବୋଲି ବିଜେଡି ପ୍ରତିନିଧିମଣ୍ଡଳ ଦାବି କରିଛି।

### ଆଜି ପ୍ରବଳ...

ସତର୍କ ସୂଚନା ଜାରି କରାଯାଇଛି। ଆଗାମୀ ୧୮ କିମ୍ବା ୧୯ ବେଳକୁ ଆନ୍ଧ୍ର ନିକଟସ୍ଥ ସମୁଦ୍ର ମଧ୍ୟରେ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଥିବା ବେଳେ ପରବର୍ତ୍ତୀ ସମୟରେ ଏହା ଉତ୍ତର ବଙ୍ଗୋପସାଗରରେ ମିଆଁମାର ଦେଇ ଆସୁଥିବା ଏକ ଲଘୁଚାପ ସହ ୨୪-୨୫ ବେଳକୁ ମିଶିବ। ପରବର୍ତ୍ତୀ ସମୟରେ ଏହା ଲଘୁଚାପ କିମ୍ବା ସୁଦୃଢ ଲଘୁଚାପ ରୂପେ ଓଡ଼ିଶା/ପଶ୍ଚିମବଙ୍ଗ ଦେଇ ଗତି କରିବାର ସମ୍ଭାବନା ରହିଛି।

### ୨୦ ଲକ୍ଷ ଲୋକଙ୍କ...

ସାରା ରାଜ୍ୟରେ କାର୍ଯ୍ୟକାରୀ ହୋଇପାରୁନି। ଗାଁ ଗହଳିରୁ ଆସି ରାଜଧାନୀରେ ରହି କାମ ଧନ୍ଦା କରି ଚଳୁଥିବା ଲୋକମାନଙ୍କୁ ଏଠିକାର ରାସନ ଡିଲର୍‌ମାନେ ରାସନ ଦେବାକୁ ସିଧାସଳଖ ମନା କରି ଦେଉଛନ୍ତି। ଯେଉଁମାନେ ବି ଦେଉଛନ୍ତି, ଦୂର୍‌ଦୂର୍ ମାର୍‌ମାର୍ କରୁଛନ୍ତି। ଫଳରେ ଲୋକମାନେ ଶେଷରେ ଖର୍ଚ୍ଚାନ୍ତ ହୋଇ ନିଜ ଗାଁକୁ ଆଣିବାକୁ ଯାଉଛନ୍ତି। ସେହିଭଳି ମଞ୍ଚେଶ୍ୱର ପ୍ରଥମ ଚାଉଳ ଏଟିଏମ୍ ସରକାର ଉଦ୍‌ଘାଟାନ କରିଥିଲେ। ହେଲେ ଏହା ଅଧା ଦିନ ଚାଲିଲେ, ଅଧା ଦିନ ବନ୍ଦ ରହୁଛି। ଏହାର ସୁଫଳ ସାଧାରଣ ଲୋକ ପାଇପାରୁନାହାନ୍ତି। ବରଂ ଚାଉଳ ଏଟିଏମ୍ କଥା ଶୁଣି ବହୁ ଦୂରଦୂରାନ୍ତରୁ ଲୋକମାନେ ଆସି ଫେରି ଯାଉଛନ୍ତି। ଏହି ସବୁ ସମସ୍ୟା ଉପରେ ଦୃଷ୍ଟି ଦେଇ ଏହାର ସମାଧାନ କରିବା ପାଇଁ ଦାବି ହେଉଛି।


## DISTRICT WELFARE OFFICE, BARGARH

g-64

Applications are invited from eligible candidates of Bargarh District for engagement of 24 no. of Lady Matrons in the SSD Hostels of Bargarh District.

The detailed advertisement and selection criteria may be obtained from the office notice Board of District Welfare Office, Bargarh and District website **http://bargarh.odisha.gov.in.**

The last date to apply is **04.08.2025.**

OIPR-26025/11/0001/2526

**Sd/- District Welfare Officer, Bargarh**

## DISTRICT PROJECT OFFICE SAMAGRA SHISHA {S.S} MALKANGIRI - 764048

Contact: 06861-231481 (Off)

Emails: dpcmalkanssa.opepa@nic.in stc.malkangiri@gmail.com

**Letter No. 2759/Civil/2025 / Date: 11.07.2025**

**TENDER CALL NOTICE**

Sealed tender in the prescribed form to be eventually drawn-up in PWD Form P-1 (Percentage Rate Bids) in conformity with detailed Tender Call Notice are invited by the District Project Coordinator, Samagra Shiksha, Malkangiri, on behalf of Government of Odisha for tenders for construction of building works as mentioned below from eligible Contractors registered with the State Government and contractor of equivalent grade/class registered with Central Government / MES / Railways, having registration for Civil works on production of definite proof from the appropriate authority.

The detailed list of works is available on the website **https://malkangiri.odisha.gov.in** and Office Notice Board.

| | | |
|---|---|---|
| Name of Work | : | Construction of Additional Class Room Building in different area of Malkangiri District under SETU 2024-25 |
| No. Of Works | : | 30 Nos (Thirty) Nos |
| Estimated Cost | : | As laid down in the DTCN |
| Amount put to Tender | : | As laid down in the DTCN |
| Tender Paper cost | : | As laid down in the DTCN |
| E.M.D Amount Required | : | 1% of the Amount put to tender (As laid down in the DTCN) |
| Period of completion | : | As laid down in the DTCN for each work |
| Date of sale of Tender papers | : | The Bid documents can be downloaded from the Govt. Web site https://malkangiri.odisha.gov.in only from 17.07.2025 to 30.07.2025 |
| Date of receipt of Tender paper | : | From 17.07.2025 to 30.07.2025 up to 5.00 PM (in working days) through Registered Post/Speed Post only. No tender paper will receive by hand or Courier services |
| Date of opening of Tender papers | : | At 11.00 A.M on 31.07.2025 in the Office Chamber of Collector, Malkangiri in presence of Tender finalisation Committee member, tenderer or their authorised representatives. |

**N.B- If the last date of sale/receipt of tender paper turns out be a holiday, it will automatically be extended to next working day.** The amendment in safe of corrigendum / addendum will be notified on website https://malkangiri.odisha.gov.in only & the prospective bidders are request to take cognizance of such notification while submitting their tender proposal.

**OIPR-27141/11/0016/2526 n-102**

District Project Coordinator
Samagra Shiksha, Malkangiri

## AFFIDAVIT

By virtue of an affidavit, sl. no. 2, dtd.15.07.2025 before the Notary, Purushottampur, Ganjam, I, Santosh Maharana, At/Po- Chatamundali, Po-Purushottampur, Dist- Ganjam have changed my son's name from Sujit Maharana to Sujita Maharana. Henceforth he will be known as **Sujita Maharana** for all purposes.

**Sd/- Santosh Maharana**

## AFFIDAVIT

By virtue of an affidavit sworn before the Executive Magistrate Bissam Cuttack, Dist-Rayagada, Odisha, vide affidavit sl.no.1728/2025, dated-19/06/2025, that Smt Sadai Miniaka, W/o- Late Kirti Miniaka of village - Sana Gotiguda, Po-Badda Gotiguda, P.s-Bissam Cuttack, which is wrongly recorded in Aadhaar Card. Hence for the changed the name of his minor Daughter Sanju Miniaka instead of Sanjukta Miniyaka. Henceforth the minor Daughter shall be known as **Sanju Miniaka** In her Aadhar and for all purposes.

**Sd/- Deponent**

## AFFIDAVIT

I, Sukant Swain, aged about 57 years, S/o.: Dhruba Charan Swain, resident of Village/PO.: Korua, P.S.: Naugaon, Dist.: Jagatsinghpur, Odisha, declare by this affidavit No.: 1049, dated-14.07.2025, that now onwards I shall be known as **Sukant Kumar Swain** for all future purposes.

## AFFIDAVIT

By virtue of an affidavit before The Notary Public, Titilagarh, on dated-15/07/2025. I, **Sunita Jyotisha** (Applicant name), Wife of Preamraj Jyotisha, Permanent resident of At-Goudtula, P.O. Kursud, P.S. Sindhekela, Dist- Balangir, (Odisha), PIN- 767035 now residing at the same place affirm that I have changed my minor son's name from **Premraj Jyotish** (old name) to **Sunil Jyotisha** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion he will be known as **Sunil Jyotisha** (new name).

**Sunita Jyotisha**

## AFFIDAVIT

By virtue of an affidavit before the Executive Magistrate, Bhawanipatna, Kalahandi, I, Jagdeesh Nag have changed my name and date of birth from Jagasdisha Nag, date of Birth as 19.09.2001 to Jagdeesh Nag, date of birth as 24.01.2001. Hencefroth I shall be known as Jagdeesh Nag and my date of birth as 24.01.2001 for all purposes.

**Sd/- Jagdeesh Nag**

## AFFIDAVIT

By virtue of an affidavit before the Notary Public, Titilagarh, on dated-14/07/2025. I, **Rama Sahu** (new name), formerly called as Rambha Sahu (old name), W/o Dambarudhara Sahu, permanent resident of AT-Bandepadar, P.O.- Dhandamunda, P.S. Khaprakhol, Dist- Balangir, (Odisha), PIN- 767028 now residing at the same place affirm that I have changed my name from **Rambha Sahu** (old name) to **Rama Sahu** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Rama Sahu** (new name).

**Rama Sahu**

## AFFIDAVIT

By virtue of an affidavit before Exicutive Magistrate, Rasgovindpur, Mayurbhanj dtd 07.07.2025. I, Padmabati Jati, residing At- Nakichua, P.o.-Chinchalgadia, P.s-Rasgovindpur, Dist- Mayurbhanj - 756030 declare that I have changed my name from Srimati Padmamnani Jyoti to Padmabati Jati. Henceforth, I shall be known as **Padmabati Jati** for all purposes.

**Padmabati Jati**

## AFFIDAVIT

By virtue of an affidavit no 3807 before the Executive Magistrate, Champua on dated- 29/05/2025. I, **Rohit Rajak** (new name), S/o- Dola Rajak, resident of At-Panchapokhoria, PS-Champua, Dist- Keonjhar, PIN- 758041, Odisha have changed my name from **Lipun Rajak** (old name) to **Rohit Rajak** (new name). Henceforth, I shall be known as **Rohit Rajak** (new name) for all future purposes.

**Rohit Rajak**

## AFFIDAVIT

By virtue of an affidavit Sl No 1863, dtd.14.07.2025 before the Executive Magistrate, Kandhamal, Phulbani. I, Sushant Kanhar, resident of At: Talatamtingia, PO: Sripalla, Dist.: Kandhamal have changed my minor daughter's name from Prangya Kanhar to Pragnyasini Kanhar. Henceforth, she shall be known as **Pragnyasini Kanhar** for all purposes.

**Sd/- Sushant Kanhar**

## AFFIDAVIT

By virtue of an affidavit sworn before Executive Magistrate, PURI, dated 02/04/2025. I, OSAPILI CHITAMA, Address: VTC-PENTHAKATA, P.S.–SEA BEACH, PURI declare that I have changed my name from **VASIPILLI RAJILU** to **OSAPILI CHITAMA** Henceforth, I shall be known as **OSAPILI CHITAMA** for all purposes.

**Sd/- OSAPILI CHITAMA**

## AFFIDAVIT

By virtue of an affidavit sworn before The Executive Magistrate, Gaisilet vide affidavit no.62 dated 11/07/2025 I, Debashish Purohit, S/o - Manabhanjan Purohit resident of At/Po./Ps.- Gaisilet, Dist.-Bargarh, Odisha, Pin- 768037 state that, I have changed my son's name from **Swapnil Purohit** to **Pragyan Purohit**. Henceforth, my son shall be known as **Pragyan Purohit** for all purposes.

## AFFIDAVIT

I, Pranab Bhusan Pattanaik, aged about 61 years, S/o-Late Anirudha Pattanaik, resident of Flat No-J/212, Trident Galaxy Apartment, Kalinga nagar, Ps-Chandaka, Bhubaneswar, Dist-Khurda, PIN- 751003, Odisha declared by this affidavit No- 77AA306781, dtd- 30/06/2025 that now onwards I shall be known as **PRANAB BHUSAN PATTNAIK** for all future purposes.

## AFFIDAVIT

By virtue of an affidavit sworn before Executive Magistrate, Banpur, vide no-2799, dated 15/07/2025 I, Rabindra Panda, S/o- Late Panchanan Panda, of At- Chiankasahi, Po/Ps- Banpur, Dist- Khordha, declare that in my adhar card my name is wrongly mentioned as **Rabindra Nath Panda** instead of Rabindra Panda. Henceforth, I shall be known as **Rabindra Panda** for all purposes.

## AFFIDAVIT

I, SK Namul Haque, aged about 61 years, S/O- Sk Azizul Haque, resident of At/Po- Olaver, Ps- Rajkanika, Dist-Kendrapara, Odisha, Pin- 754227 declare by this affidavit No. 1373, dtd. 12/07/2025, that now onwards I shall be known as **SK NAIMUL HAQUE** for all future purposes.

## AFFIDAVIT

By virtue of an affidavit sworn before The Executive Magistrate, champua cf no4532 dated-7/07/2025. I, **Priyanka Priyadarshini Sarangi,** W/o-Shasibhusan Sarangi, resident of AT- Nakasara, PO- Naksara, PS-Ghagarbeda, Dist- Mayurbhanj, PIN-757035, Odisha declare that I have changed my name from **Priyanka Priyadarshini Behera To Priyanka Priyadarshini Sarangi** (new name). Henceforth, I shall be known as **Priyanka Priyadarshini Sarangi,** W/o-Shasibhusan Sarangi for all future purposes.

**Priyanka Priyadarshini Sarangi**

## COLLECTORATE, RAYAGADA (NIZARAT SECTION)

F-42

### TENDER/QUOTATION CALL NOTICE

Sealed Tender/quotation is invited from the interested reputed Travel Agencies / Tour Operators or private individuals for providing of vehicle on hire charges on or before **06.08.2025 by 1.00 P.M.**

For specification details please visit our official website: **www.rayagada.odisha.gov.in**

OIPR-24365/11/0008/2526

**Sd/- COLLECTOR, RAYAGADA**

## ଏଫଏମ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମଦାହ ଘଟଣା

# ମୁଖ୍ୟମନ୍ତ୍ରୀ ଓ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହକଲା ବିଜେଡି







ଧାମନଗର,୧୫ ।୭ (ସମିସ)

ବାଲେଶ୍ୱର ଏଫଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଦୀର୍ଘ ୬ମାସ ଧରି ନିର୍ଯାତନାର ଶିକାର ହୋଇ ବିଭିନ୍ନ ସ୍ଥାନରେ ଅଭିଯୋଗ ସହ ଏବେ ୩ ତିନି ଦିନ ପୂର୍ବରୁ ଅଧ୍ୟକ୍ଷଙ୍କୁ ଶେଷ ଦେଖା କରି ନ୍ୟାୟ ନ ପାଇବାରୁ ଶେଷରେ ନିଜ ଦେହରେ ନିଆଁ ଲଗାଇ ଦେଇଥିଲେ। ଭୁବନେଶ୍ୱର ଏମ୍‌ସରେ ଚିକିତ୍ସାଧୀନ ଅବସ୍ଥାରେ ଗତକାଲି ରାତିରେ ତାଙ୍କର ମୃତ୍ୟୁ ଘଟିଛି। ସୌମ୍ୟାଶ୍ରୀଙ୍କୁ ଉଚିତ୍ ନ୍ୟାୟ କିପରି ମିଳିବ ଏବଂ ଏଥିରେ ଯେଉଁମାନେ ସେମାନଙ୍କୁ କଠୋରରୁ କଠୋର ଦଣ୍ଡ ଦେବା ସହିତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ଇସ୍ତଫା ଦାବି କରିଛି ବିଜେଡି। ଏହି ଅବସରରେ ଧାମନଗର ସ୍ଥିତ ବିଜୁ ପଟ୍ଟନାୟକ ପ୍ରତିମୂର୍ତ୍ତି ସମ୍ମୁଖରେ ବିଜେଡି ତରଫରୁ ସୌମ୍ୟାଶ୍ରୀ ଏବଂ ତାଙ୍କ ପରିବାରଙ୍କୁ ନ୍ୟାୟ ଦାବିରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ବିଜେଡି ବ୍ଲକ ସଭାପତି ପ୍ରତାପ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ,ସାରଦା ପ୍ରସନ୍ନ ସାହୁ,ଉପାଧ୍ୟକ୍ଷ ଜଗବନ୍ଧୁ ପ୍ରଧାନ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ସରପଞ୍ଚ ଅଜୟ କୁମାର ମଲ୍ଲିକ ଓ ସମିତି ଏବଂ ନଗର ସଭାପତି ବିଜୟକେତନ ସାହୁ, ପ୍ରାକ୍ତନ ବ୍ଲକ ସଭାପତି ଉମେଶ ମହାନ୍ତି, ସଭାପତି ସୁଶାନ୍ତ ରାଉତ, ମୀର ମୁରତୁଜା, ସେକ ମକଦୁମ, କାଉନସିଲରଙ୍କ ସମେତ ବହୁ ଦଳୀୟ କର୍ମୀ ଓ ନେତା ପ୍ରମୁଖ ଉପସ୍ଥିତ ରହି ମୃତ ସୌମ୍ୟାଶ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ସହ ତାଙ୍କ ଅମର ଆତ୍ମାର ସଦଗତି କାମନା କରିଛନ୍ତି। ଶେଷରେ ସରକାରଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇ ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି ସହ ୨ ଜଣଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଧାମନଗର ଥାନା ଆଇଆଇସି ଗୋପାଳ କୃଷ୍ଣ ଜେନାଙ୍କ ତତ୍ତ୍ୱାବଧାନରେ ଏସ ଆଇ ରାଜେଶ ସେଠୀ, ପ୍ରଦୀପ ନାୟକ ଓ ଅନ୍ୟ ସହଯୋଗୀ ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ।




**ଭଦ୍ରକ:** ଜୀବନ ଯୁଦ୍ଧରେ ହାରିଯାଇଛନ୍ତି ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଇଣ୍ଟିଗ୍ରେଟେଡ ବିଏଡ ଦ୍ୱିତୀୟ ବର୍ଷ ଛାତ୍ରୀ ସୌମ୍ୟାଶ୍ରୀ ବିଶି। ସୌମ୍ୟାଶ୍ରୀଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା ଓ ପ୍ରତିବାଦ ବଢିବାରେ ଲାଗିଛି । ଏହି ଘଟଣାକୁ ନେଇ ରାଜ୍ୟ ସରକାରଙ୍କୁ ବିରୋଧୀ ଘେରିବା ସହ ପ୍ରଶ୍ନ ବାଣରେ ଘାଇଲା କରିଛନ୍ତି। ମଙ୍ଗଳବାର ଏହାର ପ୍ରତିବାଦ ଜଣାଇ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଭଦ୍ରକ ଜିଲ୍ଲା ବିଜୁ ଛାତ୍ର ଓ ଯୁବ ଜନତା ଦଳ ପକ୍ଷରୁ ଭଦ୍ରକ ସ୍ୱୟଂଶାସିତ କଲେଜ ମୁଖ୍ୟ ଫାଟ ଆଗରେ ଟାୟାର ଜାଳି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ରାଜ୍ୟ ଛାତ୍ର ବିଜେଡି ନେତା ଭାସ୍କର ମହାଲିକଙ୍କ ନେତୃତ୍ୱରେ ବିକ୍ଷୋଭ କରାଯାଇଥିଲା। ଏହି ଘଟଣା ନାରୀଜାତି ପାଇଁ ଅସମ୍ମାନ। ସାରା ଛାତ୍ରୀ ସମାଜ ପାଇଁ ଅସମ୍ମାନ। ଏହାକୁ କେବେ ବି କ୍ଷମା କରାଯିବ ନାହିଁ। ସବୁ ଦୋଷୀଙ୍କୁ ଦଣ୍ଡ ମିଳିବା ଦରକାର। ହେଲେ ସରକାର କାହାକୁ ଦଣ୍ଡ ଦେବେ, ତାଙ୍କୁ ନିଜେ ମୃତା ସୌମ୍ୟାଶ୍ରୀ ଟୁଇଟ କରି ଘଟଣା ସମ୍ପର୍କରେ ଜଣାଇଥିଲେ। ହେଲେ ସରକାରଙ୍କ ଅପାରଗତା ଯୋଗୁ ନ୍ୟାୟ ମିଳିପାରିଲା ନାହିଁ ବୋଲି ଅଭିଯୋଗ କରି ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ନ ଦେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି କହିଥିଲେ। ବିକ୍ଷୋଭରେ ଜିଲ୍ଲା ଯୁବ ବିଜେଡି ସଭାପତି ମୁକୁନ୍ଦଦେବ ସାମଲ, କାଉନସିଲର ଆଶିଷ ଅମିତାଭ ମହାପାତ୍ର, ଯୁବନେତା ସେକ ସାହାଜାନଙ୍କ ସହ ଛାତ୍ର ବିଜେଡିନେତା-ଲଭ୍‌ଲି ମହାପାତ୍ର, ଶକ୍ତିପ୍ରସାଦ ମଲ୍ଲିକ ଓ ଅମ୍ବିକା ମହାପାତ୍ର ପ୍ରମୁଖ ସାମିଲ ହୋଇଥିଲେ।

**ଭଣ୍ଡାରିପୋଖରୀ/ବାରିକପୁର:** ରାଜ୍ୟର କୋଣ ଅନୁକୋଣରେ ଏଫଏମ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମଦାହ ନିଆଁ ଜଳୁଛି। ଏ ନେଇ ମଙ୍ଗଳବାର ଛାତ୍ର ଓ ଯୁବ ବିଜେଡ଼ି ପକ୍ଷରୁ ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଭଣ୍ଡାରିପୋଖରୀ ଯୁକ୍ତ ଦୁଇ କଲେଜ ପ୍ରାଙ୍ଗଣରେ ଏକ ପ୍ରତିବାଦ ସଭା ଜିଲ୍ଲା ଛାତ୍ର ବିଜେଡି ସଭାପତି ଦୀପ୍ତି ସୂର୍ଯ୍ୟ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଯାଇଅଛି। ସ୍ଥାନୀୟ ବିଧାୟକ ସଞ୍ଜୀବ କୁମାର ମଲ୍ଲିକଙ୍କ ଆହ୍ୱାନ କ୍ରମେ ଏହି ପ୍ରତିବାଦ ଓ ବିକ୍ଷୋଭ ପ୍ରଦର୍ଶନ ହୋଇଥିବା ବେଳେ ଏଥିରେ ବହୁ କର୍ମକର୍ତ୍ତା ଯୋଗ ଦେଇଥିଲେ। ବ୍ଲକ ବିଜେଡି ସଭାପତି ଲକ୍ଷ୍ମୀଧର ସାହୁ, ଜିଲ୍ଲା ପରିଷଦ ସଭ୍ୟ ଉତ୍କଳ କେଶରୀ ମହାନ୍ତି, ବ୍ଲକ ଯୁବ ବିଜେଡ଼ି ସଭାପତି ଲଳିତ କୁମାର ରାଉତ, ଛାତ୍ର ବିଜେଡି ସଭାପତି ଜଗତ ଜୀବନ ବାରିକ, ସରପଞ୍ଚ ସତ୍ୟବ୍ରତ ପାଲ, ସୁଶାନ୍ତ କୁମାର ରାଉତ, ଅବିନାଶ ରାଉତ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ଉଚ୍ଚ ଶିକ୍ଷା ବିଭାଗ, କଲେଜ କର୍ତ୍ତୃପକ୍ଷ ଓ ପ୍ରଶାସନିକ ଅବହେଳା ଯୋଗୁଁ କଲେଜ ଛାତ୍ରୀ ଜଣଙ୍କ ମୃତ୍ୟୁ ବରଣ କରିଥିବା ଛାତ୍ରନେତାମାନେ ଅଭିଯୋଗ କରିଥିଲେ। ଛାତ୍ରୀଙ୍କ ମୃତ୍ୟୁ ପାଇଁ ଯେଉଁମାନେ ଦାୟୀ ସେମାନେଙ୍କୁ କଠୋର ଦଣ୍ଡ ଦେବାପାଇଁ ଦାବି ହୋଇଥିଲା। ଏହାଛଡା ମୁଖ୍ୟମନ୍ତ୍ରୀ, ଉଚ୍ଚ ଶିକ୍ଷା ମନ୍ତ୍ରୀ ଓ ବାଲେଶ୍ୱର ସାଂସଦ ତୁରନ୍ତ ଇସ୍ତଫା ଦେବାକୁ ବିଜେଡି ଦାବି କରିଛି।ଦଳ ପକ୍ଷରୁ ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ କୁଶପୁତଳିକା ମଧ ଦାହ କରାଯାଇଥିଲା। ପ୍ରତିବାଦ କାର୍ଯ୍ୟକ୍ରମରେ ବିଜେଡି ନେତା ବିରେନ୍ଦ୍ର କୁମାର ନାୟକ, ବିଷ୍ଣୁ ଚରଣ ଦାସ, ସତ୍ୟାନନ୍ଦ ମହାପାତ୍ର,ଦ୍ୱେ ପ୍ରସନ୍ନ ମହାପାତ୍ର, ଜୟନ୍ତ କୁମାର ସାହୁ, ପ୍ରସନ୍ନ କୁମାର ସାହୁ, ନାଗେଶ୍ୱର ବେହେରା, ବିନୋଦ ରାଉତ, ଦୁର୍ଯ୍ୟୋଧନ ଜେନା, ମନୋରଞ୍ଜନ ସାହୁ, କାର୍ତ୍ତିକ ଚନ୍ଦ୍ର ଜେନା, ରାଧାକାନ୍ତ ଦାସ,ଦେବ ଧନେଶ୍ୱର ବିଶ୍ୱାଳ, ପ୍ରଭାକର ରାଉତ, ଚିତ୍ତରଞ୍ଜନ ପତି, ରାଜେଶ କୁମାର ବାରିକ, ପ୍ରଭାକର ପାତ୍ର ପ୍ରମୁଖ ଯୋଗଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

**ବନ୍ତ/ଆଗରପଡ଼ା:** ବାଲେଶ୍ୱର ଫକୀର ମୋହନ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଅକାଳ ମୃତ୍ୟୁକୁ ରାଜ୍ୟ ସରକାରଙ୍କ ଅପାରଗତାକୁ ଦାୟୀ କରି ଆଗରପଡ଼ା କଲେଜଛକରେ ବିଜୁ ଯୁବ ଛାତ୍ର ଜନତାଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ସହ ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା। ବିଧାୟକ ସଂଜୀବ ମଲ୍ଲିକଙ୍କ ନିର୍ଦ୍ଦେଶକ୍ରମେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ ଜେନା ଯୋଗଦେଇ ରାଜ୍ୟ ସରକାରଙ୍କୁ ଅପାରଗ ସରକାର ବୋଲି କହିଥିଲେ। ବ୍ଲକ ଅଧ୍ୟକ୍ଷ ମନୋରଂଜନ ଘଡ଼େଇ ସୌମ୍ୟାଶ୍ରୀଙ୍କ ମୃତ୍ୟୁ ଘଟଣା ସରକାରଙ୍କ ଅସଲ ମୁଖା ଖୋଲି ଦେଇଛି ବୋଲି କହିଥିଲେ। ବରିଷ୍ଠ ଯୁବନେତା ସତ୍ୟସାଧନ ବେଜ ଏହି ସରକାରଙ୍କ ସମୟରେ ଝିଅ ବୋହୂମାନେ ଆଉ ନିଜକୁ ନିରାପଦ ମଣୁନାହାଁନ୍ତି। ତେଣୁ ନୈତିକତା ଦୃଷ୍ଟିରୁ ମୁଖ୍ୟମନ୍ତ୍ରୀ ଓ ଉଚ୍ଚ ଶିକ୍ଷାମନ୍ତ୍ରୀ ତୁରନ୍ତ ଇସ୍ତଫା ଦେବାକୁ ସେ ଦାବି କରିଥିଲେ। ରାଜ୍ୟ ବିଜୁ ଛାତ୍ର ଜନତା ଦଳ ଉପସଭାପତି ଚିନ୍ମୟ ଦାସ, ରାଜ୍ୟ ବିଜୁ ଯୁବ ଜନତା ଦଳ ସାଧାରଣ ସଂପାଦକ ଲାଲା ସ୍ୱାଇଁ, ଜିଲ୍ଲା ବିଜୁ ଯୁବ ଜନତା ଦଳ ସାଧାରଣ ସମ୍ପାଦକ ଭବେନ୍ଦ୍ର ନାଥ ସାହୁ, ବସନ୍ତ ପତି, ଦୀପକ ମହାନ୍ତି, କିଶୋର ରାଉତ, ସରପଞ୍ଚ ପ୍ରକାଶ ବିଶ୍ୱାଳ, ନିହାର ପଣ୍ଡା, ସମିତିସଭ୍ୟ ନିର୍ମଳ ନାୟକ ସମେତ ବହୁ ଯୁବ ଓ ଛାତ୍ର ନେତା ଏବଂ ବିଜେଡ଼ି କର୍ମୀ ସାମିଲ ହୋଇଥିଲେ।

**ବାସୁଦେବପୁର:** ଅନ୍ୟାୟକୁ ବିରୋଧରେ ପ୍ରତିବାଦ କରି ଚାଲିଗଲା ଏକ ଅମୂଲ୍ୟ ଜୀବନ। ସରିଗଲା ସାହସୀ ଝିଅର ଖେଳ। ହଜିଗଲା କଲେଜରୁ ସୌମ୍ୟାଶ୍ରୀଙ୍କ ନାମ। ସମସ୍ତଙ୍କ ପାଖରେ କରିଥିଲା ଆକୁଳ ନିବେଦନ। କେହି ବୁଝିଲେ ନାହିଁ । କେହି ଦେଖାଇଲେ ନାହିଁ ଆନ୍ତରିକତା । ଟୁଇଟରରେ ଅଟକି ଗଲା ଅଭିଯୋଗର ନାଟକ। ସବୁ ନାଟକର ପଡିଲା ଯବନିକା । ସାହସୀ ଝିଅକୁ ହରାଇ ଝୁରୁଛି ସାରା ଓଡିଶା। ସ୍ତବ୍ଧ ଛାତ୍ରଛାତ୍ରୀ। ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ନିର୍ଯ୍ୟାତିତ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କୁ ଯେପରି କଲେଜ କର୍ତ୍ତୃପକ୍ଷ ମାରିଦେଲେ ତାହାର ପ୍ରତିବାଦରେ ବାସୁଦେବପୁର ଅଟଳ ବିହାରୀ ମହାବିଦ୍ୟାଳୟ ଛାତ୍ରଛାତ୍ରୀ ଓହ୍ଲାଇଛନ୍ତି ରାଜରାସ୍ତାକୁ । ଏକ ଶୋଭାଯାତ୍ରାରେ ବାହାରି ଏ.ବି. କଲେଜ ଛକରେ ପହଂଚି ବିକ୍ଷୋଭ କରିଥିଲେ । କିଛି ସମୟ ଧରି ଗାଡି ମୋଟର ଚଳାଚଳ ବନ୍ଦ ହୋଇ ଯାଇଥିଲା । ସରକାରୀ ବିରୋଧୀ ସ୍ଲୋଗାନରେ କଲେଜ ଛକ ଫାଟି ପଡୁଥିଲା । ଜୀବନ କ୍ଷୁଦ୍ଧରେ ପରାଜିତ ସୈନିକ ନିରବରେ ଶୋଇଗଲେ। ପଞ୍ଚଭୂତରେ ଲୀନ ହୋଇଗଲେ ସୌମ୍ୟାଶ୍ରୀ। ଦୋଷୀଙ୍କ ବିରୋଧରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଦାବୀରେ ମୁଖ୍ୟମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରି କୁଶ ପୁତ୍ତଳିକା ଦାହ କରିଥିଲେ। ନ୍ୟାୟିକ ତଦନ୍ତ ଦାବିରେ ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ । ବିଜୁ ଛାତ୍ର ଜନତାଦଳର ସଭାପତି କାଳୀଚରଣ ସାହୁ, ମାନସ ରଞ୍ଜନ ସାହୁ, ବିଦ୍ୟାଧର ମୁଦୁଲି, ଶଶିଭୂଷଣ ବାରିକ ଓ ବହୁ ଛାତ୍ର ଛାତ୍ରୀ ବିକ୍ଷୋଭରେ ସାମିଲ ଥିଲେ।

**ଭଦ୍ରକ:** ବାଲେଶ୍ୱରର ଏଫ.ଏମ କଲେଜ ଛାତ୍ରୀ ସୌମ୍ୟଶ୍ରୀଙ୍କ ମୃତ୍ୟୁ ଘଟଣାରେ ସବୁଠି ଚାଲିଛି ଆନ୍ଦୋଳନ। ଆଜି ଚାନ୍ଦବାଲିରେ ବିଜୁ ଯୁବ ଜନତା ଦଳ ପକ୍ଷରୁ ତହସିଲ ଅଫିସ ସମ୍ମୁଖରେ ଟାୟାର ଜାଳି ବିକ୍ଷୋଭ ପଦର୍ଶନ କରିବା ସହ ମୁଖ୍ୟମନ୍ତ୍ରୀ ଓ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ। କଲେଜ ପରିସରରେ ଛାତ୍ରୀ ଜଣକ ଶରୀରରେ ପେଟ୍ରୋଲ ଢାଳି ନିଆଁ ଲଗେଇବା ଭଳି ପରିସ୍ଥିତି ସୃଷ୍ଟି ହେବା ଏବଂ ପରବର୍ତ୍ତୀ ସମୟରେ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ହେବା ଘଟଣାରେ ଯେଉଁମାନେ ଦାୟୀ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିବା ସହ ଉଚ୍ଚ ଶିକ୍ଷାମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛନ୍ତି ବିଜୁ ଯୁବ ଜନତା ଦଳ। ଏହି ବିକ୍ଷୋଭର ନେତୃତ୍ୱ ନେଇଥିଲେ ଜିଲ୍ଲା ପରିଷଦ ସଭ୍ୟ ପ୍ରିନ୍ସ ରାଜେଶ ନାୟକ ଓ ମହିଳାନେତ୍ରୀ ଲିପିକା ଦାସ।






## ଭଦ୍ରକରେ ବିଶ୍ୱ ଦକ୍ଷତା ଦିବସ ପାଳିତ



ଭଦ୍ରକ,୧୫ ।୭ (ସମିସ): ବିଶ୍ୱ ଯୁବ କୌଶଳ ଦିବସ ଅବସରରେ ଭଦ୍ରକ ହାଇଟେକ୍ ଇଞ୍ଜିନିୟରିଂ କଲେଜ୍ ସ୍ଥିତ ସ୍କିଲ କନେକ୍ଟ ଦକ୍ଷତା ବିକାଶ କେନ୍ଦ୍ରରେ ଏକ ସଭା ଆୟୋଜିତ ହୋଇଥିଲା। ଏଥିରେ ଅତିରିକ୍ତ ଜିଲ୍ଲାପାଳ ସରୋଜ କୁମାର ଦତ୍ତ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଯୁବପିଢିଙ୍କୁ ଦକ୍ଷତା ଅଧିଗ୍ରହଣର ଆବଶ୍ୟକତା ବିଷୟରେ ଆଲୋକପାତ କଲେ। ସେ ନିଯୁକ୍ତି ପାଇବା ପାଇଁ ଆମେ ଦକ୍ଷ ହେବା ଆବଶ୍ୟକ, ବିଶେଷକରି ଡିଜିଟାଲ୍ ଦକ୍ଷତା ଅଧିଗ୍ରହଣ କଲେ ଆମେ ଉଦୟମାନ ବିଶ୍ୱରେ ସ୍ଥାନ ବନାଇପାରିବା। ଆମେ ଦକ୍ଷ ହେବା ଓ ଦେଶ ଗଢିବାରେ ସହଭାଗିତା ରଖିବା ନେଇ ବକ୍ତବ୍ୟ ରଖିଥିଲେ। ଜିଲ୍ଲା ଦକ୍ଷତା ବିକାଶ ଓ ନିଯୁକ୍ତି ଅଧିକାରୀ ଅନିତା ନାୟକ ମଧ୍ୟ ତାଙ୍କ ବକ୍ତବ୍ୟ ରେ ଓଡ଼ିଶା ସରକାର ଓ ଓଡିଶା ଦକ୍ଷତା ବିକାଶ ପ୍ରାଧିକରଣ (ଓଏସଡିଏ) ଦ୍ୱାରା ଯୁବକଙ୍କୁ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବା ଉଦ୍ୟମ ବିଷୟରେ ଅନେକ ଉପଯୁକ୍ତ ତଥ୍ୟ ଉପସ୍ଥାପନ କଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ବିଭିନ୍ନ କୌଶଳ ପ୍ରତିଯୋଗିତାରେ ଭାଗ ନେଇଥିବା ଯୁବା ଅଂଶଗ୍ରହଣକାରୀଙ୍କୁ ମୁଖ୍ୟ ଅତିଥି ପ୍ରମାଣପତ୍ର ସହ ପୁରସ୍କାର ବିତରଣ କରିଥିଲେ। ଶେଷରେ ସ୍କିଲ୍ କନେକ୍ଟର ସଂଯୋଜକ ବିଶ୍ୱରଞ୍ଜନ କର ଧନ୍ୟବାଦ ଅର୍ପଣ କରିଥିଲେ।

## ଦଳିତ ନେତା ରାଜେନ୍ଦ୍ରପ୍ରସାଦ ଜେନାଙ୍କୁ କେଉଁଝର ଜିଲ୍ଲା ପର୍ଯ୍ୟବେକ୍ଷକ ଦାୟିତ୍ୱ



ଭଦ୍ରକ,୧୫ ।୭ (ସମିସ): ଭଦ୍ରକ ଜିଲ୍ଲା ବରିଷ୍ଠ ସାମ୍ବାଦିକ, ଦଳିତ ନେତା ତଥା ପିସିସି ଅନୁସୂଚିତ ଜାତି ବିଭାଗର ରାଜ୍ୟ ସାଧାରଣ ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ଜେନାଙ୍କୁ ଅନୁସୂଚିତ ଜାତି ବିଭାଗ କମିଟି ପକ୍ଷରୁ କେଉଁଝର ଜିଲ୍ଲାର ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି କରାଯାଇଛି। ତାଙ୍କ ନିଯୁକ୍ତିକୁ ଭଦ୍ରକ ଜିଲ୍ଲାର ବିଭିନ୍ନ ମହଲରୁ ସ୍ୱାଗତ କରାଯାଇ ଥିବା ବେଳେ ଶ୍ରୀ ଜେନାଙ୍କ ସମର୍ଥକ ମଧ୍ୟରେ ଆନନ୍ଦ ଖେଳିଯାଇଛି। ଏ ନେଇ ଶ୍ରୀ ଜେନା ଓଡିଶା ପିସିସି ସଭାପତି ଭକ୍ତ ଚରଣ ଦାସ, ପିସିସି ଅନୁସୂଚିତ ଜାତି ବିଭାଗ ର ରାଜ୍ୟ ସଭାପତି ମାନସ ରଞ୍ଜନ ମଲ୍ଲିକଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଦଳ ମୋ ଉପରେ ଆସ୍ଥା ପ୍ରକଟ କରି ଯେଉଁ ଗୁରୁ ଦାୟିତ୍ୱ ଦେଇଛନ୍ତି, ତାହାକୁ ସୁଚାରୁ ରୂପେ ପାଳନ କରିବି ଏବଂ ଦଳକୁ ଶକ୍ତିଶାଳୀ କରିବା ପାଇଁ ଆପ୍ରାଣ ଉଦ୍ୟମ ଜାରି ରହିବ ବୋଲି ଶ୍ରୀ ଜେନା ଜେନା ଏକ ପ୍ରେସ ବିବୃତ୍ତିରେ କହିଛନ୍ତି।

## ତହସିଲରୁ ପ୍ରମାଣପତ୍ର ନ ପାଇ ଛାତ୍ରଛାତ୍ରୀ ହନ୍ତସନ୍ତ

ଭଦ୍ରକ,୧୫ ।୭ (ସମିସ): ରାଜ୍ୟ ସରକାର ୧ ନମ୍ବର ମାନ୍ୟତା ହାସଲ କରିଥିବା ଭଦ୍ରକ ତହସିଲରେ ଛାତ୍ରଛାତ୍ରୀ ନାମଲେଖା ପାଇଁ ବିଭିନ୍ନ ଜାତିଗତ, ବାସସ୍ଥାନ ଓ ଆୟ ଆଦି ପ୍ରମାଣପତ୍ର ପାଇବାରୁ ବଞ୍ଚିତ ହୋଇ ଦୁର୍ଦ୍ଦଶା ଭୋଗୁଛନ୍ତି। ଏବେ ନାମଲେଖା ଋତୁ ଚାଲିଥିବା ବେଳେ ସ୍କୁଲ ଓ କଲେଜ ପାଇଁ ଆବଶ୍ୟକ ଥିବା ଜାତିଗତ ପ୍ରମାଣପତ୍ର, ବାସସ୍ଥାନ ପ୍ରମାଣ ପତ୍ର ଏବଂ ଇନକମ୍ ପ୍ରମାଣପତ୍ର ଯାହା ସରକାରୀ ଧାର୍ଯ୍ୟ ସମୟ ୧୫ରୁ ୨୦ ଦିନ ଥିବା ବେଳେ ତାହା ମାସ ମାସ ଧରି ତହସିଲ କାର୍ଯ୍ୟାଳୟରେ ପଡି ରହୁଥିବା ଅଭିଯୋଗ ଫର୍ଦ୍ଦ ଗୁଡିକ ବଢିବାରେ ଲାଗିଛି। ଏନେଇ ପିଲାମାନେ ଆର.ଆଇଙ୍କ ଠାରୁ ତହସିଲ ପର୍ଯ୍ୟନ୍ତ ଦୌଡ଼ି ଦୌଡ଼ି ନୟାନ୍ତ ହେଲେ ସୁଦ୍ଧା ମିଳିପାରୁନି ପ୍ରମାଣପତ୍ର। ତହସିଲରେ ପହଞ୍ଚିଲେ କିଏ କହୁଛି ତହସିଲଦାର ଛୁଟିରେ ତ ଆଉ କିଏ କହୁଛି ଆଜି କର୍ମଚାରୀ ନାହାନ୍ତି। ଏପରିକି କେହି କେହି ହାତ ଗୁଞ୍ଜା ଦେଲେ କାମ ହେଇ ଯାଉଥିବାବେଳେ ଆଉ କେହି କେହି ସରକାରୀ ଦଳର ଧମକ ଦେଇ କାମ କରିନେଉଛନ୍ତି ବୋଲି ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ ଯେ, ୨୦୧୪ ମସିହାରୁ ତହସିଲ ଅଫିସକୁ ଡିଜିଟାଲ ବ୍ୟବସ୍ଥାରେ ଗଣତି କରାଯାଇଥିଲେ ସୁଦ୍ଧା ଆଜି ବି ବାରମ୍ବାର ତହସିଲ ଅଫିସକୁ ଦୌଡ଼ିବାକୁ ପଡୁଥିବାରୁ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି ବହୁ ଅଭିଭାବକ ତଥା ଛାତ୍ରଛାତ୍ରୀ। କେବଳ ଜାତିଗତ ପ୍ରମାଣ ପତ୍ର ନୁହେଁ ଜମି ପଟ୍ଟାର ନକଲ ପାଇଁ ସରକାରୀ ଧାର୍ଯ୍ୟ ସମୟ ତିନି ଦିନ ଥିବା ବେଳେ ୩୦ ଦିନରୁ ଅଧିକ ସମୟ ହେବା ପରେ ବି ମିଳିପାରୁନି ପଟାର୍ ନକଲ। ଏ ନେଇ ଜିଲ୍ଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି ହେଉଛି।

## ୧୭ରେ ଓଡିଶା ବନ୍ଦ ସଫଳ ପାଇଁ ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତିର ନିବେଦନ

ଭଦ୍ରକ,୧୫ ।୭ (ସମିସ): ବାଲେଶ୍ୱର ଏଫଏମ୍ କଲେଜର ଛାତ୍ରୀଙ୍କ ବ୍ୟବସ୍ଥାକୃତ ହତ୍ୟାରେ ଅଭିଯୁକ୍ତଙ୍କୁ ଦଣ୍ଡ ଓ ବିଚାର ବିଭାଗୀୟ ତଦନ୍ତ ଦାବିରେ ଆସନ୍ତା ୧୭ ତାରିଖରେ ଓଡିଶା ବନ୍ଦକୁ ସଫଳ କରିବାକୁ ଓଡିଶା ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ପକ୍ଷରୁ ଜନସାଧାରଣଙ୍କୁ ନିବେଦନ କରାଯିବା ସହିତ ଏହି ଘଟଣାରେ ଗଭୀର ଶୋକ ପ୍ରକାଶ କରାଯାଇଛି । ଏଥିସହ ମୃତକଙ୍କ ପରିବାର ପ୍ରତି ସମବେଦନା ଜଣାଉଛି। ଏହା ସମ୍ପୂର୍ଣ୍ଣ ଭାବରେ ଏକ ବ୍ୟବସ୍ଥାକୃତ ହତ୍ୟା ଓ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବରେ ସମ୍ପୃକ୍ତ ସମସ୍ତଙ୍କ ବିରୋଧରେ ହତ୍ୟା ଦଫା ଲଗାଇ ତୁରନ୍ତ ଶାସ୍ତି ପ୍ରଦାନ ସହିତ ସମସ୍ତ ଘଟଣାର ବିଚାର ବିଭାଗୀୟ ତଦନ୍ତ କରିବାକୁ ଗଣତାନ୍ତ୍ରିକ ମହିଳା ସମିତି ଜାତୀୟ ସମ୍ପାଦିକା ତାପସୀ ପ୍ରହରାଜ, ଜିଲ୍ଲା ସଭାନେତ୍ରୀ ସୁଶୀଳା ମୁଣ୍ଡା ଓ ସମ୍ପାଦିକା ସୁରଜିତା ନାୟକ ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି।

# ସହିଦ୍ ପୀଠରେ ମଦ, ଗଞ୍ଜେଇ, ଡ୍ରଗ୍‌ସ କାରବାର

**କେବେ ପଡ଼ିବ ପ୍ରଶାସନର ଦୃଷ୍ଟି?**

ଅସୁରାଳି, ୧୫ ।୭ (ସମିସ)

ବ୍ରିଟିଶ ଶାସନରୁ ମୁକ୍ତି ପାଇଁ ଭାରତ ବର୍ଷରେ ହୋଇଥିବା ସ୍ୱାଧୀନତା ଆନ୍ଦୋଳନର ଇତିହାସ ଆଜି ବି ଜୀବନ୍ତ। ଇତିହାସର ବୀରତ୍ୱ ଗାଥା ବହନ କରୁଥିବା ସ୍ମୃତିପୀଠ ପାଲଟିଛି ଏବେ ଅସାମାଜିକ ଲୋକଙ୍କ ଆଡ୍ଡା। ସହିଦ୍ ସ୍ମୃତି ପୀଠ ପାଖରେ ମଦୁଆଙ୍କ ଆଶ୍ରୟ ପାଲଟିଲାଣି। ଦିନ ରାତି କିଛି ନ ମାନି ମଦ ପିଇ ଅସଭ୍ୟ ଭାଷାରେ ଗାଳି ଗୁଲଜ କରୁଛନ୍ତି। ଏଥିପାଇଁ ଛାତ୍ରଛାତ୍ରୀ ତଥା ସାଧାରଣ ଜନତାଙ୍କ ନିମନ୍ତେ ଗମନାଗମନ ଅସହ୍ୟ ହୋଇ ପଡୁଛି। କେବଳ ସେତିକି ନୁହ; ଧଳା ଜହରର ମଧ ସପ୍ଲାଏ ଚାଲିଛି। ସହିଦ୍ ମାନଙ୍କୁ ସମ୍ମାନ ଦେବା ପ୍ରତି ବଦଳରେ ସହିଦ୍ ପୀଠରେ ଗଞ୍ଜେଇ ଡ୍ରଗସର ଚାଲିଛି ଚୋରା ବେପାର। ସେହି ପାଖାପାଖି ୨୦୦ ମିଟର ପରିଧି ଭିତରେ ସହିଦ୍ ସ୍ମୃତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରହିଛି ପୁଣି ସହିଦ୍ ସ୍ମୃତି ପୀଠ ତା ସାଙ୍ଗକୁ ସହିଦ୍ ନଗରର ମୁଖ୍ୟ ବଜାର ମଧ ରହୁଛି କିନ୍ତୁ ଏହି ଅସାମାଜିକ ମନୋମୁଖୀ କାର୍ଯ୍ୟକୁ ପ୍ରଶାସନର ଦୃଷ୍ଟି ନାହିଁ।

ସୂଚନାଯୋଗ୍ୟ, ଦେଶ ମାତୃକାର ମୁକ୍ତି ପାଇଁ ଅନେକ ସଂଘର୍ଷ ମଧ୍ୟରୁ ଭଦ୍ରକର (ଅବିଭକ୍ତ ବାଲେଶ୍ୱର ଜିଲ୍ଲାର) ଲୁଣିଆଠାରେ ୮୩ବର୍ଷ ତଳେ ଘଟିଥିବା ଗୁଳିକାଣ୍ଡର ସ୍ମୃତି ଏବେବି ତାଜା ହୋଇରହିଛି। ଘଟଣା ବହୁଳ ସ୍ୱାଧୀନତା ସଂଗ୍ରାମରେ ସଂଘଟିତ ଲୋମଟାଙ୍କୁରା ଲୁଣିଆ ଗୁଳିକାଣ୍ଡର ପୃଷ୍ଠଭୂମି ଆଜି ବି ଉଜ୍ଜୀବିତ ହୋଇରହିଛି। ପୁଲିସ ଗୁଳିରେ ଚାହୁଁ ଚାହୁଁ ସେହିଠାରେ ଟଳି ପଡ଼ିଥିଲେ ୯ ଜଣ ସଂଗ୍ରାମୀ। କ୍ଷତାକ୍ତ ହୋଇଥିଲେ ଅନେକ। ଗିରଫ ହେଲେ ସର୍ଦ୍ଦାର ମୁରଲୀ ପଣ୍ଡା। ରାଜୁଆଳିର ନିଧି ମହାଳିକ (୫୫), କୃଷ୍ଣ ମହାଳିକ(୨୮), ଶ୍ୟାମ ମହାଳିକ (୩୫), ଲୁଣିଆର ଅଗଣି ସାହୁ (୫୨), କଟସାହିର ଗୋପୀନାଥ ଯେନା (୨୫), କାଶିମପୁରର ନବକିଶୋର ନାୟକ (୩୨), ଶୁଶୁଆର ଗୌରୀ ଯେନା (୫୦), ପଥରଡ଼ିହର ଚିନ୍ତାମଣି ଦାସ (୫୫) ଓ ଖପରପଦାର ଶଙ୍କର ବେହେରା (୫୦)। ସଂଗ୍ରାମୀଙ୍କ ରକ୍ତରେ ଲେଖା ହେଲା ସ୍ୱାଧୀନତା ଆନ୍ଦୋଳନ। ହେଲେ ଏହାର ରକ୍ଷଣାବେକ୍ଷଣ ହେଉନାହିଁ। ସ୍ଥାନୀୟ ବାସିନ୍ଦା ଏହା ବିଷୟରେ ଉଚ୍ଚ ପଦସ୍ଥ ଅଧିକାରୀଙ୍କ କର୍ଣ୍ଣପାତ କରାଇଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଏବେ ଦିନକୁଦିନ ଅସାମାଜିକ ବ୍ୟକ୍ତିଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। ଆଗାମୀ ଦିନରେ ଆନ୍ଦୋଳନ ବିହିତ ପଦକ୍ଷେପ ଗ୍ରହଣ ନ କଲେ ସ୍ଥାନୀୟ ବାସିନ୍ଦା ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେବେ ବୋଲି ଚେତାବନୀ ଦେଇଛନ୍ତି।



# ପ୍ରକାଶ ପାଇଲା ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକୋତ୍ତର ଫଳ

ଭଦ୍ରକ,୧୫।୭(ସମିସ)

ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଦୁର୍ଗାଶଙ୍କର ଦାଶଙ୍କ ତତ୍ତ୍ୱାବଧାନରେ ସ୍ନାତକୋତର କଳା, ବିଜ୍ଞାନ, ବାଣିଜ୍ୟ ଏବଂ ଏସ୍‌ଏଫ୍‌ସି ବିଭାଗର ଅନ୍ତିମ ବର୍ଷ ପରୀକ୍ଷା ଫଳ ପ୍ରକାଶ ପାଇଛି। ଏଥିରେ ଉତ୍ତୀର୍ଣ୍ଣ ହାର ୭୩.୯୧ % ରହିଛି। ଗତ ବର୍ଷ ତୁଳନାରେ ଏବର୍ଷ ପରୀକ୍ଷାରେ ଏହି ହାର ବୃଦ୍ଧି ପାଇଛି। ସ୍ନାତକୋତର କଳାରେ ୮୨.୨୫, ବିଜ୍ଞାନରେ ୭୧.୩୩, ବାଣିଜ୍ୟରେ ୪୪.୮୨ ଏବଂ ଏସ୍.ଏଫ୍.ସି. ବିଭାଗରେ ଉତୀର୍ଣ୍ଣ ହାର ୭୪.୫ ରହିଛି। କଳା ବିଭାଗରେ ପରୀକ୍ଷା ଦେଇଥିବା ମୋଟ ୨୪୮ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୦୪ ଜଣ, ବିଜ୍ଞାନ ବିଭାଗରେ ପରୀକ୍ଷା ଦେଇଥିବା ମୋଟ ୧୫୭ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୧୨ ଜଣ, ବାଣିଜ୍ୟ ବିଭାଗରେ ପରୀକ୍ଷା ଦେଇଥିବା ମୋଟ ୨୯ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୩ ଜଣ, ଏବଂ ଏସ୍.ଏଫ୍.ସି. ବିଭାଗରେ ପରୀକ୍ଷା ଦେଇଥିବା ମୋଟ ୩୦୬ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୨୮ ଜଣ ସଫଳତାର ସହ କୃତକାର୍ଯ୍ୟ ହୋଇଛନ୍ତି। ସ୍ନାତକୋତ୍ତର କଳା ବିଭାଗରେ ସୁଭଦ୍ରା ବାରିକ, ବିଜ୍ଞାନ ବିଭାଗରେ ସୁବାଶିସ ଦାସ, ବାଣିଜ୍ୟ ବିଭାଗରେ ସନ୍ତୋଷୀ ଜେନା ଏବଂ ଏସ୍.ଏଫ୍.ସି. ବିଭାଗରେ ମଧୁସ୍ମିତା ସାମଲ ସର୍ବାଧିକ ନମ୍ବର ରଖି ଏହି ଶିକ୍ଷା ବର୍ଷରେ ମହାବିଦ୍ୟାଳୟର ଟପ୍ପର୍ ହେବାର ଗୌରବ ଅର୍ଜନ କରିଛନ୍ତି। ଏସ୍.ଏଫ୍.ସି. ବିଭାଗରେ ମଧୁସ୍ମିତା ସାମଲ ମହାବିଦ୍ୟାଳୟରେ ଶ୍ରେଷ୍ଠ ସ୍ନାତକୋତର ବିବେଚିତ ହୋଇଛନ୍ତି ବୋଲି ଅଧ୍ୟକ୍ଷ ଡ. ଦୁର୍ଗାଶଙ୍କର ଦାଶ ସୂଚନା ଦେଇଛନ୍ତି। ପରୀକ୍ଷାଫଳ ଘୋଷଣା ସମୟରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଦୁର୍ଗାଶଙ୍କର ଦାଶ ଏହି ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ସମସ୍ତ ବିଦ୍ୟାର୍ଥୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ପରୀକ୍ଷାର ଉପଯୁକ୍ତ ପରିଚାଳନା ଓ ଠିକ୍ ସମୟରେ ଫଳ ପ୍ରକାଶ ନିମନ୍ତେ ପରୀକ୍ଷା ନିୟନ୍ତ୍ରଣ ବିଭାଗର ସମସ୍ତ କର୍ମକର୍ତା ଏବଂ ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି ଅବସରରେ ପରୀକ୍ଷା ବିଭାଗ ନିୟନ୍ତ୍ରକ ପ୍ରଫେସର ମୃତ୍ୟୁଞ୍ଜୟ ଦାସ, ପରୀକ୍ଷା ଉପନିୟନ୍ତ୍ରକ ଡ. ଅଜିତ୍ କୁମାର ଦାସ, ଡ. ପ୍ରତାପ ଚନ୍ଦ୍ର ସାହୁ, ଡ. ପଦ୍ମନାଭ ମହାନ୍ତି, ଅର୍ଥନୀତି ବିଭାଗ ମୁଖ୍ୟ ଡ. ଦିନେଶଚନ୍ଦ୍ର ଦାଶ, ରସାୟନ ବିଭାଗ ମୁଖ୍ୟ ଡ. ପଦ୍ମନାଭ ପତ୍ରୀ, ଡ. ଲକ୍ଷ୍ମୀକାନ୍ତ ନାୟକ, ଇଂରାଜୀ ବିଭାଗ ମୁଖ୍ୟ ଡ. ସନ୍ତୋଷ କୁମାର ସେଠୀ, ପଦାର୍ଥ ବିଜ୍ଞାନ ବିଭାଗର ପ୍ରାଧ୍ୟାପକ ଡ. କମଳାକାନ୍ତ ଜେନା, ପରୀକ୍ଷା ନିୟନ୍ତ୍ରଣ ବିଭାଗର ସୁରେଶଚନ୍ଦ୍ର ରାଉତ, ଶ୍ରୀଯୁକ୍ତ ମଦନ ମୋହନ ବିଷ୍ଣାଣି, ଜୟଗୋପାଳ ସେଠୀ, ସତ୍ୟଶିବ ସୁନ୍ଦର ସାମଲ ଓ ରାଜେନ୍ଦ୍ର ଦାସ ପ୍ରମୁଖ ପରୀକ୍ଷା ଫଳ ପ୍ରକାଶ ସମୟରେ ଉପସ୍ଥିତ ରହିଥିଲେ।

## ପ୍ରତିଶ୍ରୁତି ପରେ କର୍ମଚାରୀ ଆନ୍ଦୋଳନ ସ୍ଥଗିତ



ବାରିକପୁର,୧୫।୭(ସମିସ): ନିଷ୍ଠାପର ଭାବେ ନିଜ କର୍ତ୍ତବ୍ୟ ସମ୍ପାଦନ କରିବା ସତ୍ତ୍ୱେ ୧୦ବର୍ଷ ହେବ ସେମାନଙ୍କୁ ବେତନ ମିଳୁନାହିଁ। ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କରି ନିରାଶ ହେବା ପରେ ଭଣ୍ଡାରିପୋଖରୀ ବ୍ଲକ ବାରିକପୁର ନିକଟସ୍ଥ ନୟନମଣି ଯୁକ୍ତ ଦୁଇ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ଓ କର୍ମଚାରୀମାନେ ଧାରଣା ଆରମ୍ଭ କରିଥିଲେ। ଆଜି ଉପଜିଲ୍ଲାପାଳ ତଥା କଲେଜ ପରିଚାଳନା କମିଟି ସଭାପତି ସୌରଭ ଚକ୍ରବର୍ତ୍ତୀ ଓ ତହସିଲଦାର ରୋଜାଲିନ ବେହେରା ଲିଖିତ ପ୍ରତିଶ୍ରୁତି ଦେବା ପରେ ଧାରଣା ସ୍ଥଗିତ ରହିଛି। ବିଶେଷ କରି ତୁରନ୍ତ ପରିଚାଳନା କମିଟି ବୈଠକ ଡାକିବା ସହିତ କଲେଜ ଅଧ୍ୟକ୍ଷାଙ୍କୁ ପ୍ରଶାସନିକ ବଦଳି ପାଇଁ କର୍ମଚାରୀମାନେ ଉପଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି। ଆସନ୍ତା ୧୫ ଦିନ ମଧ୍ୟରେ ସମସ୍ୟା ସମାଧାନ ହେବ ବୋଲି ପ୍ରଶାସନିକ ଅଧିକାରୀ ପ୍ରତିଶ୍ରୁତି ଦେଇଛନ୍ତି। ତେଣୁ ଆନ୍ଦୋଳନ ସ୍ଥଗିତ ରହିଥିବା କର୍ମଚାରୀ ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ୨ଦିନ ଧରି ଅନୁଷ୍ଠିତ ହୋଇଥିବା ଶାନ୍ତିପୂର୍ଣ୍ଣ ଧାରଣାରେ ରଶ୍ମିତା ମହାନ୍ତି, ପ୍ରତାପ ମହାନ୍ତି, ସଞ୍ଜୟ ଦାସ, ଗୌତମ ମିଶ୍ର, ମନୋରଞ୍ଜନ ବାରିକ, ଅବନୀ ଦାସ, ରସ୍ମିତା ପଣ୍ଡା, ପ୍ରଶାନ୍ତ ଘଡେଇ, ଦୁଷ୍ମନ୍ତ ନନ୍ଦ, ମମତାରାଣୀ ବେହେରା, ଚିନ୍ମୟ ବଳ, ଅଜୟ ପାଣି ସାମିଲ ହୋଇଥିଲେ।

## ପତିତପାବନ ବୃଦ୍ଧାଶ୍ରମକୁ ସହାୟତା



ତିହିଡ଼ି, ୧୫।୭(ସମିସ): ତିହିଡ଼ି ବ୍ଲକ ସୟା ପଞ୍ଚାୟତସ୍ଥିତ ପତିତପାବନ ବୃଦ୍ଧାଶ୍ରମକୁ ସହାୟତା ପ୍ରଦାନ କରାଯାଇଛି। ଗୋପବନ୍ଧୁ ସେବା ସଂଗଠନ, ଭଦ୍ରକର କର୍ମକର୍ତ୍ତାମାନେ ବୃଦ୍ଧାଶ୍ରମ ଅନ୍ତେବାସୀଙ୍କ ସହ ଭାବ ଅଦାନ ପ୍ରଦାନ କରିବା ସହ ଏଠାରେ ଥିବା ଗୋଶାଳା ମଧ୍ୟ ବୁଲିଦେଖିଛନ୍ତି। ସଂଘର ସଭାପତି ସୋମନାଥ ମହପାତ୍ର, ଉପସଭାପତି ଦୀପକ ପରିଡ଼ା, ସମ୍ପାଦକର ରବୀନ୍ଦ୍ର ପ୍ରଧାନ, ସହସମ୍ପାଦକ ନିର୍ମଳଚନ୍ଦ୍ର ଦଳେଇ, କୋଷାଧ୍ୟକ୍ଷ ହେମନ୍ତ ମଲିକ ଓ ଉପଦେଷ୍ଟା ସୁଦର୍ଶନ ସାହୁ ପ୍ରମୁଖ ୨୦ରୁ ଉର୍ଦ୍ଧ୍ୱ କର୍ମୀ ବୃଦ୍ଧାଶ୍ରମ ବୁଲିଥିଲେ। ଗୋଶାଳା ପାଇଁ କୁଣ୍ଡା ପ୍ରଦାନ କରିବା ସହ ବୃଦ୍ଧାଶ୍ରମର ଅନ୍ତେବାସୀଙ୍କ ପାଇଁ ଚାଉଳ, ଡାଲି, ମୁଢ଼ି, ତେଲ ଆଦି ବିଭିନ୍ନ ପ୍ରକାର ରାସନ ସାମଗ୍ରୀ ପ୍ରଦାନ କରିଥିଲେ। ସେହିପରି ବୃଦ୍ଧବୃଦ୍ଧା ମାନଙ୍କୁ ସଂଗଠନ ତରଫରୁ ମିଷ୍ଟାନ୍ନ ମଧ୍ୟ ପ୍ରଦାନ କରାଯାଇ ସେମାନଙ୍କର ଆଶୀର୍ବାଦ ଭିକ୍ଷା କରାଯାଇଥିଲା। ଆଶ୍ରମ ପରିଚାଳନା ଦାୟିତ୍ୱରେ ଥିବା ଦୀପକ କୁମାର ବଳ ସଂଘକୁ କୃତଜ୍ଞତା ଜ୍ଞାପନ କରିଥିଲେ। ସୂଚନାଯୋଗ୍ୟ, ପୁରୀ ରଥଯାତ୍ରାରେ ତୃତୀୟ ଥର ପାଇଁ ଶ୍ରଦ୍ଧାଳୁଙ୍କୁ ଅନ୍ନପ୍ରସାଦ ବଣ୍ଟନ କରି ସଂଗଠନ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି।

## ଜୁନିଅର ରେଡ୍‌କ୍ରସ ତାଲିମ ଶିବିର




ଭଣ୍ଡାରିପୋଖରୀ, ୧୫।୭(ସମିସ): ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ମହୁରା ଉନ୍ନିତ ଉଚ୍ଚ ବିଦ୍ୟାଳୟରେ ଜୁନିଅର ରେଡକ୍ରସ ତାଲିମ ଶିବିର ପ୍ରଧାନଶିକ୍ଷକ ରବିନ୍ଦ୍ର କୁମାର ମହାରଣାଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ ଓ ଜିଲ୍ଲା ଜୁନିଅର ରେଡକ୍ରସ ଅଧିକାରୀ ନରେନ୍ଦ୍ର ପ୍ରସାଦ ସାହୁଙ୍କ ତତ୍ତ୍ୱାବଧାନରେ ମଙ୍ଗଳବାର ପୂର୍ବାହ୍ନରେ ଅନୁଷ୍ଠିତ ଏହି ଶିବିରରେ କେନ୍ଦୁଆପଦା ସରକାରୀ ଉଚ୍ଚ ବିଦ୍ୟାଳୟ ସାଧନକର୍ମୀ ତରଣୀସେନ ଯେନା ଯୋଗଦେଇ ପ୍ରଶିକ୍ଷାର୍ଥୀମାନଙ୍କୁ ପ୍ରାଥମିକ ଚିକିତ୍ସା ଉପଚାର (ଫାଷ୍ଟ-ଏଡ), ରକ୍ତସ୍ରାବ, ସାପ କାମୁଡା, ହାଡ ଭାଙ୍ଗିବା, ବିଦ୍ୟୁତ ଆଘାତ, ଶ୍ୱାସନଳୀ ଅବରୋଧ, ଅଂଶୁଘାତ, ବାତରୋଗ, ମୂର୍ଚ୍ଛା ରୋଗ, ନିଆଁରେ ପୋଡିଯିବା ଆଦି ସମୟରେ ତତ୍କାଳ ଓ ଆଶୁ ଚିକିତ୍ସା ପଦ୍ଧତି କୌଶଳ ଶିକ୍ଷା ସହ ବ୍ୟାଣ୍ଡେଜ ଆଦିର ବ୍ୟବହାର ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। ରେଡକ୍ରସ ପରାମର୍ଶଦାତା ସୌମ୍ୟରଞ୍ଜନ ମଲ୍ଲିକ ଧନ୍ୟବାଦ ଦେଇଥିଲେ। ବରିଷ୍ଠ ଶିକ୍ଷକ ପ୍ରସନ୍ନ ମହାକୁଳ, ସୁକାନ୍ତ ଦାସ, ପବିତ୍ର ମୋହନ ଦାସ, ମନୋସ୍ୱିନୀ ରାଉତ, ପୁଷ୍ପାଞ୍ଜଳି ପାଢୀ ଓ ସଙ୍ଗୀତା ବେହେରା ଶିବିର ପରିଚାଳନା କରିଥିଲେ।

## ଧାନତଳି ନଷ୍ଟ ଆଶଙ୍କା, ଡ୍ରେନେଜ୍ ସମସ୍ୟା



ବାରିକପୁର, ୧୫।୭(ସମିସ): ୨ଦିନ ଧରି ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ଭଣ୍ଡାରିପୋଖରୀ ବ୍ଲକ ଅଂଚଳର ବିଭିନ୍ନ ସ୍ଥାନରେ ଚାଷ ଜମି ଜଳମଗ୍ନ ହୋଇ ଯାଇଛି। କେତେକ ସ୍ଥାନରେ ପଡ଼ିଥିବା ଧାନ ତଳି ନଷ୍ଟ ହେବାର ଆଶଙ୍କା ଦେଖାଦେଇଛି। ଗତ ରବିବାର ରାତିଠାରୁ ସୋମବାର ଦିନ ୧୦ଟା ଯାଏଁ ହୋଇଥିବା ବର୍ଷା ଯୋଗୁ ଏକପ୍ରକାର କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ବ୍ଲକ ଦେଇ ଯାଇଥିବା କେନାଲଗୁଡ଼ିକର ସଠିକ ମରାମତି ନହେବା ଓ ଡ୍ରେନେଜ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇଥିବା କାରଣରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ମତପ୍ରକାଶ ପାଇଛି। ବିଶେଷ କରି କଂଟି ଡ୍ରେନେଜ ନାଳ ସହିତ, ସର୍ତା ନାଳ, ରାଢୋ ଠାରୁ ବିରୋଳି ଯାଏଁ ଲମ୍ବିଥିବା ସୁଦୀର୍ଘ ଡ୍ରେନେଜ ଓ ଜୋରାଗଡିଆ ଯାଏଁ ଯାଇଥିବା ନାଳ ଦୀର୍ଘ ବର୍ଷ ହେବ ସଫା ହୋଇନାହିଁ। ଏହାଛଡା କେନାଲଗୁଡ଼ିକରୁ ବର୍ଷା ଦିନେ କେବଳ ଦଳ ଘାସ କଟା ହେବା ବ୍ୟତୀତ ଏହାର ପୁନରୁଦ୍ଧାର କାର୍ଯ୍ୟ ହୋଇନାହିଁ। ତେଣୁ ବର୍ଷା ହେଲେ ଜଳ ନିଷ୍କାସନ ସମସ୍ୟା ଦେଖା ଦେଉଥିବା ଯୋଗୁଁ ଆଖପାଖ ଚାଷ ଜମି ସହିତ ବିଭିନ୍ନ ଗାଁ ରାସ୍ତା ମଧ୍ୟ ବୁଡି ଯାଉଛି। ଉକ୍ତ ନିଷ୍କାସନ ସମସ୍ୟା ଯୋଗୁଁ ଅନେକ ଦିନ ଯାଏଁ ବିଭିନ୍ନ ସ୍ଥାନରେ ବର୍ଷା ପାଣି ଜମି ରହି ବନ୍ୟାର ଭ୍ରମ ସୃଷ୍ଟି କରୁଛି। ସଂପ୍ରତି ଖରିଫ୍ ଚାଷ ପାଇଁ ଯେଉଁ ଜମିରେ ଧାନ ତଳି ପଡ଼ିଥିଲା ସେଗୁଡିକ ପାଣିରେ ସମ୍ପୂର୍ଣ୍ଣ ବୁଡି ଯାଇଛି। ବ୍ଲକର ସରସଦା, ପଟ୍ଟାପୋଲ, ସାହାରା ଗଡିଆ, ଛତାବର, ଭୂତିଆ, ରାଢୋ, ପୁରସ୍ତମପୁର, ଉତରାଗଡିଆ, ପୁରିପଡା, ଭାଗଡା, ଡାହାଲା, ବାହାଦଲପୁର, ଯଶୋଟିକିରି, ବାରୋଳି, ଜୋରାଗଡିଆ, ମାଳଦା, କୁରିକଣା, ଜଳହରି ପ୍ରମୁଖ ସ୍ଥାନରେ ଥିବା ଚାଷ ଜମି ଗୁଡିକ ଜଳମଗ୍ନ ହୋଇଛି। ଏହି ଚାଷ ଜମିରେ ପଡ଼ିଥିବା ଧାନ ତଳି ନଷ୍ଟ ହେବ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି।

## ନାଗ-ନାଗୁଣୀ ଉଦ୍ଧାର

ଭଣ୍ଡାରିପୋଖରୀ, ୧୫।୭(ସମିସ): ଭଣ୍ଡାରିପୋଖରୀ ବ୍ଲକ ଷୋଳମପୁର ପଞ୍ଚାୟତ ଖପୁରିଆପଦା ଗ୍ରାମର ବିରଂଚିନାରାୟଣ ବରାଳଙ୍କ ବାସଭବନରୁ ନାଗୁଣୀ ମଙ୍ଗଳବାର ଅପରାହ୍ନରେ ଉଦ୍ଧାର ହୋଇଛି। ଗତ ୮ ତାରିଖ ମଙ୍ଗଳବାର ବିରଞ୍ଚିଙ୍କ ଘର ମାଟିକାନ୍ଥରୁ ୫ ଫୁଟ ଲମ୍ବର ନାଗସାପ ଉଦ୍ଧାର ହୋଇଥିଲା। ପତ୍ନୀ ଟୁମୁକି ନାଗସାପ ଗର୍ଜନ କରୁଥିବା ଦେଖିଥିଲେ। ଯାଜପୁର ସ୍ନେକ ହେଲପଲାଇନର ଜାହାଙ୍ଗୀର ଖାଁ କାନ୍ଥ ଖୋଳି ଗାତ ଭିତରୁ ନାଗସାପ ଉଦ୍ଧାର କରିଥିଲେ। ପଡୋଶୀ ରଘୁନାଥ ବରାଳଙ୍କ ବାଡିରେ ନାଗୁଣୀ ବୁଲୁଥିବା ଦେଖି ସ୍ନେକ ହେଲପ ଲାଇନକୁ ଖବର ଦିଆଯାଇଥିଲା। ସମାଜସେବୀ ବିଶ୍ୱମ୍ବର ରାଉତଙ୍କ ସହଯୋଗରେ ଜାହାଙ୍ଗୀର ସାଢେ ଚାରି ଫୁଟ ନାଗୁଣୀ ଉଦ୍ଧାର କରି ଜଙ୍ଗଲରେ ଛାଡିଦେଇଥିବା ଜଣାଯାଇଛି। ସେହିପରି ନପଙ୍ଗ ରଘୁନାଥ ନାୟକଙ୍କ ବାଡିରୁ ୫ ଫୁଟ ଲମ୍ବର ନାଗ ସାପ ଭଦ୍ରକ ସ୍ନେକ ହେଲପ ଲାଇନ ଶେଖ ମିର୍ଜା ଉଦ୍ଧାର କରିଥିବା ଜଣାଯାଇଛି।

## ଓଡ଼ିଶାର ନାରୀ ଅସୁରକ୍ଷିତ: ବର୍ଷିଲେ କଂଗ୍ରେସ ବିଧାୟକ ଦଳର ଉପନେତା



ବାସୁଦେବପୁର, ୧୫।୭(ସମିସ): ଓଡ଼ିଶାରେ ନାରୀ ଅସୁରକ୍ଷିତ। ସୁରକ୍ଷା ପାଇଁ ଆକୁଳ ନିବେଦନ କଲେ ବି ମିଳୁନାହିଁ ସୁରକ୍ଷା। ପୁଲିସଠାରୁ ମୁଖ୍ୟମନ୍ତ୍ରୀ ପର୍ଯ୍ୟନ୍ତ ଧୃତରାଷ୍ଟ୍ର ପାଲଟିଛନ୍ତି। ସମସ୍ତଙ୍କ ଆଖି ଆଗରେ ଝରି ପଡୁଛି ନିରିହ ଜୀବନ। କର୍ଣ୍ଣପାତ କରୁନାହାନ୍ତି ସରକାର ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ବାସୁଦେବପୁର ବିଧାୟକ ତଥା କଂଗ୍ରେସ ବିଧାୟକ ଦଳର ଉପନେତା ଅଶୋକ କୁମାର ଦାସ ରାଜ୍ୟ ସରକାର ଉପରେ ବର୍ଷିଛନ୍ତି। ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀଙ୍କୁ ଯେପରି ନ୍ୟାୟ ନଦେଇ ମାରିଦିଆଗଲା ଦୃଢ ଭାବେ ସରକାରଙ୍କୁ ଓ ସରକାରୀ ବ୍ୟବସ୍ଥାକୁ ନିନ୍ଦା କରିଥିଲେ। ଆଗାମୀ ୧୭ ତାରିଖରେ ଚଉଡ ସଭାପତିଙ୍କ ଓଡ଼ିଶା ବନ୍ଦକୁ ସମର୍ଥନ କରିବାକୁ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ବାସୁଦେବପୁରଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀର ଚାନ୍ଦବାଲିର କଂଗ୍ରେସ ନେତା ଅମୀୟ ମହାପାତ୍ର, ତିହିଡି ବ୍ଲକ କଂଗ୍ରେସ ସଭାପତି ସରୋଜ ଦାସ, ନିରଞ୍ଜନ ପଲାଇ, ସୁବାସ ସନ୍ଧିବିଗ୍ରହ, ପ୍ରଭାତ କୁମାର ବାରିକ ଯୋଗ ଦେଇଥିଲେ।

## ମା' ଗ୍ରାମ ଦେବତୀ ମନ୍ଦିରର ପ୍ରଥମ ବାର୍ଷିକ ଉତ୍ସବ



ଅସୁରାଳି, ୧୫।୭(ସମିସ): କଲ୍ୟାଣୀ ପଞ୍ଚାୟତର ନଟିକଣ ଗ୍ରାମଦେବତୀ ମନ୍ଦିରର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବ ୩ ଦିନ ବ୍ୟାପୀ ଚାଲୁ ରହିବ। ଆଜି ପ୍ରଥମ ଦିବସରେ ନଟିକଣ ଗ୍ରାମର ବହୁ ପୁରୁଷ ଓ ମହିଳା ଗ୍ରାମ ପରିକ୍ରମା କରି ରେବ ନଦୀରୁ କଳସପୂର୍ଣ୍ଣ ଜଳ ଆଣି ସ୍ଥାପନ କରିଥିଲେ। ପଣ୍ଡିତ ଦିଲ୍ଲୀପ ମିଶ୍ରଙ୍କ ଦ୍ୱାରା ପୂଜା ନୀତି ସମ୍ପାଦିତ ହୋଇଥିଲା। ଆଗାମୀ ଦୁଇ ଦିନ ଯଜ୍ଞ ଆରମ୍ଭ ହୋଇ ପରଦିନ ପୂର୍ଣ୍ଣାହୁତି ପ୍ରଦାନ କରାଯିବ ବୋଲି ମନ୍ଦିର କମିଟି ପକ୍ଷରୁ ସୂଚନା ଦିଆଯାଇଛି। କର୍ତ୍ତା ଭାବେ ପଞ୍ଚାନନ ସାହୁ, ମମତା ସାହୁ, ଭାସ୍କର ମହାପାତ୍ର ଓ ଗୀତା ମହାପାତ୍ର ଯୋଗ ଦେଇଥିଲେ। ପ୍ରତିଦିନ ଶହ ଶହ ଶ୍ରଦ୍ଧାଳୁଙ୍କ ନିମିତ୍ତ ପ୍ରସାଦ ବ୍ୟବସ୍ଥା ସହ ସନ୍ଧ୍ୟା ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି ବୋଲି କର୍ତ୍ତାମଣ୍ଡଳୀ ବ୍ୟକ୍ତ କରିଛନ୍ତି। ପଦ୍ମନାଭ ମହାପାତ୍ର, ପରମାନନ୍ଦ ସାହୁ, ପ୍ରଶାନ୍ତ ମହାପାତ୍ର, ଖଗେଶ୍ୱର ମହାପାତ୍ର ଓ ଗ୍ରାମର ସମସ୍ତ ମୁରବୀ ଓ ଯୁବ ବର୍ଗ ସାମିଲ ହୋଇଥିଲେ।

## ଟାଇମ୍‌ପାସ୍ ପୁସ୍ତକ ପର୍ବରେ ୪ ପୁସ୍ତକ ଲୋକାର୍ପିତ




ଭଦ୍ରକ, ୧୫।୭(ସମିସ): ବହିର ନିଜସ୍ୱ ପ୍ରାଣ ଥାଏ। ଲେଖକର ସାହସ ଥିଲେ ଉତ୍କୃଷ୍ଟ ଲେଖାଟିଏ ଜନ୍ମ ନିଏ ବୋଲି ଟାଇମପାସ୍ ପୁସ୍ତକପର୍ବରେ ଅତିଥିମାନେ ମତ ପ୍ରକାଶ କରିଛନ୍ତି। ଓଡ଼ିଶାର ସ୍ୱନାମଧନ୍ୟ ପ୍ରକାଶନ ସଂସ୍ଥା ଟାଇମପାସ୍ ପକ୍ଷରୁ ସ୍ଥାନୀୟ ଭାଗବତ କଲ୍ୟାଣମଣ୍ଡପଠାରେ ଅନୁଷ୍ଠିତ ଏହି ମନୋଜ୍ଞ ସାନ୍ଧ୍ୟ ଆସରରେ ସନ୍ତୋଷ କୁମାର ପାଣିଙ୍କ କବିତା ସଂକଳନ 'ହେ ଇଶ୍ୱର', ସୌମ୍ୟଶ୍ରୀ ପାଣିଗ୍ରାହୀଙ୍କ ଲଳିତଗଦ୍ୟ ସଂକଳନ 'ମନକୁ ଆସିଲା ଯାହା', ମାନସ ପଡ଼ିଆରୀଙ୍କ ଅଣୁଗଳ୍ପ ସଂକଳନ 'ଅଦେଖା ଦାଗ' ତଥା ସୌମ୍ୟଶ୍ରୀ ପାଣିଗ୍ରାହୀଙ୍କ ଅନୁସୃଜିତ ପୁସ୍ତକ 'ଏ ସ୍କାର ଅନ୍‌ସିନ୍' ଲୋକାର୍ପିତ ହୋଇଥିଲା। ସୁଖ୍ୟାତ କଥାକାର ପବିତ୍ର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ବିଶିଷ୍ଟ କଥାକାର ତଥା ପୂର୍ବତନ ପ୍ରଶାସକ ସହଦେବ ସାହୁ ମୁଖ୍ୟଅତିଥି ଏବଂ ବରିଷ୍ଠ ସାହିତ୍ୟିକ ବାସୁଦେବ ବାରିକ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶିଶୁସାହିତ୍ୟିକ ଗୌତମ ମହାରଣା ଯୋଗଦେଇ ସନ୍ତୋଷ କୁମାର ପାଣିଙ୍କ ପୁସ୍ତକ ସମ୍ପର୍କରେ ଆଲୋଚନା କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ବିଶିଷ୍ଟ ଆଇନଲେଖକ ବିଭୂପ୍ରସାଦ ତ୍ରିପାଠୀ, ସୌମ୍ୟଶ୍ରୀ ପାଣିଗ୍ରାହୀଙ୍କ ପୁସ୍ତକ ସମ୍ପର୍କରେ ନିଜସ୍ୱ ଅଭିବ୍ୟକ୍ତି ପ୍ରଦାନ କରିଥିଲେ। ଲେଖକଗଣ ନିଜନିଜ ପୁସ୍ତକ ସମ୍ପର୍କରେ ବ୍ୟକ୍ତିଗତ ଅନୁଭୂତି ଓ ଅଭିଜ୍ଞତା ବଖାଣିଥିଲେ। ଅତିଥିଙ୍କୁ ମୟୂରଚନ୍ଦ୍ରିକା ଓ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ କରାଯାଇଥିଲା ବେଳେ ସେମାନଙ୍କୁ ସ୍ମୃତିସନ୍ତକ ପ୍ରଦାନ କରିଥିଲେ ବସନ୍ତ ମୁଦୁଲି ସ୍ମୃତି ସଂସଦର ସଂଯୋଜକ ସାହିତ୍ୟାନୁରାଗୀ ଅରୁଣ ଖିଲାର। ଏହି ଅବସରରେ ସମ୍ପୂର୍ଣ୍ଣ ରୂପେ କୃତ୍ରିମ ବୁଦ୍ଧିମତା ଦ୍ୱାରା ପ୍ରସ୍ତୁତ କବି ସୁଚିତ୍ରା ପାଣିଗ୍ରାହୀଙ୍କ ସଙ୍ଗୀତ ସିଡି 'ମନ ମୂର୍ଚ୍ଛନା' ଲୋକାର୍ପିତ ହୋଇଥିଲା। ଉତ୍ସବ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ସଂଭାଷଣ ପ୍ରଦାନ କରିଥିଲେ କବି କିଶୋର ପାଣିଗ୍ରାହୀ। ଲେଖକ ତଥା ଟାଇମପାସର ପ୍ରକାଶକ ସରୋଜ ବଳ ଉତ୍ସବ ସଂଚାଳନ କରିଥିଲାବେଳେ ଶେଷସ୍ପର୍ଶ ଦେଇଥିଲେ ରୂପକ ବିହାରୀ ରାୟ।

## ତିହିଡ଼ି ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ତିହିଡ଼ି, ୧୫।୭(ସମିସ): ତିହିଡ଼ି ଡିଗ୍ରୀ ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷ ଭାବେ ଓଡ଼ିଆ ବିଭାଗର ମୁଖ୍ୟ ଅଧ୍ୟାପକ ରମେଶଚନ୍ଦ୍ର ପ୍ରତାପ ଦାୟିତ୍ୱ ଗ୍ରହଣ କରିଛନ୍ତି। କଲେଜର ଅଧ୍ୟକ୍ଷ ଦେବେନ୍ଦ୍ର ପ୍ରସାଦ ସାମଲ ଅବସର ଗ୍ରହଣ କରିବା ପରେ ଶ୍ରୀ ପ୍ରତାପଙ୍କୁ ନୂତନ ଅଧ୍ୟକ୍ଷ ଭାବେ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଅବସ୍ଥାପିତ କରାଯାଇଛି। ମଙ୍ଗଳବାର ନୂତନ ଅଧ୍ୟକ୍ଷଙ୍କୁ ମହାବିଦ୍ୟାଳୟ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀଙ୍କ ପକ୍ଷରୁ ଉଚ୍ଛ୍ୱସିତ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ମୁଖ୍ୟଅତିଥି ଭାବେ ବିଦାୟୀ ଅଧ୍ୟକ୍ଷ ଶ୍ରୀ ସାମଲ ଯୋଗ ଦେଇଥିଲେ। ବରିଷ୍ଠ ଅଧ୍ୟାପକ ତଥା ପୂର୍ବତନ ଅଧ୍ୟକ୍ଷ ଜୀବନାନନ୍ଦ ପାଣିଗ୍ରାହୀ, ଅଧ୍ୟାପକ ଦେବେନ୍ଦ୍ର ଉଦ୍‌ଗାତା, ଅଧ୍ୟାପକ ଡ. ବଂଶୀଧର ବେହେରା, ନାରାୟଣ ପୃଷ୍ଟି, ରବିନାରାୟଣ କରଣ, ପ୍ରଧାନ କିରାଣି ସୁକାନ୍ତ କୁମାର ମହାପାତ୍ର, ଅଧ୍ୟାପକ ହରିହର ନାୟକ, ବିରଞ୍ଚିନାରାୟଣ ମହାନ୍ତି, ଅଶୋକ ଗୋଛାୟତ, ଲକ୍ଷ୍ମୀକାନ୍ତ ବ୍ରହ୍ମ, କମଳାକାନ୍ତ ଓଝା, ସମର ମାଝୀ, ସୂର୍ଯ୍ୟସାରଥୀ ବାରିକ, ଅଧ୍ୟାପିକା ସଂଘମିତ୍ରା ବେହେରା, ଡ. ପ୍ରଣତି ପଣ୍ଡା, ଚନ୍ଦ୍ରକାନ୍ତି ବନ୍ଧ, ସୁଜାତା ବେହେରା, ଜାମ୍ବବତୀ ସାହୁ, ତନୁଜା ପଣ୍ଡା, ସ୍ୱପ୍ନାରାଣୀ ମହାପାତ୍ର, ରଜନୀଗନ୍ଧା ବିଶ୍ୱାଳ ଯୋଗଦେଇଥିଲେ।

## ସୌମ୍ୟାଶ୍ରୀଙ୍କ ପାଇଁ ମହମବତି ଶୋଭାଯାତ୍ରା

ଭଦ୍ରକ, ୧୫।୭(ସମିସ)






ବାଲେଶ୍ୱର ଏଫଏମ ବିଶ୍ୱବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀଙ୍କ ମୃତ୍ୟୁ ଘଟଣାରେ ଭଦ୍ରକ ଜିଲ୍ଲା ଚାନ୍ଦବାଲିରେ ଯୁବ କଂଗ୍ରେସ ଓ ଛାତ୍ର କଂଗ୍ରେସ ତରଫରୁ କ୍ୟାଣ୍ଡେଲ ଶୋଭାଯାତ୍ରା ଜରିଆରେ ପ୍ରତିବାଦ କରାଯାଇଛି। କାଳୀ ମନ୍ଦିର ନିକଟରୁ ଛାତ୍ର ଓ ଯୁବ କଂଗ୍ରେସର କର୍ମକର୍ତ୍ତାମାନେ ସରକାରଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ପକାଇ ଚାନ୍ଦବାଲି ସହର ପରିକ୍ରମା କରିବା ସହ ମଧୁବାବୁଙ୍କ ପ୍ରତିମୂର୍ତ୍ତି ନିକଟରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପୀଡ଼ିତାକୁ ନ୍ୟାୟ ପ୍ରଦାନ ସହ ଆଗାମୀ ଦିନରେ ଯେମିତି ଏହି ଭଳି ଘଟଣାର ପୁନରାବୃତ୍ତି ସେ ଦିଗରେ ସରକାର ସଚେତନ ରୁହନ୍ତୁ; ଅନ୍ୟଥା ଆନ୍ଦୋଳନ ଜୋରଦାର ହେବ ବୋଲି ଯୁବନେତା ଦୀପକ ଦାସ ଓ ନିର୍ମଳ ତାଡୁ କହିଛନ୍ତି।

**ବାରିକପୁର/ମଞ୍ଜୁରୀ ରୋଡ:** ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମାର ସଦଗତି ପାଇଁ ଭଣ୍ଡାରିପୋଖରୀ ବ୍ଲକ ଯୁବ ଓ ଛାତ୍ର କଂଗ୍ରେସ ପକ୍ଷରୁ ମଞ୍ଜୁରୀରୋଡ଼ ବଜାରଠାରେ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ସନ୍ଧ୍ୟାରେ ଫାଣ୍ଡି ନିକଟ ଶିବ ମନ୍ଦିରଠାରୁ ଏହି ଶୋଭାଯାତ୍ରା ବାହାରି ବଜାର ପରିକ୍ରମା କରାଯାଇଥିଲା। ପରେ ପୋଷ୍ଟାଲ ନିକଟରେ ଥିବା ଜଗନ୍ନାଥ ମନ୍ଦିରଠାରେ ଆତ୍ମାର ସଦଗତି କାମନା କରି କର୍ମୀ କ୍ୟାଣ୍ଡେଲ ଜଳାଇଥିଲେ। ଏଥିରେ ବ୍ଲକ କଂଗ୍ରେସ ସଭାପତି ରଜନୀକାନ୍ତ ଚନ୍ଦ, ମହିଳା ଜିଲ୍ଲା ସଭାନେତ୍ରୀ ସବିତା ଚନ୍ଦ, ବରିଷ୍ଠ କଂଗ୍ରେସ ନେତା ଅଜୟ କୁମାର ସାହୁ, ଯୁବନେତା ବିଜୟ ଶଙ୍କର ମହାନ୍ତି, ଗୁରୁପ୍ରସାଦ ଗିରି, ବିଶ୍ୱଜିତ କର, ବ୍ଲକ କଂଗ୍ରେସ ଛାତ୍ର ସଭାପତି ଅଭିଷେକ ଜେନା, ରାଜୀବଗାନ୍ଧୀ ପଂଚାୟତ ସଂଗଠନର ସଭାପତି ସୁଶାନ୍ତ ବାରିକ, ଦେବବ୍ରତ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏହାଛଡା ଅନ୍ୟାନ୍ୟ କର୍ମୀମାନେ ଏଥିରେ ଯୋଗ ଦେଇଥିଲେ।

## ନାରୀ ସଶକ୍ତୀକରଣ ପୁସ୍ତକ ଉନ୍ମୋଚିତ



ଧାମନଗର, ୧୫।୭(ସମିସ): ୟୁନିଭରସିଟି ଅଫ ସାଇନ୍ସ ଏଣ୍ଡ ଟେକ୍ନୋଲୋଜି, ମେଘାଳୟ (ୟୁଏସଟିଏମ)ରେ ଇଂରାଜୀ ବିଭାଗର ପ୍ରଫେସର ଭାବେ କାର୍ଯ୍ୟରତ ଧାମନଗର ବ୍ଲକ ଅନ୍ତର୍ଗତ ପଳିକିରୀ ଗାଁର ଅଧିବାସୀ ତଥା ଇଂରାଜୀ ସାହିତ୍ୟରେ ପ୍ରଚଣ୍ଡ ବିଦ୍ୱାନ ଅଧ୍ୟାପକ ବିଷ୍ଣୁ ଚରଣ ଦାଶଙ୍କ ଦ୍ୱାରା ଲିଖିତ ଏମ୍ପାୱାରିଙ୍ଗ ଓମ୍ୟାନ ପ୍ରସ୍ପେକଟିଭ ପଲିସିଜ ଏଣ୍ଡ ପାଥୱେଜ ଟୁ ଇକ୍ୱାଲିଟି ( ନାରୀ ସଶକ୍ତିକରଣ) ପୁସ୍ତକଟି ନିକଟରେ ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ଗୌରିଦତ ଶର୍ମା ଓ ଇଂରାଜୀ ବିଭାଗ ମୁଖ୍ୟ ଡ.ମିତାଲି ଗୋସ୍ୱାମୀ ଏବଂ ବରିଷ୍ଠ ଅଧ୍ୟାପିକା ପ୍ରଫେସର ଗରୀମା କଲିତାଙ୍କ ଉପସ୍ଥିତିରେ ଉନ୍ମୋଚିତ ହୋଇଯାଇଛି। ଏହା ପ୍ରଫେସର ବିଷ୍ଣୁ ଚରଣ ଦାଶଙ୍କ କୃତ ୬ଷ୍ଠ ତମ ଇଂରାଜୀ ସାହିତ୍ୟ ପୁସ୍ତକ ଦୀର୍ଘ ୩୪୦ ପୃଷ୍ଠା ସମ୍ବଳିତ ଉକ୍ତ ପୁସ୍ତକଟି ସମ୍ପୃକ୍ତ ବିଶ୍ୱ ବିଦ୍ୟାଳୟ ଶିକ୍ଷା ବିଭାଗର କନିଷ୍ଠ ଅଧ୍ୟାପକ ଡକ୍ଟର ଯାଦବ ଦତଙ୍କ ସମ୍ମିଳିତ ପ୍ରଚେଷ୍ଟାରେ ସମ୍ପାଦିତ। ଏହି ପୁସ୍ତକଟିରେ ସର୍ବ ଭାରତୀୟ ସ୍ତରର ୧୫ ଜଣ ବିଶ୍ୱ ବିଦ୍ୟାଳୟ ଅଧ୍ୟାପକ ସ୍ୱ-ରଚିତ ପ୍ରବନ୍ଧ ମାଧ୍ୟମରେ ଏକବିଂଶ ଶତାବ୍ଦୀରେ ନାରୀ ସଶକ୍ତିକରଣ, ନାରୀ ଜାଗରଣ ତଥା ଉଭୟ ନାରୀ ପୁରୁଷଙ୍କ ସମାଜରେ ସମାନ ଅଧିକାର ଓ ମର୍ଯ୍ୟାଦା ସମ୍ପର୍କରେ ତତ୍ୱ ଏବଂ ତଥ୍ୟ ସମ୍ବଳିତ ସାରଗର୍ଭକ ଯୁକ୍ତି ପ୍ରଦାନ କରିଛନ୍ତି। ପ୍ରକାଶ ଥାଉକି, ଏହି ପୁସ୍ତକଟିର ପ୍ରଥମ ପ୍ରବନ୍ଧଟି ପ୍ରଫେସର ବିଷ୍ଣୁଚରଣ ଦାଶଙ୍କ ଦ୍ୱାରା ଲିଖିତ ଏବଂ ଏଥିରେ ସେ ଲିଙ୍ଗ ବୈଷମ୍ୟ (ଜେଣ୍ଡର ହେଜିମନି) ପିତୃ କୈନ୍ଦ୍ରିକ ପରିବାର ଓ ରାଜନୀତିରେ ପୁରୁଷ ଶକ୍ତିର ଅପବ୍ୟବହାର (ପଲିଟିକ୍ସ ଅଫ ପେଟ୍ରିଆର୍କି) ବିରୋଧର ସ୍ୱର ଉତୋଳନ କରିଛନ୍ତି। ଉନ୍ମୋଚିତ ପୁସ୍ତକଟି ନୂଆ ଦିଲ୍ଲୀର ପ୍ରତିଷ୍ଠିତ ପ୍ରକାଶକ କୁମୁଦ ପବ୍ଲିକେସନ୍ ଦ୍ୱାରା ମୁଦ୍ରିତ ଓ ପ୍ରକାଶିତ ପୁସ୍ତକଟି ଆଜିର ନବ୍ୟ ସଭ୍ୟ ଶିକ୍ଷିତ ଶିକ୍ଷିତା ଯୁବକ ଯୁବତୀ ମାନଙ୍କ ଦ୍ୱାରା ସାଦରେ ଆଦୃତ ହେବ ବୋଲି ପ୍ରଫେସର ଦାଶ ଦୃଢ଼ ଆଶା ପୋଷଣ କରିଛନ୍ତି।

## କାନ୍ଥ ଭୁଶୁଡି ୨ ମହିଳା ମୃତ

ରାଉରକେଲା/କୋଇଡା,୧୫।୭(ସମିସ): ବଣାଇଁ ଉପଖଣ୍ଡ କୋଇଡ଼ା ବ୍ଲକ୍‌ର ପୃଥକ ପୃଥକ ଦୁଇଟି ସ୍ଥାନରେ ଲଗାଣ ବର୍ଷା ଯୋଗୁଁ କାନ୍ଥ ଭୁଶୁଡ଼ି ୨ଜଣ ମହିଳାଙ୍କ ମୃତ୍ୟୁ ହୋଇଛି। କୋଇଡା ବ୍ଲକ୍ କାଲଟା ଫାଣ୍ଡି ଲୋହାରତୋଡା ଗାଁରେ ଘରେ ଶୋଇଥିବା ବେଳେ ଘରର ମାଟି କାନ୍ଥ ପଡ଼ିଯିବାରୁ ଜଣେ ବୟସ୍କ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ୭୦ ବର୍ଷୀୟା ବନଦୁଇ ବାଗେ। ସେହିପରି କୋଇଡା ବ୍ଲକ୍‌ର ମୋଟୁହନୁମାନ ଗ୍ରାମରେ ବର୍ଷା ଯୋଗୁଁ କାନ୍ଥ ପଡ଼ି ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତ ମହିଳାଜଣଙ୍କ ହେଲେ, ମୋଟୁହନୁମାନ ଗ୍ରାମର ଦମାଣି ସେଠ୍। ଦମାଣି ଶୋଇଥିବା ବେଳେ ବର୍ଷାରେ ଭିଜିଥିବା ଘରର ମାଟି କାନ୍ଥ ତାଙ୍କ ଉପରେ ପଡ଼ିଯିବାରୁ କାନ୍ଥରେ ଚାପି ହୋଇ ତାଙ୍କର ମୃତ୍ୟୁ ହୋଇଛି। ଦୁଇ ଦିନ ହେଲା କୋଇଡ଼ା ଅଞ୍ଚଳରେ ପ୍ରବଳ ବର୍ଷା ଯୋଗୁଁ ଅଧିକାଂଶ ମାଟି ଘର ଗୁଡ଼ିକ ଦୁର୍ବଳ ହେବା ସହ ବିପଦପୂର୍ଣ୍ଣ ହୋଇପଡ଼ିଛି। କାଲଟା ଫାଣ୍ଡି ପୁଲିସ ମୃତା ଦୁଇ ମହିଳାଙ୍କ ଶବ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ମୃତା ମହିଳାଙ୍କ ପରିବାର ବର୍ଗଙ୍କୁ ଉପଯୁକ୍ତ କ୍ଷତିପୂରଣ ପାଇଁ ସାଧାରଣରେ ଦାବି ହୋଇଛି।

## ଜମିବାଡ଼ି ବିବାଦରୁ ଭାଇକୁ ହତ୍ୟା

ଧର୍ମଗଡ଼,୧୫।୭(ସମିସ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ୍ କେଗାଁ ଥାନା ମହାଲିଙ୍ଗରେ ମଙ୍ଗଳବାର ସକାଳେ ଅଭାବନୀୟ ଘଟଣା ଘଟିଛି। ଜମିବାଡ଼ି ବିବାଦକୁ ନେଇ ନିଜ ଭାଇକୁ ହତ୍ୟା କରିଛି ଭାଇ। ମୃତକ ହେଲେ ଗୋକୁଳ କେତକୀ (୪୫)। ସକାଳୁ ସକାଳୁ ସେ ନିଜ ଚାଷ ଜମିକୁ ଯାଇଥିଲାବେଳେ ଏହି ଘଟଣା ଘଟିଥିଲା। ତାଙ୍କ ନିଜ ଭାଇ ଚିତ୍ରସେନ କେତକୀ ସେଠାରେ ପହଞ୍ଚି ଜମିବାଡି ବିବାଦରୁ ପିଟି ପିଟି ହତ୍ୟା କରିଥିବା ଅଭିଯୋଗ ହୋଇଛି। ଘଟଣା ପରେ ଅଭିଯୁକ୍ତ କେଗାଁ ଥାନାରେ ଆତ୍ମସମର୍ପଣ କରିଛି। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଧର୍ମଗଡ଼ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲା। ଏହାସହ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସାହାଯ୍ୟରେ ତଦନ୍ତ କରିଛି। ଏହି ହତ୍ୟା ଘଟଣାରେ ଆଉ ଜଣେ ଭାଇ ମଧ୍ୟ ସମ୍ପୃକ୍ତ ଥିବା ଚର୍ଚ୍ଚା ହେଉଛି।

### ମନ୍ତ୍ରୀଙ୍କ ଘୋଷଣାକୁ ବର୍ଷେ ପୂରିବ

# ମାଗଣା ମହାପ୍ରସାଦ ବଣ୍ଟନ କେବେ?

ପୁରୀ,୧୫।୭(ସମିସ): କେବେ ଭକ୍ତଙ୍କୁ ମିଳିବ ମାଗଣା ମହାପ୍ରସାଦ? ଗତବର୍ଷ ଅଗଷ୍ଟ ମାସରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଶ୍ରଦ୍ଧାଳୁଙ୍କୁ ମାଗଣାରେ ମହାପ୍ରସାଦ ବଣ୍ଟନ କରାଯିବ ବୋଲି ଘୋଷଣା କରିଥିଲେ। ହେଲେ ମନ୍ତ୍ରୀଙ୍କ ଘୋଷଣାକୁ ଏବେ ବର୍ଷେ ପୂରିବାକୁ ଯାଉଛି। ହେଲେ ଏଯାଏଁ ଭକ୍ତଙ୍କୁ ମାଗଣା ମହାପ୍ରସାଦ ବଣ୍ଟନ ନେଇ କିଛି ସ୍ପଷ୍ଟ ହେଲାନି। କେବେଠୁ ଏବଂ କେମିତି ଶ୍ରଦ୍ଧାଳୁ ମହାପ୍ରସାଦ ପାଇବେ ସେ ନେଇ ସ୍ୱତନ୍ତ୍ର ଭାବେ ବୈଠକ ବସିନାହିଁ କିମ୍ବା ଏ ସଂକ୍ରାନ୍ତରେ କୌଣସି ଆଲୋଚନା ହୋଇ ନ ଥିବା ଜଣାପଡ଼ିଛି।



ଶ୍ରୀମନ୍ଦିରକୁ ଦୈନିକ ହଜାର ହଜାର ଶ୍ରଦ୍ଧାଳୁ ଆସିଥା'ନ୍ତି। ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିସାରିବା ପରେ ପ୍ରାୟ ପ୍ରତ୍ୟେକଙ୍କ ମହାପ୍ରଭୁଙ୍କ ମହାପ୍ରସାଦ ପାଇବାକୁ ଇଚ୍ଛାଥାଏ। ହେଲେ ସମସ୍ତେ ଆନନ୍ଦ ବଜାରରୁ ଅବଢ଼ା କିଣି ଖାଇବାକୁ ସମର୍ଥ ହୋଇ ନ ଥା'ନ୍ତି। କିଏ ଆର୍ଥିକ ଦୃଷ୍ଟିକୋଣରୁ ତ ଆଉ କେହି ସମୟ ଅଭାବରୁ ଦର୍ଶନ ସାରି ଫେରିଯାଆନ୍ତି। ତେଣୁ ମହାପ୍ରସାଦ ପାଇବା ପାଇଁ ଆଶା ରଖିଥିବା ଶ୍ରଦ୍ଧାଳୁଙ୍କୁ ମାଗଣାରେ କଣିକାଏ ଅବଢ଼ା ଦେବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ବ୍ୟବସ୍ଥା କରିଥିଲା। ୨୦୧୬ ମସିହା ଅକ୍ଷୟ ତୃତୀୟାରୁ ଆରମ୍ଭ ହୋଇଥିଲା ଭକ୍ତଙ୍କୁ ମାଗଣା ମହାପ୍ରସାଦ ବଣ୍ଟନ। ଶ୍ରୀମନ୍ଦିର ପ୍ରଶାସନ ଏବଂ ସୁଆର ମହାସୁଆର ନିଯୋଗ ମିଳିତ ସହଯୋଗରେ ବାଇଶି ପାହାଚରେ ଦୁଇ ବଡ଼ ଆଟିକାରେ ପ୍ରତ୍ୟହ ଏହି ମହାପ୍ରସାଦ ବଣ୍ଟନ କରାଯାଉଥିଲା। ଆନନ୍ଦ ବଜାରରୁ ଅବଢ଼ା କିଣି ନ ପାରିଲେ ମଧ୍ୟ ଭକ୍ତମାନେ କଣିକାଏ ଲେଖାଏଁ ମହାପ୍ରସାଦ ପାଇ ଆନନ୍ଦ ମନରେ ଫେରୁଥିଲେ। ପ୍ରାୟ ୮ ବର୍ଷ ହେବ ବନ୍ଦ ରହିଛି ଏହି ମାଗଣା ମହାପ୍ରସାଦ ବଣ୍ଟନ। ପୁଣି ଏହି ବ୍ୟବସ୍ଥା ଆରମ୍ଭ କରାଯିବ ବୋଲି ଗତବର୍ଷ ଘୋଷଣା କରିଥିଲେ ଆଇନ ମନ୍ତ୍ରୀ।

ଗତବର୍ଷ ଅଗଷ୍ଟ ମାସରେ ପୁରୀରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ଶ୍ରଦ୍ଧାଳୁଙ୍କୁ ମାଗଣା ମହାପ୍ରସାଦ ମିଳିବ ବୋଲି କହିଥିଲେ। ପରବର୍ତ୍ତୀ ସମୟରେ ଏହା ଉପରେ ମନ୍ତବ୍ୟ ଦେଇ ସେ କହିଥିଲେ ଯେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ଭକ୍ତଙ୍କୁ ମାଗଣାରେ ମିଳିବ ମହାପ୍ରସାଦ। ଶ୍ରଦ୍ଧାଳୁଙ୍କୁ ମହାପ୍ରସାଦ କୁଡୁଆ ଦେବାକୁ ଯୋଜନା କରାଯାଉଛି। ଶ୍ରୀମନ୍ଦିରକୁ ଆସୁଥିବା ଭକ୍ତଙ୍କ ସଂଖ୍ୟା ଦୃଷ୍ଟିରୁ ବର୍ଷକୁ ଏ ବାବଦରେ ୧୪ରୁ ୧୫ କୋଟି ଟଙ୍କା ଖର୍ଚ୍ଚ ହେବ। ଏଥିପାଇଁ ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗ ନିଆଯିବ। ସେମାନେ ମଧ୍ୟ ପୁଣ୍ୟ ଅର୍ଜନ କରିବେ। ଏଥିଲାଗି ଭକ୍ତ ସମାଜକୁ ଅନୁରୋଧ କରିଛୁ, ଅନେକ ଭକ୍ତ ଆସି ସହଯୋଗର ହାତ ବି ବଢ଼ାଇଛନ୍ତି। ଯେଉଁ ବଦାନ୍ୟ ଭକ୍ତମାନେ ଅଛନ୍ତି ସେମାନଙ୍କ ସହଯୋଗରେ ଏହା ହେବ। କାର୍ତ୍ତିକ ମାସ ପରେ ଏହି ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି କହିଥିଲେ ଆଇନ ମନ୍ତ୍ରୀ। ହେଲେ ମନ୍ତ୍ରୀ କଥା ଦେଇଥିବା କାର୍ତ୍ତିକ ଯାଇ ଆଉ ଗୋଟିଏ କାର୍ତ୍ତିକ ମାସ ଆସିବାକୁ ବସିଛି। ଏପର୍ଯ୍ୟନ୍ତ ମାଗଣା ମହାପ୍ରସାଦ ବଣ୍ଟନର ରୂପରେଖ କିଛି ସ୍ପଷ୍ଟ ହୋଇନି। ଭକ୍ତଙ୍କୁ କେତେ ପରିମାଣରେ କେମିତି ବଣ୍ଟାଯିବ। କୁଡୁଆରେ ଦେବା ପାଇଁ ମଝିରେ କଥା ଉଠିଥିଲା। ତାହା କିପରି ଦିଆଯିବ କିଛି ସ୍ପଷ୍ଟ କରାଯାଇନାହିଁ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏପର୍ଯ୍ୟନ୍ତ ଶ୍ରୀମନ୍ଦିର ପରିଚାଳନା କମିଟି ଗଠନ ହୋଇନାହିଁ। ପୁରୁଣା କମିଟିର କାର୍ଯ୍ୟକାଳ ପ୍ରାୟ ୧୦ ମାସ ହେଲା ପୂରିଗଲାଣି। ନୂଆ କମିଟି କେବେ ଗଠନ କରାଯିବ ସେ ନେଇ କୌଣସି ସ୍ପଷ୍ଟତା ନାହିଁ। ଏଭଳି ସ୍ଥିତିରେ ମନ୍ତ୍ରୀଙ୍କ ଘୋଷଣା କେବେଠାରୁ କାର୍ଯ୍ୟକାରୀ ହେବ ତାକୁ ନେଇ ସନ୍ଦେହ ଦେଖାଦେଇଛି। ଅନ୍ୟପକ୍ଷରେ ଶ୍ରଦ୍ଧାଳୁମାନେ ମଧ୍ୟ ଏହି ପ୍ରସଙ୍ଗକୁ ନେଇ ମନ୍ତ୍ରୀଙ୍କୁ ପ୍ରଶ୍ନ କରିଛନ୍ତି।

ଭକ୍ତ ବାବୁଲି ମହାନ୍ତି କହିଛନ୍ତି, କେବଳ ଘୋଷଣା କରିଦେଲେ ହେବନାହିଁ, ଏହା କିପରି ବାସ୍ତବତାର ରୂପ ନେବ ସେ ଦିଗରେ ପଦକ୍ଷେପ ନେବା ଦରକାର।

## ମାଟି ତଳୁ ମାଓ ଡମ୍ପ୍ ଠାବ

ମାଲକାନଗିରି, ୧୫।୭(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡର ସୁକୁମା ଜିଲ୍ଲା ପୁଲିସ ଏବଂ ସିଆରପିଏଫ ୧୮୫ ବାଟାଲିୟନର ମିଳିତ ମାଓ ଦମନ ଅଭିଯାନ ବେଳେ ବଡ଼ ସଫଳତା ମିଳିଛି। ନକ୍ସଲମାନେ ମାଟି ତଳେ ଲୁଚାଇ ରଖିଥିବା ମାଓ ଡମ୍ପ୍ ଠାବ ହୋଇଛି। ସର୍ଚ୍ଚ ଅପରେସନରେ ୪ଟି ଭରମାର ବନ୍ଧୁକ ଜବତ କରିଛନ୍ତି ସୁରକ୍ଷାବାହିନୀ। ସୁକୁମା ଜିଲ୍ଲା ଜାଗରଗୁଣ୍ଡା ଥାନା ଅନ୍ତର୍ଗତ ଟେକେଗୁଡେମ ଅଞ୍ଚଳର ପୁରସମ୍ପାରା ଜଙ୍ଗଲରେ ମାଓବାଦୀ ଉପସ୍ଥିତି ସମ୍ପର୍କରେ ସୂଚନା ମିଳିବା ପରେ ଅଞ୍ଚଳରେ ତଲାସି ଅଭିଯାନ କରଯାଇଥିଲା।

## ଦୁଇ ଶିକ୍ଷକଙ୍କୁ ଗଳାକାଟି ହତ୍ୟା କଲେ ମାଓବାଦୀ

ମାଲକାନଗିରି, ୧୫।୭(ସମିସ): ସହିଦ ସପ୍ତାହ ପୂର୍ବରୁ ମାତିଛନ୍ତି ମାଓବାଦୀ। ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ ବିଜାପୁର ଜିଲ୍ଲାରେ ଦୁଇ ଜଣ ପାରା ଶିକ୍ଷକଙ୍କୁ ଗଳାକାଟି ହତ୍ୟା କରିଛନ୍ତି ଲାଲ୍ ବାହିନୀ।

ସୂଚନା ଅନୁଯାୟୀ ବିଜାପୁର ଜିଲ୍ଲାର ପିଲୁର ଗାଁ ନିକଟସ୍ଥ ଜଙ୍ଗଲରେ ମାଓବାଦୀ ମାନେ ଜଣଙ୍କୁ ହତ୍ୟା କରିଥିବା ବେଳେ ଟେକାମେଟା ଗାଁ ନିକଟରେ ଅନ୍ୟ ଜଣଙ୍କୁ ହତ୍ୟା କରିଛନ୍ତି। ଏହି ଦୁଇ ମୃତକ ପାରା ଶିକ୍ଷକ ଭାବେ କାର୍ଯ୍ୟ କରୁଥିବା ବେଳେ ଜଣଙ୍କ ପରିଚୟ ମିଳି ପାରିଛି। ପରିଚୟ ମିଳିଥିବା ମୃତକଙ୍କ ନାମ ବିନୋଦ ମାଡେ। ପୁଲିସ ଇନ୍‌ଫର୍ମର ସନ୍ଦେହରେ ଦୁଇ ଜଣଙ୍କୁ ହତ୍ୟା କରାଯାଇଥିବା ହାତ ଲେଖା ପୋଷ୍ଟରରେ ଉଲ୍ଲେଖ ରହିଛି। ଘଟଣା ପରେ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଅଞ୍ଚଳରେ ତଲାସି ଅଭିଯାନକୁ ବଢାଇ ଦିଆଯାଇଛି।

## ନିଖୋଜ ଯୁବତୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ନବରଙ୍ଗପୁର,୧୫।୭(ସମିସ): ନିଖୋଜ ଯୁବତୀଙ୍କର ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ନବରଙ୍ଗପୁର ଜାନକି ନଗର ଅଞ୍ଚଳରେ ଘଟିଛି ଏହି ଘଟଣା। ସୁମନ ହରିଜନ ଗତ ୧୧ ତାରିଖରୁ ନିଖୋଜ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରି ନିରାଶ ହେବା ପରେ ଗତକାଲି ଟାଉନ୍ ଥାନାରେ ଏତଲା ଦେଇଥିଲେ। ଆଜି ସକାଳେ ଜାନକୀ ନଗର ନିକଟସ୍ଥ ତୋଟାର ଏକ ଗଛରେ ତାଙ୍କର ଶବ ଝୁଲୁଥିବା ଦେଖି ନବରଙ୍ଗପୁର ଆଦର୍ଶ ଥାନା ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ଶବ ଉଦ୍ଧାର କରିଥିଲେ। ଏହାପରେ ପୁଲିସ ସାଇଣ୍ଟିଫିକ ଟିମ ସାହାଯ୍ୟରେ ତଦନ୍ତ ଆରମ୍ଭ କରିଛି। ଶବ ନିକଟରୁ ମୃତ ଯୁବତୀଙ୍କ ଫୋନକୁ ଉଦ୍ଧାର କରିଛି ପୁଲିସ। ଶବକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି।

# ବିଶ୍ୱ ବାଣିଜ୍ୟ

### ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୮୫.୭୫
- ପାଉଣ୍ଡ ୧୧୫.୦୬
- ୟୁରୋ ୧୦୦.୭୪
- ୟେନ୍ ୦.୫୮

### ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୯୧,୪୫୦ (ଭୁବନେଶ୍ୱର)
- ରୁପା : ୧,୧୭,୦୦୦ (କେଜି)

### ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୮୨,୫୭୦.୦୦
- ନିଫ୍ଟି ୨୫,୧୯୫.୦୦



### ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



## ଦେଶ ଛାଡ଼ିବେ ୩୫୦୦ ଅତି ଧନୀ

ନୂଆଦିଲ୍ଲୀ,୧୫।୭(ଏଜେନ୍ସି):

ଭାରତ ବିଶ୍ୱର ଚତୁର୍ଥ ବୃହତ ଅର୍ଥନୀତି ପାଲଟିଛି। ଦେଶର ପ୍ରଗତି କାହାଣୀ ବହୁତ ଆକର୍ଷଣୀୟ। ଗୋଟିଏ ପଟେ, ଦେଶରେ କୋଟିପତିଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଅନ୍ୟପଟେ ଏହି ଅତି ଧନୀ ଲୋକମାନେ ଦେଶ ଛାଡି ଚାଲିଯାଉଛନ୍ତି। ଏହା କେବଳ ଏକ ସଂଖ୍ୟା ନୁହେଁ, ବରଂ ସାରା ବିଶ୍ୱରେ ଘଟୁଥିବା ପରିବର୍ତ୍ତନର ଏକ ଅଂଶ। ଧନୀମାନେ ଭାରତ ଛାଡିବାର ଅନେକ କାରଣ ଅଛି। ଏଠାରେ ଟିକସ ନିୟମକୁ ଆହୁରି କଠୋର କରାଯାଇଛି। ଏହାସହିତ, ଅନ୍ୟ ଦେଶରେ ରହିବାର ଆକର୍ଷଣୀୟ ପ୍ରସ୍ତାବ ମଧ୍ୟ ମିଳୁଛି ଧନୀଙ୍କୁ ପ୍ରଲୋଭିତ କରୁଛି। ଧନୀମାନଙ୍କ ପ୍ରବାସ ଏକ ବଡ଼ ସମସ୍ୟା। ଏହାକୁ 'ଗ୍ରେଟ୍ ଓ୍ୱେଲ୍ଥ ମାଇଗ୍ରେସନ୍' ମଧ୍ୟ କୁହାଯାଏ। ହେନଲି ପ୍ରାଇଭେଟ୍ ଓ୍ୱେଲ୍ଥ ମାଇଗ୍ରେସନ୍ ରିପୋର୍ଟ ୨୦୨୫ ଅନୁଯାୟୀ, ଭାରତ ସେହି ୫ ଟି ଦେଶ ମଧ୍ୟରେ ରହିଛି ଯେଉଁଠାରୁ, ପ୍ରତିବର୍ଷ ସର୍ବାଧିକ ସଂଖ୍ୟକ କୋଟିପତି ବିଦେଶକୁ ଚାଲିଯାଉଛନ୍ତି। ଏକ ଆକଳନ କରାଯାଇଛି ଯେ, ୨୦୨୫ରେ ପ୍ରାୟ ୩୫୦୦ ଭାରତୀୟ କୋଟିପତି ବା ଅତି ଧନୀ ଦେଶ ଛାଡିବେ। ଏହି ସଂଖ୍ୟା ୨୦୨୩ରେ ୫୧୦୦ ଏବଂ ୨୦୨୪ରେ ୪୩୦୦ ରହିଥିଲା, ବିଶ୍ୱରେ ସର୍ବାଧିକ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ଲୋକମାନେ ନିଜ ସାଙ୍ଗରେ ପ୍ରାୟ ୨୬.୨ ବିଲିୟନ ଡଲାର ମୂଲ୍ୟର ସମ୍ପତ୍ତି ନେଇ ଚାଲିଯାଉଛନ୍ତି।




୨୦୨୫ରେ ବିଶ୍ୱର ୧,୪୨,୦୦୦ ଧନୀ ଲୋକ ସେମାନଙ୍କର ସ୍ଥାବାସନ ପରିବର୍ତ୍ତନ କରିବେ। ଏହା ଏ ପର୍ଯ୍ୟନ୍ତ ସର୍ବାଧିକ ସଂଖ୍ୟା। ଏମାନଙ୍କ ମଧ୍ୟରୁ ସର୍ବାଧିକ ୯୮୦୦ ଧନୀ ଲୋକ ୟୁଏଇ ଯାଉଛନ୍ତି। ଏହା ପଛକୁ ଆମେରିକା (୭୫୦୦) ଜଣ ଯାଉଛନ୍ତି। ବର୍ତ୍ତମାନ ସମୟରେ ୟୁଏଇ ଧନୀ ଲୋକଙ୍କ ପ୍ରିୟ ଗନ୍ତବ୍ୟସ୍ଥଳ ପାଲଟିଛି। ଏହି ଦେଶରେ ଆୟକର ଶୂନ୍ୟ, ନିବେଶକଙ୍କ ପାଇଁ ଭଲ ନିୟମ, ଉତ୍କୃଷ୍ଟ ଜୀବନଶୈଳୀ ଏବଂ ଦୀର୍ଘକାଳୀନ ଭିସା ବିକଳ୍ପ ମଧ୍ୟ ରହିଛି। ଭାରତ, ୟୁକେ, ରୁଷିଆ, ଦକ୍ଷିଣ ପୂର୍ବ ଏସିଆ ଏବଂ ଆଫ୍ରିକାରୁ ଧନୀ ଲୋକମାନେ ଏଠାକୁ ଆସୁଛନ୍ତି। ଗୋଲ୍‌ଡେନ୍ ଭିସାର ଆକର୍ଷଣୀୟ ବିକଳ୍ପଗୁଡ଼ିକ ୟୁଏଇକୁ ବିଶ୍ୱର ସବୁଠାରୁ ପସନ୍ଦଯୋଗ୍ୟ, ଧନ ସ୍ୱର୍ଗରେ ପରିଣତ କରିଛି। ସାଉଦି ଆରବ ମଧ୍ୟ ଦ୍ରୁତ ଗତିରେ ଆଗକୁ ବଢୁଛି। ଆକଳନ କରାଯାଉଛି ଯେ ୨୦୨୫ରେ ୨୪୦୦ କୋଟିପତି ଏଠାକୁ ଆସି ବସବାସ କରିବେ। ଯଦିଓ ଧନୀ ଲୋକମାନେ ଭାରତ ଛାଡି ଯାଉଛନ୍ତି, ତଥାପି ଏଠାରେ କୋଟିପତିଙ୍କ ସଂଖ୍ୟା ବୃଦ୍ଧି ପାଉଛି। ୨୦୧୪ରୁ ୨୦୨୪ ମଧ୍ୟରେ ଭାରତୀୟ ଧନୀଙ୍କ ସଂଖ୍ୟା ୭୨% ବୃଦ୍ଧି ପାଇଛି। ଏହାର କାରଣ ହେଉଛି ଷ୍ଟାର୍ଟ-ଅପ୍, ସେୟାର ବଜାରରେ ଲାଭ ଏବଂ ପାରିବାରିକ ସମ୍ପତ୍ତିରେ ବୃଦ୍ଧି। ଏହା ସତ୍ତ୍ୱେ, ଟିକସ ନିୟମ, ସୁରକ୍ଷା ଚିନ୍ତା ଏବଂ ଏକ ଉନ୍ନତ ଜୀବନଶୈଳୀର ଇଚ୍ଛା ଲୋକଙ୍କୁ ଦେଶ ଛାଡିବାକୁ ବାଧ୍ୟ କରୁଛି। ଭାରତରୁ କୋଟିପତିଙ୍କ ପ୍ରସ୍ଥାନ ଏକ ଗମ୍ଭୀର ସମସ୍ୟା। ଏହା ଦେଶର ଅର୍ଥନୀତି ଏବଂ ବିକାଶ ଉପରେ ନକାରାତ୍ମକ ପ୍ରଭାବ ପକାଇପାରେ। ଏହି ସମସ୍ୟାର ସମାଧାନ ପାଇଁ ସରକାର ଠୋସ୍ ପଦକ୍ଷେପ ନେବା ଉଚିତ।

## ରୁପା କିଲୋ ଲକ୍ଷେ ସତର ହଜାର ଛୁଇଁଲା

ଭୁବନେଶ୍ୱର,୧୫।୭(ସମିସ): ସାମ୍ପ୍ରତିକ ସମୟରେ ଦେଶରେ ସୁନା ନୁହେଁ ରୁପା ମୂଲ୍ୟ ହୁ ହୁ ହୋଇ ବଢ଼ିବାରେ ଲାଗିଛି। ଏହା ନିବେଶକଙ୍କ ଧ୍ୟାନ ହଳଦିଆରୁ 'ଧଳା ଧାତୁ' ଆଡ଼କୁ ଟାଣି ନେଇଛି। ଏମିତିକି ଘରୋଇ ବଜାରରେ ଇତି ମଧ୍ୟରେ ରୁପା ମୂଲ୍ୟ କିଲୋ ପିଛା ୧ ଲକ୍ଷ ୧୭ ହଜାର ଟଙ୍କାରେ ପହଞ୍ଚିଛି। କେବଳ ଘରୋଇ ବଜାର ପର୍ଯ୍ୟନ୍ତ ଏହା ସୀମିତ ନୁହେଁ। ତଥାପି, ଅନ୍ତର୍ଜାତୀୟ ବଜାରରେ ମଧ୍ୟ ରୁପା ମୂଲ୍ୟ ପ୍ରାୟ ବିଗତ ୧୪ ବର୍ଷର ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ଶିଳ୍ପ ସଂସ୍ଥାଗୁଡିକରେ ଚାହିଦାରେ ବୃଦ୍ଧି ଏବଂ ନିବେଶକମାନେ ଏହି ଧାତୁକୁ ଏକ ସୁରକ୍ଷିତ ନିବେଶ ମାଧ୍ୟମ ଭାବେ ବିବେଚନା କରୁଥିବାରୁ ଘରୋଇ ବଜାରରେ ସୁନା ମୂଲ୍ୟରେ ତୀବ୍ର ବେଗରେ ଏଭଳି ବୃଦ୍ଧି ଘଟୁଛି।




ମଙ୍ଗଳବାର ରାଜଧାନୀ ନୂଆଦିଲ୍ଲୀର ବୁଲିଅନ ବଜାରରେ ରୁପା ମୂଲ୍ୟ ବୃଦ୍ଧି ପାଇ କିଲୋ ପିଛା ୧,୧୫,୦୦୦ ଟଙ୍କାରେ ପହଞ୍ଚିଛି। ବିଶେଷକରି, ସୌରଶକ୍ତି ପ୍ୟାନେଲ, ଇଭି, ଇଲେକ୍ଟ୍ରୋନିକ୍ସ, ବ୍ୟାଟେରୀ ଏବଂ ଅନ୍ୟାନ୍ୟ 'ସବୁଜ ପ୍ରଯୁକ୍ତିବିଦ୍ୟା'ରେ ରୁପାର ବ୍ୟବହାର ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଭୁବନଶ୍ୱରରେ ଆଜି ରୁପା ମୂଲ୍ୟ କିଲୋ ପିଛା ୧ ଲକ୍ଷ ୧୭ ହଜାର ଟଙ୍କା ରହିଥିବାବେଳେ ୨୨ କ୍ୟାରେଟ୍ ସୁନା ମୂଲ୍ୟ ୯୧,୪୫୦ ଟଙ୍କା ରହିଛି।

## କଳାହାଣ୍ଡି ଏବଂ ରାୟଗଡ଼ାର ୨୧ଟି ଗ୍ରାମକୁ ଆଲୋକିତ କରିଛି ବେଦାନ୍ତ ଆଲୁମିନିୟମ

ଭୁବନେଶ୍ୱର, ୧୫।୭(ସମିସ): ବେଦାନ୍ତ ଆଲୁମିନିୟମ କଳାହାଣ୍ଡି ଏବଂ ରାୟଗଡ଼ା ଜିଲ୍ଲାର ୨୧ଟି ଗ୍ରାମରେ ୯୬ଟି ସୌରଚାଳିତ ଷ୍ଟ୍ରିଟ୍ ଲାଇଟ୍ ସ୍ଥାପନ କରିଛି। ଏହି ଷ୍ଟ୍ରିଟ୍ ଲାଇଟ୍ ପୂର୍ବରୁ ଆଲୋକ ନ ଥିବା ଅଞ୍ଚଳରେ ଆଲୋକୀକରଣର ଏକମାତ୍ର ଉତ୍ସ। ଏହି ସବୁଜ ପଦକ୍ଷେପ ବାର୍ଷିକ ପ୍ରାୟ ୨୨ଟନ୍ ସିଓ୨ ସମକକ୍ଷ ନିର୍ଗମନ ହ୍ରାସ କରିବାରେ ଯୋଗଦାନ ଦେବା ସହିତ ୫,୦୦୦ରୁ ଅଧିକ ବାସିନ୍ଦାଙ୍କୁ ନିର୍ଭରଯୋଗ୍ୟ, ଶକ୍ତି-ଦକ୍ଷ ଆଲୋକ ପ୍ରଦାନ କରିବ। ଏହା ବଜାର, ଗ୍ରାମ ପ୍ରବେଶ ପଥ, ବସ୍ ଷ୍ଟାଣ୍ଡ, ସମ୍ପ୍ରଦାୟ କେନ୍ଦ୍ର, ସ୍କୁଲ ଏବଂ ମୁଖ୍ୟ ରାସ୍ତା ଭଳି ପ୍ରମୁଖ ସ୍ଥାନଗୁଡ଼ିକୁ ଲକ୍ଷ୍ୟ କରି ଅଞ୍ଚଳରେ ୧୫୦ଟି ସୌରଚାଳିତ ଷ୍ଟ୍ରିଟ୍ ଲାଇଟ୍ ସ୍ଥାପନ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ। ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, ବେଦାନ୍ତ ଆଲୁମିନିୟମରେ ଆମର ସମ୍ପ୍ରଦାୟ ବିକାଶ କାର୍ଯ୍ୟକ୍ରମଗୁଡ଼ିକ ଆମେ ସେବା କରୁଥିବା ଅଞ୍ଚଳଗୁଡ଼ିକର ନିର୍ଦ୍ଦିଷ୍ଟ ଆବଶ୍ୟକତା ଅନୁସାରେ ପ୍ରସ୍ତୁତ କରାଯାଇଛି। କଳାହାଣ୍ଡି ଏବଂ ରାୟଗଡ଼ାରେ ସୌର ଆଲୋକ ପ୍ରକଳ୍ପ ସ୍ଥାୟୀତ୍ୱ ଏବଂ ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି ଆମର ପ୍ରତିବଦ୍ଧତାର ପ୍ରମାଣ। ସୁରକ୍ଷା ବୃଦ୍ଧି, ଗତିଶୀଳତାରେ ଉନ୍ନତି ଏବଂ ସମ୍ପ୍ରଦାୟ କଲ୍ୟାଣକୁ ସୁଦୃଢ଼ କରିବା ପାଇଁ ଏହି ସଂସ୍ଥାଗୁଡ଼ିକ ପୂର୍ବରୁ ଯେଉଁ ସକାରାତ୍ମକ ପ୍ରଭାବ ପକାଇ ଆସୁଛନ୍ତି ତାହା ଦେଖିବା ଉତ୍ସାହଜନକ।



## ଏଲଜି ଓଏଲଇଡିଇଭୋ ଓ କ୍ୟୁଏନଇଡିଇଭୋ ଟିଭି ଶୃଙ୍ଖଳା ଉନ୍ମୋଚିତ

ଭୁବନେଶ୍ୱର,୧୫।୭(ସମିସ): ଏଲଜି ଇଲେକ୍‌ଟ୍ରୋନିକ୍ସ ଇଣ୍ଡିଆଲିମିଟେଡପକ୍ଷରୁଆଜିଏହାର୨୦୨୫ଓଏଲଇଡିଇଭୋ ଓ ଏନଇଡିଇଭୋ ଟିଭି ଶୃଙ୍ଖଳାର ବଜାର ପ୍ରବେଶ ଘୋଷଣା କରାଯାଇଛି। ଏହି ନୂତନ ଟେଲିଭିଜନଗୁଡିକ ଏଲଜିର ନୂଆ ଆଲ୍‌ଫା ଏଆଇ ପ୍ରୋସେସର ଜେନ୨ ଦ୍ୱାରା ପରିଚାଳିତ ଅଟେ ଯାହା ବ୍ୟକ୍ତିଗତ ଅନୁଭୂତି, ଉନ୍ନତ ପିକ୍‌ଚର, ସାଉଣ୍ଡ ଓ ସଂଯୋଗ ପ୍ରଦାନ କରୁଛି। ପରବର୍ତ୍ତୀ ସ୍ତରର ଏଆଇ କ୍ଷମତା ଓ ପୁରସ୍କାରପ୍ରାପ୍ତ ପିକ୍‌ଚର ଟେକ୍ନୋଲୋଜିର ଶୁଭାରମ୍ଭ ସହିତ ୨୦୨୫ ରେଞ୍ଜ ଏଲଜିର ଉଦ୍ଭାବନ ବିରାସତ ଉପରେ ନିର୍ମାଣ ହୋଇଛି। ୨୦୨୫ ଏଲଜି ଟିଭି ଶୃଙ୍ଖଳା ଏକ ବିସ୍ତୃତ ରେଞ୍ଜର ସ୍କ୍ରିନ ସାଇଜ ସମେତ ଅଲଟ୍ରା-ଲାର୍ଜ ମଡେଲରେ ଉପଲବ୍ଧ ହେବା ସହିତ ଏହି ଶୃଙ୍ଖଳାର ପ୍ରାରମ୍ଭିକ ମୂଲ୍ୟ ୭୪,୯୯୦ ଟଙ୍କା ଓ ସର୍ବାଧିକ ମୂଲ୍ୟ ୨୪,୯୯,୯୯୦ ଟଙ୍କା ରହିଥିବା ଏହି ଶୁଭାରମ୍ଭ ସମ୍ପର୍କରେ ଏଲଜି ଇଲେକ୍‌ଟ୍ରୋନିକ୍ସ ଇଣ୍ଡିଆର ମିଡିଆ ଏଣ୍ଟରଟେନମେଣ୍ଟ ସଲ୍ୟୁଶନ (ଏମଏସ)ର ନିର୍ଦ୍ଦେଶକ ବ୍ରିଆନ ଜୁଙ୍ଗ କହିଛନ୍ତି।

## ନଥିଙ୍ଗ ଫୋନ୍ -୩, ନଥିଙ୍ଗ ହେଡଫୋନ୍-୧ ଭାରତରେ

ନୂଆଦିଲ୍ଲୀ, ୧୫।୭ (ଏଜେନ୍ସି): ଲଣ୍ଡନ-ସ୍ଥିତ ଟେକ୍ନୋଲୋଜା କମ୍ପାନୀ ନଥିଙ୍ଗ ଆଜି ଘୋଷଣା କରିଛି ଯେ ଦୁଇ ବର୍ଗ-ପରିଭାଷିତ ଉତ୍ପାଦ ଆଜି ଦିନ ୧୨ଟାରୁ ସାରା ଦେଶରେ କ୍ରୟ ପାଇଁ ଉପଲବ୍ଧ ହେବ। ନଥିଙ୍ଗ ଫୋନ୍ -୩, ଏହାର ପ୍ରଥମ ପ୍ରକୃତ ଫ୍ଲାଗସିପ୍ ସ୍ମାର୍ଟଫୋନ୍ ଏବଂ ନଥିଙ୍ଗ ହେଡଫୋନ୍ -୧ ଏହାର ପ୍ରଥମ ଓଭ-ର୍‌ଇଅର୍ ଅଡିଓ ଉତ୍ପାଦ। ଉଭୟ ଉତ୍ପାଦ ଉଦ୍ଦେଶ୍ୟମୂଳକ ଡିଜାଇନ୍ ଏବଂ ସାହସିକ ନବସୃଜନ ସହିତ ଉପଭୋକ୍ତାଙ୍କ ଟେକ୍ନୋଲୋଜୀକୁ ଡିଜାଇନ୍ କରିବା ପାଇଁ ନଥିଙ୍ଗର ଦୃଷ୍ଟିକୋଣକୁ ପ୍ରତିଫଳିତ କରେ। ନଥିଙ୍ଗ ଫୋନ୍ (୩) କଳା ଏବଂ ଧଳା ରଙ୍ଗ ବିକଳ୍ପରେ ଦୁଇଟି କନଫିଗ୍ୟୋରେସନ୍ ଭେରିଆଣ୍ଟ ସହିତ ଉପଲବ୍ଧ। ଏହା ୧୨ଜିବି + ୨୫୬ଜିବି - ୭୨,୯୯୯ ଟଙ୍କାରୁ ଆରମ୍ଭ ହୋଇଛି। ନଥିଙ୍ଗ ଫୋନ୍ (୩) ଏବେ ଜୁଲାଇ ୧୫ରୁ ଫ୍ଲିପକାର୍ଟ, ଫ୍ଲିପକାର୍ଟ ମିନିଟ୍ସ, ବିଜୟ ସେଲ୍ସ, କ୍ରୋମା ଏବଂ ସମସ୍ତ ପ୍ରମୁଖ ରିଟେଲ୍ ଷ୍ଟୋରଗୁଡ଼ିକରେ କ୍ରୟ ପାଇଁ ଉପଲବ୍ଧ।

## ଫ୍ଲିପ୍‌କାର୍ଟ ପକ୍ଷରୁ ଫୁଡ ଫେଷ୍ଟ ୨.୦

ନୂଆଦିଲ୍ଲୀ,୧୫।୭: ଘରୋଇ ଇକମର୍ସ ମାର୍କେଟପ୍ଲେସ ଫ୍ଲିପକାର୍ଟ, ଫୁଡ୍ ଫେଷ୍ଟ ୨୦୨୫ର ୨ୟ ସଂସ୍କରଣ ସଫଳତାର ସହ ଆୟୋଜନ କରିଛି। ଯାହା ଭାରତର ବିକଶିତ ଖାଦ୍ୟ ସଂସ୍କୃତିର ଏକ ନିମଜ୍ଜିତ ଉତ୍ସବ। ଜୁଲାଇ ୮ ଓ ୯ରେ ବେଙ୍ଗାଲୁରୁସ୍ଥିତ ଫ୍ଲିପକାର୍ଟ କ୍ୟାମ୍ପସରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ଏବଂ ଜୁଲାଇ ୫ରୁ ୧୦ ପର୍ଯ୍ୟନ୍ତ ଏହି ଫେଷ୍ଟର ଏକ କ୍ୟୁରେଟେଡ ସେଲ ଅନ୍‌ଲାଇନରେ ହୋଇଥିଲା। ଯେଉଁଠାରେ ସପରମାନେ ଗୋରମେଟ ଫୁଡ୍ କଲେକ୍ସନ, ନୂଆ ଲଞ୍ଚ ଓ ଶୀର୍ଷ ବ୍ରାଣ୍ଡଗୁଡିକରେ ସୀମିତ ଅବଧି ଅଫର ଉପଲବ୍ଧ କରିଥିଲେ। ଏହି କାର୍ଯ୍ୟକ୍ରମ ଦେଶର କିଛି ଲୋକପ୍ରିୟ ସେଫ, ଶୀର୍ଷ କ୍ରିଏଟର, ଆଇକୋନିକ ବ୍ରାଣ୍ଡ ଓ ଦେଶବ୍ୟାପୀ ଖାଦ୍ୟପ୍ରେମୀଙ୍କୁ

## ଆରୋମା ମ୍ୟାଜିକ୍ ବର୍ତ୍ତମାନ ଏକ ନୂତନ ରୂପରେ



ଭୁବନେଶ୍ୱର,୧୫।୭(ସମିସ): ଭାରତର ଅଗ୍ରଣୀ ଆରୋମାଥେରାପି କମ୍ପାନୀ ବ୍ଲୋସମ୍ କୋଚର ଆରୋମା ମ୍ୟାଜିକ୍ ଗର୍ବର ସହ ଏହାର ଆଇକନିକ୍ ରେଞ୍ଜର ଏସେନ୍ସିଆଲ ଅଏଲର ପୁନଃ ଶୁଭାରମ୍ଭ ଘୋଷଣା କରିଛି। ୧୫ଟି ତେଲ ଏବେ ୧୦ ମିଲିଲିଟର ନୂଆ ପ୍ୟାକେଜିଂରେ ରହିଛି ଏବଂ ଏଥିରେ ଲାଭେଣ୍ଡର, ତୁଳସୀ, ଚନ୍ଦନ, ଗୋଲାପ, ନେରୋଲି, ଲେମନଗ୍ରାସ, ଚା' ଗଛ, ୟେଲାଙ୍ଗ ୟେଲାଙ୍ଗ ଆଦି ରହିଛି। ଅତ୍ୟାବଶ୍ୟକ ତେଲକୁ ଗଛର ଆତ୍ମା ବୋଲି କୁହାଯାଏ ଏବଂ ପତ୍ର, ଫଳ, ଫୁଲ ଏବଂ ମଞ୍ଜି ଭଳି ଗଛର ବିଭିନ୍ନ ଅଂଶରୁ ଉତ୍ତୋଳନ କରାଯାଉଥିବା ଅତ୍ୟଧିକ କେନ୍ଦ୍ରୀଭୂତ ଅଣୁ କୁହାଯାଏ। ଅତ୍ୟାବଶ୍ୟକ ତେଲ କେବଳ ସୌନ୍ଦର୍ଯ୍ୟ କିମ୍ବା ସୁସ୍ଥତା ଉତ୍ପାଦ ନୁହେଁ ବୋଲି ବ୍ଲୋସମ କୋଚର ଗ୍ରୁପ୍ ଅଫ୍ କମ୍ପାନିର ଅଧ୍ୟକ୍ଷ ଡ. ବ୍ଲୋସୋମ କୋଚର କହିଛନ୍ତି। ଫୁଲ, ପତ୍ର, ଡାଳ ଏବଂ ମୂଳରୁ ଉତ୍ପନ୍ନ ଅତ୍ୟାବଶ୍ୟକ ତେଲ ଗଭୀର ସୁସ୍ଥତା ଏବଂ ସନ୍ତୁଳନ ଗୁଣ ପ୍ରଦାନ କରିଥାଏ। ଏହି ଅବସରରେ ଡ. ବ୍ଲୋସମ କୋଚର ସେଲୁନ୍ ପ୍ରଫେସନାଲମାନଙ୍କ ପାଇଁ ତାଙ୍କର ବିଭିନ୍ନ ଉତ୍ପାଦ ବିଷୟରେ ଆଲୋଚନା କରିବା ସହ ଜୁଏଲ କିଟ୍ ଏବଂ ନୂତନ ଭାବେ ଲଂଚ ହୋଇଥିବା ଭିଟାବୁଷ୍ଟ ଏବଂ ମୋଚା କିଟ୍‌ର ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ।

## ତନିସ୍କ ଚନ୍ଦ୍ରଶେଖରପୁର ଷ୍ଟୋର୍‌ର ୧୫ବର୍ଷ ପୂର୍ତ୍ତି




ଭୁବନେଶ୍ୱର,୧୫।୭(ସମିସ): ଗହଣା ରିଟେଲ ବ୍ରାଣ୍ଡ ତନିସ୍କ ଓଡ଼ିଶାରେ ଏହାର 'ଚନ୍ଦ୍ରଶେଖରପୁର ଷ୍ଟୋର'ର ୧୫ ବର୍ଷ ପୂର୍ତ୍ତି ପାଳନ କରୁଛି। ବହୁ ମୂଲ୍ୟବାନ ଗ୍ରାହକଙ୍କ ନିରନ୍ତର ସହଯୋଗ ଏବଂ ଆସ୍ଥା ଯୋଗୁ ଏହା ସମ୍ଭବ ହୋଇଛି ବୋଲି ଷ୍ଟୋର ପକ୍ଷରୁ କୁହାଯାଇଛି। ବାଣ୍ଡ ପକ୍ଷରୁ ସୁନା ଗହଣା ଏବଂ ହୀରା ଗହଣା ଗଢ଼ା ମଜୁରି ଉପରେ ୨୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯାଉଛି। ସୁନା ଗହଣା କ୍ରୟ ଉପରେ ଗ୍ରାମ୍ ପିଛା ୧୦୧ ଟଙ୍କା ରିହାତି ଉପଲବ୍ଧ। ଏହାସହିତ ତନିସ୍କର ସୁନା ଏକ୍ସଚେଞ୍ଜ ପ୍ରୋଗ୍ରାମ୍ର ଅଂଶବିଶେଷ ବ୍ରାଣ୍ଡ ପକ୍ଷରୁ ଦେଶର ଯେକୌଣସି ଗହଣା ଷ୍ଟୋର୍‌ରୁ କିଣାଯାଇଥିବା ପୁରୁଣା ସୁନା ବଦଳ ଉପରେ ଗ୍ରାହକ ୧୦୦% ବଦଳ ମୂଲ୍ୟ ପାଇବେ। ଗ୍ରାହକଙ୍କ ବିଶ୍ୱାସ ଏବଂ ସ୍ମାର୍ଟ କ୍ରୟକୁ ଏହା ସୁଦୃଢ଼ କରିବ। ଚନ୍ଦ୍ରଶେଖରପୁର ଷ୍ଟୋର ୧୫ ବର୍ଷ ପୂର୍ତ୍ତି ଅବସରରେ ଷ୍ଟୋର ଏକ ସ୍ୱତନ୍ତ୍ର ଉତ୍ସବ ଅନୁଭୂତି ପ୍ରଦାନ କରୁଛି। ୧୦,୦୦୦ ବର୍ଗଫୁଟ ସ୍ଥାନରେ ନିର୍ମିତ ଏ ଷ୍ଟୋର୍‌ରେ ଚମକଦାର ସୁନା, ଉଜ୍ଜ୍ୱଳ ହୀରା ଏବଂ କୁନ୍ଦନ ଓ ପୋଲ୍‌କୀ ଡିଜାଇନ୍‌ରେ ବିସ୍ତୃତ ବର୍ଗର ଆଇକନିକ୍ ତନିସ୍କ କାରିଗରୀକୁ ପ୍ରଦର୍ଶିତ ହୋଇଛି। ସେଲିବ୍ରେଶନ୍‌ର ଅଂଶବିଶେଷ ଷ୍ଟାର୍ ପକ୍ଷରୁ ଏହାର ନୂଆ କଲେକ୍ସନ 'ରେଡିଆନ୍ସ ଇନ୍ ରିଦିମ୍'କୁ ଉପସ୍ଥାପନ କରାଯାଇଛି, ଯେଉଁଥିରେ ଏମରାଲ୍ଡ, ସିଟ୍ରିନ୍, ଆକ୍ୱାମାରାଇନ୍, ସାଭୋରାଇଟ୍, ମାଲାଚିଟେ, ତାଞ୍ଜାନାଇଟ୍ ଏବଂ ଆମେଥିଷ୍ଟ ସମେତ ଅନ୍ୟାନ୍ୟ ଦାମୀ ଏବଂ ଅର୍ଦ୍ଧ-ଦାମୀ ରତ୍ନପଥରରେ ପ୍ରସ୍ତୁତ ବ୍ୟାପକ ସମ୍ଭାର ଅଣାଯାଇଥିବା ଏକ ସାମ୍ବାଦିକ ସମ୍ମିଳନୀରେ ତନିସ୍କର ସର୍କଲ୍ ବିଜ୍‌ନେସ୍ ମ୍ୟାନେଜର ଅରିନ୍ଦମ ପ୍ରାମାଣିକ କହିଛନ୍ତି। ଏହି ଅବସରରେ ପୁପୁ ହଂସ ଏବଂ ମାନିକ୍ ହଂସ ଉପସ୍ଥିତ ଥିଲେ।

## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଉତ୍ତମ ବୁଝାମଣା ରହିବ। ଘରକୁ ଅତିଥି ଆସିପାରନ୍ତି। ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଆର୍ଥିକ ସମସ୍ୟା ଦେଖା ଦେବ।

**ବୃଷ:** ଘରକୁ ନୂଆ ଜିନିଷ ଆଣିବେ। ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ଭଲ। ଗୁରୁଜନଙ୍କ ଆଶୀର୍ବାଦ ନେବେ। ଆର୍ଥିକ କାରବାରରେ ଲାଭ ମିଳିବ। ଅପ୍ରିୟ ସତ କହି ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି।

**ମିଥୁନ:** ଆତ୍ମବିଶ୍ୱାସର ସହ ସମସ୍ତ କାର୍ଯ୍ୟ କରିବେ। ପରିଶ୍ରମ ଅନୁସାରେ ଫଳ ମିଳିବନି। ବାଦବିବାଦରୁ ଦୂରେଇ ରହିବେ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପରିଶ୍ରମ କରିବେ। ଜୀବନସାଥୀଙ୍କୁ ସମୟ ଦେବେ।

**କର୍କଟ:** ମାଂସପେଶୀ ଯନ୍ତ୍ରଣା ଅନୁଭବ କରିବେ। ଇଷ୍ଟ ଦେବଙ୍କୁ ସ୍ମରଣ କରିବେ। ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ। କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ। ଜମି କିଣିବା ଯୋଗ ଅଛି।

**ସିଂହ:** ଦିନଟି ହସଖୁସିରେ କଟିବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ। ପ୍ରେମ ମାମଲାରେ ଦିନଟି ଭଲ। ବନ୍ଧୁଙ୍କ କଥା ଆଘାତ ଦେବ। ଗରିବ ଲୋକଙ୍କୁ ସାମର୍ଥ୍ୟ ମୁତାବକ ସାହାଯ୍ୟ କରିବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**କନ୍ୟା:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ରୋଗମୁକ୍ତ ହେବେ। ପରିବାର ସଦସ୍ୟଙ୍କ ମନ ଜିଣିବେ। ନିଯୁକ୍ତିକୁ ନେଇ ଖୁସି ଖବର ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ରାଜନେତାଙ୍କ ପାଇଁ ଦିନଟି ଭଲ।

**ତୁଳା:** ବ୍ୟବସାୟରେ ଲାଭ ହେବ। ପାରିବାରିକ ବିବାଦ ଦେଖା ଦେବ। ଜୀବନସାଥୀଙ୍କ ସହ ନୂଆ ସ୍ଥାନ ବୁଲିବାକୁ ଯିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ପୁରୁଣା ନିବେଶରୁ ଲାଭ ମିଳିବ।

**ବିଛା:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିବେ। ସନ୍ତାନଙ୍କ ସହ ବୁଲିବାକୁ ଯିବେ। ସ୍ୱାଦିଷ୍ଟ ଖାଦ୍ୟ ଖାଇବେ। ବନ୍ଧୁମିଳନ ଯୋଗ ଅଛି। ମାମଲାମକଦ୍ଦମା ଲାଗି ସମୟ ଅନୁକୂଳ ନୁହେଁ।

**ଧନୁ:** ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ। ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଚିଡ଼ଚିଡ଼ା ଦେଖା ଦେବ। ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ମକର:** ଆଣ୍ଠୁଗଣ୍ଠି ସମସ୍ୟା ଦେଖା ଦେବ। ସମୟର ସଠିକ ଉପଯୋଗ କରିବେ। ସମ୍ପର୍କୀୟଙ୍କ ସହଯୋଗ ମିଳିବ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଉତ୍ତମ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ।

**କୁମ୍ଭ:** ଭଗବାନ ଶିବଙ୍କୁ ବେଲପତ୍ର ଅର୍ପଣ କରିବେ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ଅଫିସ୍‌ରେ କାର୍ଯ୍ୟଭାର କମ୍ ହେବ। ଆଣ୍ଠୁଗଣ୍ଠି ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି।

**ମୀନ:** ଇଞ୍ଜିନିୟରିଂ କ୍ଷେତ୍ରରେ ସଫଳତା ମିଳିବ। ବନ୍ଧୁ ମିଳନ ଯୋଗ ଅଛି। ଭାଇଭଉଣୀଙ୍କ ମଧ୍ୟରେ ଝଗଡ଼ା ହେବ। ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ। ଅଧିକ ଖର୍ଚ୍ଚାନ୍ତ ହେବେ।

## ଆଜିର ଇତିହାସ

- ୧୯୨୬- ନେସନ୍ୟାଲ୍ ଜିଓଗ୍ରାଫିକ୍ ଚ୍ୟାନେଲ୍ ପ୍ରଥମ ଥର ସମୁଦ୍ର ଭିତର ଦୃଶ୍ୟର ରଙ୍ଗିନ୍ ଫଟୋ ପ୍ରକାଶ କଲା।
- ୧୯୫୧- ନେପାଳ ବ୍ରିଟେନଠାରୁ ସ୍ୱାଧୀନ ହେଲା।
- ୧୯୬୮- କିମ୍ବଦନ୍ତୀ ହକି ଖେଳାଳି ଧନରାଜ ପିଲେଙ୍କ ଜନ୍ମ।
- ୨୦୦୬- ସଂଯୁକ୍ତ ରାଷ୍ଟ୍ର ସୁରକ୍ଷା ପରିଷଦରେ କୋରିଆ ଉପରେ ପ୍ରତିବନ୍ଧକ ଲଗାଇବା ପ୍ରସ୍ତାବ ପାରିତ।
- ୨୦୧୫- ବୈଜ୍ଞାନିକମାନେ ପ୍ଲୁଟୋ ଗ୍ରହର କ୍ଲୋଜଅପ୍ ଫଟୋ ଜାରି କଲେ।



# ରାସ୍ତାରେ ଗାଡ଼ିରୁ ତେଲ ସରିଲେ ଜରିମାନା

ସାଧାରଣତଃ ଦ୍ରୁତଗତିରେ ଗାଡ଼ି ଚାଳନା କିମ୍ବା ହେଲମେଟ୍ ନ ପିନ୍ଧି ଗାଡ଼ି ଚଲାଇଲେ, ଏଥିପାଇଁ ନିୟମ ଅନୁସାରେ ଚାଲାଣ କଟା ହୋଇଥାଏ। ହେଲେ ଗାଡ଼ିରୁ ତେଲ ସରିଗଲେ, ଜରିମାନା ଦେବାକୁ ପଡ଼ିବା କଥା ଶୁଣି ଅନେକଙ୍କୁ ଆଶ୍ଚର୍ଯ୍ୟ ଲାଗୁଥିବ। ତେବେ ଜର୍ମାନୀ ଦେଶରେ ଏଭଳି ଏକ ବିଚିତ୍ର ନିୟମ ରହିଛି। ଜର୍ମାନୀର ଜାତୀୟ ରାଜପଥରେ ଲୋକେ ଦ୍ରୁତ ଗତିରେ ଗାଡ଼ି ଚାଳନା କଲେ ମଧ୍ୟ ଏଥିପାଇଁ କୌଣସି ନିୟମ ନାହିଁ। କିନ୍ତୁ ମଝି ରାସ୍ତାରେ ଗାଡ଼ିରୁ ତେଲ ସରିଗଲେ ଏହାକୁ ଅପରାଧ ବୋଲି ମନାଯାଏ। ଏଥିପାଇଁ ଦଣ୍ଡ ମିଳିବା ସହ ଲୋକଙ୍କ ଠାରୁ ଜରିମାନା ଆଦାୟ କରାଯାଇଥାଏ। ଅବଶ୍ୟ ଗାଡ଼ିରୁ ତେଲ ସରିଗଲେ କାହିଁକି ସଜା ମିଳେ ସେ ନେଇ କୌଣସି ସ୍ପଷ୍ଟ କାରଣ ନାହିଁ। ସେହିପରି ଏଠାରେ ଅନେକ ଅଜବ ନିୟମ ମଧ୍ୟ ପ୍ରଚଳିତ ହୋଇଥାଏ। କେବଳ ସେତିକି ନୁହେଁ, ଏଠାରେ ଜନ୍ମଦିନ ପୂର୍ବରୁ ମଧ୍ୟ କେହି କାହାକୁ ଆଗୁଆ ଶୁଭେଚ୍ଛା ଜଣାନ୍ତି ନାହିଁ। ଏପରି କରିବାକୁ ସ୍ଥାନୀୟ ଅଞ୍ଚଳରେ ଅଶୁଭ ବୋଲି ବିବେଚନା କରାଯାଏ। ଏଠାରେ ପ୍ରଚଳିତ ନିୟମ ଅନୁଯାୟୀ, ଜନ୍ମଦିନ ହିଁ ଲୋକେ ଶୁଭେଚ୍ଛା ଜଣାଇଥାନ୍ତି। ସେହିପରି ଏଠାରେ ଲୋକମାନେ ଫୋନ୍ ଉଠାଇବା ସମୟରେ ହ୍ୟାଲୋ ନ କହି, ନିଜର ନାମ କହିଥାନ୍ତି। ତେବେ ଜର୍ମାନୀରେ ଏପରି ଅନେକ ଅଜବ ନିୟମ ରହିଛି। ଯାହାକୁ ସ୍ଥାନୀୟ ଲୋକେ ବର୍ଷ ବର୍ଷ ଧରି ପାଳନ କରି ଆସୁଛନ୍ତି।

# 'ବ୍ୟାଟଲ୍ ଅଫ୍ ଗଲୱାନ୍' ସଲମାନ୍‌ଙ୍କ ନାୟିକା ହେବେ ଚିତ୍ରାଙ୍ଗଦା



ବଲିଉଡ଼ର ଦବଙ୍ଗ ଖାନ୍ ସଲମାନ୍ 'ବ୍ୟାଟଲ୍ ଅଫ୍ ଗଲୱାନ୍' ସିନେମା ସମ୍ପର୍କରେ ଘୋଷଣା କରିବା ପରେ ତାଙ୍କ ପ୍ରଶଂସକମାନେ ଏହାକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି। ଇତିମଧ୍ୟରେ ସଲମାନ୍‌ଙ୍କ ଫାଷ୍ଟ ଲୁକ୍ ମଧ୍ୟ ଜାରି ହୋଇଛି। ମୋସନ୍ ପୋଷ୍ଟରରେ ସଲମାନ୍‌ଙ୍କ ମୁହଁରେ ରକ୍ତ ଛିଟା ଲାଗିଥିବାବେଳେ ସେ ସୈନିକ ଭାବେ ଦେଖାଯାଉଛନ୍ତି। ସଲମାନ୍‌ଙ୍କର ଏହି ଲୁକ୍ ଦର୍ଶକଙ୍କୁ ବେଶ୍ ପସନ୍ଦ ଆସିଛି। ଅନେକ ଦିନରୁ ଫିଲ୍ମ ନିର୍ମାତା ଏହି ନାୟିକା ସନ୍ଧାନରେ ଥିଲେ। ଚିତ୍ରାଙ୍ଗଦା ସିଂହ ଏଥିରେ ସଲମାନ୍‌ଙ୍କ ବିପକ୍ଷରେ ନାୟିକା ଭାବେ ଦେଖାଯିବେ ବୋଲି ଫାଇନାଲ ହୋଇଥିବା ଜଣାପଡ଼ିଛି। ଅବଶ୍ୟ ଏନେଇ ବିଧିବଦ୍ଧ ଭାବେ କୁହାଯାଇ ନାହିଁ। କିନ୍ତୁ ଖୁବ୍‌ଶୀଘ୍ର ଚିତ୍ରାଙ୍ଗଦାଙ୍କ ନାମ ଫିଲ୍ମ ନିର୍ମାତା ଘୋଷଣା କରିପାରନ୍ତି ବୋଲି ଚର୍ଚ୍ଚା ହେଉଛି। ଯଦି ଏଥିରେ ଚିତ୍ରାଙ୍ଗଦା ଅଭିନୟ କରୁଛନ୍ତି ତେବେ ପ୍ରଥମ ଥର ପାଇଁ ସେ ସଲମାନ୍‌ଙ୍କ ସହ ସେ ସ୍କ୍ରିନ୍ ସେୟାର୍ କରିବେ। 'ବ୍ୟାଟଲ୍ ଅଫ୍ ଗଲୱାନ୍'ରେ ୨୦୨୦ ମସିହା ଜୁନ୍ ୧୫-୧୬ ତାରିଖରେ ଲଦାଖର ଗଲୱାନ୍ ଉପତ୍ୟକାରେ ଭାରତୀୟ ଓ ଚାଇନ୍ ସୈନିକଙ୍କ ମଧ୍ୟରେ ହୋଇଥିବା ଏକ ଭୟଙ୍କର ସଂଘର୍ଷକୁ ଦେଖାଯିବ। ଏହି ଅଞ୍ଚଳରେ ବନ୍ଧୁକ ବ୍ୟବହାର ନିଷିଦ୍ଧ ଥିବାରୁ ସୈନିକମାନେ ଲାଠି, ପଥର ଓ ହାତରେ ଲଢ଼ିଥିଲେ। ଏହି ଚଳଚ୍ଚିତ୍ରରେ ସଲମାନ୍ କର୍ଣ୍ଣେଲ ବିକୁମାଲ୍ଲା ସନ୍ତୋଷ ବାବୁଙ୍କ ଚରିତ୍ରରେ ଅଭିନୟ କରୁଛନ୍ତି, ଯିଏ କି ୨୦୨୦ ମସିହାରେ ଗଲୱାନ୍ ଉପତ୍ୟକାରେ ଚୀନ ସୈନ୍ୟ ସହ ସଂଘର୍ଷରେ ୧୬ ବିହାର ରେଜିମେଣ୍ଟର ନେତୃତ୍ୱ ନେଇଥିଲେ।


# କୃତ୍ରିମ ରକ୍ତ



ଠିକ୍ ସମୟରେ ରକ୍ତ ନ ମିଳିବା ଯୋଗୁଁ ଅନେକ ଲୋକଙ୍କର ମୃତ୍ୟୁ ହେବା କଥା ସମସ୍ତେ ଜାଣନ୍ତି। ତେବେ ଏହି ସମସ୍ୟାର ସମାଧାନ କରିବା ପାଇଁ ବୈଜ୍ଞାନିକମାନେ କୃତ୍ରିମ ରକ୍ତ ବିକଶିତ କରିଛନ୍ତି। ଏହା ଜରୁରିକାଳୀନ ସେବା, ଯୁଦ୍ଧକ୍ଷେତ୍ର ଏବଂ ଉପଯୁକ୍ତ ଚିକିତ୍ସା ସୁବିଧାରୁ ବଞ୍ଚିତ ଅଞ୍ଚଳଗୁଡ଼ିକରେ ରୋଗୀ ସେବା ଦିଗରେ ବୈପ୍ଳବିକ ପରିବର୍ତ୍ତନ ଆଣିପାରିବ ବୋଲି ଆଶା କରାଯାଉଛି। ଜାପାନର ନାରା ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ଏମିତି ଏକ କୃତ୍ରିମ ରକ୍ତ ତିଆରି କରିଛନ୍ତି, ଯାହାକୁ ଯେକୌଣସି ବ୍ଲଡ୍ ଗ୍ରୁପ୍‌ର ଲୋକଙ୍କୁ ଦିଆଯାଇପାରିବ। ତେବେ ଦାନ କରାଯାଇଥିବା ରକ୍ତ ବା ଏକ୍ସପାୟାରି ରକ୍ତରୁ ହିମୋଗ୍ଲୋବିନ ବାହାର କରାଯାଏ। ଏହାପରେ ଉକ୍ତ ହିମୋଗ୍ଲୋବିନ୍‌କୁ ଲିପିଡ୍ ପରସ୍ତରେ ବନ୍ଦ କରି ଛୋଟ ଛୋଟ କୋଷ ତିଆରି କରାଯାଏ। ଏହି କୋଷ ଏତେ ଛୋଟ ହୋଇଥାଏ ଯେ, ତାହା ଶରୀରର ଛୋଟ ଶିରାରେ ମଧ୍ୟ ସହଜରେ ଗତି କରିବାକୁ ସକ୍ଷମ ହୋଇଥାନ୍ତି। ତେବେ ଏହି ରକ୍ତର ଅନେକ ବିଶେଷତ୍ୱ ରହିଛି। ପ୍ରଥମତଃ ଏହାକୁ ଯେକୌଣସି ବ୍ଲଡ୍ ଗ୍ରୁପ୍ ବ୍ୟକ୍ତିବିଶେଷଙ୍କୁ ଦିଆଯାଇପାରିବ। ଦ୍ୱିତୀୟତଃ ଏହାକୁ ସଂରକ୍ଷିତ କରି ରଖିବା ପାଇଁ ଶୀତଳ ଭଣ୍ଡାରର ଆବଶ୍ୟକତା ନାହିଁ। ଏହାବ୍ୟତୀତ ଏଥିରେ କୌଣସି ପ୍ରକାର ସଂକ୍ରମଣର ଭୟ ମଧ୍ୟ ନାହିଁ। ବୈଜ୍ଞାନିକମାନେ ଏହାର ପରୀକ୍ଷା ସଫଳତାପୂର୍ବକ ମୂଷାଠାରେ କରିଛନ୍ତି। ମୂଷାର ୯୦ ପ୍ରତିଶତ ରକ୍ତକୁ କୃତ୍ରିମ ରକ୍ତରେ ରୂପାନ୍ତରିତ କରାଗଲା ଏବଂ ସେମାନଙ୍କ ରକ୍ତଚାପ ଏବଂ ଅମ୍ଳଜାନ ମାତ୍ରା ସାମାନ୍ୟ ଥିବା ଜଣାପଡ଼ିଛି। ଅବଶ୍ୟ ଖୁବ୍ ଶୀଘ୍ର ଏହା ମଣିଷଙ୍କ ଉପରେ ପରୀକ୍ଷା କରାଯିବ। ଏହା ସଫଳ ହେଲେ ୨୦୩୦ ଆଡ଼କୁ ଏହା ଚିକିତ୍ସା ସମୟରେ ବ୍ୟବହାର କରାଯାଇ ପାରିବ। ସେହିପରି ଏହି ପରୀକ୍ଷଣ ସଫଳ ରହିଲେ, ଏହି ଟେକ୍ନିକ୍ ସାରା ଦୁନିଆ ଲାଗି ଗେମ୍ ଚେଞ୍ଜର ସାବ୍ୟସ୍ତ ହେବ।

## ସମ୍ଭାବନା





# ୧୦ ବର୍ଷରେ ୪ କୋଟି ସଞ୍ଚୟ

**ଜଣେ ଭାରତୀୟ ଯୁବକଙ୍କ କାହାଣୀ ଏବେ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ତା'ସହ ତାଙ୍କ କାହାଣୀ ଅନ୍ୟମାନଙ୍କୁ ପ୍ରେରିତ କରିଛି। ୩୪ ବର୍ଷୀୟ ଏହି ଟେକ୍ନୋଲୋଜି ଏକ୍ସପର୍ଟ ୧୦ ବର୍ଷରେ ଚାରି କୋଟି ଟଙ୍କା ସଞ୍ଚୟ କରିଛନ୍ତି। ଏ ଲାଗି ସେ କୌଣସି ଲଟେରି ଖେଳି ନାହାନ୍ତି କିମ୍ବା କାହାରି ସାହାଯ୍ୟ ନେଇ ନାହାନ୍ତି। କେବଳ ନିଜ ପରିଶ୍ରମ, ଅନୁଶାସନ ଏବଂ ଶୃଙ୍ଖଳିତ ତଥା ସରଳ ଜୀବନକୁ ଆପଣାଇ ଟଙ୍କା ସଞ୍ଚୟ କରିବାରେ ସଫଳ ହୋଇଥିବା ସେ କହିଛନ୍ତି।**

ନିଜ ଜନ୍ମଦିନରେ ସମ୍ପୃକ୍ତ ଟେକ୍ନୋଲୋଜି ଏକ୍ସପର୍ଟ ଏହି କଥା ସେୟାର୍ କରିଛନ୍ତି। ସେ ଏବେ ୩୪ ବର୍ଷ ବୟସରେ ପାଦ ଥାପିଛନ୍ତି। ଏହାସହ ତାଙ୍କ ସଞ୍ଚୟ ୪ କୋଟି ଟଙ୍କା ଅତିକ୍ରମ କରିଛି। କେବଳ ୧୦ ବର୍ଷର ଧୈର୍ଯ୍ୟ, ପରିଶ୍ରମ ଓ ଅନୁଶାସନ ଯୋଗୁଁ ଏହା ସମ୍ଭବ ହୋଇଥିବା ସେ କହନ୍ତି। ତାଙ୍କ ପିଲାଦିନ ଅଭାବ ଅନଟନରେ ବିତିଥିବା ସେ କହିଛନ୍ତି। ତାଙ୍କ ବାପା ଶ୍ରମିକ ହୋଇଥିବାରୁ ଘର ଚଳାଇବା ଆଦୌ ସହଜ ନ ଥିଲା। ସେ ସରକାରୀ ହିନ୍ଦୀ ମାଧ୍ୟମ ସ୍କୁଲରୁ ପାଠପଢ଼ିଛନ୍ତି। ତେବେ ତାଙ୍କ ବାପା ସବୁ ବେଳେ କହି ଆସୁଥିଲେ, ଯେଉଁ ଦିନ ସେ ତାଙ୍କ ପୁଅ ପାଇଁ ପରିଚିତ ହେବେ, ସେଦିନ ତାଙ୍କ ବାପା ଗର୍ବ ଅନୁଭବ କରିବେ। ଏହି କଥା ତାଙ୍କ ଜୀବନର ସବୁଠୁ ବଡ଼ ପ୍ରେରଣା ପାଲଟିଲା।

ସେହିପରି ସେ କମ୍ପ୍ୟୁଟର ସଂସ୍ପର୍ଶରେ ଆସିବାରୁ ତାଙ୍କ ଜୀବନ ବଦଳି ଥିବା କହିଛନ୍ତି। ଭୋକ କ'ଣ ସେ ବୁଝିଛନ୍ତି। ତାଙ୍କ ଭୋକ କେବଳ ପେଟର ଯନ୍ତ୍ରଣାକୁ କମ୍ କରିବା ନ ଥିଲା, ଏହି ଭୋକ ବ୍ରାଣ୍ଡେଡ ଡ୍ରେସ ପିନ୍ଧିବାର ବି ଥିଲା। ଅନ୍ୟପଟେ ୧୦ ବର୍ଷରେ କିଭଳି ସେ ୧୦ କୋଟି ଟଙ୍କା ସଞ୍ଚୟ କରିଛନ୍ତି, ସେକଥା ବି ସେ କହିଛନ୍ତି। ସେ ଜୀବନରେ ଆଗକୁ ବଢ଼ିବା ପାଇଁ ବିଭିନ୍ନ ବହି, ଇଣ୍ଟରନେଟ୍‌ର ଆଦି ସାହାରା ବି ନେଇଛନ୍ତି। ଚାକିରି ସହିତ ପାର୍ଟ ଟାଇମ୍ କାମ କଲେ। ପ୍ରତି ମାସରେ ସଞ୍ଚୟ କରିବା ସହିତ ଖର୍ଚ୍ଚରେ ନିୟନ୍ତ୍ରଣ ଆଣିଲେ। ଗାଡ଼ି କରିବାର ଇଚ୍ଛା ଥିଲା, କିନ୍ତୁ ଘର କରିବାକୁ ତରବର ନ ଥିଲେ। ଆଜି ତାଙ୍କ ପାଖରେ କାର୍ ଓ ବାଇକ୍ ଅଛି। ହେଲେ ନିଜର ଘର ନାହିଁ। ସେ କହନ୍ତି, ତାଙ୍କ ବାପା ତାଙ୍କ ପରିଶ୍ରମକୁ ନେଇ ଗର୍ବ କରିବେ, ସମ୍ପତ୍ତିକୁ ନେଇ ନୁହେଁ। ସେ କହିଛନ୍ତି, ଜୀବନରେ ସଫଳ ହେବା ପାଇଁ ଇଂରାଜି ଜାଣିବା ଜରୁରି ନୁହେଁ, ନିଜ ଭିତରେ କଠିନ ପରିଶ୍ରମ ଓ ଆତ୍ମବିଶ୍ୱାସ ରହିବା ଦରକାର। ଏବେ ତାଙ୍କର ଏହି କାହାଣୀ ତାଙ୍କୁ ରିୟଲ ହିରୋର ପରିଚୟ ପ୍ରଦାନ କରିଛି।

# ବିନା ଇଣ୍ଟରନେଟ୍‌ରେ ଚାଟିଂ

ହ୍ୱାଟ୍ସଆପ୍ ତଥା ଫେସ୍‌ବୁକ୍‌ରେ ଚାଟିଂ କରିବା ପାଇଁ ଇଣ୍ଟରନେଟ୍ ଲୋଡ଼ା ପଡ଼େ। ହେଲେ ଏଣିକି ଚାଟିଂ ପାଇଁ ଆଉ ଇଣ୍ଟରନେଟ୍‌ର ଦରକାର ନାହିଁ। ଜ୍ୟାକ୍ ଡୋର୍ସିଙ୍କ ନୂଆ ମେସେଜିଂ ଆପ୍ 'ବିଟ୍‌ଚାଟ୍' ର ଏହା ହେଉଛି ବିଶେଷତ୍ୱ। ଏହି ଆପ୍ ବିନା ଇଣ୍ଟରନେଟ୍‌ରେ କାମ କରେ। ତେଣୁ ଇଣ୍ଟରନେଟ୍ ବିନା ଲୋକେ ଇନଷ୍ଟାଣ୍ଟ ମେସେଜିଂର ମଜା ନେଇପାରିବେ। ବିଟ୍‌ଚାଟ୍ ୱେବ୍୩ ଏବଂ ବ୍ଲକ୍ ଚେନ୍ ଟେକ୍ନୋଲୋଜି ଉପରେ ଆଧାରିତ। ଏଥିରେ ବ୍ୟବହାରକାରୀଙ୍କ ଡାଟା କୌଣସି ସେଣ୍ଟ୍ରାଲ ସର୍ଭର୍‌ରେ ରହି ନ ଥାଏ। ଏଥିରେ ଇନବିଲ୍ଟ କ୍ରିପ୍ଟୋ ୱାଲେଟ୍, ଏନକ୍ରିପଟେଡ୍ ଚାଟ୍, ଫାଇଲ ସେୟାରିଂ ଏବଂ ବିଜ୍ଞାପନ ନ ଥିବା ଭଳି ଫିଚର୍ସ ରହିଛି। ବ୍ଲୁଟୁଥ୍ ସଂଯୋଗ ଦ୍ୱାରା ଏଥିରେ ଚାଟିଂ କରିବା ସମ୍ଭବ। ଅବଶ୍ୟ ଏହା ସାଧାରଣ ଲୋକଙ୍କ ପାଇଁ ଏବେ ଲଞ୍ଚ ହୋଇ ନାହିଁ। ହେଲେ ଟେକ୍ନୋଲୋଜି ଦୁନିଆରେ ଏହାକୁ ନେଇ ଉତ୍ସାହ ଦେଖିବାକୁ ମିଳିଛି। ଏହି ଆପ୍ ୧୦୦ ମିଟର ପରିଧି ଭିତରେ ରହୁଥିବା ଡିଭାଇସ ପାଇଁ କାମ କରିବ। ଭବିଷ୍ୟତରେ ଏଥିରେ ୱାଇଫାଇ ସପୋର୍ଟ ମିଳିବା କୁହାଯାଉଛି।

# ଘରେ ବସି କରନ୍ତୁ ଚାକିରି



**ସମସ୍ତଙ୍କୁ ଚାକିରି ଜୀବନ ଭଲ ଲାଗେ। ସମୟ ସହିତ ଚାକିରିର ଚାପ ଓ ସମୟ ବ୍ୟକ୍ତିଗତ ଜୀବନକୁ ପ୍ରଭାବିତ କରିଥାଏ। ଫଳରେ ଚାକିରିରୁ ଧୀରେ ଧୀରେ ମୋହଭଙ୍ଗ ଆରମ୍ଭ ହୁଏ ଏବଂ ଅଫିସ୍ ଯିବାକୁ ଇଚ୍ଛା ହୁଏ ନାହିଁ। କିଛି ଚାକିରି ଏଭଳି ଅଛି, ଯେଉଁଥିରେ ଅଫିସ୍ ଯିବାକୁ ପଡ଼ିବ ନାହିଁ। ଘରେ ବସି କାମ କରିବା ସମ୍ଭବ।**

**କରିକୁଲମ୍ ଡିଜାଇନର:** କରିକୁଲମ୍ ଡିଜାଇନର କାମ ଘରେ ବସି କରିବା ସମ୍ଭବ। ଏହି କାମରେ କୌଣସି କୋର୍ସର ପାଠ୍ୟକ୍ରମ ଡିଜାଇନ କରିବାକୁ ହୋଇଥାଏ।

**କ୍ରିଏଟର ଆସିଷ୍ଟାଣ୍ଟ:** କ୍ରିଏଟର ଆସିଷ୍ଟାଣ୍ଟଙ୍କ କାମ ହେଉଛି ଇମେଲ ପଠାଇବା, କ୍ୟାପସନ ଲେଖିବା ଏବଂ ସୋସିଆଲ ମିଡିଆକୁ ହ୍ୟାଣ୍ଡେଲ କରିବା। ତେଣୁ ଏହି କାମ ମାଧ୍ୟମରେ ଜଣେ ଘରେ ରହି ରୋଜଗାର କରିପାରିବେ।

**କଲଚରାଲ କନସଲଣ୍ଟେଣ୍ଟ:** ଏହି କାମ ଖୁବ୍ ରୋମାଞ୍ଚକ ହୋଇଥାଏ। ଏହି ଚାକିରି ଅଲଗା ଅଲଗା ସ୍ଥାନର ସଂସ୍କୃତିକୁ ବୁଝିବାକୁ ବୁଝାଏ। ଏଥିରେ ପରାମର୍ଶଦାତା ଭାବେ କାମ କରିବାକୁ ହୋଇଥାଏ। ଯାହାକୁ ସହଜରେ ଅଫିସ୍ ନ ଯାଇ ଘରୁ ମଧ୍ୟ କରି ପାରିବେ।

**କମ୍ୟୁନିଟି ମ୍ୟାନେଜର:** କମ୍ୟୁନିଟି ମ୍ୟାନେଜରଙ୍କ କାମ ହେଉଛି ନେଟୱର୍କ ତିଆରି କରିବା। ଏହି ଚାକିରି ପ୍ରତ୍ୟେକ ବ୍ରାଣ୍ଡ ଲାଗି ଘରୁ ମଧ୍ୟ କରାଯାଇପାରିବ।

**କଣ୍ଟେଣ୍ଟ ରାଇଟର:** ଘରେ ବସି ପ୍ରୁଫ୍‌ରିଡର୍, ଏଡିଟର, ବ୍ଲଗର ଏବଂ କଣ୍ଟେଣ୍ଟ ରାଇଟରର କାମ କରି ରୋଜଗାର କରିପାରିବେ। ଏଥିରେ ଅଫିସ୍ ଯାଇ ସେତେ ବେଶି ଚାପ ନେବାକୁ ପଡ଼େ ନାହିଁ।

**ସୋସିଆଲ ମିଡିଆ ହ୍ୟାଣ୍ଡଲିଂ:** ଏହି କାମ ବି ଘରେ ବସି କରିବା ସହଜ। ଏହି କାମରେ ଯେକୌଣସି କମ୍ପାନିର ସୋସିଆଲ ମିଡିଆ ଆକାଉଣ୍ଟ ପରିଚାଳନା କରିବାକୁ ହୋଇଥାଏ।

# ଭଲ ନୁହେଁ ଓଭରସେୟାରିଂ



ଓଭରସେୟାରିଂର ଅର୍ଥ ହେଉଛି ନିଜର ବ୍ୟକ୍ତିଗତ କଥା ତଥା ଭାବନାକୁ ଆବଶ୍ୟକତାଠୁ ଅଧିକ ଅନ୍ୟମାନଙ୍କ ସହିତ ସେୟାର୍ କରିବା। ବିଶେଷକରି ଯେଉଁ କଥା ସେୟାର୍ କରିବା ଉଚିତ ନୁହେଁ, ସେସବୁକୁ ସେୟାର୍ କରିବା। ଏଭଳି କିଛି କୁହନ୍ତୁ ନାହିଁ, ଯାହାକୁ କହି ପରେ ଅନୁତାପ କିମ୍ବା ଅସୁରକ୍ଷିତ ମନେ କରିବେ। ସେହିପରି ଆବଶ୍ୟକତାଠୁ ଅଧିକ ସେୟାର୍ କରିବା ଦ୍ୱାରା ବ୍ୟକ୍ତିଗତ କଥା ସାମ୍ନାକୁ ଆସେ। ଏହା ଦ୍ୱାରା ବ୍ୟକ୍ତିଗତ ହୋଇ କିଛି ରହେ ନାହିଁ। ଅନ୍ୟପଟେ ସମସ୍ତେ ସବୁ କିଛି ଶୁଣିବାକୁ ଭଲପାଆନ୍ତି ନାହିଁ। ବେଳେ ବେଳେ ଅନ୍ୟମାନେ ମଧ୍ୟ ଅତିରିକ୍ତ କଥା ଶୁଣିବାରେ ଅସହଜ ଅନୁଭବ କରନ୍ତି। ଯଦ୍ୱାରା ନିଜକୁ ଲଜ୍ଜିତ ହେବା ଭଳି ଲାଗେ। ସେହିପରି କାର୍ଯ୍ୟାଳୟରେ ଆବଶ୍ୟକତାଠୁ ବେଶି ବ୍ୟକ୍ତିଗତ କଥା ଆଲୋଚନା କରିବା ବୃତ୍ତିଗତ ବ୍ୟକ୍ତିତ୍ୱ ଉପରେ ଖରାପ ପ୍ରଭାବ ପକାଏ। ଯେଉଁମାନେ ସବୁବେଳେ ବ୍ୟକ୍ତିଗତ କଥା ଆଲୋଚନା କରନ୍ତି, ସେମାନେ ବେଶି ଭରସାଯୋଗ୍ୟ ହୋଇ ନ ଥାନ୍ତି। ତା'ସହ ଏଭଳି ଲୋକ ଦୁର୍ବଳମନା ହୋଇଥାନ୍ତି ବୋଲି କୁହାଯାଏ। ପରିସ୍ଥିତି ଏମିତି ହୁଏ ଆବଶ୍ୟକତାଠୁ ବେଶି ସେୟାର୍ କରୁଥିବା ଲୋକଙ୍କ କଥାକୁ କେହି ଗମ୍ଭୀରତା ସହ ନେଇ ନ ଥାନ୍ତି। ଅନ୍ୟପଟେ ଅନଲାଇନ୍ ଓଭରସେୟାରିଂ ଦ୍ୱାରା ସାଇବରବୁଲିଂର ଶିକାର ମଧ୍ୟ ହେବାକୁ ପଡ଼ିଥାଏ। ଥରେ ଅନଲାଇନ୍‌ରେ କିଛି ସେୟାର୍ କରିବା ଦ୍ୱାରା ସେଥିରେ ଆଉ ନିୟନ୍ତ୍ରଣ ରହେ ନାହିଁ। ଫଳରେ ସେହି ତଥ୍ୟକୁ ଉପଯୋଗ କରାଯାଇ ହଇରାଣ କରାଯାଏ।

# ଲର୍ଡ୍ସରେ କାହିଁକି ହାରିଲା ଭାରତ

ଲର୍ଡ୍ସ,୧୫।୭ (ଏଜେନ୍ସି)

ଆଣ୍ଡରସନ-ତେନ୍ଦୁଲକର ଟ୍ରଫିର ତୃତୀୟ ମୁକାବିଲାରେ ଇଂଲଣ୍ଡ ନିକଟରୁ ୨୨ ରନ୍‌ରେ ହାରିଛି ଭାରତ। ଏତେ ଭଲ ଖେଳ, ପ୍ରଭାବୀ ପ୍ରଦର୍ଶନ ଓ ଲଢ଼େଇ କରିବା ପରେ ମଧ ଦଳର ପରାଜୟ ଖେଳାଳି ଓ ସମର୍ଥକଙ୍କୁ କରିଛି ନିରାଶ। ଏପରି ଅବସ୍ଥାରେ ଭାରତ କାହିଁକି ହାରିଲା ତାହାର କାରଣ ଖୋଜା ଚାଲିଛି। ସମସ୍ତ ବିଭାଗରେ ପ୍ରଭାବ ଖେଳିଥିଲେ ମଧ ଆଉ କିଛି ବାଉଣ୍ଡରୀ ମିଳିଥିଲେ ଆମେ ଏହି ମ୍ୟାଚ୍ ଜିତିପାରିଥାନ୍ତୁ ବୋଲି କହିଛନ୍ତି ଭାରତର ଅଧିନାୟକ ଶୁବମନ ଗିଲ୍। କିନ୍ତୁ ପରାଜୟର କାରଣ କ'ଣ ଏହା ହୋଇପାରେ। ଇଂଲଣ୍ଡ ଦଳ ଯେପରି ଉତ୍ସାହ ନେଇ ଏହି ମ୍ୟାଚ୍ ଖେଳିଥିଲା ତାହା କ'ଣ ଭାରତୀୟଙ୍କ ପାଖରେ ରହିଥିଲା କି? ଖେଳାଳିମାନେ ସଟ୍ ଚୟନରେ ନିୟନ୍ତ୍ରଣ ରଖିପାରିଥିଲେ କି? ନିଷ୍ପତ୍ତି ନେବାରେ କିଛି ଖେଳାଳି ତ୍ରୁଟି କରି ନ ଥିଲେ କି? ଏଭଳି ଅନେକ ପ୍ରଶ୍ନର ଉତ୍ତର ପାଇଲେ ଭାରତୀୟ ଦଳର ରୋମାଞ୍ଚକ ପରାଜୟର କାରଣ ମିଳିଯିବ। ଭାରତ ଏହି ମ୍ୟାଚ୍ ହାରିଛି ସତ, କିନ୍ତୁ ପରବର୍ତ୍ତୀ ଦୁଇଟି ଟେଷ୍ଟ ଯେ, ଲଢ଼େଇ ନହେବ ତାହା କିଏ କହିବ। ଜୁଲାଇ ୨୩ରୁ ଚତୁର୍ଥ ଟେଷ୍ଟ ଖେଳାଯିବ। ଏବେ ଇଂଲଣ୍ଡ ପ୍ରଥମ ଓ ତୃତୀୟ ଟେଷ୍ଟରେ ବିଜୟୀ ହୋଇଛି। ଦ୍ୱିତୀୟ ଟେଷ୍ଟ କବ୍‌ଜା କରିଛି ଭାରତ। ସିରିଜ୍‌ରେ ଇଂଲଣ୍ଡ ୨-୧ରେ ଆଗୁଆ ରହିଛି। ଭାରତ ହାରିଥିବା ଦୁଇଟି ଯାକ ମ୍ୟାଚ୍‌କୁ ହାତଛଡ଼ା କରିଥିଲା। ଖେଳାଳିଙ୍କ ମନରେ ଅଧିକ ଉତ୍ସାହ ନ ଆସିଲେ, ଏହି ସିରିଜ୍ ଯେ ହାତଛଡା ହୋଇ ନ ଯିବ ତାହା କିଏ କହିବ?

ଭାରତୀୟ ଦଳର କିଛି ଖେଳାଳିଙ୍କ ପ୍ରଦର୍ଶନକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଦ୍ୱିତୀୟ ଇନିଂସରେ କରୁନ ନାୟାର ବଲ ଛାଡି ଏଲ୍‌ବିଡବ୍ଲ୍ୟୁ ହେବା, ଶୁବମନ ଗିଲ୍ ଅଯଥାରେ ବିବାଦ ସୃଷ୍ଟିକରିବା, ଇଂଲଣ୍ଡ ଖେଳାଳିଙ୍କୁ ସ୍ଲେଜିଂ କରିବାକୁ ଉତ୍ସାହିତ କରିବା ଆଦି ଘଟଣା ଭାରତ ସପକ୍ଷରେ ଯାଇନାହିଁ। ଅନ୍ୟପକ୍ଷରେ କହିବାକୁ ଗଲେ, ଯାହା ଭାରତୀୟ ମାନେ କରି ସମ୍ଭାଳି ନ ପାରିବେ ତାହା ଏହି ଟେଷ୍ଟରେ କରିବାକୁ ପଛାଇନାହାନ୍ତି। ଏଣୁ ଇଂଲଣ୍ଡର ବ୍ୟୁହରେ ଭାରତୀୟ ଖେଳାଳି ଫସିବାରେ ସମର୍ଥ ହୋଇଛନ୍ତି। ୮୨ ରନ୍‌ରେ ଦଳ ୭ମ ଓ ୧୧୨ ରନ୍‌ରେ ୮ମ ୱିକେଟ ହରାଇବା ପରେ ରବୀନ୍ଦ୍ର ଜାଡେଜାଙ୍କ ସହ ବ୍ୟାଟିଂ କରିବାକୁ ଆସିଥିଲେ। ସେ ଅତ୍ୟନ୍ତ ସତର୍କତାର ସହ ଖେଳି ଇଂଲଣ୍ଡକୁ ନିରାଶ କରିବା ସହ ଭାରତୀୟ ଶିବିରରେ ବିଜୟ ଆଶା ସଞ୍ଚାର କରିଥିଲେ। ତାଙ୍କୁ ଆଉଟ କରିବାକୁ ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସ ବ୍ୟୁହ ରଚନା କରିଥିଲେ। ସେ କୌଣସି ସଟ୍ ଖେଳିବାରୁ ବିରତ ରହିଥିଲେ ମଧ ସର୍ଟପିଚ୍ ବଲ୍‌କୁ ଖେଳିବାକୁ ଚେଷ୍ଟା କରିଥିଲେ। ଯାହା ଫଳରେ ତାଙ୍କୁ କେବଳ ସର୍ଟପିଚ୍ ବଲ ପକାଇଥିଲେ ଷ୍ଟୋକ୍ସ। ଏହା ଫଳରେ ବୁମ୍‌ରା ସଟ୍ ମାରିବାକୁ ଯାଇ ଧରା ପଡ଼ିଥିଲେ ଓ ଭାରତ ବିଜୟ ଆଶା ଛାଡିଦେଇଥିଲା। ସିରାଜ ଯେତେ ଭଲ ଖେଳିଥିଲେ ମଧ ସେ କିଛି ନା କିଛି ତ୍ରୁଟି କରିବେ ବୋଲି ଆଶଙ୍କା ରହିଥିଲା। କିନ୍ତୁ ଏହା ସେ କରି ନ ଥିଲେ ମଧ ରକ୍ଷଣାତ୍ମକ ଭାବେ ଖେଳିଥିବା ବଲ୍ ଅତି ସହଜରେ ଖେଳିଥିବାରୁ ତାହା ଧୀରେ ଧୀରେ ଡ୍ରପ୍ ହୋଇ ସିରାଜଙ୍କ ଲେଗ୍ ଷ୍ଟମ୍ପ ଭାଙ୍ଗିଦେଇଥିଲା। ଏହି ଷ୍ଟମ୍ପ ଭାଙ୍ଗିବା ସହ ଇଂଲଣ୍ଡ ଖେଳାଳି ମାନେ ବିଜୟ ଉତ୍ସବରେ ମନୋନିବେଶ କରିଥିଲେ।



ଏହା ବ୍ୟତୀତ ଭାରତର ହାରିବାରେ ଦୁଇଟି ବଡ଼ କାରଣ ରହିଛି। ଏହା ମଧ୍ୟରୁ ମ୍ୟାଚ୍‌ର ଦ୍ୱିତୀୟ ଦିନ ସକାଳେ ବଲ ପରିବର୍ତ୍ତନ। ଏହି ସମୟରେ ବୁମ୍‌ରା ଚମତ୍କାର ବୋଲିଂ କରି ୩ଟି ୱିକେଟ ନେଇଥିଲେ। ଇଂଲଣ୍ଡ ୪ ୱିକେଟରେ ୨୬୦ରୁ ୭ ୱିକେଟରେ ୨୭୧ ରନ୍‌ରେ ପହଞ୍ଚିଥିଲା। ଏହି ସମୟରେ ବଲ ପରିବର୍ତ୍ତନ କରାଯିବା ଫଳରେ ବ୍ରାଉଡନ କାର୍ସଙ୍କ ନେତୃତ୍ୱରେ ଇଂଲଣ୍ଡର ନିମ୍ନଭାଗ ଭଲ ବ୍ୟାଟିଂ କରି ଦଳୀୟ ସ୍କୋରକୁ ୩୮୭ ଯାଏ ନେଇଯାଇଥିଲେ। ଏହି ବଲ ପରିବର୍ତ୍ତରେ ପୂରା ଖୁସି ନ ଥିଲେ ଭାରତୀୟ ଦଳର ଖେଳାଳିମାନେ।

ଦ୍ୱିତୀୟଟି ହେଲା ଋଷଭ ପନ୍ତଙ୍କ ରନ୍‌ଆଉଟ। ଭାରତର ପ୍ରଥମ ଇନିଂସରେ ରାହୁଲ ଓ ପନ୍ତ ଦମ୍‌ଦାର ବ୍ୟାଟିଂ କରି ଇଂଲଣ୍ଡକୁ ବ୍ୟାକ୍‌ଫୁଟ୍‌କୁ ଠେଲିଦେଇଥିଲେ। ଲଞ୍ଚ ପୂର୍ବରୁ ପନ୍ତ ଏକ କଷ୍ଟସାଦ୍ଧ ବା ବିପଜ୍ଜନକ ରନ୍ ନେବାକୁ ଚେଷ୍ଟା କରିଥିଲେ। ଏହା ସୁଫଳ ମିଳିଥିଲା ଇଂଲଣ୍ଡକୁ। ଏହି ସମୟରେ ବୋଲିଂ କରୁଥିବା ଷ୍ଟୋକ୍ସଙ୍କ ଡାଇରେକ୍ଟ ଥ୍ରୋ'ରେ ରନ୍‌ଆଉଟ ହୋଇଥିଲେ ପନ୍ତ। ଅତି ସହଜରେ ବ୍ୟାଟିଂ କରୁଥିବା ଏହି ଯୋଡି ଭାଙ୍ଗିବା ପରେ ସବୁକିଛି ବଦଳିଯାଇଥିଲା।

ଖେଳ ହେଉ ଅବା ଅନ୍ୟକିଛି ଘଟଣାରେ ତ୍ରୁଟି ରହିବା ସ୍ୱାଭାବିକ୍। କିନ୍ତୁ ଏହାକୁ ସୁଧାରିବାରେ ଶ୍ରେଷ୍ଠ ଖେଳାଳିମାନେ ନିଜକୁ ଚେଷ୍ଟା କରିଥାନ୍ତି। ଏବେ ଚଳିତ ସିରିଜ୍‌ରେ ବାକିଥିବା ଦୁଇଟି ଟେଷ୍ଟରେ ଭାରତୀୟ ଖେଳାଳିମାନେ କିପରି ପ୍ରଦର୍ଶନ କରୁଛନ୍ତି, ତାହା ଉପରେ ଭାରତୀୟ ଦଳର ସିରିଜ୍ ବିଜୟ ନିର୍ଭର କରୁଛି।

● ୨୦୨୮ ଲସ୍ ଆଞ୍ଜେଲ୍ସ ଅଲିମ୍ପିକ୍ସ

## ପୁରୁଷ ଓ ମହିଳାରେ ଭାଗନେବେ ୬ ଦଳ

ଲସ୍ ଆଞ୍ଜେଲ୍ସ, ୧୫।୭ (ଏଜେନ୍ସି): ଦୀର୍ଘ ୧୨୮ ବର୍ଷର ବ୍ୟବଧାନ ପରେ କ୍ରୀଡ଼ାର ମହାକୁମ୍ଭ ଅଲିମ୍ପିକ୍ସକୁ କ୍ରିକେଟ୍ ପ୍ରତ୍ୟାବର୍ତ୍ତନ କରିଛି। ୨୦୨୮ରେ ଆମେରିକାର ଲସ୍ ଆଞ୍ଜେଲ୍ସରେ ଆୟୋଜିତ ହେବାକୁ ଥିବା ଅଲିମ୍ପିକ୍ସର ୩୪ତମ ସଂସ୍କରଣରେ କ୍ରିକେଟ୍ ଖେଳାଯିବ। ଏଥିଲାଗି ୨୦୨୮ ଅଲିମ୍ପିକ୍ସ ଆୟୋଜକଙ୍କ ପକ୍ଷରୁ କ୍ରିକେଟ୍ କ୍ରୀଡ଼ାର କାର୍ଯ୍ୟସୂଚୀ ଘୋଷଣା କରାଯାଇଛି। ଅଲିମ୍ପିକର ଏହି ସଂସ୍କରଣ ଜୁଲାଇ ୧୪ରୁ ଆରମ୍ଭ ହେବ। କିନ୍ତୁ ଏହାର ଦୁଇଦିନ ପୂର୍ବରୁ ଅର୍ଥାତ୍ ଜୁଲାଇ ୧୨ରୁ କ୍ରିକେଟ୍ ଇଭେଣ୍ଟର ମ୍ୟାଚ୍ ଆରମ୍ଭ ହୋଇଯିବ। ଜୁଲାଇ ୨୯ରେ କ୍ରିକେଟ୍ ମ୍ୟାଚ୍ କାର୍ଯ୍ୟସୂଚୀ ଶେଷ ହେବ। ମହିଳା ବିଭାଗର ଫାଇନାଲ ଓ କାଂସ୍ୟ ପଦକ ମ୍ୟାଚ୍ ଜୁଲାଇ ୨୦ରେ ଓ ପୁରୁଷ ବିଭାଗର ଜୁଲାଇ ୨୯ରେ ଆୟୋଜିତ ହେବ ବୋଲି ଜଣାପଡ଼ିଛି।

ଟି-୨୦ ଫର୍ମାଟ୍‌ରେ ମ୍ୟାଚ୍‌ଗୁଡ଼ିକ ଖେଳାଯିବ। ଉଭୟ ପୁରୁଷ ଓ ମହିଳା ବିଭାଗରେ ବିଶ୍ୱ ମାନ୍ୟତାର ଶ୍ରେଷ୍ଠ-୬ଟି ଦଳ ଅଲିମ୍ପିକ୍ସକୁ ଯୋଗ୍ୟତା ଅର୍ଜନ କରିବେ। ପ୍ରତ୍ୟେକ ଦଳରେ ୧୫ଜଣ ହିସାବରେ ମୋଟ୍ ୧୮୦ଜଣ ପୁରୁଷ ଓ ମହିଳା କ୍ରିକେଟ୍ ଖେଳାଳି ଏହି ମେଗା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। କ୍ରିକେଟ୍ ମ୍ୟାଚ୍‌ଗୁଡ଼ିକ ଲସ୍ ଆଞ୍ଜେଲ୍ସଠାରୁ ୫୦ କିଲୋମିଟର ଦୂର ପୋମୋନା ସହରର ଫେୟାର ଗ୍ରାଉଣ୍ଡ ଷ୍ଟାଡିୟମରେ ଖେଳାଯିବାକୁ ସ୍ଥିର ରହିଛି। ଏଠାରେ ଉଲ୍ଲେଖଯୋଗ୍ୟ, ୧୨୮ ବର୍ଷ ତଳେ ୧୯୦୦ ମସିହାରେ ପ୍ୟାରିସରେ ଆୟୋଜିତ ଅଲିମ୍ପିକ୍ସରେ କ୍ରିକେଟ୍‌କୁ ପ୍ରଥମଓ ଶେଷଥର ସାମିଲ କରାଯାଇଥିଲା। ଏଥିରେ ୨ଟି ଦଳ ଗ୍ରେଟ୍ ବ୍ରିଟେ ଓ ଫ୍ରାନ୍ସ ଅଂଶଗ୍ରହଣ କରିଥିଲେ। ଗ୍ରେଟ୍ ବିଟେନ ଏଥିରେ ସ୍ୱର୍ଣ୍ଣପଦକ ଜିତିଥିଲା।

## ଷ୍ଟୋକ୍ସ: ଗୋଟିଏ ଭେନ୍ୟୁରେ ସର୍ବାଧିକ ମ୍ୟାନ୍ ଅଫ୍ ଦି ମ୍ୟାଚ୍



ଲର୍ଡ୍ସ,୧୫।୭ (ଏଜେନ୍ସି): ଇଂଲଣ୍ଡ ବିପକ୍ଷ ତୃତୀୟ ଟେଷ୍ଟରେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିବା ଇଂଲଣ୍ଡ ଅଧିନାୟକ ଲର୍ଡ୍ସ କ୍ରିକେଟ ଗ୍ରାଉଣ୍ଡରେ ଏହି ପୁରସ୍କାର ସର୍ବାଧିକ ୪ଥର ଜିତିଛନ୍ତି। ଏହି ମ୍ୟାଚ୍‌ରେ ସେ ୭୭ ରନ୍, ୫ ୱିକେଟ ନେବା ସହ ପନ୍ତଙ୍କୁ ରନ୍‌ଆଉଟ କରିଥିଲେ। ସେହିପରି ୨୦୧୫ରେ ନ୍ୟୁଜିଲାଣ୍ଡ ବିପକ୍ଷ ଟେଷ୍ଟରେ ସେ ୧୯୩ ରନ୍ ଓ ୩ ୱିକେଟ, ୨୦୧୭ ୱେଷ୍ଟଇଣ୍ଡିଜ୍ ବିପକ୍ଷ ଟେଷ୍ଟରେ ୬୦ ରନ୍ କରିବା ସହ ୬ ୱିକେଟ, ୨୦୧୯ରେ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟରେ ୧୨୮ ରନ୍ କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଗୋଟିଏ ଭେନ୍ୟୁରେ ସର୍ବାଧିକ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପାଇବାରେ ଷ୍ଟୋକ୍ସ ରେକର୍ଡ କରିଛନ୍ତି।

## ଜାପାନ ଓପନ୍: ଆରମ୍ଭରୁ ଋତୁପର୍ଣ୍ଣା-ଶ୍ୱେତପର୍ଣ୍ଣା ବିଦା

ଭୁବନେଶ୍ୱର, ୧୫।୭ (ସମିସ): ଟୋକିଓରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ଜାପାନ ଓପନ୍ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ଓଡ଼ିଶାର ପଣ୍ଡା ଭଗିନୀ ଋତୁପର୍ଣ୍ଣା ଓ ଶ୍ୱେତପର୍ଣ୍ଣାଙ୍କୁ ନିରାଶ ହେବାକୁ ପଡ଼ିଛି। ମହିଳା ଡବଲ୍ସର ପ୍ରଥମ ରାଉଣ୍ଡରେ ଋତୁପର୍ଣ୍ଣା-ଶ୍ୱେତପର୍ଣ୍ଣା ଯୋଡ଼ି ୧୩-୨୧, ୭-୨୧ ସିଧାସଳଖ ଗେମ୍‌ରେ ଘରୋଇ ଜାପାନ ଯୋଡ଼ି କୋକୋନା ଇଶିକାୱା ଓ ମାଇକୋ କାୱଜୋଓଙ୍କ ନିକଟରୁ ପରାସ୍ତ ହୋଇଛନ୍ତି।

ଟେଷ୍ଟ କ୍ରିକେଟ୍‌ରେ ଦ୍ୱିତୀୟ ସର୍ବନିମ୍ନ ସ୍କୋର

## ୱେଷ୍ଟଇଣ୍ଡିଜ ୨୭ରେ ଅଲ୍‌ଆଉଟ୍

କିଙ୍ଗ୍‌ସଟନ୍, ୧୫।୭ (ଏଜେନ୍ସି): ଭ୍ରମଣକାରୀ ଅଷ୍ଟ୍ରେଲିଆ ବିପକ୍ଷରେ ସ୍ଥାନୀୟ ସାବିନା ପାର୍କରେ ଚାଲିଥିବା ଅନ୍ତିମ ତଥା ତୃତୀୟ ଟେଷ୍ଟରେ ୨୦୪ ରନର ଲକ୍ଷ୍ୟକୁ ପିଛା କରିଥିବା ୱେଷ୍ଟଇଣ୍ଡିଜ ଅତ୍ୟନ୍ତ ଦୟନୀୟ ପ୍ରଦର୍ଶନ କରି ମାତ୍ର ୨୭ ରନରେ ଅଲ୍‌ଆଉଟ୍ ହୋଇଛି। ବାମହାତୀ ଦ୍ରୁତ ବୋଲର ମିଚେଲ ଷ୍ଟାର୍କଙ୍କ ରେକର୍ଡ ୬ ୱିକେଟ୍ ସଫଳତା ଓ ସ୍କଟ୍ ବୋଲାଣ୍ଡଙ୍କ ହ୍ୟାଟ୍ରିକ ଯୋଗୁ ଅଷ୍ଟ୍ରେଲିଆ ଏହି ମ୍ୟାଚକୁ ୧୭୬ ରନରେ ଜିତିବା ସହ ଟେଷ୍ଟ ସିରିଜକୁ ୩-୦ରେ କ୍ଲିନସୁଇପ୍ କରିନେଇଛି। ପ୍ୟାଟ୍ କମିନ୍ସଙ୍କ ନେତୃତ୍ୱାଧୀନ ଅଷ୍ଟ୍ରେଲିଆ ପୂର୍ବରୁ ପ୍ରଥମ ଦୁଇ ଟେଷ୍ଟକୁ ଯଥାକ୍ରମେ ୧୫୯ ରନ ଓ ୧୩୩ ରନରେ ବିଜୟୀ ହୋଇଥିଲା।



ମିଚେଲ ଷ୍ଟାର୍କ
୭.୩-୪-୯-୬



ସ୍କଟ୍ ବୋଲାଣ୍ଡ
୨-୧-୨-୩

ପିଙ୍କ୍ ବଲ୍ ଓ ଦିବା-ରାତ୍ର ବିଶିଷ୍ଟ ଏହି ଟେଷ୍ଟରେ ଅଷ୍ଟ୍ରେଲିଆ ପ୍ରଦତ୍ତ ୨୦୪ ରନର ଲକ୍ଷ୍ୟକୁ ପିଛା କରିଥିବା ଘରୋଇ ୱେଷ୍ଟଇଣ୍ଡିଜ ତୃତୀୟ ଦିବସରେ ଦ୍ୱିତୀୟ ପାଳିରେ ମାତ୍ର ୧୪.୩ ଓଭର ଖେଳି ୨୭ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳର ୭ଜଣ ଖେଳାଳି ଖାତା ଖୋଲିପାରି ନ ଥିବାବେଳେ ଜଷ୍ଟିନ ଗ୍ରେଭସ ସର୍ବାଧିକ ୧୧ ରନ କରିଥିଲେ। ୱେଷ୍ଟଇଣ୍ଡିଜ ଅଳ୍ପକେ ଟେଷ୍ଟ ଇତିହାସର ସର୍ବନିମ୍ନ ସ୍କୋର ଭଳି ଅଲୋଡ଼ା ରେକର୍ଡରୁ ବର୍ତ୍ତିଯାଇଛି। ୧୯୫୫ରେ ଇଂଲଣ୍ଡ ବିପକ୍ଷରେ ନ୍ୟୁଜିଲାଣ୍ଡ ମାତ୍ର ୨୬ ରନରେ ଅଲ୍‌ଆଉଟ୍ ହୋଇ ଏହି ଅଲୋଡ଼ା ରେକର୍ଡର ଅଧିକାରୀ ରହିଛି। ସେହିଭଳି ଷ୍ଟାର୍କ ଟେଷ୍ଟ କ୍ରିକେଟ୍‌ରେ ସବୁଠୁ କମ୍ ବଲ୍ ପକାଇ ୫ ୱିକେଟ୍ ସଫଳତା ପାଇଛନ୍ତି। ସେ ଦ୍ୱିତୀୟ ପାଳିରେ ବୋଲିଂ କରିଥିବା ପ୍ରଥମ ୧୫ଟି ବଲରେ ୱେଷ୍ଟଇଣ୍ଡିଜର ୫ଜଣ ବ୍ୟାଟରଙ୍କୁ ଆଉଟ୍ କରିଥିଲେ। ପୂର୍ବରୁ ଏର୍ନି ତୋସହାକ (ବନାମ ଭାରତ, ୧୯୪୭), ଷ୍ଟୁଆର୍ଟ ବ୍ରଡ୍ (ବନାମ ଅଷ୍ଟ୍ରେଲିଆ ୨୦୧୫) ଓ ସ୍କଟ୍ ବୋଲାଣ୍ଡ (ବନାମ ଇଂଲଣ୍ଡ, ୨୦୨୧) ପ୍ରତ୍ୟେକ ପାଳିରେ ୧୯ଟି ବଲ୍ ପକାଇଥିବାବେଳେ ୫ ୱିକେଟ୍ ସଫଳତା ପାଇଥିଲେ। ୱେଷ୍ଟଇଣ୍ଡିଜ ୨ୟ ପାଳିର ପ୍ରଥମ ଓଭରରେ ଷ୍ଟାର୍କ ୩ଟି ୱିକେଟ ନେଇଥିଲେ। ଇର୍ଫାନ ପଠାନଙ୍କ ପରେ ସେ ବିଶ୍ୱର ୨ୟ ବୋଲର ଭାବେ ଟେଷ୍ଟ କ୍ରିକେଟରେ ପାଳିର ପ୍ରଥମ ଓଭରରେ ୩ଜଣଙ୍କୁ ଆଉଟ୍ କରିଛନ୍ତି। ଏହିକ୍ରମରେ ଷ୍ଟାର୍କ ମଧ ଟେଷ୍ଟରେ ୪୦୦ ୱିକେଟ୍ ମାଇଲଖୁଣ୍ଟ ଛୁଇଁଛନ୍ତି।

**ଟେଷ୍ଟରେ ସର୍ବନିମ୍ନ ସ୍କୋର**

| ଦଳ | ସ୍କୋର | ଓଭର | ପ୍ରତିପକ୍ଷ | ବର୍ଷ |
|---|---|---|---|---|
| ନ୍ୟୁଜିଲାଣ୍ଡ | ୨୬ | ୨୭.୦ | ଇଂଲଣ୍ଡ | ୧୯୫୫ |
| ୱେଷ୍ଟଇଣ୍ଡିଜ | ୨୭ | ୧୪.୩ | ଅଷ୍ଟ୍ରେଲିଆ | ୨୦୨୫ |
| ଦ.ଆଫ୍ରିକା | ୩୦ | ୧୮.୪ | ଇଂଲଣ୍ଡ | ୧୮୯୬ |
| ଦ.ଆଫ୍ରିକା | ୩୦ | ୧୨.୩ | ଇଂଲଣ୍ଡ | ୧୯୨୪ |
| ଦ.ଆଫ୍ରିକା | ୩୫ | ୨୨.୪ | ଇଂଲଣ୍ଡ | ୧୮୯୯ |
| ଦ.ଆଫ୍ରିକା | ୩୬ | ୨୩.୨ | ଅଷ୍ଟ୍ରେଲିଆ | ୧୯୩୨ |
| ଅଷ୍ଟ୍ରେଲିଆ | ୩୬ | ୨୩.୦ | ଇଂଲଣ୍ଡ | ୧୯୦୨ |
| ଭାରତ | ୩୬ | ୨୧.୨ | ଅଷ୍ଟ୍ରେଲିଆ | ୨୦୨୦ |
| ଆୟର୍ଲାଣ୍ଡ | ୩୮ | ୧୫.୪ | ଇଂଲଣ୍ଡ | ୨୦୧୯ |
| ନ୍ୟୁଜିଲାଣ୍ଡ | ୪୨ | ୩୯.୦ | ଅଷ୍ଟ୍ରେଲିଆ | ୧୯୪୬ |

ବି.ଦ୍ର: ୧୮୯୬ ଓ ୧୮୯୯ରେ ଦ.ଆଫ୍ରିକା ଖେଳିଥିବା ଟେଷ୍ଟରେ ଓଭରରେ ୫ଟି ବଲ୍ ବୋଲିଂ ହେଉଥିଲା।

## ଚତୁର୍ଥ ଟେଷ୍ଟ ଲାଗି ଇଂଲଣ୍ଡ ଦଳରୁ ବାଦ୍ ପଡ଼ିଲେ ବସିର୍

ଲର୍ଡ୍ସ,୧୫।୭ (ଏଜେନ୍ସି): ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫୋର୍ଡରେ ଜୁଲାଇ ୨୩ରୁ ଖେଳାଯିବାକୁ ଥିବା ଭାରତ ବିପକ୍ଷ ଚତୁର୍ଥ ଟେଷ୍ଟ ଲାଗି ଇଂଲଣ୍ଡ ଏକ ୧୪ଜଣିଆ ଦଳ ଘୋଷଣା କରିଛି। ପୂର୍ବରୁ ଘୋଷିତ ଦଳରରୁ ଆଙ୍ଗୁଠି ଭାଙ୍ଗିଥିବା ସ୍ପିନର ସୋଏବ ବସିର, ଜେମି ଓଭରଟନ ଓ ସାମ୍ କୁକ୍‌ଙ୍କୁ ଦଳ ବାଦ୍ ଦେଇଛି। ଏମାନଙ୍କ ସ୍ଥାନରେ କେବଳ ଜଣେ ସ୍ପିନର ବାମହାତୀ ଲିଆମ ଡାୱସନଙ୍କୁ ଦଳରେ ସାମିଲ କରାଯାଇଛି। ଜୁଲାଇ ୨୦୧୭ରେ ଦକ୍ଷିଣ ଆଫ୍ରିକା ସହ ଶେଷ ଟେଷ୍ଟ ମ୍ୟାଚ୍ ଖେଳିଥିବା ଡାୱସନ ଗତ ଦୁଇଟି କାଉଣ୍ଟି ସିଜନରେ ସେ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ୩୫ ବର୍ଷୀୟ ଡାୱସନ ଏଯାଏ ୩ଟି ଟେଷ୍ଟ ଖେଳି ୭ଟି ୱିକେଟ ଅକ୍ତିଆର କରିଛନ୍ତି। ଦଳର ଦୁଇ ଫାଷ୍ଟ ବୋଲର ଓଭରଟନ ଓ କୁକ୍ ଏବେ ନିଜ ନିଜର ଟିମ୍ ପକ୍ଷରୁ କାଉଣ୍ଟି ଖେଳିବାକୁ ଛାଡି ଦିଆଯାଇଛି। ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ତୃତୀୟ ଟେଷ୍ଟ ଶେଷସୁଦ୍ଧା ଇଂଲଣ୍ଡ ୨-୧ରେ ଆଗୁଆ ରହିଛି। ସିରିଜ୍‌ର ଚତୁର୍ଥ ଟେଷ୍ଟ ଜୁଲାଇ ୨୩ରୁ ଖେଳାଯିବ। ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫୋର୍ଡରେ ଏହି ମ୍ୟାଚ୍ ଜୁଲାଇ ୨୭ ଯାଏ ଖେଳାଯିବାର କାର୍ଯ୍ୟକ୍ରମ ରହିଛି।



ଲିଆମ ଡାଓ୍ୱସନ


**ଇଂଲଣ୍ଡ ଦଳ**

ଜ୍ୟାକ୍ କ୍ରାଲୀ, ବେନ୍ ଡକେଟ, ଓଲି ପୋପ୍, ଜୋ ରୁଟ୍, ହ୍ୟାରୀ ବ୍ରୁକ୍, ବେନ୍ ଷ୍ଟୋକ୍ସ (ଅଧିନାୟକ), ଜେମି ସ୍ମିଥ୍ (ୱିକେଟରକ୍ଷକ), କ୍ରିସ୍ ୱକ୍ସ, ଜୋଫ୍ରା ଆର୍ଚର, ବ୍ରାଇଡନ କାର୍ସ, ଜୋଶ ଟଙ୍ଗ୍, ଗସ୍ ଆଟକିନସନ, ଜ୍ୟାକବ ବେଥେଲ ଓ ଲିଆମ ଡାୱସନ।

ସର୍ବଭାରତୀୟ ସିନିଅର ର‍୍ୟାଙ୍କିଙ୍ଗ୍ ବ୍ୟାଡମିଣ୍ଟନ ଉଦ୍‌ଯାପିତ

## ମହିଳାରେ ଇଶାରାଣୀ, ପୁରୁଷରେ ଗିନ୍‌ପଲ୍ ଚାମ୍ପିଅନ

ଭୁବନେଶ୍ୱର,୧୫।୭ (ସମିସ):




କଳିଙ୍ଗ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ନ୍ୟାସନାଲ ସିନିଅର ର‍୍ୟାଙ୍କିଙ୍ଗ୍ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାର ମହିଳା ଏକକରେ ଆସାମର ଇଶାରାଣୀ ବରୁଆ ଓ ପୁରୁଷ ଏକକରେ ଦିଲ୍ଲୀର ଏସ୍ ଗିନ୍‌ପଲ ଚାମ୍ପିଅନ ହୋଇଛନ୍ତି। ମଙ୍ଗଳବାର ଖେଳାଯାଇଥିବା ମହିଳା ଫାଇନାଲରେ ତୃତୀୟ ସିଡ୍ ଇଶାରାଣୀ ୨୩-୨୧, ୨୧-୧୦ରେ ଟପ୍ ସିଡ୍ ଉତ୍ତରପ୍ରଦେଶର ମାନସି ସିଂଙ୍କୁ ପରାସ୍ତ କରିଥିଲେ। ସେହିପରି ପୁରୁଷ ଫାଇନାଲରେ ଏକାଦଶ ସିଡ୍ ଦିଲ୍ଲୀର ଏସ୍ ଗିନ୍‌ପଲ ୨୧-୧୭, ୨୧-୧୬ରେ ୧୫ତମ ସିଡ୍ ମନରାଜ ସିଂଙ୍କୁ ପରାସ୍ତ କରି ଟାଇଟଲ ଜିତିଥିଲେ।

ପୂର୍ବରୁ ଖେଳାଯାଇଥିବା ମହିଳା ଯୁଗଳରେ ଦ୍ୱିତୀୟ ସିଡ୍ ତାମିଲନାଡୁର ଶ୍ରେୟା ବାଲାଜୀ ଓ ଦୀପ୍ତା ଏସ୍‌ଙ୍କ ଯୋଡି ୨୧-୧୩, ୧୮-୨୧, ୨୧-୯ରେ ଉତ୍ତରାଖଣ୍ଡର ଅନୟା ବିଷ୍ଟ ଓ ଆଞ୍ଜେଲ ପୁନେରାଙ୍କୁ ହରାଇ ଟାଇଟଲ ଜିତିଛନ୍ତି। ସେହିପରି ପୁରୁଷ ଯୁଗଳରେ ଉତ୍ତରାଖଣ୍ଡର ଧ୍ରୁବ ରାୱତ ଓ ଆସାମର ସୁରଜ ଗୋଆଲା, ମିଶ୍ରିତ ଯୁଗଳରେ କର୍ଣ୍ଣାଟକର ନିତୀନ ଏଚ୍‌ଭି ଓ ତାମିଲନାଡୁର ଶ୍ରୀନୀଧି ଏନ୍‌ଙ୍କ ଯୋଡି ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି।

ଭାରତୀୟ ଓ ଓଡ଼ିଶା ବ୍ୟାଡ୍‌ମିଣ୍ଟନ ସଂଘ ଏବଂ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଜୁଲାଇ ୮ରୁ ଆରମ୍ଭ ହୋଇଥିଲା। ମଙ୍ଗଳବାର ଉଦ୍‌ଯାପନ ଉତ୍ସବରେ ରାଜ୍ୟ କ୍ରୀଡ଼ା ସଚିବ ଭାସ୍କରଜ୍ୟୋତି ଶର୍ମା, ବିଏମ୍‌ସି କମିଶନର ତଥା ରାଜ୍ୟ ବ୍ୟାଡ୍‌ମିଣ୍ଟନ ସଂଘ ସଭାପତି ରାଜେଶ ପ୍ରଭାକର ପାଟିଲ, କ୍ରୀଡ଼ା ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, କ୍ରୀଡ଼ା ବିଭାଗ ଅତିରିକ୍ତ ସଚିବ ବିଜୟାନନ୍ଦ ନାୟକ, ରାଜ୍ୟ ବ୍ୟାଡ୍‌ମିଣ୍ଟନ ସଂଘ ସମ୍ପାଦକ ନିଳିନ କୁମାର ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ ବୋଲି ଆୟୋଜକଙ୍କ ପକ୍ଷରୁ ସୁରୁଲାଲ ମଟାରୀ ସୂଚନା ଦେଇଛନ୍ତି।

## ଡ୍ର ଅଭିମୁଖେ ପ୍ରଥମ ଯୁଥ୍ ଟେଷ୍ଟ

ବେକେନହାମ୍, ୧୫।୭ (ଏଜେନ୍ସି): ଏଠାରେ ଚାଲିଥିବା ପ୍ରଥମ ଯୁଥ୍ (୧୯ ବର୍ଷରୁ କମ୍) ଟେଷ୍ଟ ମ୍ୟାଚରେ ଭାରତ ୩୫୦ ରନର ଲକ୍ଷ୍ୟ ଘରୋଇ ଇଂଲଣ୍ଡ ସାମ୍ନାରେ ଧାର୍ଯ୍ୟ କରିଛି। ଏହାକୁ ପିଛା କରିଥିବା ଇଂଲଣ୍ଡ ଅନ୍ତିମ ତଥା ୪ର୍ଥ ଦିବସ ଶେଷ ଖବର ସୁଦ୍ଧା ଦ୍ୱିତୀୟ ପାଳିରେ ୨୪ ଓଭରରେ ୩ ୱିକେଟ ହରାଇ ୯୭ ରନ ସଂଗ୍ରହ କରିଛି। ଦୁଇ ପୂର୍ବତନ ମହାନ ଖେଳାଳି ମାଇକେଲ୍ ଭନ୍ ଓ ଆଣ୍ଡ୍ରିଉ ଫ୍ଲିଣ୍ଟଫଙ୍କ ପୁଅ ଯଥାକ୍ରମେ ଆର୍ଚି ଭନ ଓ ରକି ଫ୍ଲିଣ୍ଟଫ୍ ୨ୟ ପାଳିରେ ନିରାଶ କରିଛନ୍ତି। ଓପନିଂ ଆସିଥିବା ଆର୍ଚି ମାତ୍ର ୩ ରନ କରି ଆଉଟ୍ ହୋଇଥିଲେ। ସେହିଭଳି ରକି ୧୧ ରନ କରି ପ୍ୟାଭିଲିୟନ ଫେରିଥିଲେ। ହାମଜା ଶେଖ୍ ୫୨ ଓ ବେନ୍ ମେଇସ୍ ୧୨ ରନରେ ଖେଳୁଛନ୍ତି। ଅନ୍ତିମ ଦିବସରେ ଆଉ ୩୯ ଓଭର ଖେଳ ବାକି ରହିଥିବାରୁ ମ୍ୟାଚ୍ ଡ୍ର ରହିବାର ସମ୍ଭାବନା ରହିଛି। ପୂର୍ବରୁ ଏହି ଟେଷ୍ଟର ପ୍ରଥମ ପାଳିରେ ଭାରତ ପ୍ରଥମ ପାଳିରେ ୫୪୦ ଓ ଇଂଲଣ୍ଡ ୪୩୯ ରନରେ ସୀମିତ ରହିଥିଲା। ଭାରତ ୨ୟ ପାଳିରେ ୨୪୮ ରନରେ ଅଲ୍‌ଆଉଟ୍ ହୋଇଥିଲା।

## ଆଜିଠୁ ଭାରତ-ଇଂଲଣ୍ଡ ମହିଳା ଦିନିକିଆ ସିରିଜ୍

ସାଉଥାମ୍ପଟନ, ୧୫।୭ (ଏଜେନ୍ସି): ଇଂଲଣ୍ଡ ଗସ୍ତରେ ଥିବା ଭାରତୀୟ ମହିଳା କ୍ରିକେଟ୍ ଦଳ ବୁଧବାରଠାରୁ ଏକଦିବସୀୟ ସିରିଜ ଖେଳିବାକୁ ଯାଉଛି। ସ୍ଥାନୀୟ ରୋଜ୍ ବାଉଲ୍ ଗ୍ରାଉଣ୍ଡରେ ଘରୋଇ ଇଂଲଣ୍ଡ ମହିଳା ଦଳ ଓ ଭାରତ ମଧ୍ୟରେ ୩ ମ୍ୟାଚ୍‌ବିଶିଷ୍ଟ ସିରିଜର ପ୍ରଥମ ମୁକାବିଲା ଖେଳାଯିବ। ହର୍‌ମନପ୍ରୀତ୍ କୌରଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ନିକଟରେ ଟି-୨୦ ସିରିଜକୁ ୩-୨ରେ ଜିତିଥିବାରୁ ଖେଳାଳିଙ୍କ ମନୋବଳ ବେଶ୍ ଦୃଢ଼ କରିଛି। ଏହି ପ୍ରଦର୍ଶନକୁ ଭାରତ ଦିନିକିଆ ସିରିଜରେ ଦୋହରାଇବା ଲକ୍ଷ୍ୟରେ ରହିଛି। ଅଧିନାୟିକା ହର୍‌ମନପ୍ରୀତ୍‌ଙ୍କ ସହ ସ୍ମୃତି ମନ୍ଧାନା, ଦୀପ୍ତି ଶର୍ମା, ଜେମିମା ରୋଡ୍ରିଗ୍ୱେଜ, ସ୍ନେହ ରାଣାଙ୍କ ପରି ଅଭିଜ୍ଞ ଖେଳାଳି ଭାରତୀୟ ଦଳରେ ରହିଥିବାରୁ ଇଂଲଣ୍ଡକୁ କଡ଼ା ଟକ୍କର ଦେବ ବୋଲି ଆଶା କରାଯାଉଛି। ଅପରପକ୍ଷରେ ନାଟାଲୀ ସ୍କିଭର ବ୍ରଣ୍ଟଙ୍କ ନେତୃତ୍ୱାଧୀନ ଇଂଲଣ୍ଡ ମହିଳା କ୍ରିକେଟ୍ ଦଳ ଟି-୨୦ ପରାଜୟର ପ୍ରତିଶୋଧ ଦିନିକିଆ ସିରିଜରେ ନେବାକୁ ଲକ୍ଷ୍ୟ ରଖିଛି। ଦୁଇ ଦଳ ମଧ୍ୟରେ ବର୍ତ୍ତମାନ ସୁଦ୍ଧା ୭୬ ଦିନିକିଆ ମ୍ୟାଚ୍ ଖେଳାଯାଇଥିବାବେଳେ ଇଂଲଣ୍ଡ ୪୦ ଓ ଭାରତ ୩୪ ମ୍ୟାଚରେ ବିଜୟୀ ହୋଇଛି। ଅପରାହ୍ଣ ୫ଟା ୩୦ରେ ପ୍ରଥମ ଦିନିକିଆ ମ୍ୟାଚ୍ ଆରମ୍ଭ ହେବ। ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କରେ ଏହି ମ୍ୟାଚ୍‌ର ସିଧାପ୍ରସାରଣ ହେବ।



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS